ISSN-0971-8397

# ଯୋଜନା


ଜୁନ୍ ୨୦୧୬ | ବିକାଶମୂଳକ ମାସିକ ପତ୍ରିକା | ୨୨/- ଟଙ୍କା

## ପ୍ରଗତି ପଥେ ଭାରତ

**ଉନ୍ମୁକ୍ତ ବିକାଶ ପାଇଁ ଭାରତୀୟଙ୍କ ସଶକ୍ତିକରଣ**
ଚରଣ ସିଂ

**ମାକ୍ସିମମ୍ ଗଭର୍ନାନ୍ସ**
ରଂଜିତ ମେହଟା

**କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରୀ ପ୍ରୟାସ**
କେ.ପି. ମିଶ୍ର



### ଯୋଗ ସଂପର୍କିତ ବିଶେଷ ପ୍ରବନ୍ଧ

**ଯୁବସମାଜର ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା**
ଇଶ୍ୱର ଏନ୍ ଆଚାର୍ଯ୍ୟ

**ଆଧୁନିକ ଜୀବନ ଚର୍ଯ୍ୟା ଓ ଯୋଗ**
ଆଇ. ବାସବାରଡ୍ଡି

**ଯୋଗାଭ୍ୟାସକାରୀଙ୍କ ମୂଲ୍ୟାୟନ ଓ ପ୍ରାମାଣିକତା**
ରବି ପି. ସିଂହ, ମନିଷ ପାଣ୍ଡେ

# ବିକାଶର ରୋଡ୍‌ମ୍ୟାପ୍

## ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳ ଯୋଜନାର ଶୁଭାରମ୍ଭ

୧ ମଇ, ୨୦୧୬ ତାରିଖ ଦିନ ପ୍ରଧାନମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଆଠ ହଜାର କୋଟି ଟଙ୍କା ବିନିଯୋଗରେ ଆସନ୍ତା ତିନିବର୍ଷ ଭିତରେ, ଦରିଦ୍ର ସୀମାରେଖା ତଳେ ଥିବା ୫ କୋଟି ହିତାଧିକାରୀଙ୍କୁ ରନ୍ଧନଗ୍ୟାସ୍ ସଂଯୋଗ ଦେବା ହେଉଛି ଏହି ଯୋଜନାର ଲକ୍ଷ୍ୟ। ଏଥିରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୬୦୦ ଟଙ୍କାର ଆର୍ଥିକ ସହଯୋଗ ଦିଆଯିବ। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ସହ ବିଚାରବିମର୍ଶ କରି ଏହି ଯୋଜନାର ହିତାଧିକାରୀ ଚୟନ କରାଯିବ। ୨୦୧୬-୧୭ , ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଦେଶର ଇତିହାସରେ ପ୍ରଥମଥର ପାଇଁ କୋଟି କୋଟି ଗରିବ ମହିଳାଙ୍କ ପାଇଁ ଏଭଳି କୌଣସି କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ରନ୍ଧନ ଗ୍ୟାସ୍‌ର ବ୍ୟବହାର କେବଳ ସହର ଓ ଅର୍ଦ୍ଧ-ସହରୀ ଅଂଚଳ ଓ ଅପେକ୍ଷାକୃତ ଭାବେ ଆର୍ଥିକ ଦୃଷ୍ଟିରୁ ଭଲ ସ୍ଥିତିରେ ଥିବା ପରିବାର ପର୍ଯ୍ୟନ୍ତ ସୀମିତ ରହିଛି। ଅନ୍ୟପକ୍ଷରେ, ଜାଳେଣୀ କାଠ ବ୍ୟବହାର କରି ରୋଷେଇ କରୁଥିବା ଅଭ୍ୟାସରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରଦୂଷଣ ସୃଷ୍ଟିକାରୀ ଜାଳେଣି ବ୍ୟବହାର ଦ୍ୱାରା ଭାରତରେ ୫ ଲକ୍ଷ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାନ୍ତି। ଅଧିକାଂଶ ଏପରି ମୃତ୍ୟୁ ପଛର କାରଣଗୁଡ଼ିକ ଭିତରେ ଥାଏ ହୃଦ୍‌ରୋଗ, ହୃଦ୍‌ଘାତ, ଶ୍ୱାସଜନୀତ ରୋଗ ଓ ଫୁସ୍‌ଫୁସ୍ କର୍କଟ। ପିଲାମାନଙ୍କ କ୍ଷେତ୍ରରେ ଶ୍ୱାସଜନୀତ ରୋଗର କାରଣ ମଧ୍ୟ ଘରୋଇ ବାୟୁ ପ୍ରଦୂଷଣ। ବିଶେଷଜ୍ଞଙ୍କ ମତରେ ରୋଷେଇଘରର ଚୁଲିରୁ ଯେଉଁ ଧୂଆଁ ନିର୍ଗତ ହୁଏ, ତାହା ଗୋଟିଏ ଘଣ୍ଟାରେ ୪୦୦ ସିଗାରେଟ୍ ଧୂଆଁ ସହ ସମାନ। ଗରିବ ପରିବାରଙ୍କୁ ରନ୍ଧନ ଗ୍ୟାସ୍ ସଂଯୋଗ ଦ୍ୱାରା ଦେଶରେ ଏହାର ସାର୍ବଜନୀନକରଣ ହୋଇପାରିବ। ଆଉ ମଧ୍ୟ ଏହା ମହିଳା ସଶକ୍ତିକରଣ ଦିଗରେ କାର୍ଯ୍ୟ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଧ୍ୟାନ ଦେବ। ରନ୍ଧନ ଜନୀତ କାର୍ଯ୍ୟର ବୋଝ ଓ ସମୟକୁ କମ୍ କରାଯାଇ ପାରିବ। ଆହୁରି ମଧ୍ୟ ରନ୍ଧନ ଗ୍ୟାସ୍ ବିତରଣ ପ୍ରକ୍ରିୟାରେ ଗ୍ରାମୀଣ ଯୁବଗୋଷ୍ଠୀଙ୍କ ପାଇଁ ଏହି ଯୋଜନା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

## ଉଜାଲା ଯୋଜନା

ଉନ୍ନତ ଜ୍ୟୋତି ଏଫଡେବଲ୍ ଏଲ୍.ଇ.ଡି. ଫର୍ ଅଲ୍ ବା UJALA ଏଭଳି ଏକ କାର୍ଯ୍ୟକ୍ରମ ଯାହା ତିରିଶରୁ ପଇଁତିରିଶ ପ୍ରତିଶତ ପର୍ଯ୍ୟନ୍ତ ଅଙ୍ଗାର ନିର୍ଗମନ ହ୍ରାସ କରିବା ପାଇଁ ଅଭିପ୍ରେତ। ଏହି କାର୍ଯ୍ୟକ୍ରମ ମଧ୍ୟ ସଫଳ ପ୍ରମାଣିତ ହୋଇଛି ପ୍ରାୟ ୧୦ କୋଟି ଏଲ୍.ଇ.ଡି. ବଲ୍‌ବ୍ ବିତରଣ ଦ୍ୱାରା। ଶକ୍ତି ସଂରକ୍ଷଣ ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇଛି। ୨୦୧୪-୧୫ରେ ମାତ୍ର ୩୦ ଲକ୍ଷ ଏଲ୍.ଇ.ଡି. ବଲ୍‌ବ୍ ବିତରଣ ହୋଇଥିବାବେଳେ, ୨୦୧୫-୧୬ରେ ଏହା ୧୫ କୋଟି ଅତିକ୍ରମ କରିଛି। ଏଥି ମଧ୍ୟରୁ କେବଳ ଉଜାଲା କାର୍ଯ୍ୟକ୍ରମରେ ନଅ କୋଟି ବଲ୍ ବିତରଣ କରାଯାଇଛି । ଚଳିତ ବର୍ଷ ୨୦ କୋଟି ବଲ୍‌ବ୍ ବିତରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ୭୭ କୋଟି ବଲ୍‌ବ୍ ବିତରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଶକ୍ତି ଦକ୍ଷତା ଥିବା ଘରୋଇ ଆଲୋକ ବ୍ୟବସ୍ଥା ଦ୍ୱାରା ଶକ୍ତି ସଂରକ୍ଷଣ ସମଗ୍ର ବିଶ୍ୱରେ କରାଯାଉଛି । ୧୦ କୋଟି ଏଲ୍.ଇ.ଡି. ବଲ୍ ବିତରଣ ଦ୍ୱାରା ଭାରତରେ ବାର୍ଷିକ ୧୨୯୮ କୋଟି କିଲୋୱାଟ୍ ପାୱାର ଶକ୍ତି ସଂଚୟ କରାଯାଇ ପାରିଛି। ଏହା ସହିତ ୨୬୦୦ ମେଗାୱାଟ୍ କ୍ଷମତାର ଅପଚୟ ମଧ୍ୟ ରୋକାଯାଇ ପାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭାରତ କାର୍ବନ୍ ନିର୍ଗମନ ପରିମାଣ କୁ ମଧ୍ୟ ବାର୍ଷିକ ୧.୨ କୋଟି ଟନ୍ ହ୍ରାସ କରିପାରିଛି। ଏଲ୍.ଇ.ଡି. ବଲ୍‌ବ୍, ସି.ଏଫ୍.ଏଲ୍. ବଲ୍‌ବ ଅପେକ୍ଷା ଅଧା ଏବଂ ଇନ୍‌କାନ୍‌ଡେସେଣ୍ଟ ବଲ୍‌ବ୍ ତୁଳନାରେ ଏକ ଦଶମାଂଶ ଶକ୍ତି ବିନିଯୋଗ କରିଥାଏ। ୧୩ଟି ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏକମାସ ମଧ୍ୟରେ ଅଧିକ ରାଜ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁଳି ଦେୟ ହ୍ରାସ ଦ୍ୱାରା ବାର୍ଷିକ ୫୧୯୫ କୋଟି ଟଙ୍କା ସଂଚୟ ହୋଇ ପାରିବ ବୋଲି ଆକଳନ କରାଯାଇଛି। ଏହି କାର୍ଯ୍ୟକ୍ରମର ଲାଭ ନେବା ପାଇଁ ନିକଟସ୍ଥ ବିତରକଙ୍କୁ ଠାବ କରିବାକୁ ହେଲେ **www.delp.in** ୱେବ୍‌ସାଇଟ୍ ଭିଜିଟ୍ କରାଯାଇପାରେ। ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ଏକ ଜନଆନ୍ଦୋଳନର ରୂପ ନେଇଥିବା ବେଳେ, ଏହା ବିଜୁଳି ନଥିବା କୌଣସି ଘରଟିଏକୁ ଆଲୋକିତ କରିପାରୁଛି।

# ଯୋଜନା

ତ୍ରୟୋବିଂଶ ବର୍ଷ : ନବମସଂଖ୍ୟା : ଜୁନ୍ ୨୦୧୬


## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | **ସଂପାଦକୀୟ** | | ୪ |
| ୨. | ଉନ୍ମୁକ୍ତ ବିକାଶ ପାଇଁ ଭାରତୀୟଙ୍କ ସଶକ୍ତିକରଣ | ଚରଣ ସିଂ | ୫ |
| ୩. | ମାକ୍ସିମମ ଗଭ□ାନ୍ସ: ଇ-ଗଭ□ାନ୍ସ ଜରିଆରେ ଲୋକଙ୍କ ନିକଟରେ ପହଂଚିବାର ପ୍ରୟାସ | ଡ଼କ୍ଟର ରଞ୍ଜିତ୍ ମେହେଟ୍ଟା | ୯ |
| ୪. | ଯୁବ ସାମଜର ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା | ଡ଼କ୍ଟର ଇଶ୍ୱର ଏନ୍ ଆଚାର୍ଯ୍ୟ ଓ ଡ଼କ୍ଟର ରାଜୀବ ରସ୍ତୋଗୀ | ୧୩ |
| ୫. | ଯୋଗର ଅନ୍ତର୍ନିହିତ ଗୁଣାବଳୀ | ଡ଼.ଏଚ୍.ଆର୍.ନାଗେନ୍ଦ୍ର | ୧୬ |
| ୬. | କୃଷି କୃଷକଙ୍କ ଉନ୍ନତି ପାଇଁ ସରକାରୀ ପ୍ରୟାସ | ଡ଼କ୍ଟର ଜେ.ପି. ମିଶ୍ର | ୧୯ |
| ୭. | ଯୋଗାଭ୍ୟାସକାରୀଙ୍କ ମୂଲ୍ୟାୟନ ଓ ପ୍ରମାଣିକତା | ରବି ପି. ସିଂହ ଏବଂ ମନିଷ ପାଣ୍ଡେ | ୨୩ |
| ୮. | ଆଧୁନିକ ଜୀବନଜର୍ଯ୍ୟା ଓ ଯୋଗ | ଡ଼. ଇଶ୍ୱର ଭି. ବାସବାରଡ୍ଡି | ୨୮ |
| ୯. | ଦକ୍ଷତା ବିକାଶ ଓ ବେସରକାରୀ କ୍ଷେତ୍ର | ପ୍ରମୋଦ ଭାଷିନ୍ | ୩୧ |
| ୧୦. | ଦେଶର ସାମଗ୍ରିମ ବିକାଶ ଓ ବିଦେଶରେ ବୃହ□ର ଭୂମିକା ପାଇଁ କୁଟନିତୀ | ଆଚଲ ମାଲ୍ହୋତ୍ରା | ୩୪ |
| ୧୧. | ଭାରତରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା | ଦିଶା ନୱାନି | ୩୮ |
| ୧୨. | ଅଭିନବ ଭାରତର ରୂପରେଖ: ଷ୍ଟାର୍ଟଅପ୍ ଇଣ୍ଡିଆ | ଅଭୟ ଦ୍ୱିବେଦୀ | ୪୧ |
| ୧୩. | ସାମଗ୍ରିକ ବିକାଶର ଏକ ସମର୍ପିତ ଯୋଜନା: 'ଉଜ୍ଜ୍ୱାଳା' | ଅନୁପମ ପ୍ରହରାଜ | ୪୬ |
| ୧୪. | ଜଳ ନିଷ୍କାସନ ଓ ଅଧିକ କୃଷି ଉତ୍ପାଦନ | ଡ଼କ୍ଟର ଜଗଦିଶ ପାଲ ଓ ଡ଼କ୍ଟର ବଳରାମ ପାଣିଗ୍ରାହୀ | ୫୨ |



ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା



*Editor*

**YOJANA (ODIA)**

C/O : Assistant Director, (News)

Regional News Unit,

All India Radio,

Cantonment Road,

Cuttack-753001

Phone : 9437073438

Website : www.publicationsdivision.nic.in

Email : odiayojana@gmail.com

Subscription & Business Queries :

pdjucir@yahoo.co.in

Ph. : 011-26100207



ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ

# ପ୍ରଗତି ପଥେ ଭାରତ

**କୌ**ଣସି ଦେଶର ବିକାଶ ପ୍ରଭାବିତ ହୋଇଥାଏ, ଅନେକ ଗୁଡ଼ିଏ ଅର୍ଥନୈତିକ, ସାମାଜିକ, ପରିବେଶଗତ ଓ ମାନବ-ସମ୍ବଳ ଜନିତ କାରଣ ଯୋଗୁଁ । ଏଗୁଡିକ ମଧ୍ୟରୁ ପ୍ରତ୍ୟେକଟିର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଏଥିପାଇଁ, ଅଧିକାଂଶ ବିକାଶଶୀଳ ଦେଶ, ନାନାପ୍ରକାରର ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି । ଅର୍ଥନୈତିକ ବିକାଶ ସହିତ ସାମାଜିକ ବିକାଶ ମଧ୍ୟ ହେବା ଉଚିତ୍ । କୃଷି, ଉଦ୍ୟୋଗ, ବାଣିଜ୍ୟ, ପରିବହନ, ଜଳସେଚନ, ଶକ୍ତି ଆଦି ଆର୍ଥିକ ପରିବର୍ତ୍ତନକୁ ସୁଚାଉ ଥିବାବେଳେ, ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ, ପାନୀୟଜଳ ଆଦି ବିଷୟ ହେଉଛି ସାମାଜିକ ବିକାଶର ଗୋଟିଏ ଗୋଟିଏ ସୂଚକ । ଜନସାଧାରଣଙ୍କ ଆର୍ଥିକ ଉନ୍ନତି ସହିତ ଏହି ଉଭୟପକ୍ଷ ସଂପୃକ୍ତ । ଆର୍ଥିକ ପ୍ରଗତିର ସଂପ୍ରସାରଣ ପାଇଁ ସମସ୍ତେ ଆଗ୍ରହୀ । ଅର୍ଥାତ୍, ଆର୍ଥିକ ପ୍ରଗତିର ସୁଫଳ ସମସ୍ତଙ୍କୁ ମିଳିପାରିବା ଭଳି ଅନ୍ତର୍ଭୁକ୍ତିକରଣ ପ୍ରୟାସ ହେବା ଉଚିତ୍ । ଅନ୍ତଃର୍ନିବେଶୀ ବିକାଶର ଅର୍ଥ ହେଉଛି ସମସ୍ତଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ହେବା ସହିତ, ସୁଯୋଗ ମଧ୍ୟ ସୃଷ୍ଟି ହେଉଥିବ । ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଏବଂ ଶିକ୍ଷା ଓ କୌଶଳ ବିକାଶ ମାଧ୍ୟମରେ ଜନସାଧାରଣଙ୍କର ସଶକ୍ତିକରଣ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ତେବେ, ୧୨୦କୋଟି ଜନସଂଖ୍ୟା ପାଇଁ ସମାନ ଭାବରେ ବିକାଶର ସ୍ତର ସୁନିଶ୍ଚିତ କରିବା ଏକ ମସ୍ତବଡ଼ ଆହ୍ୱାନ। ଦେଶର ପ୍ରତ୍ୟେକ ଅଞ୍ଚଳ ପାଇଁ ମଧ୍ୟ ବିକାଶ ସୁନିଶ୍ଚିତ କରିବା ବାଞ୍ଛନୀୟ । ଏଭଳି ସ୍ଥିତିରେ ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ ଉପର ବର୍ଣ୍ଣିତ ସମସ୍ତ ପ୍ରକାର ସୂଚକ ବିଷୟରେ ପ୍ରଗତି ସୁନିଶ୍ଚିତ କରିବା ପାଇଁ, ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକ ଉଦ୍ଦିଷ୍ଟ ହେବା ଉଚିତ୍। କୌଣସି ଦେଶର ବିକାଶ ସୁନିଶ୍ଚିତ କରିବା ପାଇଁ କେବଳ ସକଳ ଘରୋଇ ଉତ୍ପାଦନ ଏବଂ ମୁଣ୍ଡପିଛା ଆୟ ଭଳି ପରିମାପକ ଯଥେଷ୍ଟ ନୁହେଁ । କୌଣସି ସମାଜର ବିକାଶରେ ସର୍ବପ୍ରଥମ ପାହାଚ ହେଉଛି କୌଶଳଯୁକ୍ତ ମାନବ ସମ୍ବଳ । ସମସ୍ତଙ୍କ ପାଇଁ ଜୀବିକା ସୁନିଶ୍ଚିତ କରିବା ଯେତିକି ଜରୁରୀ, ସେତିକି ମଧ୍ୟ ଜରୁରୀ, ଗରିବ ଓ ଦୂରବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବାଳକ / ବାଳିକାଙ୍କ ଶିକ୍ଷା । ଆଜିକାଲି ଆଉ ମଧ୍ୟ ବିକାଶ ପରିମାପକ ଭାବେ, ପରିବେଶକୁ ବିଚାରକୁ ନିଆଯାଉଛି । କାରଣ, କୌଣସି ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ଜଳବାୟୁ ପରିବର୍ତ୍ତନକୁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବେ ଗ୍ରହଣ କରାଯାଇଛି । ଉଦାହରଣସ୍ୱରୂପ, ଆର୍ଥିକ ବା ସାମାଜିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ପାଇଁ ମରୁଡ଼ି ଓ ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକର ସାମର୍ଥ୍ୟ ରହିଛି । ତେଣୁ, ଏଗୁଡ଼ିକର ସୁ-ମୁକାବିଲା ପାଇଁ ମଧ୍ୟ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ ।

ଦେଶର ସର୍ବନିମ୍ନ ସ୍ତରରେ ରହୁଥିବା ସାଧାରଣ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବାକୁ ସରକାର ନିକଟ ଅତୀତରେ ଅନେକ ନୀତି ଓ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି । କୃଷି ଓ କୃଷକ କଲ୍ୟାଣ ପାଇଁ ସରକାର କେନ୍ଦ୍ର ବଜେଟ୍‌ରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିଥିବା ବେଳେ, ଅବହେଳିତ ବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ମୁଦ୍ରାବ୍ୟାଙ୍କ, ସେତୁ, ବେଟୀ ବଚାଓ, ବେଟୀ ପଢ଼ାଓ ଭଳି ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଏହି ବର୍ଗର ଜନସାଧାରଣଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରିବା । ସେହିଭଳି, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ଦ୍ୱାରା ଦେଶରେ ଏକ ଧାରଣକ୍ଷମ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପ୍ରୟାସ କରାଯାଇଛି । ଗୃହନିର୍ମାଣ, ସଡ଼କ ନିର୍ମାଣ, ରେଳ, କିମ୍ବା ଗ୍ରାମୀଣ ଭିତ୍ତିଭୂମି ଭଳି ଯେଉଁ ବିଷୟଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କ ଜୀବନ ସହ ଜଡ଼ିତ, ସେଗୁଡ଼ିକୁ ମଧ୍ୟ ଆବଶ୍ୟକ ଗୁରୁତ୍ୱ ଦିଆଯାଇଛି। ସାଧାରଣ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବାକୁ ସରକାର ଇ-ପ୍ରଶାସନର ସାହାଯ୍ୟ ନେଇଛନ୍ତି । ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନା ବା ଡିବିଟି ହେଉଛି ଏକ ଉଦାହରଣ । ସମସ୍ତଙ୍କ ବିକାଶ ବା ସବ୍ କା ବିକାଶ ସୁନିଶ୍ଚିତ କରିବାପାଇଁ ସରକାର ଆରମ୍ଭ କରିଛନ୍ତି କୌଶଳ ବିକାଶ ଯୋଜନା ଓ ଉଦ୍ୟୋଗୀକତା ପ୍ରୋତ୍ସାହନ ସକାଶେ ଷ୍ଟାର୍ଟଅପ୍, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି ଯୋଜନା ।

ତେବେ, ବିକାଶର ସୁଫଳ ପାଇବାପାଇଁ ନାଗରିକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ମଧ୍ୟ ଜରୁରୀ । ଏହି ଦୃଷ୍ଟିରୁ, ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମଗ୍ର ବିଶ୍ୱରେ ଯୋଗର ବିଶ୍ୱସନୀୟତା ବୃଦ୍ଧି ପାଇଥିବାବେଳେ, ୨୧ଜୁନ୍‌କୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରାଯାଉଛି । ବିଶ୍ୱର କୋଣ ଅନୁକୋଣରେ ଯୋଗର ବୈଶିଷ୍ଟ୍ୟ ପ୍ରତିପାଦନ କରିବାରେ, ଭାରତ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଛି। ଦିନ ଥିଲା ଯେତେବେଳେ, ଭାରତ ଖାଦ୍ୟସାମଗ୍ରୀ ଆମଦାନୀ କରୁଥିଲା । ସେତେବେଳେ ନିଯୁକ୍ତି ସୁଯୋଗର ଘୋର ଅଭାବ ରହିଥିଲା। ଅପପୁଷ୍ଟି ଓ ବ୍ୟାଧି ଯୋଗୁଁ, ମାନବସମ୍ବଳ କ୍ଷୟପ୍ରାପ୍ତ ହେଉଥିଲା । ଦାରିଦ୍ର୍ୟର କଷାଘାତ ମଧ୍ୟ ସର୍ବତ୍ର ବିଦ୍ୟମାନ ଥିଲା । ତେବେ ସ୍ୱାଧିନତାର ଛଅ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହେବାପରେ ଆଜି କିନ୍ତୁ ଭାରତ, ସମଗ୍ର ବିଶ୍ୱରେ ଏକ ସ୍ୱାଧୀନ ତଥା ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭାବେ ନିଜର ପରିଚୟ ସୃଷ୍ଟିକରିପାରିଛି । ଭାରତ ଏବେ ପ୍ରଗତି ପଥରେ ଅଗ୍ରସର ।

# ବିକାଶ ପାଇଁ ଭାରତୀୟଙ୍କ ସଶକ୍ତିକରଣ

ଚରଣ ସିଂ

୨୦୧୪ ମଇ ମାସରେ କାର୍ଯ୍ୟଭାର ଗ୍ରହଣ କଲା ପରଠାରୁ, ଦେଶକୁ ସଶକ୍ତ କରି, ୯ ପ୍ରତିଶତରୁ ଅଧିକ ଅଭିବୃଦ୍ଧିହାର ହାସଲ ପାଇଁ କେନ୍ଦ୍ର ସରକାର ପ୍ରଚେଷ୍ଟାରତ । ସେହିଦିନଠାରୁ ସରକାର ଘୋଷଣା କରିଥିବା ବିଭିନ୍ନ ଯୋଜନାର କେନ୍ଦ୍ରରେ ଏହି ଲକ୍ଷ୍ୟ ରହିଛି । ଦୀର୍ଘ ଆଠ ଶତାବ୍ଦୀର ବିଦେଶୀ ଶାସନ ଯୋଗୁଁ, ଭାରତର ସମ୍ବଳ ହାନୀ ହେବା ସହିତ, ମୁଣ୍ଡପିଛା ଅର୍ଥନୈତିକ ଅଭିବୃଦ୍ଧି ହାର ମଧ୍ୟ କମ୍ ରହି ଆସିଥିଲା । ୧୯୫୧ ମସିହାରେ ଭାରତର ଜନସଂଖ୍ୟା ର ୫୩ ପ୍ରତିଶତ (୨୦ କୋଟି) ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ସେତେବେଳେ, ଭାରତକୁ ଏକ ଦରିଦ୍ର ଦେଶ ଭାବରେ ବିବେଚନା କରାଯାଉଥିଲା । ସ୍ୱାଧୀନୋତ୍ତର ଭାରତରେ ମିଶ୍ରିତ ଅର୍ଥନୀତିକୁ ଆପଣେଇ ନିଆଗଲା, ଯେଉଁଥିରେ ସାମ୍ୟବାଦୀ ବିଚାରଧାରାକୁ ପ୍ରାଧାନ୍ୟ ଦିଆଗଲା । ପରେ ପରେ ବହୁ ପ୍ରକାରର ପ୍ରଚେଷ୍ଟା ଓ ପଦକ୍ଷେପ ର ଫଳସ୍ୱରୂପ, ୨୦୦୦ ମସିହା ବେଳକୁ ଭାରତକୁ ଏକ କ୍ରମବର୍ଦ୍ଧିଷ୍ଣୁ ବଜାର ଅର୍ଥନୀତିର ମାନ୍ୟତା ମିଳିଲା । ୨୦୧୫ ମସିହା ବେଳକୁ ଉଚ୍ଚ ମାପଦଣ୍ଡ ସତ୍ତ୍ୱେ, ଭାରତ ଦାରିଦ୍ର୍ୟର ସ୍ତରକୁ ଯଥେଷ୍ଟ ହ୍ରାସ କରିପାରିଲା । ଦାରିଦ୍ର୍ୟ, ଦେଶର ୩୦ ପ୍ରତିଶତ ଜନସଂଖ୍ୟା ମଧ୍ୟରେ ସୀମିତ ରହିଲା । ବର୍ତ୍ତମାନ ଦେଶର ଅଭିବୃଦ୍ଧି ହାର ୭.୩ ପ୍ରତିଶତ ଥିବାବେଳେ, ଆଗାମୀ ପାଞ୍ଚବର୍ଷରେ, ଏହାଠାରୁ ମଧ୍ୟ ଅଧିକ ହାର ହାସଲ ପାଇଁ ଲକ୍ଷ୍ୟ ରହିଛି । ଭାରତର ଏହି ଚିତ୍ତାକର୍ଷକ ଅଭିବୃଦ୍ଧିର କାହାଣୀରେ, ଯାହାକି ଅଭୂତପୂର୍ବ, କୃଷିର ଭୂମିକା ହ୍ରାସ ପାଇ ସେବାକ୍ଷେତ୍ରର ଭୂମିକା ଅଧିକରୁ ଅଧିକ ହେଲା । ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାର ପ୍ରାୟ ୨୫ ପ୍ରତିଶତରେ ସ୍ଥିର ରହିଛି । ତେବେ, ଏକ ଶକ୍ତ ମୂଳଦୁଆ ସହିତ ଲଗାତାର ଅଭିବୃଦ୍ଧି ହାସଲ ପାଇଁ, ଶିଳ୍ପକ୍ଷେତ୍ରର ସଶକ୍ତିକରଣ ଆବଶ୍ୟକ । ସେଇଥିପାଇଁ କାର୍ଯ୍ୟଭାର ଗ୍ରହଣ କଲା ପରେ ପରେ, ପ୍ରଧାନମନ୍ତ୍ରୀ ମେକ୍ ଇନ୍ ଇଣ୍ଡିଆ ଅଭିଯାନର ଘୋଷଣା କଲେ ।

ଅଭିପ୍ରେତ ଅଭିବୃଦ୍ଧି ହାସଲ ଏବଂ ଔଦ୍ୟୋଗିକ ଆଧାର କ୍ଷେତ୍ର ବିସ୍ତାର ପାଇଁ ଆବଶ୍ୟକ ବହୁପରିମାଣର ଅର୍ଥ । ବିକାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦୃଷ୍ଟିରୁ ବ୍ୟାଙ୍କ୍ ସଂପ୍ରସାରଣ ଓ ଅଧିକରୁ ଅଧିକ ସ୍ଥାନରେ ଏଗୁଡ଼ିକର ଉପସ୍ଥିତି ସୁନିଶ୍ଚିତ କରାଗଲା, ଯଦ୍ୱାରା ଅର୍ଥ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ସହଜରେ ଋଣ ଉପଲବ୍ଧ ହୋଇପାରିବ । ଏହା ବ୍ୟତୀତ, ବ୍ୟବସାୟ ପାଇଁ ଏକ ଉପଯୁକ୍ତ ବାତାବରଣ ସୃଷ୍ଟି ଓ ଜମି ଉପଲବ୍ଧତା ଉପରେ ମଧ୍ୟ ଗୁରୁତ୍ୱ ଦିଆଗଲା । ଜନସାଧାରଣ ବ୍ୟାଙ୍କ ଖାତା ଖୋଲିବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଘୋଷଣା କଲେ ଏବଂ ପରେ ପରେ ଉପରୋକ୍ତ ଉଦ୍ଦେଶ୍ୟ ସାଧନ ପାଇଁ ମୁଦ୍ରା ବ୍ୟାଙ୍କ, ଷ୍ଟାର୍ଟ ଅପ୍, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଓ ଅଟଳ ଇନୋଭେସନ୍ ମିଶନ ଆଦି ପଦକ୍ଷେପଗୁଡ଼ିକ ଆରମ୍ଭ କଲେ ।

ଭାରତ ହେଉଛି ଏକ ଦ୍ରୁତତମ ପ୍ରଗତିଶୀଳ ଅର୍ଥନୀତି । ଏହା ପାଖରେ ରହିଛି ଯୁବପୀଢ଼ି ଜନିତ ଏକ ବିଶାଳ ମାନବ ସମ୍ବଳ । ତଥାପି ଏହାର ସଂପୂର୍ଣ୍ଣ ଉପଯୋଗିତା ଏଯାବତ ହୋଇପାରି ନାହିଁ । ଆସନ୍ତା ଏକଦଶନ୍ଧି ମଧ୍ୟରେ ଦେଶର ଜନସଂଖ୍ୟାର ଦୁଇତୃତୀୟାଂଶ ଜନତା କାର୍ଯ୍ୟକ୍ଷମ ହୋଇ ସାରିଥିବେ । ଏଥିପାଇଁ ଅଣ-କୃଷି କ୍ଷେତ୍ରରେ ପ୍ରାୟ ୧୧ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ । ଆସନ୍ତା ୨୦୨୨ ମସିହା ସୁଦ୍ଧା, ଦେଶର କାର୍ଯ୍ୟକ୍ଷମ ଶ୍ରମଶକ୍ତି ଏକ ବିଲିୟନ୍‌କୁ ବୃଦ୍ଧି ପାଇବ । ତେଣୁ, ବେକାରୀ ସମସ୍ୟା ଜନିତ କୌଣସି ପ୍ରକାରର ସାମାଜିକ ଅସ୍ଥିରତାକୁ ପ୍ରତିହତ କରିବାକୁ ହେଲେ, ଏମାନଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରିବାକୁ ହେବ । ପଞ୍ଚବର୍ଷୀୟ ଯୋଜନାର ପ୍ରାରମ୍ଭିକ ପର୍ଯ୍ୟାୟରେ, ଏଭଳି କ୍ରମବର୍ଦ୍ଧିଷ୍ଣୁ ଶ୍ରମଶକ୍ତି ପାଇଁ ସରକାର ହିଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିଲେ । ବର୍ତ୍ତମାନ କିନ୍ତୁ ବେସରକାରୀ କ୍ଷେତ୍ର ମଧ୍ୟ ଏଥିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ଏହା ସତ୍ତ୍ୱେ, ୨୦୧୨ ମସିହା ବେଳକୁ ଶ୍ରମଶକ୍ତିର ପ୍ରାୟ ୯୦ ପ୍ରତିଶତ ରହିଯାଇଥିଲେ, ଅଣସଂଗଠିତ କ୍ଷେତ୍ରରେ । ତେଣୁ, ଆଗାମୀ ପ୍ରତ୍ୟେକ ବର୍ଷ ୧୧ ନିୟୁତ ଶ୍ରମଶକ୍ତି ଙ୍କୁ କର୍ମନିଯୁକ୍ତି ଯୋଗାଇବାକୁ ହେଲେ, ଆମକୁ କର୍ମ ଯୋଗାଣକାରୀଙ୍କ ଆବଶ୍ୟକତା ପଡ଼ିବ । ଲଗାତାର ଅଭିବୃଦ୍ଧି ହାସଲ କରିବା ପାଇଁ, ଏକ ସଶକ୍ତ ଅର୍ଥନୈତିକ ବ୍ୟବସ୍ଥା ଜରୁରୀ ।

ବିଶେଷ ଭାବେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା । ଏହା ମାଧ୍ୟମରେ ଜମାକାରୀ ଓ ପୁଞ୍ଜିନିବେଶକାରୀଙ୍କ ମଧ୍ୟରେ ଆର୍ଥିକ ସମ୍ବଳର ଉପଯୁକ୍ତ ଦେଣନେଣ ସମ୍ଭବ ହୁଏ। ଗୋଟିଏ ଦୃଷ୍ଟିରୁ ଜମାକାରୀଙ୍କ ଜମାଅର୍ଥକୁ ବଜାରରେ ନିବେଶ କରାଇ, ଜମାକାରୀଙ୍କୁ ଆର୍ଥିକ ଦୃଷ୍ଟିରୁ ବ୍ୟାଙ୍କଗୁଡ଼ିକ ଲାଭାନ୍ୱିତ କରାଇଥାନ୍ତି । ତେଣୁ, ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ଏବଂ ସାର୍ବଜନୀନ ଆର୍ଥିକ ଉପଲବ୍ଧତା ସୁନିଶ୍ଚିତ କରି ବ୍ୟାଙ୍କଗୁଡ଼ିକ ଦାରିଦ୍ର୍ୟ ଦୂରୀକରଣରେ ସାହାଯ୍ୟ କରିଥାନ୍ତି । ଅନ୍ୟପକ୍ଷରେ ଏକ ଅପାରଗ ଆର୍ଥିକ ବ୍ୟବସ୍ଥା ଦ୍ୱାରା ଦାରିଦ୍ର୍ୟ ଅଧିକ ତୀବ୍ର ହୋଇଥାଏ, କାରଣ ଏହା ଦ୍ୱାରା ସମ୍ବଳ ଆବଣ୍ଟନରେ ଅସମାନତା ପରିଦୃଶ୍ୟ ହୋଇଥାଏ ।

ବିଶେଷ ଭାବରେ, ଗ୍ରାମାଞ୍ଚଳରେ ବ୍ୟାଙ୍କ୍ରଣ ଯୋଗାଣ ପାଇଁ ୧୯୫୫ ମସିହାରେ ଭାରତୀୟ ଷ୍ଟେଟ୍ବ୍ୟାଙ୍କର ଜାତୀୟକରଣ ହେଲା। ପରେ ପରେ, କେବଳ କେତେକ ମୁଷ୍ଟିମେୟ ଗୋଷ୍ଠୀଙ୍କ ପାଖରେ ଆର୍ଥିକ କ୍ଷମତାକୁ ସୀମିତ ନକରି, ଏହାର ସୁଷମ ଆବଣ୍ଟନ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ୧୯୬୯ ମସିହାରେ ୧୪ଟି ବାଣିଜ୍ୟିକ ବ୍ୟାଙ୍କକୁ ମଧ୍ୟ ଜାତୀୟକରଣ କରାଗଲା । ୧୯୮୦ ମସିହାରେ ଆହୁରି ୬ଟି ବ୍ୟାଙ୍କର ଜାତୀୟକରଣ ହେଲା । ସେହିଦିନଠାରୁ ଦେଶର ପୁନଃବ୍ୟବସ୍ଥିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଦ୍ୱାରା, କୃଷି ଓ ଅଣୁ, ମଧ୍ୟମ ଏବଂ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଣ ସମ୍ଭବ ହୋଇପାରିଲା । ସମାଜର ପଛୁଆ ବର୍ଗଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସୁବିଧା ସହିତ ସେମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସକାଶେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ନାବାର୍ଡ (ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ) ମଧ୍ୟ ଗୁରୁତ୍ୱାରୋପ କଲେ । ଏସବୁ ପଦକ୍ଷେପ ସତ୍ତ୍ୱେ, ୨୦୧୧ ଜନଗଣନା ଅନୁଯାୟୀ, ଦେଶର ୨୪.୭ କୋଟି ପରିବାର ଭିତରୁ ମାତ୍ର ୧୪.୫ କୋଟି ପରିବାରକୁ ହିଁ ୯ ୫୮.୭ ପ୍ରତିଶତ) ବ୍ୟାଙ୍କିଙ୍ଗ୍ ସୁବିଧା ମିଳିପାରୁଥିଲା । ଗ୍ରାମୀଣ ଭାରତର ୧୬.୮ କୋଟି ପରିବାର ମଧ୍ୟରୁ କେବଳ ୯.୧ କୋଟି (୫୪.୫ ପ୍ରତିଶତ) ପରିବାର ହିଁ ଏହି ସୁବିଧା ଉପଭୋଗ କରୁଥିଲେ ।

**ପ୍ରଧାନମନ୍ତ୍ରୀ ଜନଧନ ଯୋଜନା:** ୨୦୧୪ ଅଗଷ୍ଟ ମାସରେ କେନ୍ଦ୍ର ସରକାର ଆରମ୍ଭ କଲେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା । ସୁବିଧାରେ ବିଭିନ୍ନ ଆର୍ଥିକ ସେବା ଯଥା ବ୍ୟାଙ୍କରେ ଟଙ୍କାଜମା, ପ୍ରେରଣ, ଋଣ, ବୀମା ଓ ପେନ୍ସନ୍ ଆଦି ଜନସାଧାରଣଙ୍କୁ ଉପଲବ୍ଧ କରାଇବା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ । ଫଳସ୍ୱରୂପ, ୨୦୧୪ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା, ଦେଶର ସମସ୍ତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକରେ ୧୨୨ କୋଟି ବ୍ୟାଙ୍କ ଖାତା ଥିବା ବେଳେ ଏପ୍ରିଲ୍ ୨୭, ୨୦୧୬ ପର୍ଯ୍ୟନ୍ତ ଅହୁରି ୨୧.୭ କୋଟି ଖାତା ଖୋଲା ଯାଇ ପାରିଲା । ସୂଚନାଯୋଗ୍ୟ ଯେ, ୧୭.୯ କୋଟି ଖାତାଧାରୀଙ୍କୁ ରୁପେ କାର୍ଡ ଯୋଗାଇ ଦିଆଯାଇଛି ଏବଂ ୯.୭ କୋଟି ବ୍ୟାଙ୍କ ଖାତା ସହିତ ଆଧାର ନମ୍ବରର ସଂଯୋଗୀକରଣ ହୋଇସାରିଛି । ୮୩.୬ ପ୍ରତିଶତ ଖାତାରେ ନେଣଦେଣ କାର୍ଯ୍ୟ ହେଉଛି । ସରକାରୀ ବ୍ୟାଙ୍କଗୁଡ଼ିକରେ ମୋଟ୍ ୨୦.୯ କୋଟି ଖାତା ଥିବା ବେଳେ ୧୨.୮ କୋଟି ଖାତା ହେଉଛି ଗ୍ରାମାଞ୍ଚଳ ବ୍ୟକ୍ତିବିଶେଷଙ୍କର । ଏହି ଯୋଜନା ଅଧିନରେ ସର୍ବାଧିକ ୩.୩ କୋଟି ଖାତା ଉତ୍ତରପ୍ରଦେଶରେ ଖୋଲାଯାଇଥିବା ବେଳେ, ବିହାର ଓ ପଶ୍ଚିମବଙ୍ଗରେ ଦୁଇକୋଟି ଲେଖାଏଁ ଖାତା ଖୋଲାଯାଇଛି। ଉଲ୍ଲେଖନୀୟ ବିଷୟ ହେଉଛି ଯେ ଏହି ଯୋଜନା ପରେ ବର୍ତ୍ତମାନ ଦେଶର ୯୫ ପ୍ରତିଶତ ପରିବାରକୁ ବ୍ୟାଙ୍କିଙ୍ଗ୍ ସୁବିଧା ମିଳୁଛି । ଦେଶର ଗରିବ ପରିବାରକୁ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ସହଯୋଗ ଦେବା ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଥିବା ଜେ.ଏ.ଏମ୍. (ଅର୍ଥାତ୍ ଜନଧନ ଯୋଜନା, ଆଧାର ଓ ମୋବାଇଲ୍ ନମ୍ବର) ହେଉଛି ପ୍ରଯୁକ୍ତିବିଦ୍ୟା ଆଧାରିତ ଏକ ବ୍ୟବସ୍ଥା । ଏହା ଦ୍ୱାରା, ବ୍ୟାଙ୍କକୁ ନଯାଇ ମଧ୍ୟ ବିଭିନ୍ନ ଆର୍ଥିକ ସେବା ଯଥା ଋଣ ଆଦି ସୁବିଧା ମିଳିପାରୁଛି ।

**ବିଶେଷ ଭାବରେ, ଗ୍ରାମାଞ୍ଚଳରେ ବ୍ୟାଙ୍କ୍ରଣ ଯୋଗାଣ ପାଇଁ ୧୯୫୫ ମସିହାରେ ଭାରତୀୟ ଷ୍ଟେଟ୍ବ୍ୟାଙ୍କର ଜାତୀୟକରଣ ହେଲା। ପରେ ପରେ, କେବଳ କେତେକ ମୁଷ୍ଟିମେୟ ଗୋଷ୍ଠୀଙ୍କ ପାଖରେ ଆର୍ଥିକ କ୍ଷମତାକୁ ସୀମିତ ନକରି, ଏହାର ସୁଷମ ଆବଣ୍ଟନ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ୧୯୬୯ ମସିହାରେ ୧୪ଟି ବାଣିଜ୍ୟିକ ବ୍ୟାଙ୍କକୁ ମଧ୍ୟ ଜାତୀୟକରଣ କରାଗଲା । ୧୯୮୦ ମସିହାରେ ଆହୁରି ୬ଟି ବ୍ୟାଙ୍କର ଜାତୀୟକରଣ ହେଲା । ସେହିଦିନଠାରୁ ଦେଶର ପୁନଃବ୍ୟବସ୍ଥିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଦ୍ୱାରା, କୃଷି ଓ ଅଣୁ, ମଧ୍ୟମ ଏବଂ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଣ ସମ୍ଭବ ହୋଇପାରିଲା । ସମାଜର ପଛୁଆ ବର୍ଗଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସୁବିଧା ସହିତ ସେମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସକାଶେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ନାବାର୍ଡ (ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ) ମଧ୍ୟ ଗୁରୁତ୍ୱାରୋପ କଲେ । ଏସବୁ ପଦକ୍ଷେପ ସତ୍ତ୍ୱେ, ୨୦୧୧ ଜନଗଣନା ଅନୁଯାୟୀ, ଦେଶର ୨୪.୭ କୋଟି ପରିବାର ଭିତରୁ ମାତ୍ର ୧୪.୫ କୋଟି ପରିବାରକୁ ହିଁ ୯ ୫୮.୭ ପ୍ରତିଶତ) ବ୍ୟାଙ୍କିଙ୍ଗ୍ ସୁବିଧା ମିଳିପାରୁଥିଲା ।**

**ମୁଦ୍ରା ବ୍ୟାଙ୍କ :** କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଋଣ ସହାୟତା ପ୍ରଦାନ ପାଇଁ, ୨୦୧୫ ଏପ୍ରିଲ୍ ଆଠ ତାରିଖରେ ଭାରତ ସରକାର ଆରମ୍ଭ କଲେ ମୁଦ୍ରା ଯୋଜନା । (ମାଇକ୍ରୋ ୟୁନିଟ୍ସ୍ ଡେଭଲପ୍‌ମେଣ୍ଟ୍ ରିଫାଇନାନ୍ସ ଏଜେନ୍ସି ବ୍ୟାଙ୍କ) । ପୂର୍ବରୁ ପ୍ରାୟ ୬ କୋଟି ଏଭଳି ବ୍ୟକ୍ତିଗତ ଉଦ୍ୟୋଗ ଥିଲା ଯେଉଁଗୁଡ଼ିକ ବିନିର୍ମାଣ, ବାଣିଜ୍ୟ ଆଦି କାର୍ଯ୍ୟ କରୁଥିଲେ। ତେବେ ଏଗୁଡ଼ିକ ମଧ୍ୟରୁ କେବଳ ୪ ପ୍ରତିଶତ କ୍ଷୁଦ୍ର ଉଦ୍ୟୋଗକୁ ସଂସ୍ଥାଗତ ଆର୍ଥିକ ସହାୟତା ମିଳୁଥିଲା । ତେଣୁ, ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଋଣ ଆବଶ୍ୟକ କରୁଥିବା ଅଣୁ ଉଦ୍ୟୋଗ ପାଇଁ ଏହି ଯୋଜନା ବିଶେଷ ସହାୟକ ହୋଇପାରୁଛି । ଆର୍ଥିକ ସହାୟତା ପ୍ରାପ୍ତିରେ ଏଗୁଡ଼ିକ ଯେମିତି କୌଣସି ପ୍ରକାରର ଠକାମୀ ବା ଶୋଷଣର ଶିକାର ନହୁଅନ୍ତି, ସେଥିପ୍ରତି ମଧ୍ୟ ଏହି ଯୋଜନାରେ ଧ୍ୟାନ ଦିଆଯାଇଛି ।

୨୦୧୫, ମଇ ମାସ ୯ ତାରିଖରେ କେନ୍ଦ୍ର ସରକାର ଏଭଳି ତିନୋଟି ଯୋଜନା ଘୋଷଣା କଲେ, ଯଦ୍ୱାରା ସାମାଜିକ ସୁରକ୍ଷାର କବଚ ଏକ ବ୍ୟାପକ ରୂପ ନେଲା । ବ୍ୟାଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଏହି ତିନୋଟି ଯୋଜନା ହେଲା ଅଟଳ ପେନ୍‌ସନ୍ ଯୋଜନା, ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ସୁରକ୍ଷା ବୀମା ଯୋଜନା । ଏଗୁଡ଼ିକ ଦ୍ୱାରା, ବ୍ୟାଙ୍କଗୁଡ଼ିକ ମଧ୍ୟ ଅଧିକ ଅର୍ଥ କାରବାର କରିପାରିବେ, ଯାହା ଜନସାଧାରଣଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରୟାସକୁ ଧାରଣକ୍ଷମ କରିପାରିବ ।

**ଷ୍ଟାଣ୍ଡ୍ ଅପ୍ ଏବଂ ଷ୍ଟାର୍ଟ୍ ଅପ୍ ଯୋଜନା :** ସମାଜର ଅବହେଳିତ ବର୍ଗ ଓ ମହିଳାମାନଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଗତ ୨୦୧୬ ଏପ୍ରିଲ୍ ମାସରେ ଘୋଷଣା କଲେ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା। ଏହି ବର୍ଗର ଉଦ୍ୟୋଗୀମାନଙ୍କୁ ୧୦ଲକ୍ଷରୁ ଏକକୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବା ହେଉଛି ଏହାର ଉଦ୍ଦେଶ୍ୟ । ଏହା ପୂର୍ବରୁ କେନ୍ଦ୍ର ବଜେଟ୍‌ରେ ଷ୍ଟାର୍ଟ ଅପ୍ କମ୍ପାନିଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ସମ୍ବଳ ଆବଣ୍ଟନ, କୌଶଳ ବିକାଶ ଓ ଟିକସ ଛାଡ଼ ଆଦି ଅନେକ ବିଷୟରେ ବ୍ୟବସ୍ଥା କରିଥିଲେ। ଏହି ଯୋଜନା ୨୦୧୬ ମସିହା ଜାନୁୟାରୀ ମାସରେ ଆରମ୍ଭ କରାଯାଇଥିଲା। ଦ୍ରୁତଗତିରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଏହାର ଉଦ୍ଦେଶ୍ୟ ।

**ଆହ୍ୱାନ :** ସରକାରଙ୍କ ଏଭଳି ବିଭିନ୍ନ ପଦକ୍ଷେପର ସୁଫଳ ମିଳିବା ଆରମ୍ଭ ହୋଇଛି । ତେବେ, ଦେଶ ପାଇଁ ଏକ ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବା ପଥରେ ଅନେକ ଆହ୍ୱାନ ମଧ୍ୟ ରହିଛି ।

(୧) **ସୁଧହାର :** ବ୍ୟାଙ୍କ ସୁବିଧା ଥିବା ସତ୍ତ୍ୱେ ଏବଂ ଋଣଦାତାଙ୍କ ଅଧିକ ସୁଧହାର ସତ୍ତ୍ୱେ, ଋଣ ଗ୍ରହୀତାମାନେ ଋଣ ଦେଉଥିବା ବ୍ୟକ୍ତିଙ୍କ ପାଖକୁ ଯାଇଥାନ୍ତି । ଏହା ବାସ୍ତବିକ୍ ଅନୁସନ୍ଧାନ ସାପେକ୍ଷ । ଋଣ ଗ୍ରହୀତାଙ୍କ ଋଣ ନେବା ନିଷ୍ପତ୍ତିରେ, ଉଚ୍ଚ ସୁଧହାର ଏକ ପ୍ରସଙ୍ଗ ହୋଇନଥାଇପାରେ । ଏମିତିରେ ବି, ଐତିହାସିକ ଦୃଷ୍ଟିରୁ ଚାଣକ୍ୟ ନିର୍ଦ୍ଧାରିତ କରିଥିବା ସୁଧହାର, ବିପଦ ଆଶଙ୍କା ଥିବା ବ୍ୟବସାୟ ପାଇଁ ଅଧିକ ରହୁଥିଲା । ଉଦାହରଣ ସ୍ୱରୂପ, ପ୍ରାଚୀନ ଭାରତରେ ସାଧାରଣ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ଋଣ ପାଇଁ ବାର୍ଷିକ ମାତ୍ର ୧୫ ପ୍ରତିଶତ ସୁଧ ହାର ଥିବା ବେଳେ, ବାଣିଜ୍ୟ ଉଦ୍ଦେଶ୍ୟରେ ନିଆଯାଉଥିବା ଋଣ ଉପରେ ସୁଧହାର ୬୦ ପ୍ରତିଶତ ଥିଲା । ଏପରିକି, ଜଣେ ବ୍ୟବସାୟୀ ଯଦି ତାର ପଣ୍ୟଦ୍ରବ୍ୟଗୁଡ଼ିକୁ ଜଙ୍ଗଲପଥରେ ଆଣୁଥିଲା, ତେବେ ତାକୁ ୧୨୦ ପ୍ରତିଶତ ସୁଧହାର ଦେବାକୁ ପଡୁଥିଲା । ସେହିଭଳି, ଆମଦାନୀ ଓ ରପ୍ତାନୀ କାର୍ଯ୍ୟ ପାଇଁ ନିଆଯାଉଥିବା ଋଣ ଉପରେ ବାର୍ଷିକ ୨୪୦ ପ୍ରତିଶତ ସୁଧ ଦେବାକୁ ପଡୁଥିଲା ।

(୨) **ଆର୍ଥିକ ଅନ୍ତର୍ଭୁକ୍ତିକରଣ :** ପ୍ରଧାନମନ୍ତ୍ରୀ ଜନ୍‌ଧନ୍ ଯୋଜନା ଅଧୀନରେ ଖୋଲାଯାଇଥିବା ବ୍ୟାଙ୍କ ଖାତାଗୁଡ଼ିକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯିବା ଉଚିତ । ସ୍ମରଣଯୋଗ୍ୟ ଯେ ସ୍ୱଳ୍ପ ଆୟ ବା ସ୍ୱଳ୍ପ ସମ୍ପତ୍ତି ଜନିତ ବ୍ୟାଙ୍କିଙ୍ଗ୍ ସୁବିଧା ପାଇବାରୁ ବଂଚିତ ହେବା, ନେଣଦେଣ ପାଇଁ ଉଚ୍ଚ ଆର୍ଥିକ ବୋଝ ପଡ଼ିବା କିମ୍ବା ଏ ପର୍ଯ୍ୟନ୍ତ ବ୍ୟାଙ୍କ ପରିସରଭୁକ୍ତ ହୋଇ ନଥିବା ଗ୍ରାହକମାନଙ୍କ ଆବଶ୍ୟକତା ଓ ସୁବିଧା ଅନୁଯାୟୀ ଆର୍ଥିକ ସେବା ନ ମିଳିବା ହେଉଚି ଏପରି କେତେକ ପ୍ରସଙ୍ଗ, ଯାହା ଉପରେ ଧ୍ୟାନ ଦିଆଯିବା

> **ଆସନ୍ତା ୨୦୨୨ ମସିହା ସୁଦ୍ଧା, ଦେଶର କାର୍ଯ୍ୟକ୍ଷମ ଶ୍ରମଶକ୍ତି ଏକ ବିଲିୟନ୍‌କୁ ବୃଦ୍ଧି ପାଇବ । ତେଣୁ, ବେକାରୀ ସମସ୍ୟା ଜନିତ କୌଣସି ପ୍ରକାରର ସାମାଜିକ ଅସ୍ଥିରତାକୁ ପ୍ରତିହତ କରିବାକୁ ହେଲେ, ଏମାନଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରିବାକୁ ହେବ । ପଞ୍ଚବର୍ଷୀୟ ଯୋଜନାର ପ୍ରାରମ୍ଭିକ ପର୍ଯ୍ୟାୟରେ, ଏଭଳି କ୍ରମବର୍ଦ୍ଧିଷ୍ଣୁ ଶ୍ରମଶକ୍ତି ପାଇଁ ସରକାର ହିଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିଲେ । ବର୍ତ୍ତମାନ କିନ୍ତୁ ବେସରକାରୀ କ୍ଷେତ୍ର ମଧ୍ୟ ଏଥିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ଏହା ସତ୍ତ୍ୱେ, ୨୦୧୨ ମସିହା ବେଳକୁ ଶ୍ରମଶକ୍ତିର ପ୍ରାୟ ୯୦ ପ୍ରତିଶତ ରହିଯାଇଥିଲେ, ଅଣସଂଗଠିତ କ୍ଷେତ୍ରରେ । ତେଣୁ, ଆଗାମୀ ପ୍ରତ୍ୟେକ ବର୍ଷ ୧୧ ନିୟୁତ ଶ୍ରମଶକ୍ତିଙ୍କୁ କର୍ମନିଯୁକ୍ତି ଯୋଗାଇବାକୁ ହେଲେ, ଆମକୁ କର୍ମ ଯୋଗାଣକାରୀଙ୍କ ଆବଶ୍ୟକତା ପଡ଼ିବ ।**

ଉଚିତ । ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସୁବିଧାର ପ୍ରସାର ପାଇଁ, ସମ୍ଭବତଃ ଅଧିକ ଏ.ଟି.ଏମ୍. ଶାଖା ଖୋଲିବାର ଆବଶ୍ୟକତା ରହିଛି । ଉଦାହରଣ ସ୍ୱରୂପ, ଆମକୁ ମନେ ରଖିବାକୁ ହେବ ଯେ ଗ୍ରାମାଞ୍ଚଳରେ ସାଧାରଣତଃ ୫ ମିନିଟ୍ ମଧ୍ୟରେ ଜଣେ ଋଣ ଗ୍ରହୀତା, ଜଣେ ଋଣଦାତାଙ୍କ ପାଖରେ ପହଞ୍ଚି ଯାଇପାରନ୍ତି । ତେବେ, ପ୍ରାୟ ୬ ଲକ୍ଷ ଗ୍ରାମଗୁଡ଼ିକ ମଧ୍ୟରୁ ୫୦ ହଜାରରୁ ବି କମ୍ ଗ୍ରାମରେ ବ୍ୟାଙ୍କ ଶାଖା ଥିବା ପୃଷ୍ଠଭୂମିରେ, ଗ୍ରାମୀଣମାନଙ୍କୁ ବ୍ୟାଙ୍କ ସୁବିଧା ପାଇବା ପାଇଁ ଅଧିକ ସମୟ ଅପଚୟ କରିବାକୁ ପଡ଼ିଥାଏ ।

(୩) **ମୁଦ୍ରା ବ୍ୟାଙ୍କ** :ଏକଥା ଅନସ୍ୱୀକାର୍ଯ୍ୟ ଯେ ଅଣୁ ଉଦ୍ୟୋଗଗୁଡ଼ିକୁ ମୁଦ୍ରାବ୍ୟାଙ୍କ ଯୋଜନା ଅଧୀନରେ ଋଣ ପ୍ରଦାନ ପାଇଁ, ବାଣିଜ୍ୟିକ ବ୍ୟାଙ୍କ୍‌ଗୁଡ଼ିକୁ ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ବାଞ୍ଛନୀୟ ।

(୪)**ଷ୍ଟାଣ୍ଡ ଅପ୍ ଓ ଷ୍ଟାର୍ଟ୍ ଅପ୍ ଇଣ୍ଡିଆ** : ଏହି ଯୋଜନା ଦୁଇଟି ଅଧୀନରେ ନୂତନ ଉଦ୍ୟୋଗୀଙ୍କ ଆବିର୍ଭାବ ପାଇଁ ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି ହେବା ଉଚିତ । ଭାରତ ବର୍ତ୍ତମାନ ଉଦ୍ୟୋଗ ଓ ଉଦ୍ୟମିତା ପାଇଁ ଆଇ.ଆଇ.ଟି ଓ ଆଇ.ଆଇ.ଏମ୍. ଏବଂ କୃଷି ବିଶ୍ୱବିଦ୍ୟାଳୟ ଭଳି ବିଶ୍ୱସ୍ତରୀୟ ଉଦ୍ୟମିତା ସଂସ୍ଥାନ ସ୍ଥାପନ କରିବା ଉପରେ ବିଚାର କରିବା ଉଚିତ । ସେହିଭଳି ବର୍ତ୍ତମାନ ଅଧିକରୁ ଅଧିକ ବିଶ୍ୱସ୍ତରୀୟ ବାଣିଜ୍ୟ, ଆଇନ ଓ ବ୍ୟବସାୟିକ ପାଠ୍ୟକ୍ରମ ସଂପର୍କିତ ଶିକ୍ଷା ଅନୁଷ୍ଠାନ ଖୋଲାଯିବା ଉଚିତ ।

ସେହିଭଳି ଦେଶରେ ଥିବା କାର୍ଯ୍ୟକ୍ଷମ ଶ୍ରମଶକ୍ତିର ନିଯୁକ୍ତି ପାଇଁ ଉପାୟ ସ୍ଥିର କରିବା ଉଚିତ । ସରକାରଙ୍କ ନିଜସ୍ୱ ବିଶ୍ଳେଷଣ ଅନୁଯାୟୀ, ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ପାସ୍ କରୁଥିବା ବାର୍ଷିକ ପ୍ରାୟ ୧୨ ନିୟୁତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରମଶକ୍ତିରେ ସାମିଲ ହେବା ପାଇଁ କେବଳ ୧୦ ପ୍ରତିଶତଙ୍କ ପାଖରେ ଆବଶ୍ୟକ କୌଶଳ ତାଲିମ ରହିଛି । ସାଧାରଣ ଭାବରେ, ପରିବାର, ବନ୍ଧୁବର୍ଗ ଓ ଏପରିକି ଶିକ୍ଷକମାନଙ୍କ ମଧ୍ୟରେ ଉଦ୍ୟମିତାକୁ ଏକ ସନ୍ଦେହ ଦୃଷ୍ଟିରେ ଦେଖାଯାଏ । ଭାରତୀୟ ସଂସ୍କୃତିରେ, ବିଫଳତାକୁ ସହ୍ୟ କରାଯାଏ ନାହିଁ । ଅନ୍ୟପକ୍ଷରେ ସିଲିକନ୍ ଭେଲିରେ, ନିଜ ପ୍ରଥମ ବ୍ୟବସାୟିକ ପ୍ରୟାସରେ ଅନ୍ତତଃ ଥରେ ବା ଦୁଇଥର ବିଫଳ ହୋଇଥିବା ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ବା ପୁଞ୍ଜିନିବେଶ ପାଇଁ ଆଂଜେଲ୍ ଇନ୍‌ଭେଷ୍ଟର୍‌ମାନେ ଅଧିକ ପସନ୍ଦ କରିଥାନ୍ତି । ତେଣୁ, ବ୍ୟବସାୟରେ ବିଫଳତା ଜନୀତ କ୍ଷତିରୁ ଉଦ୍ଧାର ପାଇବା ପାଇଁ, ଉଦ୍ୟମୀମାନଙ୍କ ସକାଶେ, ସରକାର ଏକ ବିଶେଷ ସାମାଜିକ ସୁରକ୍ଷା ଯୋଜନା ବା ବୀମା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉଚିତ ।

ସେହିଭଳି, ଉଦ୍ୟମୀମାନଙ୍କ ସଫଳତା ପାଇଁ ଉପଯୁକ୍ତ ବ୍ୟବସାୟିକ ବାତାବରଣ ସୃଷ୍ଟି ହେବା ଉଚିତ । ଉଦ୍ୟୋଗ ସଂକ୍ରାନ୍ତୀୟ ଅନୁମୋଦନ ପ୍ରକ୍ରିୟା ସରକାରୀ ସ୍ତରରେ ସରଳ ହେବା ବାଞ୍ଛନୀୟ । ଉଦାହରଣ ସ୍ୱରୂପ, ୧୯୮୨ ମସିହାଠାରୁ ବାର୍ଷିକ ମାତ୍ର ୫୦୦ ନୂତନ ଉଦ୍ୟୋଗକୁ ପ୍ରୋତ୍ସାହିତ କରାଯାଇଛି ଏବଂ ମାତ୍ର ୪୦ ହଜାର ପ୍ରଯୁକ୍ତିବିଦ୍ୟା ଜନିତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । ପରିଶେଷରେ ଉଦ୍ୟମିତା ପ୍ରୋତ୍ସାହନ ପାଇଁ, ପରାମର୍ଶ ଦେବା ପାଇଁ ଏବଂ ଉଦ୍ୟମୀମାନଙ୍କ ଅଭିଜ୍ଞତାକୁ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ ସମର୍ପିତ ଟେଲିଭିଜନ ଓ ରେଡିଓ ଚାନେଲ୍ ସୃଷ୍ଟି କରାଯିବା ଆବଶ୍ୟକ ।

**ଉପସଂହାର** : ଯୁବାପୀଢ଼ିର ଦେଶ ଭାରତ, ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ଅଧିକାରୀ । ତେଣୁ ଏହାର ସୁଫଳ ମିଳିପାରିବ, ଏମାନଙ୍କୁ ଯଦି ଆବଶ୍ୟକ ସୁବିଧା, ସୁଯୋଗ ପ୍ରଦାନ କରାଯାଏ । ଗତ ଦୁଇବର୍ଷ ଧରି, କେନ୍ଦ୍ର ସରକାର ଏ ଦିଗରେ ପ୍ରୟାସରତ ଅଛନ୍ତି । କେବଳ ଆର୍ଥିକ ଅନ୍ତର୍ଭୁକ୍ତିକରଣ ନୁହେଁ, ବରଂ ଆତ୍ମନିଯୁକ୍ତି ଓ ଅଭିବୃଦ୍ଧି ପାଇଁ ମଧ୍ୟ ସରକାର ପ୍ରଚେଷ୍ଟାରତ । ଫଳସ୍ୱରୂପ, ଯୁବପୀଢ଼ିର ସଶକ୍ତିକରଣ ଜରିଆରେ ୯ ପ୍ରତିଶତରୁ ଉର୍ଦ୍ଧ୍ୱ ବାର୍ଷିକ ଆର୍ଥିକ ଅଭିବୃଦ୍ଧି ହାସଲ କରାଯାଇପାରେ । ଭାରତ ନିକଟ ଭବିଷ୍ୟତରେ ନିଜକୁ ଏକ ବିଶ୍ୱ-ଶକ୍ତି ଭାବରେ ଗଢ଼ିତୋଳିବାକୁ ହେଲେ, ଏହା ଅତ୍ୟନ୍ତ ଆବଶ୍ୟକ ।

ଲେଖକ ହେଉଛନ୍ତି ବାଙ୍ଗାଲୋରସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନରେ ଅର୍ଥନୀତିଶାସ୍ତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଚେଆର୍ ପ୍ରଫେସର । ଲେଖକଙ୍କ ମତାମତ ନିଜସ୍ୱ ।

# ‌ମ ଗଭର୍ଣ୍ଣାନ୍ସ :
## ାନ୍ସ ଜରିଆରେ ଲୋକଙ୍କ ନିକଟରେ ପହଂଚିବାର ପ୍ରୟାସ

ଡଃ. ରଞ୍ଜିତ ମେହେଟ୍ଟା

**ସ**ରକାରୀ ସ୍ତରରେ, ଜାତୀୟ, ରାଜ୍ୟ, ପୌରପାଳିକା ଓ ଆଂଚଳିକ, ନାଗରିକ ଓ ବ୍ୟବସାୟୀ ମହଲ ମଧ୍ୟରେ ସୂଚନା ବିଷୟକ ଓ କାରବାର ସମ୍ବନ୍ଧୀୟ ଭାବବିନିମୟ କ୍ଷେତ୍ରରେ ପାରଦର୍ଶିତା, ପ୍ରଭାବଶୀଳତା, ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ରୂପାନ୍ତରିତ କରିବା ଲାଗି ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିର ପ୍ରୟୋଗ ଏବଂ ସୂଚନା ସେବାର ବ୍ୟବହାର ଜରିଆରେ ନାଗରିକମାନଙ୍କୁ ସଶକ୍ତ କରିବା ହେଉଛି ଇ-ଗଭର୍ଣ୍ଣାନ୍ସ।

ଇ-ପ୍ରଶାସନ ହେଉଛି ୱେବର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିକାଶ ମଧ୍ୟରୁ ଅନ୍ୟତମ। ଇଂଟରନେଟ ଜରିଆରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଡିଜିଟାଲ ସମ୍ପ୍ରଦାୟର ଉଦ୍ଭବ ହେଉଥିବାବେଳେ, ଏହାଦ୍ୱାରା ଦେଶ ଦେଶର ସରକାରଙ୍କ ନିକଟରେ ଅନେକ ଆହ୍ୱାନ ଓ ସୁଯୋଗ ଉପସ୍ଥିତ ହେଉଛି।

ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର ପ୍ରାଥମିକ ଭାବେ ପ୍ରତିନିଧିତ୍ୱମୂଳକ ହୋଇଥାନ୍ତି। ରାଷ୍ଟ୍ରର ନାଗରିକଙ୍କ ତରଫରୁ ତଥା ସେମାନଙ୍କ ଲାଗି ଏହି ଅଳ୍ପ କେତେଜଣ ଲୋକପ୍ରତିନିଧି ବିତର୍କ ଜରିଆରେ ଆଇନ ତିଆରି କରିଥାନ୍ତି। ଏହି କ୍ଷେତ୍ରରେ ବିଭିନ୍ନ ଦିଗ ରହିଛି ଯାହାକି ଇ-ଗଭର୍ଣ୍ଣାନ୍ସ ଲାଗି ଗୁରୁତ୍ୱପୂର୍ଣ୍ଣ।

**ୱାର୍ଲ୍ଡ ୱାଇଡ ୱେବ-** ଡବ୍ଲୁଡବ୍ଲୁଡବ୍ଲୁର ବ୍ୟବହାର ଆରମ୍ଭ ହେବା ପରଠାରୁ ନବେ ଦଶକରେ ବିଭିନ୍ନ ସରକାର ଦ୍ୱାରା ସୂଚନା ଓ ପ୍ରଯୁକ୍ତିର ବ୍ୟବହାର ଆରମ୍ଭ ହୋଇଥିଲା। ସମଗ୍ର ବିଶ୍ୱରେ ଆଇଟି ବ୍ୟବହାରର ଗୁରୁତ୍ୱ ବୃଦ୍ଧି ପାଇଥିଲା। ତା' ପରଠାରୁ ପ୍ରଯୁକ୍ତି ଓ ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ବ୍ୟାପକ ପ୍ରଗତି ସାଧିତ ହୋଇଛି। ଇଂଟରନେଟ ଓ ମୋବାଇଲ ବ୍ୟବହାର ବୃଦ୍ଧି ପାଇଥିବାବେଳେ ବ୍ୟାପକ ବ୍ୟବହାରିକ କ୍ଷେତ୍ରରେ ନିଜର ପ୍ରବେଶ ଲାଗି ନାଗରିକମାନେ ବିଭିନ୍ନ ସୁବିଧାସୁଯୋଗର ସଦୁପଯୋଗ କରିବାକୁ ସକ୍ଷମ ହୋଇଛନ୍ତି। ନିଜର ସାମାଜିକ, ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନଧାରାରେ ଅଗ୍ରଗତି ସାଧନ ପାଇଁ ସେମାନେ ସରକାର ଓ କର୍ପୋରେଟ ସଂଗଠନଠାରୁ ଅନଲାଇନ ଜରିଆରେ ବିଭିନ୍ନ ସୂଚନା ଓ ସେବା ହାସଲ କରିବାକୁ ଚାହିଁଲେ। ଏହାର ଫଳସ୍ୱରୂପ ଯଥେଷ୍ଟ ପ୍ରମାଣ ଉପଗତ ହୋଇଥିଲା ଯେ, ନୂଆ ଇ-ନାଗରିକତ୍ୱ' ଆରମ୍ଭ ହେଉଛି।

ପ୍ରତିରକ୍ଷା ସେବା, ଅର୍ଥନୀତି ସଂକ୍ରାନ୍ତ ଯୋଜନା, ଜାତୀୟ ଜନଗଣନା, ନିର୍ବାଚନ ପରିଚାଳନା, ଶୁଳ୍କ ସଂଗ୍ରହ ଆଦି କ୍ଷେତ୍ରରେ କମ୍ପ୍ୟୁଟରର ବ୍ୟବହାର ସହ ୧୯୬୦ ଦଶକର ଶେଷ ଭାଗ ଓ ୧୯୭୦ ଦଶକର ପ୍ରାରମ୍ଭରେ ଭାରତରେ ଆରମ୍ଭ ହୋଇଥିଲା ଇ-ଗଭର୍ଣ୍ଣାନ୍ସ। ତେବେ ୧୯୯୦ ଦଶକ ପ୍ରାରମ୍ଭରୁ ବହୁଳ କ୍ଷେତ୍ରରେ ଆରମ୍ଭ ହୋଇଥିଲା ଇ-ଗଭର୍ଣ୍ଣାନ୍ସ। ଗ୍ରାମାଂଚଳରେ ବିଭିନ୍ନ ସେବା ଯୋଗାଇଦେବାର ଆଭିମୁଖ୍ୟ ତଥା ଏନଜିଓ ଓ ଘରୋଇ କ୍ଷେତ୍ରର ବହୁଳ ସହଭାଗିତାରେ ଇ-ଗଭର୍ଣ୍ଣାନ୍ସର ବ୍ୟବହାର ପରିବ୍ୟାପ୍ତ ହୋଇଥିଲା। ପ୍ରଥମେ ଅଟୋମେସନ ଓ କମ୍ପ୍ୟୁଟରାଇଜେସନ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ପରେ ସଂଯୋଗୀକରଣ, ନେଟୱର୍କିଂ, ସୂଚନା ପ୍ରକ୍ରିୟାକରଣ ସକାଶେ ବ୍ୟବସ୍ଥା ସୃଷ୍ଟି କରିବା, ସେବା ପ୍ରଦାନ କରିବା ଆଦି କ୍ଷେତ୍ରରେ ଗୁରୁତ୍ୱ ବୃଦ୍ଧି ପାଇଲା। ମଇ ୨୦୦୬ରେ ଦେଶରେ କାର୍ଯ୍ୟକାରୀ ହୋଇଥିଲା ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନା- ଏନଇଜିପି। ଏହାର ଆଭିମୁଖ୍ୟ ଥିଲା ବିଭିନ୍ନ ସରକାରୀ ସେବାର ପାରଦର୍ଶିତା, ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ନିଶ୍ଚିତ କରିବା ପାଇଁ ସାଧାରଣ ସେବା ପ୍ରଦାନ ଆଉଟଲେଟ ଜରିଆରେ ସୁଲଭ ଦରରେ ଜଣେ ସାଧାରଣ ବ୍ୟକ୍ତି ସମସ୍ତ ସରକାରୀ ସେବା ସମ୍ପର୍କରେ ଅବଗତ ହୋଇପାରିବ। ସମ୍ପ୍ରତି ଏନଇଜିପି ୨୭ଟି ମିସନ ମୋଡ ପ୍ରକଳ୍ପ ଓ ୮ଟି ସହାୟକ କ୍ଷେତ୍ରକୁ ନେଇ ପ୍ରତିଷ୍ଠିତ ଯାହାକି କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଜରିଆରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି-କେନ୍ଦ୍ରୀୟ ସ୍ତରରେ ଆୟକର, ଉତ୍ପାଦନ ଓ ଅବକାରୀ ଶୁଳ୍କ ଓ ପାସପୋର୍ଟ। ରାଜ୍ୟସ୍ତରରେ ଭୂମି ସଂକ୍ରାନ୍ତ ରେକର୍ଡ, କୃଷି ଓ ଇ-ଜିଲ୍ଲା ଏବଂ ସ୍ଥାନୀୟ ସ୍ତରରେ ପଞ୍ଚାୟତ ଓ ପୌରପାଳିକା।

ମୋଦି ସରକାରଙ୍କ କ୍ଷେତ୍ରରେ ଆଇସିଟିର ବ୍ୟାପକ ବ୍ୟବହାର ହେଉଥିବାବେଳେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା କ୍ଷେତ୍ରରେ ଯୋଗାଯୋଗ ମୂଲ୍ୟକୁ ହ୍ରାସ କରିଛନ୍ତି ଏବଂ ସ୍ୱଚ୍ଛତା ବୃଦ୍ଧି କରିଛନ୍ତି। ଅନଲାଇନ ଫର୍ମ ଫିଲିଂ ହେଉ ବା ବିଲ୍ ଦାଖଲ ଓ ବିଭିନ୍ନ ଦେୟ ହେଉ, କିମ୍ବା ଦୂରନ୍ତ ଶିକ୍ଷା ଓ ଟେଲିମେଡିସିନ ପରି ଜଟିଳ ବିଷୟ ହେଉ- ପ୍ରତ୍ୟେକ କ୍ଷେତ୍ରରେ ସରକାର ନାଗରିକମାନଙ୍କୁ ଯଥେଷ୍ଟ ସୁବିଧା ସୁଯୋଗ ପ୍ରଦାନ କରିଛନ୍ତି ଏବଂ ନାଗରିକମାନେ ସହଜରେ ଏହାର ଉପଯୋଗ କରିପାରୁଛନ୍ତି।

ନିକଟ ଅତୀତରେ ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ମୋଦି ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସେଗୁଡ଼ିକ ମଧ୍ୟରୁ କେତେକ ସମ୍ପର୍କରେ ଏଠାରେ ଆଲୋଚନା କରାଯାଉଛି।

**ପହଲ ଯୋଜନା**: ଦେଶର ୨୯୧ ଜିଲ୍ଲାରେ ରନ୍ଧନ ଗ୍ୟାସ ଉପରେ ସବସିଡି ପ୍ରଦାନ କରିବା ଆଭିମୁଖ୍ୟ ନେଇ ପୂର୍ବ ସରକାର ଅମଳରେ

ଜୁନ୧, ୨୦୧୩ରେ ପ୍ରଚଳନ କରାଯାଇଥିଲା ପହଲ ଡିବିଟିଏଲ ଯୋଜନା। ମୋଦି ସରକାର ସାମଗ୍ରିକ ଭାବେ ପହଲ ଯୋଜନାକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିବା ପରେ ଏଥିରେ କେତେକ ତ୍ରୁଟିବିଚ୍ୟୁତି ପରିଲକ୍ଷିତ କରିଥିଲେ। ମୂଳ ଯୋଜନାରେ କେତେକ ପରିବ□ନ କରି ନଭେମ୍ବର ୧୫, ୨୦୧୪ରେ ଦେଶର ୫୪ ଜିଲ୍ଲାରେ ଏହି ଯୋଜନାର ପୁନଃଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ସାମିଲ ହୋଇଥିଲେ ଦେଶର ଅଢ଼େଇ କୋଟି ପରିବାର। ଜାନୁଆରୀ ୧, ୨୦୧୫ରେ ଶୁଭାରମ୍ଭ ହୋଇଥିଲା ଏହି ଦ୍ୱିତୀୟ ପର୍ଯ୍ୟାୟ ସଂଶୋଧିତ ଯୋଜନା। ପୂର୍ବର ଯୋଜନାରେ ଏଲପିଜି ସବସିଡି ଚାହୁଁଥିବା ପ୍ରତ୍ୟେକ ଖାଉଟିଙ୍କ ସକାଶେ ଆଧାର ନମ୍ବର ବାଧ୍ୟତାମୂଳକ କରାଯାଇଥିଲା। ତେବେ ଯେଉଁ ଖାଉଟିମାନେ ଆଧାର ନମ୍ବର ପାଇନଥିଲେ ସେମାନଙ୍କ ଲାଗି ସମସ୍ୟା ବହୁଗୁଣିତ ହେଲା। ସେମାନେ କୌଣସି ପ୍ରକାରେ ସବସିଡି ପାଇପାରିଲେ ନାହିଁ।

ତେବେ ପର ଯୋଜନାରେ ଏହି ନିୟମକୁ କୋହଳ କରାଗଲା। ଯେଉଁ ଖାଉଟିମାନଙ୍କ ଆଧାର ନମ୍ବର ଅଛି ସେମାନେ ବ୍ୟାଙ୍କ ଆକାଉଂଟକୁ ଆଧାର ନମ୍ବର ସହ ସଂଯୋଗ କଲେ। ଅନ୍ୟପକ୍ଷରେ ଯେଉଁମାନଙ୍କ ଆଧାର ନମ୍ବର ନାହିଁ ସେମାନଙ୍କୁ ନିଜର ବ୍ୟାଙ୍କ ଆକାଉଂଟ ସହ ୧୭ ଅଙ୍କ ବିଶିଷ୍ଟ ଏଲପିଜି ଆଇଡି ସହ ଲିଙ୍କ୍ କଲେ। ଥରେ ଏହି ଯୋଜନାରେ ସାମିଲ ହେଲେ ଜଣେ ଖାଉଟିଙ୍କୁ ବଜାର ଦରରେ ଏଲପିଜି ସିଲିଣ୍ଡର କିଣିବାକୁ ପଡ଼ିବ ଏବଂ ସବସିଡି ଅର୍ଥ ତାଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଯିବ। ଏହି ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ଜଣେ ଖାଉଟିଙ୍କୁ ପ୍ରଥମ ଗ୍ୟାସ ବୁକିଂ କରିବା ମାତ୍ରେ ତାଙ୍କ ବ୍ୟାଙ୍କ ଆକାଉଂଟରେ ଅଗ୍ରୀମ ୫୬୮ଟଙ୍କା ଦିଆଯାଇଥାଏ। ଏହା ଜରିଆରେ ନିଶ୍ଚିତ କରାଯାଇଥାଏ ଯେ, ବଜାର ଦର ଅନୁସାରେ ପ୍ରଥମ ଏଲପିଜି ସିଲିଣ୍ଡର ଲାଗି ଖାଉଟିଙ୍କୁ ଅଧିକ ଅର୍ଥ ଦେବାକୁ ପଡ଼ିବ। ପ୍ରତ୍ୟେକ ସିଲିଣ୍ଡର ପାଇଁ ପ୍ରଦାନ କରାଯାଉଥିବା ଦେୟ ସହିତ ଏହି ସବସିଡ଼ି ଉପଲବ୍ଧ ହେବ। ଏହି ଯୋଜନାର ସ୍ଥିତି ସମ୍ପର୍କରେ ଅବଗତ କରାଇବା ଲାଗି ଖାଉଟିମାନଙ୍କ ନିକଟକୁ ଏସଏମଏସ ପଠାଇବା ବ୍ୟବସ୍ଥା ରହିଛି। ଏହି ସୁବିଧା ପାଇଁ ପ୍ରତ୍ୟେକ ଏଲପିଜି ଉପଭୋକ୍ତା ସେମାନଙ୍କ ମୋବାଇଲ ନମ୍ବରକୁ ସେମାନଙ୍କ ଡିଷ୍ଟ୍ରିବ୍ୟୁଟରଙ୍କ ନିକଟରେ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦିଆଯାଉଛି। ସେହିପରି ସବସିଡି ବାବଦ ଅର୍ଥ ଟ୍ରାନ୍ସଫର ହେବା ନେଇ ନିଶ୍ଚିତ ହେବା ପରେ ସେମାନେ ଅର୍ଥ ରସିଦ ସହ ସିଲିଣ୍ଡର ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଉଛି। ଦେଶର ୬୭୬ ଜିଲ୍ଲାର ୧୫.୩ କୋଟି ଉପଭୋକ୍ତା ଏହି ଯୋଜନାରେ ସାମିଲ ହୋଇଛନ୍ତି। ସମ୍ପ୍ରତି ପ୍ରାୟ ୬.୫ କୋଟି ଉପଭୋକ୍ତା ଅର୍ଥାତ ୪୩ ପ୍ରତିଶତ ଏହି ଯୋଜନାରେ ସାମିଲ ହୋଇ ସବସିଡି ବାବଦ ଅର୍ଥ ବ୍ୟାଙ୍କ ଆକାଉଂଟ ଜରିଆରେ ପ୍ରାପ୍ତ ହେଉଛନ୍ତି।

ଡିବିଟିଏଲର ମହତ ଉଦ୍ଦେଶ୍ୟ ଏହା ଯେ, ପ୍ରକୃତ ହିତାଧିକାରୀଙ୍କ ନିକଟକୁ ସହାୟତା ରାଶି ଯାଉ ଏବଂ ଏହା ବାଟମାରଣା ନ ହେଉ ବା ଅନ୍ୟ ଆଡ଼କୁ ନଯାଉ। ଏହି ପ୍ରକ୍ରିୟା ଦ୍ୱାରା ସର୍ବସାଧାରଣ ଅର୍ଥ ସଞ୍ଚୟ କରାଯାଇପାରିବ। ତୁରନ୍ତ ଏହି ଯୋଜନାରେ ସାମିଲ ହେବା ପାଇଁ ଏଲପିଜି ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଇଛି।

୧୫ ନଭେମ୍ବର ୨୦୧୪ରେ ଏହି ଯୋଜନା ଆରମ୍ଭ ହେବା ପରେ ୨୦ ଲକ୍ଷରୁ ଅଧିକ ଏଲପିଜି ଉପଭୋକ୍ତାଙ୍କ ନିକଟକୁ ୩୦.୧୨.୨୦୧୪ ସୁଦ୍ଧା ଯାଇଛି ୬୨୪ କୋଟି ଟଙ୍କା। ଏହି ଯୋଜନାରେ ଯଦି ଜଣେ ଉପଭୋକ୍ତା ସବସିଡି ଚାହାନ୍ତି ନାହିଁ ତେବେ ସେ ସ୍ୱେଚ୍ଛାକୃତ ଭାବେ ଓହରିଯିବେ। ଏହାକୁ ଦୃଷ୍ଟିରେ ରଖି ସରକାର ମାର୍ଚ୍ଚ ୨୦୧୫ରେ ଆରମ୍ଭ କରିଥିଲେ 'ଗିଭ୍ ଇଟ୍ ଅପ୍' ଯୋଜନା। ଏହି ଯୋଜନାରେ ଏପ୍ରିଲ ୨୦୧୬ ସୁଦ୍ଧା ଦେଶର କୋଟିଏରୁ ଅଧିକ ଲୋକ ନିଜ ନିଜର ଏଲପିଜି ସବସିଡି ପରିତ୍ୟାଗ କରିଛନ୍ତି।

**ଡିଜିଟାଲ ଇଣ୍ଡିଆ:** ବିଭିନ୍ନ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକରେ ହେଉଥିବା ଅନିଚ୍ଛାକୃତ ବିଳମ୍ବ ଦୂର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାର ଆଭିମୁଖ୍ୟ ଥିଲା ମୋବାଇଲ ସଂଯୋଗ ଓ ସାର୍ବଜନୀନ ବ୍ରଡବ୍ୟାଣ୍ଡ ସେବା। ବିଭିନ୍ନ ରାଷ୍ଟ୍ରାୟ□ ଉଦ୍ୟୋଗ ଯଥା ଭାରତ ସଂଚାର ନିଗମ ଲିମିଟେଡ- ବିଏସଏନଏଲ, ରେଲଟେଲ ଓ ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ଜରିଆରେ ପ୍ରତ୍ୟେକ୍ଷ ବ୍ୟୟକୁ ସୀମିତ କରିବା ଥିଲା ଉଦ୍ଦେଶ୍ୟ। କିନ୍ତୁ ଗ୍ରାମାଞ୍ଚଳରେ ବାସ କରୁଥିବା ଭାରତର ଜନଗଣଙ୍କ ମଧ୍ୟରୁ ୬୮ ପ୍ରତିଶତ ଲୋକଙ୍କୁ ଅନଲାଇନ ସେବା ଯୋଗାଇଦେବା ଦ୍ୱାରା ପରୋକ୍ଷ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ଆଭିମୁଖ୍ୟ ରହିଥିଲା। ଇଲେକ୍ଟ୍ରୋନିକ ସେବା, ସାମଗ୍ରୀ, ପ୍ରସ୍ତୁତି ଓ ଚାକିରି ସୁଯୋଗ କ୍ଷେତ୍ରରେ ଅନ୍ତର୍ଭୁକ୍ତିମୂଳକ ବିକାଶ ହେଉଛି ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଦୃଷ୍ଟିଭଙ୍ଗୀ। ତିନିଟି ପ୍ରମୁଖ କ୍ଷେତ୍ର ଉପରେ ଏହା କେନ୍ଦ୍ରୀଭୂତ ହୋଇଛି। ସେଗୁଡ଼ିକ ହେଲା- ପ୍ରତ୍ୟେକ ନାଗରିକଙ୍କ ଲାଗି ଏକ ମାଧ୍ୟମ ଭାବେ ଡିଜିଟାଲ ଭି□ଭୂମି ତିଆରି କରିବା, ଚାହିଦା ମୁତାବକ ପ୍ରଶାସନ ଓ ସେବା ଏବଂ ନାଗରିକମାନଙ୍କ ଡିଜିଟାଲ ସଶକ୍ତିକରଣ କରିବା।

ଉପରୋକ୍ତ ଦୃଷ୍ଟିଭଙ୍ଗୀ ସହ ବ୍ରଡବ୍ୟାଣ୍ଡ ସେବା ଯୋଗାଇବା, ମୋବାଇଲ ସଂଯୋଗ କ୍ଷେତ୍ରରେ ସାର୍ବଜନୀନ ସୁଯୋଗ ପ୍ରଦାନ, ସର୍ବସାଧାରଣ ଇଂଟରନେଟ ବ୍ୟବହାର କାର୍ଯ୍ୟକ୍ରମ, ଇ-ଗଭର୍ଣ୍ଣାନ୍ସ ପାଇଁ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସେହିପରି ପ୍ରଯୁକ୍ତି ଜରିଆରେ ସରକାରୀ ବ୍ୟବସ୍ଥାରେ ସଂସ୍କାର ଆଣିବା, ଇ-କ୍ରାନ୍ତି ବା ଇଲେକ୍ଟ୍ରୋନିକ ବ୍ୟବସ୍ଥା ଜରିଆରେ ସେବା ପ୍ରଦାନ, ସମସ୍ତଙ୍କୁ ସୂଚନାଜନିତ ସେବା ପ୍ରଦାନ କରିବା, ଇଲେକ୍ଟ୍ରୋନିକସ ସାମଗ୍ରୀ ପ୍ରସ୍ତୁତ କରି ଆମଦାନୀଶୂନ୍ୟ ବ୍ୟବସ୍ଥା କରିବା, ଆଇଟି କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି, ତୁରନ୍ତ ଅମଳ କାର୍ଯ୍ୟକ୍ରମ ଆଦି ଡିଜିଟାଲ ଇଣ୍ଡିଆର ପ୍ରମୁଖ କାର୍ଯ୍ୟକ୍ରମ ରହିଛି। ଏକକ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପଦକ୍ଷେପ ସାକାର କରିବା ଲାଗି ଡିଜିଟାଲ ଇଣ୍ଡିଆ ଉଦ୍ଦିଷ୍ଟ ଯାହାକି ଭାରତକୁ ଏକ ଜ୍ଞାନଭି□କ ଅର୍ଥନୀତିରେ ପରିଣତ କରିବାକୁ ସକ୍ଷମ ହେବ ଏବଂ ସରକାରଙ୍କ ସମନ୍ୱିତ ପରିଚାଳନା ଜରିଆରେ

ନାଗରିକଙ୍କୁ ଉ□ମ ପ୍ରଶାସନ ପ୍ରଦାନ କରିପାରିବ।

ବିଭିନ୍ନ କେନ୍ଦ୍ର ମନ୍ତ୍ରାଳୟ ଓ ରାଜ୍ୟ ସରକାରଙ୍କ ସହ ମିଶି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଦ୍ୱାରା ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ। ଡିଜିଟାଲ ଇଣ୍ଡିଆର ମନିଟରିଂ କମିଟିର ଅଧକ୍ଷ ରହିଛନ୍ତି ପ୍ରଧାନମନ୍ତ୍ରୀ ଯାହାଙ୍କ ଦ୍ୱାରା ପ୍ରତ୍ୟେକ୍ଷ ଭାବେ ଡିଜିଟାଲ ଇଣ୍ଡିଆର କାର୍ଯ୍ୟକ୍ରମ ସମୀକ୍ଷା ହୋଇଥାଏ। ଚାଲିଥିବା ସମସ୍ତ ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମଗୁଡ଼ିକୁ ବଦଳାଇ ଡିଜିଟାଲ ଇଣ୍ଡିଆ ନୀତି ଅନୁସାରେ ପରିଚାଳିତ କରାଯାଉଛି। ଡିଜିଟାଲ ଇଣ୍ଡିଆ ମଧ୍ୟରେ ଅନେକ କ୍ଷେତ୍ର ରହିଛି ତେବେ ସବୁଠାରୁ ବୃହତ କ୍ଷେତ୍ର ହେଉଛି ସର୍ବଶେଷ ସଂଯୋଗ। ଫାଇବର ଅପ୍ଟିକସ ଜରିଆରେ ସମସ୍ତ ଗ୍ରାମ ପଞ୍ଚାୟତ ଓ ସାଧାରଣ ସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି।

ଗ୍ରାମାଞ୍ଚଳରେ ଅପ୍ଟିକାଲ ଫାଇବର ସଂଯୋଗ କାର୍ଯ୍ୟକ୍ରମ ପାଇଁ ସରକାର ବିଭିନ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟ□କମ୍ପାନିଗୁଡ଼ିକୁ ନିୟୋଜିତ କରିଛନ୍ତି। ତେବେ ଏକ୍ଷେତ୍ରରେ ବ୍ୟବସାୟିକ ଆଭିମୁଖ୍ୟ ରଖାଯାଇନାହିଁ। ବିଭିନ୍ନ ଉଦ୍ୟୋଗପତିଙ୍କ ସନ୍ଧାନରେ ସରକାର ରହିଛନ୍ତି ଯେଉଁମାନେ ସର୍ବଶେଷ ସଂଯୋଗ କାର୍ଯ୍ୟକ୍ରମ ସମ୍ପନ୍ନ କରିବା ଲାଗି ଗ୍ରାମାଞ୍ଚଳରେ ଇଂଟରନେଟ ସେବା ପ୍ରଦାନକାରୀ ବା ଆଇଏସପି ପ୍ରତିଷ୍ଠା କରିବାକୁ ସକ୍ଷମ ହେବେ। ଥରେ କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଆଇଏସପି ଲାଇସେନ୍ସ ପାଇବାକୁ ସମର୍ଥ ହେଲେ ଏହି ପ୍ରକ୍ରିୟା ଅଧିକ ଗତିଶୀଳ ହେବ। ତେବେ ଏହା ସଫଳ ହେବା ପାଇଁ କିଛି ବର୍ଷ ଲାଗିବ। ଏକ ଆଇଏସପି ଫାଇବର ଅପ୍ଟିକ ନେଟଓ୍ୱର୍କ ବ୍ୟବହାର କରି ଇଂଟରନେଟ ସେବା ପ୍ରଦାନ କରିଥାଏ।

ଅପରପକ୍ଷେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ କମ୍ପାନୀଙ୍କ ବ୍ୟୟ ଯୋଗୁ ଘରୋଇ କ୍ଷେତ୍ର ବି ଲାଭବାନ ହେବେ ଏବଂ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଘଟିବ। କମ୍ପ୍ୟୁଟର, ଅନ୍ୟାନ୍ୟ ସମ୍ପର୍କିତ ସାମଗ୍ରୀ, ଯୋଗାଯୋଗ ସଂକ୍ରାନ୍ତ ସଫ୍ଟଓ୍ୱେର, ପ୍ରଯୁକ୍ତି ପରାମର୍ଶ ସେବା, ପ୍ରଯୁକ୍ତି ଆଉଟସୋର୍ସିଂ, ହାର୍ଡଓ୍ୱେର ରକ୍ଷଣାବେକ୍ଷଣ ସେବା ଆଦି ପ୍ରଯୁକ୍ତିଗତ କ୍ରୟ ପରିମାଣ ୨୦୧୬ ଓ ୨୦୧୭ରେ ଟଙ୍କା ଅନୁସାରେ ୧୨ ପ୍ରତିଶତ ବୃଦ୍ଧି ପାଇବ।

୨୦୧୫ରେ ପ୍ରଯୁକ୍ତିଗତ ବ୍ୟୟ ୨.୦୮ ଟ୍ରିଲିୟନ ଟଙ୍କା ହୋଇଥିବାବେଳେ ୨୦୧୬ରେ ଏହି ପରିମାଣ ହେବ ୨.୩୨ ଟ୍ରିଲିୟନ ଟଙ୍କା। ୨୦୧୭ରେ ଏହି ପରିମାଣ ୨.୫୯ ଟ୍ରିଲିୟନ ହେବ ବୋଲି ଆକଳନ କରାଯାଇଛି। ଏହାର ଏକ ତୃତୀୟାଂଶ ବ୍ୟୟ ହାର୍ଡଓ୍ୱେର ପାଇଁ ହେବ ଯାହାକି ଭାରତୀୟ କମ୍ପାନୀମାନଙ୍କ ପାଇଁ ଖର୍ଚ୍ଚର ସର୍ବବୃହତ କ୍ଷେତ୍ର। ତେବେ ବଜାର ବଢିବା ସହ ଦର ହ୍ରାସ ପାଇବା ପରିପ୍ରେକ୍ଷୀରେ ଯୋଗାଯୋଗ ସଂକ୍ରାନ୍ତ ଯନ୍ତ୍ରାଂଶ ବାବଦରେ ବ୍ୟୟ ଧିମା ହେବ। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଅଧିକ ଶକ୍ତିଶାଳୀ ହେବା ସହ ୪ଜି ପରି ଉନ୍ନତ ଯୋଗାଯୋଗ ନେଟଓ୍ୱର୍କ ଟେଲିକମ କମ୍ପାନୀ ଲଞ୍ଚ କରିବା ସ□େ ଏହି ଅବସ୍ଥା ପରିଲକ୍ଷିତ ହେବ।

୨୦୧୪-୧୫ରେ ଫାଇବର ଅପ୍ଟିକ୍ସ ଦ୍ୱାରା ଏକ ଲକ୍ଷ ଗ୍ରାମପଞ୍ଚାୟତକୁ ସଂଯୋଗ କରିବା ପାଇଁ ପ୍ରାଥମିକ ଭାବେ ସରକାର ଯୋଜନା କରିଥିଲେ। ମାତ୍ର ପରେ ଏହିସଂଖ୍ୟା ୫୦ ହଜାରକୁ ଖସିଥିଲା। ମାର୍ଚ୍ଚ ୨୦୧୫ ଯାଏ ଉପଲବ୍ଧ ତଥ୍ୟରୁ ଜଣାଯାଏ ଯେ, ଜାତୀୟ ଅପ୍ଟିକାଲ ଫାଇବର ନେଟଓ୍ୱର୍କ ଜରିଆରେ ୨୦ ହଜାର ଗ୍ରାମପଞ୍ଚାୟତକୁ ସଂଯୋଗ କରାଯାଇଛି। ଜାତୀୟ ଅପ୍ଟିକାଲ ଫାଇବର ନେଟଓ୍ୱର୍କକୁ ପରବ□ୀ ପର୍ଯ୍ୟାୟରେ ନାମିତ କରାଯାଇଛି ଭାରତନେଟ ଭାବେ।

ଡିସେମ୍ବର ୨୦୧୫ ସୁଦ୍ଧା ୭୬, ୬୨୪ କିମି ଫାଇବର ବିଛାଯାଇଥିବାବେଳେ ୩୨, ୨୭୨ ଗ୍ରାମପଞ୍ଚାୟତକୁ ଫାଇବର ସଂଯୋଗ କରାଯାଇଛି। ୨୦୧୭ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳ ପରିବାର ଓ ପ୍ରତିଷ୍ଠାନକୁ ୨ ଏମବିପିଏସରୁ ୨୦ ଏମବିପିଏସ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇଦେବା ଲାଗି ଭାରତନେଟ ପ୍ରକଳ୍ପ ଗ୍ରହଣ କରିଛି ଆଭିମୁଖ୍ୟ।

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ଆରମ୍ଭ କରାଯାଇଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହେଇଛି।

**୧.** ବିଭିନ୍ନ ଭୌତିକ ନଥିର ବ୍ୟବହାରକୁ ହ୍ରାସ କରିବା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ଇ-ଡକ୍ୟୁମେଂଟଗୁଡ଼ିକୁ ସେୟାର କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଡିଜିଟାଲ ଲକର ସିଷ୍ଟମ। ପଞ୍ଜିକୃତ ସଂସ୍ଥା ଜରିଆରେ ଏହି କାର୍ଯ୍ୟକ୍ରମ ସମ୍ପାଦନ ହେବ ଯଦ୍ଦ୍ୱାରା ଅନଲାଇନରେ ନଥିଗୁଡ଼ିକର ପ୍ରାମାଣିକତାକୁ ନିଶ୍ଚିତ କରାଯାଇପାରିବ।

**୨.** ଆଲୋଚନା, କାମ କରିବା ଓ ରୂପାୟନ କରିବା ପ୍ରକ୍ରିୟା ଜରିଆରେ ପ୍ରଶାସନ କ୍ଷେତ୍ରରେ ନାଗରିକଙ୍କୁ ନିୟୋଜିତ କରିବା ଉଦ୍ଦେଶ୍ୟରେ ଏକ ପ୍ଲାଟଫର୍ମ ଭାବେ ଭୂମିକା ନିର୍ବାହ କରିବା ଲାଗି କାର୍ଯ୍ୟକାରୀ କରାଯାଇଛି MyGov.in ମୋବାଇଲ ଆପ୍ ଜରିଆରେ ଏକ ମୋବାଇଲ ଫୋନରେ ବ୍ୟବହାରକାରୀଙ୍କ ନିକଟରେ ଉପଲବ୍ଧ ସେବା ପହଞ୍ଚି ପାରିବ।

**୩.** ସ୍ୱଚ୍ଛ ଭାରତ ମିଶନର ଆଭିମୁଖ୍ୟ ହାସଲ କରିବା ପାଇଁ ଜନସାଧାରଣ ଓ ସରକାରୀ ସଂଗଠନ ଦ୍ୱାରା ବ୍ୟବହୃତ ହେବ ସ୍ୱଚ୍ଛ ଭାରତ ମିଶନ ମୋବାଇଲ ଆପ୍।

**୪.** ଆଧାର ପ୍ରମାଣପତ୍ର ବ୍ୟବହାର କରି ଅନଲାଇନରେ ଯେପରି ନାଗରିକମାନେ ଡିଜିଟାଲ ସ୍ୱାକ୍ଷର କରିପାରିବେ ସେଥିପାଇଁ ଆରମ୍ଭ ହୋଇଛି ଇ-ସାଇନ ଫ୍ରେମଓ୍ୱର୍କ।

**୫.** ଇ-ହସ୍ପିଟାଲ ଯୋଜନାରେ ଅନଲାଇନ ପଞ୍ଜିକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥା ଜରିଆରେ ଅନଲାଇନ ପଞ୍ଜିକରଣ, ଦେୟ ପ୍ରଦାନ, ସମୟ ସୂଚୀ ପ୍ରସ୍ତୁତି, ଅନଲାଇନ ଚିକିତ୍ସା ରିପୋର୍ଟ, ଅନୁସନ୍ଧାନ, ରକ୍ତ ଉପଲବ୍ଧତା ଆଦି ସମ୍ପର୍କରେ ଅନଲାଇନ ସେବା ମିଳିପାରିବ।

**୬.** ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ମେଧାବୃ□ି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଆବେଦନ ଦାଖଲ, ଯାଞ୍ଚ, ମଞ୍ଜୁରୀ ଓ ଚୂଡ଼ାନ୍ତ ଭାବେ ଉପଭୋକ୍ତାଙ୍କ ନିକଟରେ ସେବା ପହଞ୍ଚିବା ଯାଏ ପ୍ରମୁଖ ଭୂମିକା ନର୍ବାହ କରିଥାଏ ଜାତୀୟ ମେଧାବୃ□ି ପୋର୍ଟାଲ।

**୭.** ଦେଶରେ ନଥିପତ୍ରଗୁଡ଼ିକୁ ବହୁଳଭାବେ ଡିଜିଟାଇଜେସନ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରାଯାଇଛି ଡିଜିଟାଇଜ ଇଣ୍ଡିଆ ପ୍ଲାଟଫର୍ମ- ଡିଆଇପି। ଏହା ଜରିଆରେ ଦେଶର ପ୍ରତ୍ୟେକ ନାଗରିକ ଉପଯୁକ୍ତ ସେବା ପାଇପାରିବେ।

**୮.** ଦେଶର ସମସ୍ତ ୨.୫ ଲକ୍ଷ ଗ୍ରାମପଞ୍ଚାୟତକୁ ସଂଯୋଗ କରିବା ପାଇଁ ଭାରତ ସରକାର ଆରମ୍ଭ କରିଛନ୍ତି ହାଇସ୍ପିଡ ଡିଜିଟାଲ ହାଇୱେ ବା ଭାରତ ନେଟ କାର୍ଯ୍ୟକ୍ରମ। ଏହା ହେବ ବିଶ୍ୱର ସର୍ବବୃହତ ଅପ୍ଟିକାଲ ଫାଇବର ବ୍ୟବହୃତ ଗ୍ରାମୀଣ ବ୍ରଡବ୍ୟାଣ୍ଡ ସଂଯୋଗ ପ୍ରକଳ୍ପ।

**୯.** ଭଏସ, ଡାଟା, ମଲ୍ଟିମିଡିଆ/ଭିଡ଼ିଓ ଓ ଅନ୍ୟାନ୍ୟ ପ୍ରକାର ପ୍ୟାକେଟ ସୁଇଚ ଯୋଗାଯୋଗ ସେବା ପରି ବିଭିନ୍ନ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ବିଏସଏନଏଲ ଆରମ୍ଭ କରିଛି ନେକ୍ସଟ ଜେନେରେସନ ନେଟୱର୍କ (ଏନଜିଏନ)। ଏହି ବ୍ୟବସ୍ଥା ଜରିଆରେ ଆଇପିଭି□କ ପ୍ରଯୁକ୍ତି କାର୍ଯ୍ୟକାରୀ ହେବ ଯଦ୍ଦ୍ୱାରା ୩୦ ବର୍ଷ ପୁରାତନ ଏକ୍ସଚେଞ୍ଜଗୁଡ଼ିକ ହଟିବ।

**୧୦.** ଦେଶବ୍ୟାପୀ ୱାଇଫାଇ ପ୍ରତିଷ୍ଠା କରିବା ପାଇଁ ବିଏସଏନଏଲ ନେଇଛି ଗୁରତ୍ୱପୂର୍ଣ୍ଣ ପଦକ୍ଷେପ। ନିଜ ନିଜର ମୋବାଇଲ ବ୍ୟବହାର କରି ବ୍ୟବହାରକାରୀ ବିଏସଏନଏଲ ୱାଇଫାଇ ବ୍ୟବହାର କରିପାରିବେ।

**୧୧.** ନାଗରିକ ଓ କ□ୃପକ୍ଷଙ୍କ ମଧ୍ୟରେ ପାରସ୍ପରିକ ଭାବ ପ୍ରଦାନ ସକାଶେ ଇଲେକ୍ଟ୍ରୋନିକ ଉପାୟରେ ନାଗରିକ ସେବା ପ୍ରଦାନ ଲକ୍ଷ୍ୟରେ ଉପଯୁକ୍ତ ସଂଯୋଗ ବ୍ୟବସ୍ଥାର ଆବଶ୍ୟକତା ରହିଛି। ସରକାର ଏହି ଆବଶ୍ୟକତାକୁ ଉପଲବ୍ଧି କରିଛନ୍ତି ଯେ, ଡିଜିଟାଲ ଇଣ୍ଡିଆର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଉଛି ବ୍ରଡବ୍ୟାଣ୍ଡ ହାଇୱେ ବ୍ୟବସ୍ଥା ।

**ନୀତିଗତ ପଦକ୍ଷେପ:** ଇ-କ୍ରାନ୍ତି ଫ୍ରେମୱର୍କ, ଭାରତ ସରକାରଙ୍କ ଲାଗି ଓପନ ସୋର୍ସ ସଫ୍ଟୱେର ଗ୍ରହଣ ନୀତି, ଇ-ପ୍ରଶାସନ କ୍ଷେତ୍ରରେ ଓପନ ସୋର୍ସ ସଫ୍ଟୱେର ଗ୍ରହଣ ସଂକ୍ରାନ୍ତ ଫ୍ରେମୱର୍କ, ଓପନ ଆପ୍ଲିକେସନ ପ୍ରୋଗ୍ରାମିଂ ଇଂଟରଫେସ ନୀତି, ଭାରତ ସରକାରଙ୍କ ଆଇଟି ସମ୍ବଳ ବ୍ୟବହାର ସଂକ୍ରାନ୍ତ ନୀତି, ସରକାରୀ ସ୍ତରରେ ସୋର୍ସ କୋଡ ବ୍ୟବହାର ଜରିଆରେ ସହଭାଗିତାମୂଳକ ବିକାଶ କାର୍ଯ୍ୟକ୍ରମ ସଂକ୍ରାନ୍ତ ନୀତି, କ୍ଲାଉଡ ରେଡି ଆପ୍ଲିକେସନ୍ସ ସକାଶେ ଆପ୍ଲିକେସନ ଡେଭଲେପମେଂଟ ଓ ରିଇଞ୍ଜିନିୟରିଂ ଗାଇଡଲାଇନ ଆଦି କାର୍ଯ୍ୟକାରୀ କରାଯାଇଛି।

ଉ□ର ପୂର୍ବାଞ୍ଚଳ ରାଜ୍ୟ ତଥା ଅନ୍ୟାନ୍ୟ ରାଜ୍ୟର କେତେକ କ୍ଷୁଦ୍ର ଓ ମଫସଲ ସହରରେ ବିପିଓ ସେଂଟର ଖୋଲିବା ଲାଗି ତିଆରି ହୋଇଛି ବିପିଓ ନୀତି। ଉଦ୍ୟୋଗ ପାଣ୍ଠିର ସ୍ୱୟଂସହନଶୀଳ ବ୍ୟବସ୍ଥା ସୃଷ୍ଟି ଲାଗି ଉଦ୍ଭାବନ, ଗବେଷଣା ଓ ବିକାଶ ଏବଂ ଉତ୍ପାଦ ବିକାଶ ସକାଶେ ତିଆରି ହୋଇଛି ଇଲେକ୍ଟ୍ରୋନିକ୍ସ ବିକାଶ ପାଣ୍ଠି ନୀତି। ଫ୍ଲେକ୍ସିବଲ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଅଧିକ ଗବେଷଣା ଓ ଉଦ୍ଭାବନ ସକାଶେ ଭାରତ ସରକାର ପ୍ରତିଷ୍ଠା କରିଛନ୍ତି ଜାତୀୟ ଫ୍ଲେକ୍ସିବଲ ଇଲେକ୍ଟ୍ରୋନିକ୍ସ କେନ୍ଦ୍ର। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ, ଇଆରନେଟ ଓ ନାସକମର ମିଳିତ ପଦକ୍ଷେପ ସ୍ୱରୂପ ପ୍ରତିଷ୍ଠା କରାଯାଇଛି ସେଂଟର ଫର ଏକ୍ସଲେନ୍ସ ଅନ ଇଂଟରନେଟ ଅନ ଥିଙ୍ଗସ। ଭାରତର ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ଲାଗି ଇ-ପ୍ରଶାସନ ସଂସ୍କାର କାର୍ଯ୍ୟକ୍ରମ ସଫଳ ହୋଇପାରିଛି। ଏହି ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଫଳରେ ଗରିବମାନେ ସୁସ୍ଥ ଓ ଉତ୍ପାଦନକ୍ଷମ ଜୀବନ ନିର୍ବାହ କରିପାରୁଛନ୍ତି। ଭାରତର ସବୁଠାରୁ ଅଧିକ ଗରିବମାନଙ୍କ କଲ୍ୟାଣ ସାଧନ ନିମନ୍ତେ ଏହି ଯୋଜନାଗୁଡ଼ିକ ଉପଯୁକ୍ତ ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ଡିବିଟି ଯୋଜନାର ସଫଳତା ଓ ବିଫଳତାଗୁଡ଼ିକ ହେଉଛି ଆଶା ଓ ସମ୍ଭାବନାର ବିଷୟ। କିନ୍ତୁ ଡିବିଟି ଯୋଜନାର ଆଭିମୁଖ୍ୟ ମହତ ଏବଂ ଏହା ନିଶ୍ଚିତ ଭାବେ ସରକାର, ଉପଭୋକ୍ତା ଓ ଘରୋଇ ପ୍ରତିଷ୍ଠାନଗୁଡିକର କଲ୍ୟାଣ ସାଧନ କରିବାରେ ସକ୍ଷମ ହେବ। ଉପଯୁକ୍ତ ସମୟରେ ପ୍ରତ୍ୟେକ ଉପଭୋକ୍ତା ସେବା ପାଇବା ସହ ଅର୍ଥନୈତିକ ସମାନତା ଅଧିକାର ପ୍ରତିଷ୍ଠାକୁ ଏହା ନିଶ୍ଚିତ କରିବ।

ଲେଖକ ନୂଆଦିଲ୍ଲୀ ସ୍ଥିତ ପି.ଏଚ୍.ଡ଼ି.ଚାମ୍ବର ଅଫ୍ କମର୍ସ ଏଣ୍ଡ୍ ଇଣ୍ଡଷ୍ଟ୍ରିର ନିର୍ଦ୍ଦେଶକ।

●

## ରକ୍ତ ଶିକୁଳି ରୋଗ

ଭାରତର ଦକ୍ଷିଣ, ପଶ୍ଚିମ ଓ କେନ୍ଦ୍ରୀୟ ଭାଗରେ ଆଦିବାସୀ ବହୁଳ ଅ□ଳରେ ଜନଜାତି ଲୋକଙ୍କ ମଧ୍ୟରେ ରକ୍ତ ଶିକୁଳୀ ରୋଗର ପ୍ରାଦୁର୍ଭାବ ଅଧିକ ବୋଲି ଜଣାପଡ଼ିଛି। ତେବେ ଉ□ର-ପୂର୍ବା□ଳରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଏହି ରୋଗ ଦେଖାଯାଏ ନାହିଁ। କେନ୍ଦ୍ରସରକାର ଏବେ ଦେଶର ତିନିକୋଟି ଆଦିବାସୀ ପିଲାମାନଙ୍କଠାରେ ରକ୍ତ ଶିକୁଳୀ ରୋଗର ଜିନ୍ ଅଥବା ପ୍ରାଦୁର୍ଭାବ ରହିଛି କି ନାହିଁ ତାର ବ୍ୟାପକ ଅନୁଧ୍ୟାନ କରିବାକୁ ନିଷ୍ପ□ ନେଇଛନ୍ତି। ଯେଉଁ ପିଲା ଦେହରେ ଏହି ରୋଗ ଥିବାର ଜଣାପଡ଼େ ତାକୁ ବିବାହ ନ କରାଇବା ଲାଗି ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଉଛି। ଏହାଦ୍ୱାରା ରୋଗ ବ୍ୟାପିବାର ସମ୍ଭାବନାକୁ ନିୟନ୍ତ୍ରଣକୁ କରାଯାଇପାରିବ। ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉ□ର ଦେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ୍ ଓରାମ ଏହି ସୂଚନା ଦେଇଛନ୍ତି।

# ଯୁବ ସମାଜର ସୁସ୍ଥ ଜୀବନ ପାଇଁ ଯୋଗର ଆବଶ୍ୟକତା

ଡକ୍ଟର ଈଶ୍ୱର ଏନ୍ ଆଚାର୍ଯ୍ୟ
ଡକ୍ଟର ରାଜୀବ ରସ୍ତୋଗୀ

ଏକ ସୁସ୍ଥ ଓ ପୂର୍ଣ୍ଣାଙ୍ଗ ଜୀବନ ଅତିବାହିତ କରିବା ପାଇଁ ଯୋଗ ଭାରତର ଏକ ପାରମ୍ପାରିକ ପ୍ରାଚୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା। ଏହାର ପରମ୍ପରା ଦେଶର ସଂସ୍କୃତି ସହିତ ଜଡ଼ିତ। ହଜାର ହଜାର ବର୍ଷ ତଳେ ଭାରତର ମୁନି ଋଷିମାନେ ଏହାକୁ ଆରମ୍ଭ କରିବା ସହ ସମୃଦ୍ଧ କରିଆସିଛନ୍ତି। ଯୋଗାଭ୍ୟାସ କେବଳ ଭାରତରେ ସୀମିତ ହୋଇ ଆଉ ରହିନାହିଁ। ବିଭିନ୍ନ କ୍ରମ ବର୍ଦ୍ଧିଷ୍ଣୁ ଆହ୍ୱାନ ଓ ସମସ୍ୟା ଯୋଗୁଁ ଯାବତୀୟ ସ୍ୱାସ୍ଥ୍ୟଗତ ଦୁଃସ୍ଥିତି ସୃଷ୍ଟି ହେଉଥିବାରୁ ତାହାର ଚିକିତ୍ସା ଓ ନିରାକରଣ ପାଇଁ ବିଶ୍ୱବ୍ୟାପୀ ଲୋକେ ଏବେ ଯୋଗାଭ୍ୟାସ କରି ସୁସ୍ଥ ହେଉଛନ୍ତି। ଏହାର ସରଳତା, ବ୍ୟୟହୀନତା ଓ ଉପକାରିତା ଯୋଗୁଁ ଯୋଗ ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ଏହାଦ୍ୱାରା ଜୀବନଚର୍ଯ୍ୟାଗତ ଶାରୀରିକ ଓ ମାନସିକ ସମସ୍ୟା ସହଜରେ ଦୂର ହୋଇପାରୁଛି। ଯୋଗ ଶାରୀରିକ ଆସନ, ଶ୍ୱାସପ୍ରଶ୍ୱାସ ଜନିତ ବ୍ୟାୟାମ ଓ ଧ୍ୟାନର ଏକ ମିଳିତ ସମାହାର। ଏହାକୁ ନିୟମିତ ଅଭ୍ୟାସ କରି ଜଣେ ବ୍ୟକ୍ତି ନିଜର ଅନ୍ତର୍ନିହିତ ଶକ୍ତିକୁ ସୁସଂହତ ଉପାୟରେ ବୃଦ୍ଧି କରିପାରିବ।ଯୋଗର ଲୋକପ୍ରିୟତା ଭାରତ ବାହାରେ ପହଞ୍ଚିଛି। ବିଭିନ୍ନ ଦେଶର ଯୁବସମାଜ ଏବେ ଯୋଗାଭ୍ୟାସ ନିୟମିତ କରୁଛନ୍ତି। ଯୋଗାଭ୍ୟାସରେ ଧର୍ମ, ଅଞ୍ଚଳ, ଜାତି, ଭାଷା ଓ ଜାତୀୟତା ଆଦିର ପ୍ରତିବନ୍ଧକ ନାହିଁ।

ଏହା ସମସ୍ତଙ୍କ ପାଇଁ ମୁକ୍ତ। ଏହାର ଉପକାରିତା ଓ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘ ଜୁନ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ଘୋଷଣା କରିଛନ୍ତି। ବିଶ୍ୱ ସ୍ୱାସ୍ଥ ସଂଗଠନ ଅନୁସାରେ ସ୍ୱାସ୍ଥ୍ୟର ଅର୍ଥ କେବଳ ବ୍ୟାଧିର ଅନୁପସ୍ଥିତି କିମ୍ବା ଶାରୀରିକ ଦୁର୍ବଳତାର ଅଭାବ ନୁହେଁ। ଏହାର ସଂଜ୍ଞା ବ୍ୟାପକ। ଏକ ପୂର୍ଣ୍ଣାଙ୍ଗ ଶାରୀରିକ, ମାନସିକ ତଥା ସାମାଜିକ ସୁସ୍ଥତା ହିଁ ପ୍ରକୃତ ସ୍ୱାସ୍ଥ୍ୟ। ଏହି ସଂଗଠନ ମଧ୍ୟ ସ୍ୱାସ୍ଥ୍ୟର ଏକ ଚତୁର୍ଥ ଦିଗ ସମ୍ପର୍କରେ ଆଲୋକପାତ କରିଛି। ଏହା ହେଲା 'ଆଧ୍ୟାତ୍ମିକ' ସୁସ୍ଥତା। ଅତଏବ ସାମଗ୍ରିକ ସ୍ୱାସ୍ଥ୍ୟ, ଶାରୀରିକ, ମାନସିକ, ଆବେଗାତ୍ମକ, ସାମାଜିକ ଓ ଆଧ୍ୟାତ୍ମିକ ସୁସ୍ଥତାର ଏକ ମିଳିତ ପରିପ୍ରକାଶ। ମଣିଷ ଜୀବନରେ ଯୋଗର ଭୂମିକା ତା'ହେଲେ କ'ଣ? ଏହା ବ୍ୟକ୍ତିତ୍ୱର ସାମଗ୍ରିକ ଓ ସମତୁଲ ବିକାଶରେ ସହାୟକ ହୁଏ। ଏକ ସଂଗରେ ଏହା ମଣିଷକୁ ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ସେବା ଦେଇଥାଏ। ନିୟମିତ ଯୋଗାଭ୍ୟାସ ଆମର ଦକ୍ଷତା ଓ ଆତ୍ମବିଶ୍ୱାସର ସ୍ତର ବଢ଼ାଏ। ଯୁବ ସମାଜକୁ ଏକ ଅଧିକ ସୁସ୍ଥ, ସମତୁଲ, ଚାପମୁକ୍ତ ଓ ସଫଳ ଜୀବନ ବିତାଇବାରେ ଯୋଗ ସମର୍ଥ ହୋଇଥାଏ। ଉଚିତ ଓ ଅନୁଚିତ ବିଷୟରେ ଏହା ମଣିଷକୁ ମାର୍ଗଦର୍ଶନ ଦିଏ ଯାହା ପଞ୍ଚୟମ ଓ ପଞ୍ଚ ନିୟମ ଭାବେ ପରିଚିତ।

ଯୋଗାଭ୍ୟାସର ବିଭିନ୍ନ ଆସନ ଓ ନୀତିନିୟମମାନ ପାଳନ କରିବା ଅତି ସହଜ। ଏହାକୁ ଆମେ ଆମର ଦୈନନ୍ଦିନ ଆବଶ୍ୟକତା ଅନୁସାରେ ଆମ ଜୀବନଚର୍ଯ୍ୟାରେ ସାମିଲ କରିପାରିବା। ଶିଳ୍ପାୟନ ଓ ଦ୍ରୁତ ସହରୀ ଜୀବନ ଶୈଳୀ ଆମ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି। ସେଥି ମଧ୍ୟରୁ ପ୍ରଦୂଷଣ, ଚାପ, ଉତ୍କଣ୍ଠା ଆଦି ଅନ୍ୟତମ। ସକାଳୁ ବିଳମ୍ବିତ ରାତିଯାଏ ଦୈନିକ ଆମକୁ ଏସବୁର ଯନ୍ତ୍ରବତ୍ ମୁକାବିଲା କରିବାକୁ ପଡୁଛି। ଆମର ଖାଦ୍ୟାଭ୍ୟାସ ସୁସ୍ଥ ରହୁନାହିଁ। ସଂରକ୍ଷିତ ଖାଦ୍ୟ, ଚଟ୍‌ପଟି ଖାଦ୍ୟ, ମସଲାଦାର ତେଲିଆ ଅଣ ପୁଷ୍ଟିକର ଖାଦ୍ୟ (ଜଙ୍କଫୁଡ୍), ମାତ୍ରାଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ, ଧୂମପାନ, ମଦ ଓ ନିଶା ଔଷଧ ସେବନ, ଆବଶ୍ୟକ। ବିଶ୍ରାମ ଓ ବ୍ୟାୟାମର ଅଭାବ ଆଦି ଆମକୁ ଅଧୈର୍ଯ୍ୟ କରିପକାଉଛି। ଫଳରେ ନାନାବିଧ ଶାରୀରିକ,ମାନସିକ ବ୍ୟାଧି ଆମକୁ ଗ୍ରାସ କରୁଛି।ସେଥିମଧ୍ୟରୁ ମଧୁମେହ, ମାନସିକ ଚାପ ଜନିତ ଉତ୍ତେଜନା, ଆଣ୍ଠୁଗଣ୍ଠି ବାତ, ଅଣ୍ଟାବିନ୍ଧା ଆଦି ଅନ୍ୟତମ। ସେହିଭଳି ମାନସିକ ଅବସାଦ, ସ୍କିଜୋଫ୍ରେନିଆ, ନିଶା ସେବନ ଜନିତ ମାନସିକ ବ୍ୟାଧି ଆଦି ମଧ୍ୟ ବଢୁଛି।

ଯୋଗର ବ୍ୟାଧିଚିକିତ୍ସା ଶୈଳୀ ନିଆରା। ଏହା ସିଧାସଳଖ ଶରୀର ବା ବ୍ୟାଧି ଉପରେ ପ୍ରହାର କରେ ନାହିଁ। ବିଭିନ୍ନ ଆସନ, ପ୍ରାଣାୟାମ, ସତ୍‌କର୍ମ, ସୂର୍ଯ୍ୟନମସ୍କାର ଏବଂ ଧ୍ୟାନ ଦ୍ୱାରାଯୋଗ ଉଭୟ ଶରୀର ଓ ମନର ଚିକିତ୍ସା କରିଥାଏ। ଉତ୍କଣ୍ଠା, ମାନସିକ ଅବସାଦ, ସ୍ନାୟୁଦୌର୍ବଲ୍ୟ, ବ୍ୟବହାରଗତ ଅସଂଗତି, ଶାରୀରିକ କମ୍ପନ ଆଦି ମାନସିକ ବ୍ୟାଧିର

ଉପଚାର ସହ ମୁଣ୍ଡବିନ୍ଧା, ବ୍ରଙ୍କାଇଟିସ୍, ଋତୁସ୍ରାବରେ କଷ୍ଟ, ଶ୍ୱାସ, ମଧୁମେହ, କ୍ଷୁଧାହୀନତା ଭଳି ବ୍ୟାଧି ଯୋଗାଭ୍ୟାସ ଦ୍ୱାରା ଉପଶମ ହୋଇପାରିବ। ଯୁବ ସମାଜରେ ମୁଖ୍ୟତଃ ମାନସିକ ଚାପ ଓ ଅତିଶୟ ଉତ୍କଣ୍ଠା ମାତ୍ରାଧିକ ପରିଲକ୍ଷିତ ହୁଏ। ଷ୍ଟ୍ରେସ ବା ଚାପ ଶାରୀରିକ ଓ ମାନସିକ ହୋଇପାରେ ଏବଂ ଏହା ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ କାରଣ ଯୋଗୁଁ ସୃଷ୍ଟି ହୋଇଥାଏ। ଜୀବନରେ ବଡ଼ଧରଣର ପରିବର୍ତ୍ତନ ବା ହାନୀଲାଭ, କର୍ମସ୍ଥଳୀର ଚାପ, ପରିବାର ବା ସମ୍ପର୍କୀୟଙ୍କ ସମସ୍ୟା, ଆର୍ଥିକ ସମସ୍ୟା, ମାତ୍ରାଧିକ କାର୍ଯ୍ୟ ବ୍ୟସ୍ତତା, ପରିବାର ଓ ପିଲାପିଲିଙ୍କ ସମସ୍ୟା ଆଦି ବାହ୍ୟକାରଣ ଯାହାକୁ ନେଇ ଜଣେ ଚାପଗ୍ରସ୍ତ ହୋଇପାରେ। ସେହିଭଳି ନିରନ୍ତର ଚିନ୍ତା, ନୈରାଶ୍ୟ, ନକାରାତ୍ମକ ଆତ୍ମକଥନ, ଅବାସ୍ତବ ଆଶା, ସବୁ କଥା ଠିକ୍‌ଠାକ୍ କରିବାର ପ୍ରୟାସ ଓ ସେଥିରେ ବିଫଳତା, ଜଟିଳ ଚିନ୍ତାଧାରା, ଅନମନୀୟ ଓ ଅଣସାଲିସ ଭାବ, ଜିଦ୍ ଆଦି ଯୋଗୁଁ ଆଭ୍ୟନ୍ତରୀଣ ଚାପ ବା ଉତ୍ତେଜନା ସୃଷ୍ଟିହୁଏ। ମାନସିକ ଅସମତା, ଅସ୍ଥିରତା ଓ ଚାପ ମାନସିକ ଉତ୍ତେଜନାର ସାଧାରଣ ପରିପ୍ରକାଶ। ଏହା ଏକ ମାନସିକ ବ୍ୟାଧିର ବିଲକ୍ଷଣ ଦେଖାଏ ଫଳରେ ମୁଣ୍ଡବ୍ୟଥା, ନିଦ୍ରାହିନତା, ଦେହହାତ କୁଣ୍ଡାଇ ହେବା, ଚର୍ମରେ ଲାଲ ଦାଗ ସୃଷ୍ଟି, ହଜମ ପ୍ରକ୍ରିୟାରେ ବିଭ୍ରାଟ, ପାକସ୍ଥଳୀରେ ଘା, ପେଟରେ ଶୂଳ, ଛାତି ଧଡ଼ଧଡ଼ ହେବା, ଉଚ୍ଚ ରକ୍ତଚାପ, ହୃଦ୍‌ଯନ୍ତ୍ରରେ ରକ୍ତସ୍ରାବ ଓ ଅନ୍ୟାନ୍ୟ ବ୍ୟାଧି ସୃଷ୍ଟି ହୁଏ। ନିୟମିତ ଆସନ, ପ୍ରାଣାୟାମ ଓ ଧ୍ୟାନ ଦ୍ୱାରା ଏସବୁ ବ୍ୟାଧିର ମୁକାବିଲା ସମ୍ଭବ। ଆସନ ଦ୍ୱାରା ଶରୀର ଓ ମନ ସ୍ଥିର ତଥା ଚାପମୁକ୍ତ ରହିଥାଏ। ଏହା ନୂଆ ବିଚାର ପ୍ରକ୍ରିୟା ଆରମ୍ଭ କରେ ଏବଂ ବ୍ୟକ୍ତି ମଧ୍ୟରେ ଏକାଗ୍ରତା ବଢ଼ାଇ ତାହାର ମନୋଭାବରେ ପରିବର୍ତ୍ତନ ଆଣିଥାଏ। ଦୀର୍ଘଶ୍ୱାସ, ଯୋଗନିଦ୍ରା ଏବଂ ଧ୍ୟାନ ଦ୍ୱାରା ବ୍ୟକ୍ତିର ନୈରାଶ୍ୟବାଦୀ ଚିନ୍ତାଧାରା ଦୂର ହୋଇ ତା'ଠାରେ ଶାନ୍ତଭାବ ପ୍ରକାଶ ପାଏ। ଏହା ବ୍ୟକ୍ତିକୁ ଆଭ୍ୟନ୍ତରୀଣ (ମାନସିକ) ସୁଖ ପ୍ରଦାନ କରିବା ସହ ତା' ଭିତରେ ଆଶାବାଦୀ ବିଚାର ଉଦ୍ରେକ କରାଏ।

ଯୁବ ସମାଜ ନିଜ ଜୀବନକୁ ଅଧିକ ସୁସ୍ଥ, ସୁସମ ଓ ଚାପମୁକ୍ତ କରିବା ପାଇଁ ନିଜର ଜୀବନଶୈଳୀରେ କିଛି ସୁସ୍ଥ ଅଭ୍ୟାସ ସାମିଲ କରିପାରିବେ। ଏହାଦ୍ୱାରା ଜୀବନ ଅଧିକ ନିରାମୟ ଓ ବ୍ୟାଧିମୁକ୍ତ ହୋଇପାରିବ। ଏହା ସରଳ, ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଏବଂ ସହଜ। ପ୍ରାକୃତିକ ଜୀବନଚର୍ଯ୍ୟା ପରସ୍ପର ମଧ୍ୟରେ ପ୍ରେମ, ସ୍ନେହଶ୍ରଦ୍ଧା ବଢ଼ାଇଥାଏ। ଏହା ଭାବଗତ ସମ୍ପର୍କକୁ ବୃଦ୍ଧି କରେ। ଏହାଦ୍ୱାରା ବ୍ୟକ୍ତିର ପ୍ରଶାନ୍ତି ଭାବ, ସ୍ଥିରତା ବଢ଼ିବା ସହ ମନରେ ଆଶାବାଦୀ ଭାବନା ଜାଗ୍ରତ ହୁଏ ।ଏଭଳି କିଛି ଅଭ୍ୟାସ ବିଷୟରେ ନିମ୍ନରେ ସୂଚନା ଦିଆଗଲା –

**ସମଭୋଜନ** :ପ୍ରଥମଏବଂସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସ ହେଲା ବିଷମ ଭୋଜନ ପରିହାର କରି ସମତୁଲ ଭୋଜନ ଗ୍ରହଣ କରିବା। ଆମର ଖାଦ୍ୟ ଯଥା ସମ୍ଭବ ପ୍ରାକୃତିକ ଓ ସରଳ ହେବା ଆବଶ୍ୟକ। ଆମ ଖାଦ୍ୟରେ ଋତୁ ଉପଯୋଗୀ ଫଳ, ତଟକା ଶାଗ ଓ ପନିପରିବା ଏବଂ ଗଜା ଜାତୀୟ ପଦାର୍ଥ ପ୍ରଚୁର ପରିମାଣରେ ରହିବା ଆବଶ୍ୟକ। ଏଥିରେ ପ୍ରଚୁର ଖାଦ୍ୟ ପ୍ରାଣ, କମ୍ ପ୍ରୋଟିନ ଓ ଶ୍ୱେତସାର ଥିବାରୁ ଏହା ଆମ ଶରୀରକୁ ବିଶୋଧିତ କରିବା ସହ ସ୍ୱାସ୍ଥ୍ୟ ବଢ଼ାଇଥାଏ ଏବଂ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରେ।

**ଉପବାସ** : ଶରୀର ସୁରକ୍ଷା ପାଇଁ ଉପବାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଦ୍ୱାରା ସମଗ୍ର ହଜମ ପ୍ରକ୍ରିୟା ବିଶ୍ରାମ ପାଏ। ଏହି ସମୟରେ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଯାହା ଖାଦ୍ୟକୁ ହଜମ କରେ ତାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ନିୟୋଜିତ ହୋଇଥାଏ। ଶରୀର ଓ ମନରୁ ଅସ୍ଥିରତା ଦୂରୀକରଣ ପାଇଁ ଏହା ଏକ ଅବ୍ୟର୍ଥ ଉପାୟ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଫଳରସ ପାନ କରି ସପ୍ତାହରେ ଗୋଟିଏ ଦିନ ଉପବାସ କରିବା ଆବଶ୍ୟକ।

**ନିୟମିତ ବ୍ୟାୟାମ** : ନିୟମିତ ବ୍ୟାୟାମ କିମ୍ବା କିଛି ଯୋଗାସନ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅପରିହାର୍ଯ୍ୟ। ଏହା ରକ୍ତ ସଂଚାଳନକୁ ବଢ଼ାଇବା ସହ ଶରୀରକୁ ନମନୀୟ କରିଥାଏ। ଏହା ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ହ୍ରାସ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୁଏ। ସେଥିପାଇଁ ପ୍ରାତଃଭ୍ରମଣ, ଧାବନ, ଜଗିଂ, ଯୋଗାସନ, ସୂର୍ଯ୍ୟନମସ୍କାର, ପ୍ରାଣାୟାମ ଏବଂ ସାଧମତେ କିଛି ଶାରୀରିକ ଶ୍ରମ କରିବା ଦରକାର। ବ୍ୟାୟାମ ଶରୀରକୁ

**ବିଶ୍ୱ ସ୍ୱାସ୍ଥ ସଂଗଠନ ଅନୁସାରେ ସ୍ୱାସ୍ଥ୍ୟର ଅର୍ଥ କେବଳ ବ୍ୟାଧିର ଅନୁପସ୍ଥିତି କିମ୍ବା ଶାରୀରିକ ଦୁର୍ବଳତାର ଅଭାବ ନୁହେଁ। ଏହାର ସଂଜ୍ଞା ବ୍ୟାପକ। ଏକ ପୂର୍ଣ୍ଣାଙ୍ଗ ଶାରୀରିକ, ମାନସିକ ତଥା ସାମାଜିକ ସୁସ୍ଥତା ହିଁ ପ୍ରକୃତ ସ୍ୱାସ୍ଥ୍ୟ। ଏହି ସଂଗଠନ ମଧ୍ୟ ସ୍ୱାସ୍ଥ୍ୟର ଏକ ଚତୁର୍ଥ ଦିଗ ସମ୍ପର୍କରେ ଆଲୋକପାତ କରିଛି। ଏହା ହେଲା 'ଆଧ୍ୟାତ୍ମିକ' ସୁସ୍ଥତା। ଅତଏବ ସାମଗ୍ରିକ ସ୍ୱାସ୍ଥ୍ୟ, ଶାରୀରିକ, ମାନସିକ, ଆବେଗାତ୍ମକ, ସାମାଜିକ ଓ ଆଧ୍ୟାତ୍ମିକ ସୁସ୍ଥତାର ଏକ ମିଳିତ ପରିପ୍ରକାଶ। ମଣିଷ ଜୀବନରେ ଯୋଗର ଭୂମିକା ତା'ହେଲେ କ'ଣ? ଏହା ବ୍ୟକ୍ତିତ୍ୱର ସାମଗ୍ରିକ ଓ ସମତୁଲ ବିକାଶରେ ସହାୟକ ହୁଏ। ଏକ ସଂଗରେ ଏହା ମଣିଷକୁ ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ସେବା ଦେଇଥାଏ। ନିୟମିତ ଯୋଗାଭ୍ୟାସ ଆମର ଦକ୍ଷତା ଓ ଆତ୍ମବିଶ୍ୱାସର ସ୍ତର ବଢ଼ାଏ।**

ସଚଳ କରେ, ଶକ୍ତି ବଢ଼ାଏ, ନୂଆ ଓ ସକାରାତ୍ମକ ଚିନ୍ତା ବଢ଼ାଏ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ଉପକାର ଦିଏ । ବିଶିଷ୍ଟ ପ୍ରାକୃତିକ ଚିକିତ୍ସକ ଡକ୍ଟର ହେନେରୀ ଲିଣ୍ଡଲହାରଙ୍କ ମତରେ ବ୍ୟାୟାମ ଦ୍ୱାରା ଶରୀରର ତନ୍ତୁରେ ଜମାଟ ବାନ୍ଧିଥିବା ମୃତପ୍ରାୟ ପଦାର୍ଥମାନ ଆନ୍ଦୋଳିତ ହୋଇ ଧମନୀ ଓ ଶିରା ପ୍ରଶିରାର ପଥକୁ ପରିଷ୍କାର କରନ୍ତି । ଫଳରେ ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ଅଧିକ ରକ୍ତ ଓ ଅମ୍ଳଜାନ ପ୍ରବାହ ହୁଏ । ଏହା ଫଳରେ ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍ ଭଲଭାବେ କାମ କରନ୍ତି ଓ ମଣିଷର ସ୍ୱାସ୍ଥ୍ୟ ଭଲ ରହେ । ବ୍ୟାୟାମଦ୍ୱାରା ଶରୀରରେ ଜମାଟ ବାନ୍ଧିଥିବା ବିଭିନ୍ନ କ୍ଷତିକାରକ ଓ ଦୂଷିତ ପଦାର୍ଥ ନିଶ୍ୱାସ, ଝାଳ, ଝାଡ଼ା ଓ ପରିସ୍ରା ଦ୍ୱାରା ବାହାରିଯାଏ ।

**ବିଶ୍ରାମ :** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ ବ୍ୟତୀତ ଉପଯୁକ୍ତ ବିଶ୍ରାମ ଓ ନିଦ୍ରା ମଧ୍ୟ ଅତ୍ୟନ୍ତ ଜରୁରୀ । ଉତ୍ତମ ନିଦ୍ରା ଆମକୁ ସତେଜ ଓ ଶକ୍ତି ପ୍ରଦାନ କରିବା ସହ ଶରୀରକୁ ହାଲକା ରଖେ ଓ ମନ ଖୁସି ରହେ । ସୁନିଦ୍ରା ଅଭାବରେ ମାନସିକ ଉତ୍ତେଜନା, ଚାପ ଓ ଉତ୍କଣ୍ଠା ବଢ଼େ । ଫଳରେ ସ୍ୱାସ୍ଥ୍ୟ ଖରାପ ହୁଏ । ତେଣୁ ଉତ୍ତମ ନିଦ୍ରା ସହ ସାଲିସ କରାଯାଇ ନ'ପାରେ ।

**ପ୍ରଚୁର ପାଣି ପିଇବା** : ଶରୀରର ସୁସ୍ଥତା ବଜାୟ ରଖିବା ପାଇଁ ପ୍ରଚୁର ପାଣି ପିଇବା ଉଚିତ୍ । ପାଣି ଶରୀରରେ ଥିବା ସବୁ ବିଷାକ୍ତ ପଦାର୍ଥକୁ ଧୋଇ ସଫା କରିବା ସହ ମଣିଷର ଆଭ୍ୟନ୍ତରକୁ ପରିଷ୍କାର ରଖିଥାଏ ।

ନିମ୍ନଲିଖିତ ନିୟମଗୁଡ଼ିକୁ ସମସ୍ତେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପାଳନ କରିବା ଆବଶ୍ୟକ ।

**୧)** ରାତିରେ ଶୀଘ୍ର ଶୋଇବା ଓ ସୂର୍ଯ୍ୟୋଦୟ ପୂର୍ବରୁ (ବ୍ରାହ୍ମ ମୁହୂର୍ତ୍ତରେ) ବିଛଣା ଛାଡ଼ିବା ଉଚିତ୍ । ଅତିକମ୍‌ରେ ସାତଘଣ୍ଟାର ସୁନିଦ୍ରା ଯେପରି ହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ହେବ ।

**୨)** ସରଳ, ସୁଷମ ଏବଂ ସାତ୍ତ୍ୱିକ ଖାଦ୍ୟ ଖାଇବା ଉଚିତ ।

**୩)** ଖାଦ୍ୟରେ ଲୁଣ, ଚିନି, ନାଲି ଲଙ୍କା, ମସଲା, ଆଚାର ଓ ତେଲ, ଘିଅ ପରିମାଣ କମ୍ କରିବାକୁ ଚେଷ୍ଟା କରନ୍ତୁ । ଭୁରି ଭୋଜନରୁ କ୍ଷାନ୍ତ ରହନ୍ତୁ । ଚା ଓ କଫିର ବ୍ୟବହାରକୁ ଯଥାସମ୍ଭବ କମ୍ କରନ୍ତୁ । ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ । ଯୋଗାଭ୍ୟାସକାରୀଙ୍କ ପାଇଁ ନିରାମିଷ ଭୋଜନ ଭଲ ।

**୪)** ଖାଇବା ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ ଏବଂ ପ୍ରତି ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଖାଆନ୍ତୁ । ସକାଳେ ଯୋଗାଭ୍ୟାସର ଅଧଘଣ୍ଟା ପରେ ପ୍ରାତଃ ଭୋଜନରେ ଫଳ, ଗଜାମୁଗ କିମ୍ବା ଦଲିଆ ଆଦି ଖାଆନ୍ତୁ । ମଧ୍ୟାହ୍ନ ଭୋଜନରେ ଚୋକଡ଼ଯୁକ୍ତ ଅଟାର ରୁଟି, ସନ୍ତୁଳା, ସାଲାଦ ଓ ଲହୁଣୀଥିବା କ୍ଷୀର ଖାଇବା ଭଲ । ରୁଟିଠାରୁ ସାଲାଦ ଓ ପନିପରିବା ତରକାରୀ ଅଧିକ ପରିମାଣରେ ଖାଇବାକୁ ଚେଷ୍ଟା କରନ୍ତୁ ।

**୫)** ଖାଇବା ସମୟରେ କିମ୍ବା ଖାଇବା ପରେ ପରେ ପାଣି ପିଇବା ଅନୁଚିତ । ଖାଦ୍ୟ ଗ୍ରହଣର ଅଧଘଣ୍ଟା ପୂର୍ବରୁ କିମ୍ବା ଖାଇ ସାରିବାର ଅଧଘଣ୍ଟାଏ ପରେ ପାଣି ପିଇବା ଅଭ୍ୟାସ କରନ୍ତୁ ।

**୬)** ଦୈନିକ ସକାଳେ କିମ୍ବା ସନ୍ଧ୍ୟାରେ ପ୍ରାର୍ଥନା କିମ୍ବା ଧ୍ୟାନ କରିବା ଅଭ୍ୟାସ କରନ୍ତୁ । ଏହା ମାନସିକ ଚାପ ଓ ଉତ୍ତେଜନା ଦୂର କରେ ଏବଂ ଶରୀର ଓ ମନକୁ ଶକ୍ତି ଯୋଗାଏ । ଏହାଦ୍ୱାରା ମଧ୍ୟ ଜୀବନ ପ୍ରତି ଅସ୍ତିବାଚକ ମନୋଭାବ ବଢ଼େ ।

**୭)** ଯୋଗାଭ୍ୟାସ ଓ ସତ୍‌କର୍ମ ଦ୍ୱାରା ଶରୀରର ବାହ୍ୟ ଓ ଆଭ୍ୟନ୍ତରୀଣ ଶୋଧନ ପ୍ରତି ଧ୍ୟାନ ଦିଅନ୍ତୁ ।

**୮)** ପ୍ରକୃତି ଉପରେ ବିଶ୍ୱାସ ରଖନ୍ତୁ; ଏହା ଆପଣଙ୍କୁ ସକାରାତ୍ମକ ଓ ଆତ୍ମବିଶ୍ୱାସୀ କରାଇବ ।

**୯)** ଅଧିକ ମାତ୍ରାରେ ଭୋଜନ କରିବାର ଅଭ୍ୟାସ ପରିହାର କରନ୍ତୁ । ଭୋକ ନାହିଁ ତ ଖାଦ୍ୟ ଦରକାର ନାହିଁ ନୀତି ଅବଲମ୍ବନ କରନ୍ତୁ । ଭୋକ ଲାଗିଲେ ଖାଆନ୍ତୁ ଏବଂ ପେଟପୂରା ନଖାଇ ପେଟରେ ଅଳ୍ପ କିଛି ସ୍ଥାନ ରଖନ୍ତୁ । ଋତୁକାଳୀନ ଫଳ ଖାଇ ପ୍ରତି ସପ୍ତାହରେ ଗୋଟିଏ ଦିନ ଉପବାସ କରନ୍ତୁ ।

**୧୦)** ଯଥାସମ୍ଭବ ଚାଲିବାର ଅଭ୍ୟାସ ରଖନ୍ତୁ; ଏହାଦ୍ୱାରା ଉଭୟ ଶରୀର ଓ ମନ ଉପକୃତ ହୋଇଥାଏ ।

ଡକ୍ଟର ଆଚାର୍ଯ୍ୟ ଓ ଡକ୍ଟର ରସ୍ତୋଗୀ ଯଥାକ୍ରମେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଯୋଗ ଓ ନେଚରପାଥି କେନ୍ଦ୍ରୀୟ ପରିଷଦର ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ।

●

## ଦକ୍ଷତା ବିକାଶ ସଂସ୍ଥାନ, ଭୁବନେଶ୍ୱର

ଗତ ମଇ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ମଂଚେଶ୍ୱର ଶିଳ୍ପାଞ୍ଚଳଠାରେ ଦକ୍ଷତା ବିକାଶ ସଂସ୍ଥାନ, ଭୁବନେଶ୍ୱର (ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍)ର ଉଦ୍‌ଘାଟନ କରିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଏହି ଦକ୍ଷତା ବିକାଶ କେନ୍ଦ୍ରକୁ ବିଶ୍ୱମାନର ଏକ ଅଗ୍ରଣୀ ଅନୁଷ୍ଠାନରେ ଖୁବ୍‌ଶୀଘ୍ର ପରିଣତ କରାଯିବ । ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହ ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଏହି ଦକ୍ଷତା ବିକାଶ କେନ୍ଦ୍ର ପ୍ରମୁଖତାର ସହ କାର୍ଯ୍ୟ କରିବ ବୋଲି ସେ ସୂଚନା ଦେଇଛନ୍ତି ।ଭୁବନେଶ୍ୱରର ଏହି ଦକ୍ଷତା ବିକାଶ କେନ୍ଦ୍ର ରାଷ୍ଟ୍ରାୟତ୍ତ ତୈଳ ନିଗମ ଇଣ୍ଡିଆନ୍ ଅଏଲ୍ ଦ୍ୱାରା ପ୍ରତିଷ୍ଠା ହେଉଥିବା ବେଳେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଅନ୍ୟାନ୍ୟ ଉଦ୍ୟୋଗଗୁଡ଼ିକ ଏଥିରେ ସହଭାଗୀ ଅଛନ୍ତି ।

# ନିହୀତ ଗୁଣାବଳୀ

ଡ. ଏଚ୍.ଆର୍.ନାଗେନ୍ଦ୍ର

**ସଂ**ସ୍କୃତ ମୂଳ ଶବ୍ଦ 'ୟୁଗ୍'ରୁ 'ଯୋଗ' ଶବ୍ଦର ଉତ୍ପତ୍ତି । ଏହାର ଅର୍ଥ ହେଉଛି, ଯୋଡ଼ିବା କିମ୍ବା ଧ୍ୟାନ କେନ୍ଦ୍ରିତ କରିବା । ଦୀର୍ଘ ତିନିହଜାର ବର୍ଷର ଐତିହସମ୍ପନ୍ନ 'ଯୋଗ'କୁ ଏପରିକି ପାଶ୍ଚାତ୍ୟରେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଏକ ସମନ୍ୱିତ ମାଧ୍ୟମ ଭାବରେ ଗ୍ରହଣ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଏହାକୁ ଔଷଧର ଏକ ବିକଳ୍ପ ବ୍ୟବସ୍ଥା ଭାବେ ଗ୍ରହଣ କରାଯାଇଛି । ନିୟମିତ ଯୋଗାଭ୍ୟାସ ଦ୍ୱାରା ଶକ୍ତି, ସହନଶକ୍ତି, ଆତ୍ମ ସଂଯମ ଆଦି ଗୁଣାବଳୀ ଗୁଡ଼ିକର ବିକାଶ ହୋଇଥାଏ ଏବଂ ଜୀବନରେ ଏକ ପରିବର୍ତ୍ତନ ଆସି ଶକ୍ତି ଓ ସୁଖର ସୂତ୍ରପାତ ଘଟାଇଥାଏ । ଯୋଗଦ୍ୱାରା ମନ ଓ ଶରୀର ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇ ଜୀବନରେ ସନ୍ତୁଳନ ଆସେ ଏବଂ ବିଭିନ୍ନ ପ୍ରକାରର ଜୀବନ-ଯନ୍ତ୍ରଣା ମୁକାବିଲା ପାଇଁ ସାମର୍ଥ୍ୟ ଆସେ।

ପାଶ୍ଚାତ୍ୟ ଦୁନିଆଁରେ 'ଯୋଗ'କୁ କେତେକ ଶାରିରୀକ ମୁଦ୍ରା ଓ ହଟଯୋଗରେ ଥିବା ଶ୍ୱାସ ସମ୍ବନ୍ଧୀୟ କେତେକ ଅଭ୍ୟାସ ମଧ୍ୟରେ ସୀମିତ ରଖିଦିଆଯାଏ । ବିଭିନ୍ନ ପ୍ରକାରର ଆସନ ଦ୍ୱାରା ହଟଯୋଗ ମାଧ୍ୟମରେ ଶାରିରୀକ ଶକ୍ତି ବୃଦ୍ଧିପାଏ । ଏତଦ୍‌ବ୍ୟତୀତ, ହଟଯୋଗ ଅଧୀନରେ ବିଭିନ୍ନ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରେ 'ଶକ୍ତି' ପ୍ରବାହକୁ ପ୍ରତିବନ୍ଧକ ମୁକ୍ତ ରଖାଯାଇଥାଏ । ଏହାଦ୍ୱାରା ଶରୀର ଓ ମନ ମଧ୍ୟରେ ସନ୍ତୁଳନ ବଜାୟ ରହେ । ମାନସିକ ଚାପର ପ୍ରକୋପ ହ୍ରାସ ପାଇଁ ଯୋଗହେଉଛି ଏକ ନିର୍ଭରଯୋଗ୍ୟ ପଦ୍ଧତି । ସ୍ୱାସ୍ଥ୍ୟ ଉପରେ ଚିନ୍ତାର ବିଭିନ୍ନ ପ୍ରକାର ପ୍ରତିକୂଳ ପ୍ରଭାବକୁ ଯୋଗଦ୍ୱାରା ପ୍ରତିହତ କରାଯାଇପାରେ। ସ୍ମରଣଯୋଗ୍ୟ ଯେ, କେବଳ ମିଗ୍ରାଇନ୍, ଅଲ୍‌ସର୍ ବା ପେଟରୋଗ ଆଦି ନୁହେଁ ବରଂ ହୃଦ୍‌ଘାତ, ବହୁମୂତ୍ର ଏବଂ ଅସ୍ଥି ଜନିତ ଘାତକ ରୋଗଗୁଡ଼ିକ ପଛର ଅନ୍ୟତମ କାରଣ ହେଉଛି 'ଚିନ୍ତା' ।

ଯୋଗ ସମ୍ପର୍କରେ ସର୍ବ-ମାନ୍ୟ ପୁସ୍ତକ ହେଉଛି ପାତାଞ୍ଜଳିଙ୍କ ଯୋଗସୂତ୍ର । ପାତଞ୍ଜଳୀ ହିଁ ସର୍ବପ୍ରଥମେ, ଯୋଗ ଦର୍ଶନ ଓ ଅଭ୍ୟାସ ସମ୍ପର୍କରେ ଏଥିରେ ଆଲୋକପାତ କରିଥିଲେ। ଆଜିକାଲି ଅଧିକାଂଶ ବ୍ୟକ୍ତି 'ଯୋଗ'କୁ କେବଳ 'ଆସନ' ଭାବେ ବୁଝିଥାନ୍ତି । ତେବେ ରୋଗ ଉପଶମ ପାଇଁ ଯୋଗାସନ କେବଳ ଗୋଟିଏ ମାଧ୍ୟମ । ସଚେତନତା ଓ ଜ୍ଞାନପ୍ରାପ୍ତି ପାଇଁ ପାତାଞ୍ଜଳି ୮ଟି ମାର୍ଗ ବିଶିଷ୍ଟ 'ଅଷ୍ଟାଙ୍ଗ' ବା ଆଠଟି ଅଙ୍ଗ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଏକ ଉଦ୍ଦେଶ୍ୟମୂଳକ ଜୀବନ ଜିଇଁବା, ନୈତିକ ଚରିତ୍ର ବିକାଶ କରିବା ଆଦି ଉପରେ ପାତାଞ୍ଜଳି ଆଲୋକପାତ କରିଛନ୍ତି । ଏହି ଅଷ୍ଟାଙ୍ଗ ମାର୍ଗକୁ ନେଇ ବିଭିନ୍ନ ଯୋଗପଦ୍ଧତି ବିକଶିତ ହୋଇଛି। ଏଗୁଡ଼ିକ ମଧ୍ୟରୁ ବ୍ୟାଧି ଉପଶମ ପାଇଁ, ପ୍ରତ୍ୟେକଙ୍କର ଅଲଗା ଅଲଗା ପଥ ରହିଛି ।

ସାଂପ୍ରତିକ ସମାଜରେ 'ଯୋଗ'ର ଆଦର ବୃଦ୍ଧି ପାଇଛି । ବହୁ ଅନୁଷ୍ଠାନ ଯୋଗଶିକ୍ଷା ପ୍ରଦାନ କରୁଛନ୍ତି । ତେବେ, ଏହାକୁ ରୋଗ ନିରାକରଣର ଏକ ବିଜ୍ଞାନ-ସମ୍ମତ ପଦ୍ଧତି ଭାବେ ବିକଶିତ କରିବାକୁ ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ। ତେଣୁ, ଯୋଗର ତଥ୍ୟଗତ ଏବଂ ବ୍ୟବହାରଗତ ଦିଗ ଉପରେ ଗବେଷଣା କରାଯାଇ ଏହାର ବିଜ୍ଞାନ-ସମ୍ମତ ଚରିତ୍ର ବିକଶିତ କରିବାକୁ ହେବ ।

ଶରୀର କହିଲେ କେବଳ ଭୌତିକ ଶରୀର ନୁହଁ, ବରଂ ଏହା ବ୍ୟତିରେକ ଶରୀରର ଅନ୍ୟ ଚାରୋଟି ରୂପ ରହିଛି (ସୂକ୍ଷ୍ମ ଓ କାରଣ ସ୍ତରରେ) । ଅନ୍ୟ ଅର୍ଥରେ ଆମ ପ୍ରତ୍ୟେକଙ୍କର ୫ଟି ଲେଖାଏଁ 'ଶରୀର' ବା 'କୋଷ' ରହିଛି।

**(୧)** ଅନ୍ନମୟ କୋଷ - ପ୍ରତିପୋଷିତ ଶରୀର - ଭୌତିକ ଶରୀର

**(୨)** ପ୍ରାଣମୟ କୋଷ - ଶକ୍ତି ଶରୀର - ଜୈବ ପ୍ଲାଜ୍‌ମା ସ୍ତର

**(୩)** ମନୋମୟ କୋଷ - ମାନସିକ ଶରୀର - ଆଷ୍ଟ୍ରାଲ ସ୍ତର

**(୪)** ବିଜ୍ଞାନମୟ କୋଷ - ବୌଦ୍ଧିକ ଶରୀର - ଜ୍ଞାନ ସ୍ତର

**(୫)** ଆନନ୍ଦମୟ କୋଷ - ଆନନ୍ଦ ଶରୀର - ଆନନ୍ଦ ସ୍ତର

ଆମର 'କର୍ମ' ଓ 'ସଂସ୍କାର' (ସ୍ମୃତି ଓ ଅନୁଭୂତି) ଆଦି ଏହି 'କୋଷ'ରେ ରହିଥାଏ। ଏହାଦ୍ୱାରା, ଆତ୍ମା ଓ ପରମାତ୍ମା ମଧ୍ୟରେ ବିଭାଜନ ସୃଷ୍ଟି ହୁଏ । ତେଣୁ କୋଷ ଗୁଡ଼ିକରୁ ଆତ୍ମାର ମୁକ୍ତିକୁ ହିଁ ମୋକ୍ଷ କୁହାଯାଏ । ସରଳ ଅର୍ଥରେ କହିବାକୁ ଗଲେ, କୌଣସି ଜିନିଷ ସହିତ ଏକାକାର ହେବାକୁ ହେଲେ, ପ୍ରଥମେ ଆମକୁ ସେହି ଜିନିଷର ଗୁଣାବଳୀ

ଗୁଡ଼ିକୁ ନିଜଠାରେ ବିକଶିତ କରିବାକୁ ହେବ। ତେଣୁ 'ମୁଁ' କାର ସହିତ 'ନିର୍ବିକାର'ଙ୍କ ପ୍ରାପ୍ତି ସମ୍ଭବ ନୁହଁ । ଅନ୍ୟପକ୍ଷରେ ପୃଥିବୀରେ ଆମର ଅସ୍ତିତ୍ୱ ପାଇଁ, ଏହି ସମସ୍ତ ୫ଟି ଯାକ 'ଶରୀର' ଆବଶ୍ୟକ । ଏହି ସମସ୍ତ ୫ଟି ଯାକ 'ଶରୀର'ର ବନ୍ଧନରୁ ନିଜକୁ ମୁକ୍ତ କରିବା ପ୍ରକ୍ରିୟା ହେଉଛି ବିସ୍ତୃତ । ମାନସିକ ଶୁଦ୍ଧିକରଣ ଓ ବିକାଶ ଦ୍ୱାରା ଏହା ହାସଲ ହୋଇଥାଏ । ଯେତେବେଳେ ଏହି ଶରୀରରୁ ସମସ୍ତ ପ୍ରକାର ଅଶୁଦ୍ଧତା ଅପସରିଯାଏ, ସେତେବେଳେ ଆତ୍ମାର ମିଳନ ପରମାତ୍ମାଙ୍କ ସହିତ ସମ୍ପନ୍ନ ହୋଇଥାଏ । ସେହି ଅବସ୍ଥା ହେଉଛି ଶକ୍ତି, ମୁକ୍ତି, ପରମ ଜ୍ଞାନ ଓ ପରମ ଆନନ୍ଦର ଅବସ୍ଥା । ଅନ୍ନମୟ କୋଷ ହେଉଛି ଭୌତିକ ଶରୀର । ଆମେ ଆମ ପରିବେଶରେ ରହି ଖାଉଥିବା ଖାଦ୍ୟ ଦ୍ୱାରା ଏହା ପ୍ରଭାବିତ ହୋଇଥାଏ । ଯୋଗ ଦ୍ୱାରା ମଣିଷ ଶୁଦ୍ଧ କ୍ରିୟା-ପ୍ରତିକ୍ରିୟା ଏବଂ ସାତ୍ତ୍ୱିକ ଭୋଜନ ସମ୍ପର୍କରେ ସଚେତନ ହୋଇଥାଏ। ଶାରିରୀକ ଓ ମାନସିକ ଉନ୍ନତି ପାଇଁ ଏହାର ସକାରାତ୍ମକ ପ୍ରଭାବ ସମ୍ପର୍କରେ ଜ୍ଞାନ ପ୍ରାପ୍ତି କରେ । ମାଂସାହାର, ନିଶା ସେବନ ଆଦି ଦ୍ୱାରା ଆମର ବଳ-ବୀର୍ଯ୍ୟ କ୍ଷୟ ପ୍ରାପ୍ତ ହୋଇ, ଆମ ଭିତରେ ଏକ ବିଯୁକ୍ତାତ୍ମକ ପ୍ରଭାବ ସୃଷ୍ଟି ହୁଏ । ଅନ୍ୟ ପକ୍ଷରେ, ଶାକାହାରୀ ଭୋଜନ ଦ୍ୱାରା, ଶରୀରକୁ ପର୍ଯ୍ୟାପ୍ତ ପୋଷକତତ୍ତ୍ୱ ମିଳିଥାଏ ।

ପ୍ରାଣମୟ କୋଷ ହେଉଛି ଭୌତିକ ଶରୀରର ଏକ ସୂକ୍ଷ୍ମ ଆବରଣ, ଯାହା ଶରୀରର ଆଭ୍ୟନ୍ତର ପର୍ଯ୍ୟନ୍ତ ବିସ୍ତାରିତ ହୋଇଥାଏ । ଏହାକୁ ଇଂରାଜୀରେ "ଅରା" କୁହାଯାଏ । ଖାଦ୍ୟ ଓ ପାନୀୟ ଭଳି ଏହି 'ପ୍ରାଣ' ଶକ୍ତି ମଧ୍ୟ ଶରୀର ପାଇଁ ଅନିବାର୍ଯ୍ୟ । ପ୍ରତ୍ୟେକ ନିଶ୍ୱାସରେ ଆମେ ଅମ୍ଳଜାନ ସହିତ 'ପ୍ରାଣ' ଶକ୍ତି ମଧ୍ୟ ଆହରଣ କରିଥାଉ । ସେହିପରି ପ୍ରତ୍ୟେକ ଖାଦ୍ୟରୁ ମଧ୍ୟ ଆମେ ପୋଷକ ତତ୍ତ୍ୱ ସହିତ 'ପ୍ରାଣ' ଶକ୍ତି ପାଇଥାଉ । ତେବେ ଆମର ଚିନ୍ତା, ଚେତନା ଓ ଆବେଗ ଭଳି ବାହ୍ୟ ପ୍ରଭାବ ଦ୍ୱାରା ଏହି 'ପ୍ରାଣ ଶକ୍ତି' ପ୍ରଭାବିତ ହୋଇଥାଏ।

ମନୋମୟ କୋଷ ହେଉଛି, ମାନସିକ ଶକ୍ତିର ଅନ୍ୟ ଏକ ଆବରଣ । ପ୍ରାଣମୟ କୋଷ ଅପେକ୍ଷା ଏହା ଆହୁରି ବିସ୍ତୃତ ଏବଂ ଶକ୍ତିଶାଳୀ । ନିମିଷକ ମଧ୍ୟରେ ଏହି ମାନସିକ ଶକ୍ତି (ମନ ଓ ବିଚାର) ଯେ କୌଣସି ସ୍ଥାନରେ ପହଁଞ୍ଚିପାରେ । ଏହାକୁ କବଳିତ ବା ନିୟନ୍ତ୍ରଣ କରିବା ଯଥେଷ୍ଟ କଷ୍ଟ ସାଧ୍ୟ । ଅନିୟନ୍ତ୍ରିତ ବେଗଗାମୀ ଚିନ୍ତାରୁ ହିଁ ଆବେଗ ଉତ୍ପନ୍ନ ହୁଏ ଯାହାର ପ୍ରତିକୂଳ ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ । ଏହାକୁ 'ଆଧି' ବୋଲି କୁହାଯାଏ। ପରବର୍ତ୍ତୀ ସମୟରେ ଏହି 'ଆଧି' ଅନ୍ନମୟ କୋଷ ମଧ୍ୟକୁ ପ୍ରବେଶ କରି, 'ବ୍ୟାଧି'ର ରୂପ ଧାରଣ କରିଥାଏ । ପ୍ରାଣମୟ କୋଷରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥାରୁ ହିଁ ଏଭଳି ହୋଇଥାଏ। ତେଣୁ ମନକୁ ନିୟନ୍ତ୍ରଣ କରି ହିଁ ଏଥିରୁ ଆମେ ମୁକ୍ତି ପାଇପାରିବା । ମାନସିକ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସକାରାତ୍ମକ ଚିନ୍ତାଧାରା । ଏହା ଦ୍ୱାର ଆମ ମନ ସ୍ଥିର ଓ ଶାନ୍ତ ହୋଇଥାଏ । 'ଯମ' ଓ 'ନିୟମ'ର ନିୟମ ଅନୁଯାୟୀ ପ୍ରାର୍ଥନା, ମନ୍ତ୍ରୋଚ୍ଚାରଣ, ଦାନ ଆଦି ଦ୍ୱାରା ଆମର 'କର୍ମ' ଶୁଦ୍ଧି ହୋଇଥାଏ ।

ବିଜ୍ଞାନମୟ କୋଷ ହେଉଛି ଆମର ବୌଦ୍ଧିକ ଶରୀର । ଅନ୍ୟ 'ଶରୀର' ଭଳି ଏହା ମଧ୍ୟ ସକାରାତ୍ମକ ବା ନକାରାତ୍ମକ ଭାବରେ ପ୍ରଭାବିତ ହୋଇଥାଏ । ଏହା ନିର୍ଭର କରେ ଆମ ପରିପାର୍ଶ୍ୱରୁ ଆମେ ଗ୍ରହଣ କରୁଥିବା ବିଭିନ୍ନ ଇନ୍ଦ୍ରିୟଗତ ଅଭିଜ୍ଞତା ଉପରେ । ଆମର ଅଭିଜ୍ଞତା, ଶିକ୍ଷା ଓ ସଂସ୍କାରକୁ ନେଇ ଏହା ଗଠିତ । ଅବଶ୍ୟ ଏହା ଯେ ସବୁବେଳେ ଆମ ପାଇଁ ଏକ ଉତ୍ତମ ମାର୍ଗଦର୍ଶକ ହୋଇଥାଏ, ତା ନୁହଁ । ବେଳେବେଳେ ଏହା ସତ୍ୟକୁ ମଧ୍ୟ ଅସ୍ୱୀକାର କରେ ଏବଂ ଏଥିଯୋଗୁଁ ଆମେ କୌଣସି ନିଷ୍ପତ୍ତି ନେବା ବେଳେ ଆମ ସ୍ୱାର୍ଥ ଓ ଅହଂ ଭାବକୁ ପ୍ରାଥମିକତା ଦେଇଥାଏ । ଏହି 'ବୁଦ୍ଧି' ଉଭୟ ବନ୍ଧୁ ଓ ଶତ୍ରୁର ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ । ତେଣୁ ଆମକୁ ନିଷ୍ପତ୍ତି ନେବା ସମୟରେ ଉଭୟ 'ବୁଦ୍ଧି' ଓ 'ବିବେକ'ର ସାହାଯ୍ୟ ନେବା ଉଚିତ୍ ।

ଆନନ୍ଦମୟ କୋଷ ହେଉଛି ଆନନ୍ଦମୟ ଶରୀର । ଏହି ସ୍ତର ହେଉଚି ଅନ୍ୟ ଚାରୋଟିଯାକ ସ୍ତରର କାରଣ ଓ ଉତ୍ସ। ଆମେ ଇଚ୍ଛାପୂରଣ କରି ଆନନ୍ଦ ପାଉଥିବା ବେଳେ ଶେଷ ପର୍ଯ୍ୟାୟରେ ଅସୀମ ଆନନ୍ଦ ପାଇଥାଉ । ଏହି ପର୍ଯ୍ୟାୟର 'ଆନନ୍ଦ' ସ୍ୱୟଂ ସଂପୂର୍ଣ୍ଣ ଓ କୌଣସି ପ୍ରକାରର ବାହ୍ୟ ପ୍ରଭାବରୁ ମୁକ୍ତ । ତେବେ ଏହା ଆତ୍ମା ସହିତ ଆମର ପରିଚିତି ଉପରେ ନିର୍ଭର କରେ । ଏହା ହେଉଛି ମହା-ଆନନ୍ଦ, ଯାହା ଅନ୍ୟ ସବୁ ପ୍ରକାରର 'ଆନନ୍ଦ'ଠାରୁ ଭିନ୍ନ । ଏହା ଚିରନ୍ତନ । ଏହି କୋଷରୁ ମୁକ୍ତିର ଉପାୟ ହେଉଛି 'ଜ୍ଞାନ' । ଭକ୍ତି ଦ୍ୱାରା ଆମେ ଏଭଳି ମୁକ୍ତିର ଖୁବ୍ ନିକଟବର୍ତ୍ତୀ ହୋଇପାରିବା କିନ୍ତୁ ସମ୍ପୂର୍ଣ୍ଣ ମୁକ୍ତି ପାଇଁ ସତ୍ୟର ଜ୍ଞାନ ଅନିବାର୍ଯ୍ୟ। ତେବେ ଯାଇ ଆମେ ମୋକ୍ଷ ପ୍ରାପ୍ତି କରିପାରିବା ।

ଚିନ୍ତା-ପ୍ରସୂତ ବ୍ୟାଧି ପାଇଁ ଯୋଗ ହେଉଛି ସର୍ବୋତ୍ତମ ଔଷଧ । ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଏହି ତିନୋଟି ଯାକ ଉପାଦାନର ସମ୍ମିଶ୍ରଣ ଘଟାଇ ଯୋଗ, ଉନ୍ନତ ସ୍ୱାସ୍ଥ୍ୟର ପଥ ପରିଷ୍କାର କରିଥାଏ । ଏହା ପ୍ରମାଣିତ ହୋଇ ସାରିଛି ଯେ, ମାରାତ୍ମକ ହୃଦ୍‌ରୋଗ, କର୍କଟ ରୋଗ ଓ ହୃଦ୍‌ଘାତର ଅନ୍ୟତମ ପ୍ରମୁଖ କାରଣ ହେଉଛି 'ମାନସିକ ଚାପ' । 'ଯୋଗ' ହେଉଛି ଏଭଳି 'ଚିନ୍ତା'ର କୁ ପ୍ରଭାବରୁ ମୁକ୍ତି ପାଇଁ ଏକ ଉତ୍ତମ ପଦ୍ଧତି। ଶରୀର ଭିତରେ ଏହା ଏମିତି କେତେକ ପରିବର୍ତ୍ତନ ଆଣିଥାଏ, ଯଦ୍ୱାରା ଆମେ ବିଯୁକ୍ତାତ୍ମକ ଚିନ୍ତା ପ୍ରଭାବରୁ ରକ୍ଷା ପାଇଥାଉ। ବର୍ତ୍ତମାନ ସମୟରେ ଯୋଗର ବୈଜ୍ଞାନିକ ବିଶ୍ଳେଷଣ ଉପରେ ଅଧିକ ଗୁରୁତ୍ୱ

ଦିଆଯାଉଛି। ଏପରିକି ଏହାର ଔଷଧୀୟ ପ୍ରଭାବ ଆକଳନ ପାଇଁ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷା ନିରୀକ୍ଷା ଅବ୍ୟାହତ ରହିଛି।

ଏହା ଅନସ୍ୱୀକାର୍ଯ୍ୟ ଯେ ଯୋଗ ପଦ୍ଧତିରେ ବିଭିନ୍ନ ବ୍ୟାଧି ଓ ରୋଗର ଉପଶମ ସମ୍ଭବ ହୋଇଥାଏ । ତେବେ ଏହା କିପରି କାର୍ଯ୍ୟ କରେ ? ଏହାର ବୈଜ୍ଞାନିକ ଆଧାର କ'ଣ ? ଯୋଗ ଚିକିତ୍ସାର ସ୍ୱରୂପ କ'ଣ ? ଏଗୁଡ଼ିକର ସଠିକ୍, ଯୁକ୍ତିଯୁକ୍ତ ଓ ବିଜ୍ଞାନ-ସମ୍ମତ ଉତ୍ତର ବିନା ଯୋଗର ଚିକିତ୍ସୀୟ ଗୁଣାବଳୀ ଅସଂପୂର୍ଣ୍ଣ । ମାନବୀୟ ଅବସ୍ଥିତିର ବିଜ୍ଞାନ-ସମ୍ମତ ଦିଗ ସହିତ ଅନ୍ୟ ସମସ୍ତ ଦିଗ ପ୍ରତି ଯୋଗ ପଦ୍ଧତିରେ ଧ୍ୟାନ ଦିଆଯାଏ। ଯୋଗ ବିଜ୍ଞାନ ଅନୁଯାୟୀ ପ୍ରାଣ ଶକ୍ତିର ଅଭାବରେ ସୃଷ୍ଟ 'ଆଧି' ହିଁ ହେଉଛି 'ବ୍ୟାଧି'ର କାରଣ । ଏଥି ଅନୁଯାୟୀ, ବ୍ୟାଧିର ଦୁଇଟି ପ୍ରମୁଖ ଉତ୍ସ ରହିଛି (୧) ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ସୃଷ୍ଟ ବ୍ୟାଧି ଓ (୨) ପ୍ରାରବ୍ଧ କର୍ମ ଜନୀତ ବ୍ୟାଧି (ଅଧିଜ ବ୍ୟାଧି) । ଯଦ୍ୟପି ଏ ଉଭୟ କ୍ଷେତ୍ରରେ ପ୍ରାଣ ଶକ୍ତି ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ତଥାପି ଏ ଉଭୟ କ୍ଷେତ୍ରରେ ଉପଚାର ପଦ୍ଧତି ଭିନ୍ନ ଭିନ୍ନ । ଯୋଗ ପଦ୍ଧତିରେ ପ୍ରାଣ-ଶକ୍ତିର ବିଶୁଦ୍ଧିକରଣ ଉପରେ ଗୁରୁତ୍ୱ ଦିଆଯାଏ ।

ଯୋଗ-ବିଜ୍ଞାନ ଅନୁଯାୟୀ, ଯୋଗଦ୍ୱାରା ଆମ ଜୀବନର ପ୍ରତ୍ୟେକ ଅଂଶ ପ୍ରଭାବିତ ହୋଇଥାଏ । ପ୍ରାଣ-ଶକ୍ତିର ସମନ୍ୱୟ ଦ୍ୱାରା ଆମ ଶରୀର ମଧ୍ୟରେ ବିଭିନ୍ନ ରୂପରେ ପ୍ରାଣ-ଶକ୍ତି ପ୍ରବାହିତ ହୋଇଥାଏ । ଆଧୁନିକ ବିଜ୍ଞାନ ଅନୁଯାୟୀ ଏହି ପ୍ରାଣ-ଶକ୍ତି ହେଉଛି ଜୀବନ-ଶକ୍ତି, ବା ଜୈବ-ବିଦ୍ୟୁତ୍ ଶକ୍ତି ବା ବିଦ୍ୟୁତ୍-ଚୁମ୍ବକୀୟ ଶକ୍ତି । ପ୍ରକୃତରେ ଏ ସମସ୍ତ ହେଉଛନ୍ତି ପ୍ରାଣ-ଶକ୍ତିର ଭିନ୍ନ ଭିନ୍ନ ସ୍ୱରୂପ । ପ୍ରାଣ-ଶକ୍ତିର ସ୍ୱଳ୍ପ କିଛି 'ଜ୍ଞାନ' ଆହରଣ କରି 'ରିକି' ଉପଚାର ପଦ୍ଧିତ୍ତିର ସୃଷ୍ଟି । ତେବେ ଯୋଗ ପଦ୍ଧତିରେ ଏହି ପ୍ରାଣଶକ୍ତିର ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ଉପରେ ଗୁରୁତ୍ୱ ଦିଆଯାଏ । 'ଯୋଗ' ଅନୁଯାୟୀ ପ୍ରାଣ-ଶକ୍ତି ବ୍ୟାହତ ହେଲେ ଆମର ଭୌତିକ ଶରୀର ଓ ସୂକ୍ଷ୍ମ ଶରୀର ମଧ୍ୟରେ ସମନ୍ୱୟ ମଧ୍ୟ ବିଚ୍ଛିନ୍ନ ହେବ । ସାଧାରଣ ଭାବରେ ଶରୀରର ଏହି ଅବସ୍ଥାକୁ ଆମେ 'ମୃତ୍ୟୁ' ଭାବରେ ଅଭିହିତ କରିଥାଉ ।

ତେଣୁ ଏକ ସୁସ୍ଥ ଓ ଦୀର୍ଘାୟୁ ଜୀବନ ପାଇଁ ଏହି ପ୍ରାଣ-ଶକ୍ତିର ସଂରକ୍ଷଣ ଓ ସଂପ୍ରସାରଣ ଏକାନ୍ତ ଆବଶ୍ୟକ । 'ଯୋଗ'ର ପ୍ରାଥମିକତା ହେଉଛି ସ୍ୱାସ୍ଥ୍ୟ । 'ଯୋଗ' ଗୁରୁମାନଙ୍କ ମତରେ ଯୋଗ ଆଧାରିତ ଜୀବନ ଶୈଳୀ ଦ୍ୱାରା ଶରୀରକୁ ସମ୍ପୂର୍ଣ୍ଣ ରୋଗ-ମୁକ୍ତ (ପାରିପାର୍ଶ୍ୱିକ ପରିସ୍ଥିତି ଜନୀତ ବ୍ୟାଧି) ରଖାଯାଇପାରେ । ଏପରିକି କର୍ମ ଜନୀତ ବ୍ୟାଧିରୁ ମଧ୍ୟ ଏହି ପଦ୍ଧତିରେ ମୁକ୍ତି ହାସଲ କରାଯାଇପାରେ । ତେଣୁ, ସମସ୍ତଙ୍କ ପାଇଁ ଏକ ବ୍ୟାଧିମୁକ୍ତ ଜୀବନର ପ୍ରତିଶ୍ରୁତି ବହନ କରେ 'ଯୋଗ' । ବିଡ଼ମ୍ବନାର ବିଷୟ ଯେ, ନିଜ ପାଖରେ ଥିବା ପ୍ରାଣଶକ୍ତିକୁ ଉପଯୋଗ ନକରି ଏହାର ଅଭାବ ଜନୀତ କଷ୍ଟ ପାଇଁ ମଣିଷ ଅନୁଶୋଚନା କରେ । ଆତ୍ମ ସଂଯମ ଦ୍ୱାରା ପ୍ରାଣଶକ୍ତିକୁ ବଶୀଭୂତ କରାଯାଇପାରେ ଏବଂ ଏହା ଦ୍ୱାରା ଜୀବନକୁ ଆନନ୍ଦମୟ କରାଯାଇପାରେ । ଦୁର୍ଭାଗ୍ୟର ବିଷୟ ଯେ ବିଭିନ୍ନ ପାଶବିକ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ମଣିଷ ଏକ ପଶୁତୁଲ୍ୟ ଜୀବନଯାପନ କରିବାକୁ ବାଧ୍ୟ ହେଉଛି । ଯୋଗ ଆଧାରିତ ପ୍ରଣାଳୀରେ ଉଭୟ ବାହ୍ୟ ଓ ସୂକ୍ଷ୍ମ ଜୀବନ ସ୍ତରରେ ସନ୍ତୁଳନ ଆସେ । ଯଦି ଜୀବନରେ ସନ୍ତୁଳନ ଆସେ, ତେବେ ଦକ୍ଷତା, କୌଶଳ ଓ ସଫଳତା ଆପେ ଆପେ ଆସିଥାଏ । ଉପଯୁକ୍ତ ଜୀବନଚର୍ଯ୍ୟା ଦ୍ୱାରା ପ୍ରାଣ ଶକ୍ତି ପ୍ରବାହ ସ୍ୱାଭାବିକ ହୋଇଥାଏ । ଯୋଗ ଆଧାରିତ ଜୀବନଶୈଳୀ ଦ୍ୱାରା ଏକ ନିରାମୟ ଓ ରୋଗମୁକ୍ତ ଜୀବନ ଯାପନ କରାଯାଇପାରେ କହିଲେ ଅତିରଞ୍ଜିତ ହେବ ନାହିଁ । ଏହାର ଅଭାବରେ ରୋଗ ଗ୍ରାସ କରିଥାଏ। ବିଭିନ୍ନ 'ଯୋଗ' ପ୍ରଣାଳୀ ଯଥା ଆସନ, ପ୍ରଣାୟାମ୍, ମୂଦ୍ରା ଆଦି ଦ୍ୱାରା ପ୍ରାଣ ଶକ୍ତି ପ୍ରବାହ ନିରବଚ୍ଛିନ୍ନ ହୋଇ ଏକ ସ୍ୱାସ୍ଥ୍ୟବାନ୍ ଜୀବନର ମୂଳଦୁଆ ପଡ଼େ ।

ବର୍ତ୍ତମାନ ସମଗ୍ର ବିଶ୍ୱରେ ବୈଜ୍ଞାନିକମାନେ ଏକମତ ଯେ ମାନବଜାତିର ଅଧିକାଂଶ ବ୍ୟାଧିର କାରଣ ହେଉଛି ଉଭୟ ଶରୀର ଓ ମନ । ଜୀବନ ପ୍ରତି ଉପଯୁକ୍ତ ଆଭିମୁଖ୍ୟ ଅଭାବରେ ମନସ୍ତାତ୍ତ୍ୱିକ ସମସ୍ୟାମାନ ମୁଣ୍ଡ ଟେକେ । ଉପଯୁକ୍ତ ବିଶ୍ୱାସ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦ୍ୱାରା ସଠିକ୍ ଆଭିମୁଖ୍ୟ ବିକଶିତ ହୁଏ, ଯଦ୍ୱାରା ପ୍ରାଣଶକ୍ତିର ସୁ-ବିନିଯୋଗ ହୋଇ ମଣିଷକୁ ଚିନ୍ତାମୁକ୍ତ କରାଏ । ଚିନ୍ତା ପ୍ରସୂତ ସମସ୍ୟା ଯୋଗୁଁ ପ୍ରାଣଶକ୍ତିର ଅପଚୟ ହୋଇଥାଏ । ଏଭଳି ପରିସ୍ଥିତିରୁ ବାହାରକୁ ଆସିବାକୁ ହେଲେ ଯୋଗ ଆଧାରିତ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଯୋଗ ହେଉଛି ସାମଗ୍ରୀକ ଜୀବନ ବିଜ୍ଞାନ । ଏହାଦ୍ୱାରା ରୋଗର ଉପଶମ ଯେତିକି ସମ୍ଭବ ସେତିକି ମଧ୍ୟ ଏହା ଅନ୍ୟ ଚିକିତ୍ସା ପଦ୍ଧତିରେ ସହାୟକ ହୁଏ । ଯୋଗ ଦ୍ୱାରା ଅସ୍ତ୍ରୋପଚାର କେମୋଥେରାପି ଆଦିର ପାର୍ଶ୍ୱ ପ୍ରଭାବ ହ୍ରାସ ହୋଇଥାଏ । ଉଭୟ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକାରେ, 'ଯୋଗ' ଉପରେ ଅନେକ ଏବଂ ଉନ୍ନତ ମାନର ଗବେଷଣା ଅବ୍ୟାହତ ରହିଛି । ଗତ କିଛି ବର୍ଷ ଭିତରେ ପିଠି ବ୍ୟଥା, ମଲ୍‌ଟିପୁଲ୍ ସ୍କ୍ଲେରୋସିସ୍, ଅନିଦ୍ରା, କର୍କଟ, ହୃଦ୍‌ରୋଗ ଏବଂ ଯକ୍ଷ୍ମା ଆଦିରୋଗ ନିୟନ୍ତ୍ରଣରେ 'ଯୋଗ'ର ସକାରାତ୍ମକ ପ୍ରଭାବ ସମ୍ପର୍କୀତ ତଥ୍ୟାବଳୀ ଲିପିବଦ୍ଧ ହୋଇଛି । 'ଯୋଗ'ର ଆହୁରି ଅନେକ ଉପକାରୀ ପ୍ରଭାବ ରହିଛି । ଏହା ଶକ୍ତି ଓ ନମନୀୟତା ବୃଦ୍ଧି କରେ, ରୋଗ ପ୍ରତିଷେଧକ ଶକ୍ତି ବଢ଼ାଏ ଏବଂ ସର୍କରା ତଥା ରକ୍ତର କୋଲେଷ୍ଟରଲ୍ ପରିମାଣ ହ୍ରାସ କରିଥାଏ । ଏହାର ଅନ୍ୟତମ ପ୍ରମୁଖ ପ୍ରଭାବ ହେଉଛି ଚିନ୍ତା ବା ଅବସାଦ ନିୟନ୍ତ୍ରଣ ।

ଲେଖକ ହେଉଛନ୍ତି ଏସ୍-ବ୍ୟାସ ଡ଼ିମ୍‌ଡ଼ ବିଶ୍ୱବିଦ୍ୟାଳୟର କୁଳାଧିପତି।

# କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରୀ ପ୍ରୟାସ

ଡକ୍ଟର ଜେ.ପି. ମିଶ୍ର

**କୃଷି** ଭାରତୀୟ ଅର୍ଥନୀତିର ସର୍ବବୃହତ୍ କ୍ଷେତ୍ର। ୨୦୧୪-୧୫ ବର୍ଷରେ ଏହି ଉଦ୍ୟୋଗର ଅଂଶ (୨୦୧୧-୧୨ ମୂଲ୍ୟ ହିସାବରେ) ମୋଟ ଜାତୀୟ ଆୟର ୧୬.୧ ଭାଗ ଥିଲା। ଅର୍ଥନୈତିକ ସୂଚକାଙ୍କ ବ୍ୟତୀତ ଗ୍ରାମାଞ୍ଚଳର ବିପୁଳ ଜନତାଙ୍କୁ ଖାଦ୍ୟ, ପୁଷ୍ଟିସାଧନ ଏବଂ କର୍ମନିଯୁକ୍ତି ଯୋଗାଣ ଭଳି ସାମାଜିକ ନିରାପତ୍ତା ପ୍ରଦାନରେ ଏହି ଉଦ୍ୟୋଗର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷି ଉଦ୍ୟୋଗରେ ୧୯୯୩-୯୪ରେ ୬୪.୮% ଲୋକ କାମ କରୁଥିବାବେଳେ ୨୦୧୧-୧୨ରେ ଏହା ୪୮.୯%କୁ କମିଆସିଛି। ତଥାପି ମଧ୍ୟ ଏହା ଏବେ ସବୁଠୁ ଅଧିକ ଲୋକଶକ୍ତିକୁ କର୍ମ ସଂସ୍ଥାନ ଯୋଗାଉଛି। ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ର ଅପେକ୍ଷା ଏହି କ୍ଷେତ୍ରରେ ନିଯୁକ୍ତ ଲୋକଙ୍କର ଆୟ ଅବଶ୍ୟ ଯଥେଷ୍ଟ କମ୍। ଶିଳ୍ପ ଓ ସେବା କ୍ଷେତ୍ରରେ କାମ କରୁଥିବା ଲୋକ କୃଷି କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କଠାରୁ ବେଶ ଅଧିକ ରୋଜଗାର କରିଥାନ୍ତି। କୃଷି ଉଦ୍ୟୋଗରେ କାର୍ଯ୍ୟରତ କୃଷକ ଓ କୃଷି ଶ୍ରମିକ ଅଧିକାଂଶ ସମୟରେ ଉତ୍ପାଦନ ଜନିତ ଧକ୍କା ଓ ଅସ୍ଥିର ମୂଲ୍ୟର ସମ୍ମୁଖୀନ ହୁଅନ୍ତି। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ପାଗପାଳକରେ ଅସ୍ଥିରତା ସୃଷ୍ଟି ହେଉଛି। ଫଳରେ ପାଣିପାଗଜନିତ ଅତିକ୍ରିୟା ଯୋଗୁଁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଆନୁଷ୍ଠାନିକ ସହାୟତା ଯଥେଷ୍ଟ ହେଉନାହିଁ। ତେଣୁ ପରିବର୍ତ୍ତିତ ପରିସ୍ଥିତିର ମୁକାବିଲା କରିବା ପାଇଁ ଭାରତୀୟ ଚାଷୀକୂଳକୁ ସବୁ ପ୍ରକାର ସହାୟତା ଓ ସମର୍ଥନ ଯୋଗାଇଦେବା ଅପରିହାର୍ଯ୍ୟ ହୋଇପଡ଼ିଛି।

କୃଷକ ଓ କୃଷି ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ତଥା କଲ୍ୟାଣ ପାଇଁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନେବାର ଆବଶ୍ୟକତା ରହିଛି ଯାହା ସେମାନଙ୍କର ପ୍ରମୁଖ ସମସ୍ୟାବଳୀର ସମାଧାନ କରିପାରିବାକୁ ସକ୍ଷମ ହେଉଥିବ। ସେଥିପାଇଁ ଆନୁଷ୍ଠାନିକ ଓ ସଂସ୍ଥାଗତ ସଂସ୍କାର ସହ ବୈଷୟିକ ସହାୟତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। କୃଷି ଉତ୍ପାଦନ ବୃଦ୍ଧି ପାଇଁ ନୂଆ ଜ୍ଞାନକୌଶଳର ପ୍ରୟୋଗ ସହ ଚାଷୀ ଯେପରି ସୁବିଧାରେ ତଥା ସ୍ୱଳ୍ପ ମୂଲ୍ୟରେ ଏହା ପାଇ ପାରିବେ ତା'ଉପରେ ଗୁରୁତ୍ୱ ଦେବାକୁ ହେବ। ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଖାଦ୍ୟ ଚାହିଦା ବଢୁଛି ଏବଂ ସେଥିପାଇଁ ଉତ୍ପାଦନ ବଢ଼ାଇବା ଅପରିହାର୍ଯ୍ୟ। ଏକ ହିସାବ ଅନୁସାରେ ୨୦୨୦-୨୧ ସୁଦ୍ଧା ଦେଶର ବାର୍ଷିକ ଖାଦ୍ୟଶସ୍ୟ ଚାହିଦା ୨୭୭ ନିୟୁତ ଟନ୍ ଓ ତୈଳବୀଜ ଚାହିଦା ୭୧ ନିୟୁତ ଟନ୍‌ରେ ପହଞ୍ଚିବ। ବର୍ତ୍ତମାନ ଦେଶରେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଫସଲର ଉତ୍ପାଦନ ଅଭିବୃଦ୍ଧି ହାର ଯାହା ରହିଛି ତାହା ଯଦି ବଜାୟ ରହେ ତେବେ କେବଳ ଖାଦ୍ୟ ଶସ୍ୟ ଉତ୍ପାଦନ ଲକ୍ଷ୍ୟ ୨୦୨୧ ସୁଦ୍ଧା ପୂରଣ ହୋଇପାରିବ। ମାତ୍ର ଡାଲି, ତୈଳବୀଜ ଓ ପନିପରିବା କ୍ଷେତ୍ରରେ ସେହି ସମୟସୁଦ୍ଧା ଭାରତ ଆତ୍ମନିର୍ଭରଶୀଳ ହୋଇପାରିବ ନାହିଁ। ଏବେ ଏସବୁ ଜିନିଷର ଅଭାବ ଭାରତରେ ରହିଛି। ଏବଂ ଆବଶ୍ୟକତା ପୂରଣ ପାଇଁ ବାର୍ଷିକ ୬୦ ଶତାଂଶ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି।

କୃଷି ଦକ୍ଷତା ବୃଦ୍ଧି ଏବଂ ବୃତ୍ତିଗତ ବିବିଧତା ପାଇଁ ଏକ ବ୍ୟାପକ ବିକାଶ ଯୋଜନାର ଆବଶ୍ୟକତା ରହିଛି। ଏଥିରେ ଉତ୍ପାଦନ ବୃଦ୍ଧି, ଚାଷୀଙ୍କୁ ଲାଭଜନକ ମୂଲ୍ୟ ପ୍ରଦାନ, କୃଷି ଜନିତ ଅସୁବିଧାର ଦୂରୀକରଣ, ଅଭାବୀ ବିକ୍ରି ଜନିତ ସମସ୍ୟାର ସମାଧାନ, ଭୂମି ଓ ମାର୍କେଟ ସଂସ୍କାର ଆଦି କାର୍ଯ୍ୟକ୍ରମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି କାମ କରାଗଲେ କୃଷି ଓ କୃଷକର ବିକାଶ ସମ୍ଭବ ହେବ। ସେହିଭଳି ପୂର୍ବ ଭାରତରେ ଅନୁଷ୍ଠାନ ନିର୍ମାଣ ଏବଂ ଯୋଗାଣ ତଥା ପ୍ରେରଣ ବ୍ୟବସ୍ଥାକୁ ସୁଦୃଢ଼ କରି ଏହି ଅଞ୍ଚଳର ରାଜ୍ୟଗୁଡ଼ିକୁ ଏକ ବିକଳ୍ପ ଖାଦ୍ୟଶସ୍ୟ ଉତ୍ପାଦନକାରୀ ଅଞ୍ଚଳରେ ପରିଣତ କରିବାକୁ ପଡ଼ିବ। ଏଥିପାଇଁ ଆପତକାଳୀନ ସ୍ଥିତିରେ ଚାଷୀଙ୍କୁ ପ୍ରୋତ୍ସାହନ ଓ ବିବିଧ ରୋଜଗାର ପନ୍ଥା ଯୋଗାଣର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଗୋଟିଏ ଫସଲ ନଷ୍ଟ ହୋଇଗଲେ ଚାଷୀ ଯେପରି ସର୍ବସ୍ୱାନ୍ତ ନହୁଏ ସେଥିପାଇଁ ବିକଳ୍ପ ରୋଜଗାର ପନ୍ଥା ଚାଷୀ ପାଖରେ ଯେପରି ମହଜୁଦ ରହିବ ତାହା ନିଶ୍ଚିତ କରିବାକୁ ହେବ। ଚାଷୀଙ୍କ ପାଇଁ ସରକାର ଯେତେସବୁ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହାର ମୂଳଲକ୍ଷ୍ୟ କୃଷକଙ୍କ କଲ୍ୟାଣ। କୃଷକଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଏକାଧିକ ଅଭିନବ ଯୋଜନା ଓ

କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଅଧିକ ଉତ୍ପାଦନ, ଅଧିକ ଜମିକୁ ଜଳସେଚନର ସୁବିଧା ଯୋଗାଣ, ଚାଷ ପାଇଁ ଉନ୍ନତମାନର ବିହନ, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ଆଦି ଏସବୁ ଯୋଜନାର ଲକ୍ଷ୍ୟ ହୋଇଥିଲେ ହେଁ ଚାଷୀକୁ ସମର୍ଥ କରିବା ଏହାର ପ୍ରମୁଖ ଅନ୍ତର୍ନିହିତ ଉଦ୍ଦେଶ୍ୟ । ଫସଲ ନଷ୍ଟ, ଉତ୍ପାଦିତ ସାମଗ୍ରୀର ବିକ୍ରି ମୂଲ୍ୟରେ ଅସ୍ଥିରତା ଓ ଅନ୍ୟାନ୍ୟ କ୍ଷୟକ୍ଷତି ଆଦି ସମୟରେ ଚାଷୀ ଯେପରି ଆର୍ଥିକ ଦୃଷ୍ଟିରୁ ବିଶେଷ କ୍ଷତିଗ୍ରସ୍ତ ନ'ହୁଏ ତାହାକୁ ଦୃଷ୍ଟିରେ ରଖି ଫସଲ ବୀମା ପ୍ରବର୍ତ୍ତନ, ଜାତୀୟ କୃଷି ବଜାର ଗଠନ ଓ ମୂଲ୍ୟ ସ୍ଥିରୀକରଣ ବ୍ୟବସ୍ଥା ସରକାରଙ୍କଦ୍ୱାରା ଆରମ୍ଭ ହୋଇଛି । ସେହିଭଳି କୃଷି ବିବିଧତା କାର୍ଯ୍ୟକ୍ରମରେ ପାରମ୍ପରିକ ଚାଷ ପରିବର୍ତ୍ତେ ଜୈବୀକ କୃଷିକୁ ଗୁରୁତ୍ୱ ଦିଆଯାଇଛି । ଚାଷ ସହିତ ଗୋପାଳନ, ମାଛ ଚାଷ ଓ କୁକୁଡ଼ା ପାଳନ ଆଦି ଉପରେ ସରକାର ଅଗ୍ରାଧିକାର ଦେଉଛନ୍ତି ।

ଏହାଛଡ଼ା କୃଷି ଓ ତତ୍‌ଜନିତ କାର୍ଯ୍ୟ ପାଇଁ ଚାଷୀ ଯେପରି ବିଭିନ୍ନ ତଥ୍ୟ ଓ ସୂଚନା ସହଜରେ ତତ୍କାଳ ପାଇପାରିବେ ସେଥିପାଇଁ ଏକ ସ୍ୱତନ୍ତ୍ର କିଷାନ ଟିଭି ଚାନେଲ ଆରମ୍ଭ ହୋଇଛି । ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କୃଷକଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେଥିମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

**୧) ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନା (ପିଏମ୍‌କେଏସ୍‌ୱାଇ)**: ଭାରତରେ ଚାଷ ଜମିର ୫୫ ଶତାଂଶ ଜଳାଭାବର ସମ୍ମୁଖୀନ । ତେଣୁ ସବୁ କ୍ଷେତକୁ ପାଣି ଓ ବୁନ୍ଦା ପିଛା ଅଧିକ ଅମଳ ଦ୍ୱାରା ଚାଷୀଙ୍କ କଲ୍ୟାଣ ସାଧିତ ହେବ । ନିକଟରେ ଘୋଷିତ ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନାରେ ଏହାକୁ ଗୁରୁତ୍ୱ ଦିଆଯାଇଛି । ଏଥିରେ କୃଷକଙ୍କୁ ହାତ ପାହାନ୍ତାରେ ସୁବିଧା ସୁଯୋଗ ପ୍ରଦାନ ସହ ଅପହଞ୍ଚ ଇଲାକାକୁ ଯୋଗାଯୋଗର ବିକାଶ ପାଇଁ ବ୍ୟବସ୍ଥା ରହିଛି । ତା'ଛଡ଼ା ଜଳ ସଂରକ୍ଷଣ ଓ ଏହାର ସର୍ବୋତ୍କୃଷ୍ଟ ଉପଯୋଗ ପ୍ରାଧାନ୍ୟ ପାଇଛି । ଏହି ଯୋଜନା ଏକ ମିଶନ ଭିତ୍ତିରେ କାର୍ଯ୍ୟକାରୀ ହେବାକୁ ଯାଉଛି ଏବଂ ଏହାଦ୍ୱାରା ଅତିରିକ୍ତ ୨୮.୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନା ପାଇଁ ୪୫୧୦ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଥିବାବେଳେ ବଜେଟରେ ଅତିରିକ୍ତ ଅନୁଦାନ ୨୫୧୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ତ୍ୱରାନ୍ୱିତ ଜଳସେଚନ ସୁବିଧା ଯୋଗାଣ ଯୋଜନା (ଏଆଇଜିପି)ରେ ଯେଉଁ ୮୯ଟି ପ୍ରକଳ୍ପ ମନ୍ଥର ଅବା ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା ତାହାକୁ ତ୍ୱରାନ୍ୱିତ କରାଯାଇଛି । ଏହାଦ୍ୱାରା ଅତିରିକ୍ତ ୮୦.୬ ଲକ୍ଷ ହେକ୍ଟର ଜମିକୁ ସେଚ ସୁବିଧା ଯୋଗାଇ ଦେଇହେବ । ଏ ବାବଦରେ ଆସନ୍ତା ବର୍ଷ ପାଇଁ ୧୭ ହଜାର କୋଟି ଟଙ୍କାର ଆବଶ୍ୟକତା ପଡ଼ିବ ବୋଲି ହିସାବ କରାଯାଇଛି । ପରବର୍ତ୍ତୀ ପାଞ୍ଚବର୍ଷ ନିମନ୍ତେ ଏହିସବୁ ପ୍ରକଳ୍ପ ପାଇଁ ୮୬୫୦୦ କୋଟି ଟଙ୍କା ଦରକାର ପଡ଼ିବ । ୨୦୧୭ ମାର୍ଚ୍ଚ ୩୧ ପୂର୍ବରୁ ସେଥିମଧ୍ୟରୁ ୨୩ଟି ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ନାବାର୍ଡ ଜରିଆରେ ମଧ୍ୟ ଏକ ଦୀର୍ଘ ମିଆଦୀ ଜଳସେଚନ ପାଣ୍ଠି ଗଠନର ପରିକଳ୍ପନା କରାଯାଇଛି । ସେଥିପାଇଁ ପ୍ରାରମ୍ଭିକ ଭାବେ ୨୦ ହଜାର କୋଟି ଟଙ୍କାର ଏକ ମୂଳଧନ (କର୍ପସ) ପାଣ୍ଠି ଗଠନ କରାଯିବ । ଏସବୁ ପାଇଁ ୨୦୧୬-୧୭ ବଜେଟରେ ୧୨୫୧୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଜଳ ସଂରକ୍ଷଣ ପାଇଁ ବିଭିନ୍ନ ରାଜ୍ୟ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି । ମହାରାଷ୍ଟ୍ର ସରକାର ଜଳଯୁକ୍ତ ଶିବିର ଯୋଜନା ଆରମ୍ଭ କରି ବିଭିନ୍ନ କମ୍ପାନୀଙ୍କ ସିଏସ୍‌ଆର ପାଣ୍ଠି ଜରିଆରେ ଜଳଉତ୍ସଗୁଡ଼ିକର ବିକାଶ କରୁଛନ୍ତି । ରାଜସ୍ଥାନ, ଗୁଜରାଟ ଓ କର୍ଣ୍ଣାଟକ ସରକାର ମଧ୍ୟ ସବ୍‌ସିଡି ପ୍ରଦାନ କରି ଜଳ ସଂରକ୍ଷଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ଏହା ଛଡ଼ା ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ କେନ୍ଦ୍ର ସରକାର ମଧ୍ୟ ସବ୍‌ସିଡି ଯୋଗାଣର ବ୍ୟବସ୍ଥା କରିଛନ୍ତି ।

**୨) ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନା** : ୨୦୧୬ ଖରିଫ ଋତୁରୁ ପ୍ରଧାନମନ୍ତ୍ରୀ କୃଷି ବିମା ଯୋଜନା କାର୍ଯ୍ୟକାରୀ ହୋଇଛି । ଏଥି ସହିତ ଜାତୀୟ କୃଷି ବିମା ଯୋଜନା (ଏନ୍‌ଏଆଇଏସ୍)ର ଅବସାନ ଘଟିଛି । ଏନ୍‌ଏଆଇଏସ୍ ସ୍ଥାନରେ ସଂଶୋଧିତ ଜାତୀୟ କୃଷି ବିମା ଯୋଜନା ଏମ୍‌ଏନ୍‌ଆଇଏସ୍ ପ୍ରଚଳିତ ହୋଇଛି । ଏହି ନୂଆ ବ୍ୟବସ୍ଥାରେ ସାରା ଦେଶ ପାଇଁ ପ୍ରିମିୟମ୍ ବ୍ୟବସ୍ଥାକୁ ବିମାଙ୍କିକ ବା ଆକ୍‌ଚୁଆରିଆଲ କରାଯାଇଛି । ଏହାଦ୍ୱାରା କ୍ଷୟକ୍ଷତିର ଅନୁପାତକୁ ବିଚାରକୁ ନେଇ ବିମାରାଶୀ ଧାର୍ଯ୍ୟ କରିବା ନୀତିକୁ ଅଧିକ ଯୁକ୍ତିଯୁକ୍ତ ଓ ଚାଷୀର ସ୍ୱାର୍ଥ ଉପଯୋଗୀ କରାଯାଇଛି । ଖରିଫରେ ଚାଷୀଙ୍କ ବୀମା ଦେୟ ଅନୁପାତକୁ ସିଲିଂର ସର୍ବାଧିକ ୨ ଶତାଂଶରେ ସୀମିତ ରଖାଯାଇଥିବାବେଳେ ଡାଲି ଜାତୀୟ ଫସଲ ଓ ତୈଳବୀଜ କ୍ଷେତ୍ରରେ ଏହା ସମାନ ରହିଛି । ସେହିଭଳି ରବି ଋତୁରେ ଏହି ବୀମା ଦେୟ ଖାଦ୍ୟ ଶସ୍ୟ, ଡାଲି ଓ ତୈଳବୀଜ ଫସଲ ପାଇଁ ୧.୫ ରହିଥିବାବେଳେ ଅନ୍ୟାନ୍ୟ ବ୍ୟବସାୟିକ ଫସଲ, ଉଦ୍ୟାନ କୃଷି ପାଇଁ ଉଭୟ ଋତୁ ନିମନ୍ତେ ୫ ଶତାଂଶ ରଖାଯାଇଛି । ଏଥିପାଇଁ ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ୫୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଚଳିତ ଖରିଫ ଋତୁରୁ ଏହି ବୀମା ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କୁ

କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାଫଳରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ କ୍ଷତିର ସମ୍ମୁଖୀନ ହେଉଥିବା ଚାଷୀକୂଳ ବିଶେଷ ଉପକୃତ ହେବେ।

୩) **ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା** : ସବୁଜ ବିପ୍ଳବର ଆରମ୍ଭ ପରେ ଦେଶରେ କୃଷି କ୍ଷେତ୍ରରେ ରାସାୟନିକ ସାର ପ୍ରୟୋଗର ମାତ୍ରା ବୃଦ୍ଧି ପାଇଥିଲା। ଏଥିରେ ସମୁଚିତ ସାର ବ୍ୟବହାର ପରିବର୍ତ୍ତେ ଚାଷୀ ଅଧିକ ୟୁରିଆ ବ୍ୟବହାର କରୁଥିଲେ, ଯେଉଁଥିରେ ନାଇଟ୍ରୋଜେନ ପରିମାଣ ଅଧିକ ଥିଲା। ଏହା ଯୋଗୁଁ ମାଟିର ଉର୍ବରତା ଓ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ଏବେ ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳରେ ଚାଷ ଜମିର ମାଟିର ସ୍ୱାସ୍ଥ୍ୟ କିପରି ଅଛି ଓ କେଉଁଠି କି ପ୍ରକାର ସାରର ଆବଶ୍ୟକତା ରହିଛି ତାହା ଜାଣିବା ପାଇଁ ପ୍ରୟାସ ହୋଇଛି। ଚାଷୀ ମାଟିର ସ୍ଥିତି ଜାଣିପାରିଲେ ତଦନୁସାରେ ସାର ପ୍ରୟୋଗ କରିବ। ପ୍ରଥମ ପର୍ଯ୍ୟାୟରେ ୨୦୧୭ ମାର୍ଚ୍ଚ ସୁଦ୍ଧା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ୧୪କୋଟି ଜମି ମାଲିକଙ୍କୁ ଏଥିରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩୬୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ତା'ଛଡ଼ା ମୃତ୍ତିକା ଓ ବିହନ ପରୀକ୍ଷା ପାଇଁ ସାର କମ୍ପାନୀମାନେ ଆସନ୍ତା ୨ ବର୍ଷ ମଧ୍ୟରେ ସାରା ଦେଶରେ ୩୦୦ କେନ୍ଦ୍ର ଖୋଲିବେ।

୪) **ପରମ୍ପରାଗତ କୃଷି ବିକାଶ ଯୋଜନା ଓ ଉତ୍ତରପୂର୍ବାଞ୍ଚଳରେ ଜୈବୀକ କୃଷି** : ବର୍ଷା ଉପରେ ନିର୍ଭରଶୀଳ ଅଞ୍ଚଳରେ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ପରମ୍ପରାଗତ କୃଷି ଓ ଜୈବିକ କୃଷି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଦେଶର ପ୍ରାୟ ୫୫% ଚାଷ ଜମି ବର୍ଷା ଉପରେ ନିର୍ଭରଶୀଳ। ଏହି ଜମିରେ ସରକାର ପରମ୍ପରାଗତ କୃଷି ଓ ଜୈବିକକୃଷିକୁ ଗୁରୁତ୍ୱ ପ୍ରଦାନ କରି ପଦକ୍ଷେପ ଆରମ୍ଭ କରିଛନ୍ତି। ପରମ୍ପରାଗତ କୃଷି ବିକାଶ ଯୋଜନାରେ ପାଞ୍ଚଲକ୍ଷ ଏକର ଜମିରେ ୩ବର୍ଷ ପାଇଁ ଜୈବୀକ ପଦ୍ଧତିରେ ଚାଷ କରାଯିବ। ଦ୍ୱିତୀୟତଃ ଉତ୍ତରପୂର୍ବାଞ୍ଚଳରେ ଜୈବୀକ କୃଷି ପାଇଁ ଏକ ନୂଆ ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ଉତ୍ପାଦିତ ସାମଗ୍ରୀକୁ ଅଧିକ ଗୁଣାତ୍ମକ କରିବାକୁ ଦୃଷ୍ଟି ଦିଆଯିବ। ଫଳରେ ଏସବୁ ସାମଗ୍ରୀର ବଜାର ଚାହିଦା ଅଧିକ ହେବ। ଏହି ଯୋଜନା ପାଇଁ ୪୧୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

୫) **ଜାତୀୟ କୃଷି ବଜାର (ଏନ୍ଏମ୍)** : କୃଷିଜାତ ଦ୍ରବ୍ୟ ବିପଣନ ବ୍ୟବସ୍ଥାରେ ଅନେକ ତ୍ରୁଟି ରହିଛି। ମଣ୍ଡି ଟିକସ ଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଏଥିପାଇଁ ଚାଷୀଙ୍କୁ ଟିକସ ଦେବାକୁ ପଡୁଛି। ଏସବୁ ବ୍ୟବସ୍ଥା ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ଏବଂ ମାତ୍ରାଧିକ ଭାବେ ଦୁର୍ନୀତିପ୍ରବଣ। ଫଳରେ ଚାଷୀ ଲାଭଜନକ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ନୂଆ ଜାତୀୟ କୃଷି ବଜାର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନେଇଛନ୍ତି। କର୍ଣ୍ଣାଟକ ଢାଞ୍ଚାରେ ଏହି ବଜାର ନିର୍ମିତ ହେବ। ଏଥିପାଇଁ ସରକାର ଏଗ୍ରିଟେକ୍ ଇନ୍‌ଫ୍ରାଷ୍ଟ୍ରକଚର ପାଣ୍ଠି ଗଠନ କରି ବଜେଟରେ ୨୦୦କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ୨୦୧୭-୧୮ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ। ଏହା ଫଳରେ ସାରା ଦେଶରେ କୃଷିଜାତ ସାମଗ୍ରୀର ମୂଲ୍ୟ ପ୍ରକାଶ କରିବାକୁ ଏକ ଇଲେକଟ୍ରୋନିକ ପୋର୍ଟାଲ ତିଆରି କରାଯିବ। ଏହା ସହିତ ପ୍ରାଦେଶିକ ମାର୍କେଟ କମିଟି, କୃଷି କମିଟି, ଜାତୀୟ ମାର୍କେଟ କମିଟି, କୃଷି ସମବାୟ ଓ ସମ୍ପୃକ୍ତ ସଂସ୍ଥାମାନେ ସଂଯୁକ୍ତ ହେବେ। କୃଷି ବିଭାଗ ଅଧୀନରେ ସ୍ୱାଧୀନଭାବେ ଏହା କାର୍ଯ୍ୟକରିବ। ସମଗ୍ର ରାଜ୍ୟରେ ଉତ୍ପାଦକଙ୍କୁ ଏକକ ଲାଇସେନ୍ସ, ଗୋଟିଏ ସ୍ଥାନରେ ଟିକସ ଆଦାୟ, ଇଲେକଟ୍ରୋନିକ ନିଲାମ ବ୍ୟବସ୍ଥା ଆଦି ଏହାର ମୁଖ୍ୟାଂଶ। ଏହାଦ୍ୱାରା ଚାଷୀଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରିବ ଏବଂ ସେମାନେ ଶୋଷଣରୁ ରକ୍ଷା ପାଇବେ।

୬) **ମୂଲ୍ୟ ସ୍ଥିରୀକରଣ ପାଣ୍ଠି** : କୃଷିଜାତ ଦ୍ରବ୍ୟର ମୂଲ୍ୟରେ ଅସ୍ଥିରତା ଚାଷୀ ପାଇଁ ସବୁଠୁ ବଡ଼ ସମସ୍ୟା। ଅମଳ ସମୟରେ ଚାଷୀ ନିଜ ସାମଗ୍ରୀକୁ ଶାଗମାଛ ମୂଲରେ ବିକିଥାଏ। ଫଳରେ ସେ କୌଣସି ଲାଭଜନକ ମୂଲ୍ୟ ପାଏନାହିଁ। ଚାଷୀର ସ୍ୱାର୍ଥ ଦୃଷ୍ଟିରୁ ଉତ୍ପାଦିତ ଫସଲର ମୂଲ୍ୟ ସ୍ଥିର ରଖିବା ପାଇଁ ସରକାର ଏକ ପାଣ୍ଠିଗଠନ କରିଛନ୍ତି। ଫଳ ଓ ପନିପରିବା ଭଳି ପଚନଶୀଳ ସାମଗ୍ରୀକୁ ଚାଷୀଙ୍କଠାରୁ କିଣି ତାହାକୁ ସଂରକ୍ଷିତ କରିରଖିବା ଓ ଉଚିତ ମୂଲ୍ୟରେ ବିକିବା ପାଇଁ ଏହି ପାଣ୍ଠି ସହାୟକ ହେବ।

୭) **ରାଷ୍ଟ୍ରୀୟ ଗୋକୁଳ ମିଶନ** : କୃଷି କ୍ଷେତ୍ରର ମୋଟ ଜାତୀୟ ଉତ୍ପାଦନରେ ଗୋ ସମ୍ପଦର ଅବଦାନ ୨୫ ଶତାଂଶ। ଗୋପାଳନ ଦ୍ୱାରା ଦେଶର ୨୧ ନିୟୁତ ଲୋକ ଆତ୍ମନିଯୁକ୍ତିର ସୁଯୋଗ ପାଇଛନ୍ତି। ଏହା କୃଷିର ସର୍ବାଧିକ ଅଭିବୃଦ୍ଧିଶାଳୀ ଉଦ୍ୟୋଗ। କୃଷକଙ୍କୁ ଅତିରିକ୍ତ ଆୟ ପ୍ରଦାନ କ୍ଷେତ୍ରରେ ଗୋପାଳନର ଉଲ୍ଲେଖନୀୟ ଭୂମିକା ରହିଛି। କୃଷି କ୍ଷେତ୍ରରେ ବିଫଳତା ସମୟରେ ଗୋପାଳନ ଜନିତ ଆୟ ଚାଷୀଙ୍କୁ ସମ୍ଭାଳିଥାଏ। ଅର୍ଥନୀତିରେ ଗୋସମ୍ପଦର ଅବଦାନକୁ ଦୃଷ୍ଟିରେ ରଖି ସରକାର ୨୦୧୪-୧୫ ବର୍ଷରୁ ରାଷ୍ଟ୍ରୀୟ ଗୋକୁଳ ମିଶନ ଆରମ୍ଭ କରିଛନ୍ତି। ଦେଶୀ ଉତ୍କୃଷ୍ଟ ପ୍ରଜାତିର ଗାଇଙ୍କ ବିକାଶ ଓ ବଂଶ ବୃଦ୍ଧି ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ସମନ୍ୱିତ ଗୋ-ବିକାଶ କେନ୍ଦ୍ର ସ୍ଥାପନର ଲକ୍ଷ୍ୟ ରଖାଯାଇଛି। ଗୋକୁଳ ଗ୍ରାମ ନାମରେ ପ୍ରତିଷ୍ଠା ହେବାକୁ ଥିବା ଏହି କେନ୍ଦ୍ରରେ ଦେଶୀ ପ୍ରଜାତିର ଉତ୍କୃଷ୍ଟ ଗାଇଙ୍କ ପ୍ରଜନନ ବ୍ୟବସ୍ଥା କରାଯିବ। ନାମୀ ଦାମୀ ଦେଶୀ ଗାଇ ମଇଁଷିଙ୍କ ବ୍ୟତୀତ ଅନ୍ୟାନ୍ୟ ଅଧିକ ଦୁଧ ଦେଉଥିବା ଦେଶୀ ପ୍ରଜାତିର ଗାଇଙ୍କ ପ୍ରଜନନ ପାଇଁ ଏଥିରେ ମଧ୍ୟ ୪୦% ବ୍ୟବସ୍ଥା ରହିବ। ଏହି ମିଶନ ପାଇଁ ଗତ ୨୦୧୪-୧୫

ବର୍ଷରେ ୫୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ୨୦୧୫-୧୬ ବଜେଟରେ ଦେଶୀ ପ୍ରଜାତିର ଜାତିଆ ଗାଈଙ୍କ ପ୍ରଜନନ ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

୮) **ଜାତୀୟ କାମଧେନୁ ପ୍ରଜନନ କେନ୍ଦ୍ର** : ଦେଶୀ ପ୍ରଜାତିର ଉତ୍କୃଷ୍ଟ ଗାଈଙ୍କ ପ୍ରଜନନ, ବିକାଶ ଓ ସଂରକ୍ଷଣ ନିମନ୍ତେ ଦୁଇଟି ଜାତୀୟ କାମଧେନୁ ପ୍ରଜନନ କେନ୍ଦ୍ର ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶରେ ପ୍ରତିଷ୍ଠା କରାଯାଉଛି। ଏହା ଏ କ୍ଷେତ୍ରରେ ଉତ୍କୃଷ୍ଟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଦେଶର ୩୯ ପ୍ରଜାତିର ଗୋରୁ ଓ ୧୩ ପ୍ରଜାତିର ମଇଁଷଙ୍କ ପ୍ରଜନନ ଓ ସଂରକ୍ଷଣ କାର୍ଯ୍ୟ ଏହି କେନ୍ଦ୍ରରେ କରାଯିବ। ସେହିଭଳି ସେମାନଙ୍କର ଉତ୍ପାଦକତା ଓ ପ୍ରଜାତିର ବୈଶିଷ୍ଟ୍ୟ ଦୃଷ୍ଟିରୁ ମିଥୁନ ଓ ଚମରୀ ଗାଈଙ୍କ ସଂରକ୍ଷଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯିବ। ଏହି କେନ୍ଦ୍ରରେ ଏଭଳି ପଶୁ ସମ୍ପଦର ଜର୍ମ-ପ୍ଲାଜ୍‌ମାକୁ ସଂରକ୍ଷିତ କରାଯାଇ ବୈଜ୍ଞାନିକ ଭିତ୍ତିରେ ତାହାର ବିକାଶ କରାଯିବ। ଏହି ଜାତିର ଉନ୍ନତମାନର ଷଣ୍ଢଙ୍କ ଶୁକ୍ର ସଂଗ୍ରହ କରାଯାଇ ଏହାକୁ କୃତ୍ରିମ ପ୍ରଜନନରେ ବ୍ୟବହାର କରାଯିବାର ଲକ୍ଷ୍ୟ ରହିଛି। ଏହା ଛଡ଼ା ଚାଷୀଙ୍କୁ ଉନ୍ନତମାନର ଛଡ଼ା, ବାଛୁରୀ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ଦୁଇ କାମଧେନୁ ପ୍ରଜନନ କେନ୍ଦ୍ର ପାଇଁ କେନ୍ଦ୍ର ସରକାର ୨୫କୋଟି ଟଙ୍କା ଯୋଗାଇଦେଇଛନ୍ତି।

୯) **ନୀଳ ବିପ୍ଳବ** : ଦେଶରେ ମତ୍ସ୍ୟ ଉଦ୍ୟୋଗର ବିକାଶ ପାଇଁ ପ୍ରଚୁର ସମ୍ଭାବନା ଥିବାରୁ ୨୦୧୬-୧୭ ବଜେଟରେ କେନ୍ଦ୍ର ସରକାର ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ବରାଦ କରିଛନ୍ତି। ନୀଳ ବିପ୍ଳବ ନାମରେ ଦେଶରେ ମତ୍ସ୍ୟ ଚାଷର ସମନ୍ୱିତ ବିକାଶ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ପାଞ୍ଚବର୍ଷ ପାଇଁ ସରକାର ଏଥି ନିମନ୍ତେ ୩୦୦୦କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି।

୧୦) **ବଜେଟ ସହାୟତା** : କୃଷି କ୍ଷେତ୍ର ଓ ତତ୍‌ସଂଲଗ୍ନ ଉଦ୍ୟୋଗର ସାମଗ୍ରିକ ବିକାଶ ପାଇଁ ସରକାର ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ୨୦୧୬-୧୭ ବଜେଟରେ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ୩୫୯୮୪ କୋଟି ଟଙ୍କାର ବିପୁଳ ବ୍ୟୟ ବରାଦ ହୋଇଛି। ଏହା ବାଦ୍ ଚାଷୀଙ୍କୁ ଋଣ ସହାୟତା ପାଇଁ ସରକାର ଅତିରିକ୍ତ ନ'ଲକ୍ଷ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି। ଏହା ବାଦ୍ ଗ୍ରାମାଞ୍ଚଳ ରାସ୍ତାଘାଟର ବିକାଶ, ଗ୍ରାମ୍ୟ ବିଦ୍ୟୁତ୍‌କରଣ ତଥା ଅନ୍ୟାନ୍ୟ ସାମାଜିକ କ୍ଷେତ୍ର ପାଇଁ ମଧ୍ୟ ସରକାର ସ୍ୱତନ୍ତ୍ର ବ୍ୟୟ ବରାଦ କରିଛନ୍ତି। ଗ୍ରାମାଞ୍ଚଳର ବିକାଶ ସହିତ କୃଷି ଓ କୃଷକଙ୍କ ଉନ୍ନତି ଏହାର ମୁଖ୍ୟ ଲକ୍ଷ୍ୟ। ଏସବୁ ପଦକ୍ଷେପ ଗ୍ରାମାଞ୍ଚଳର ବିକାଶ ସହ କୃଷି ଓ କୃଷକର ଉନ୍ନତିରେ ସହାୟକ ହେବ ବୋଲି ଆଶା।

ଲେଖକ ନୀତି ଆୟୋଗର କୃଷି ପରାମର୍ଶଦାତା।

●


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ାଭ୍ୟାସକାରୀଙ୍କ ମୂଲ୍ୟାୟନ ଓ ପ୍ରାମାଣିକତା

ରବି ପି. ସିଂହ ଏବଂ ମନୀଷ ପାଣ୍ଡେ

**ବି**ଶାଳ ମହାଭାରତୀୟ ସଂସ୍କୃତି। ଏହାର ପରମ୍ପରା ମହାନ। ଯୁଗଯୁଗ ଧରି ଭାରତୀୟ ସଂସ୍କୃତି ସହ ଯୋଗର ସମ୍ପର୍କ ରହିଆସିଛି। ମୁନୀଋଷିଙ୍କ ଦ୍ୱାରା ପ୍ରଣୀତ ଅନେକ ଭାରତୀୟ ଗ୍ରନ୍ଥରେ ଏକ ପ୍ରାଚୀନ ବିଷୟବସ୍ତୁ ଭାବେ ଯୋଗବିଦ୍ୟା ସମ୍ପର୍କରେ ବ୍ୟାପକ ବର୍ଣ୍ଣନା ରହିଆସିଛି ଏବଂ ଶହ ଶହ ବର୍ଷ ଧରି ଏହି ବିଦ୍ୟା ସାଧିତ ହୋଇଆସିଛି। ଭାରତର ପ୍ରାଚୀନ ଧର୍ମଶାସ୍ତ୍ର ସହ ବର୍ଷ ବର୍ଷ ଧରି ଯୋଗ ସାହିତ୍ୟ ସୃଷ୍ଟି ହୋଇଛି। ଯୋଗର ଅଦମ୍ୟ ପ୍ରଭାବ ମାନବର ମନ ଓ ଶରୀର ଉପରେ ପଡ଼ିଥାଏ ଯାହାକି ବିଶ୍ୱବ୍ୟାପୀ ସ୍ୱୀକୃତ। ତେବେ ଜୀବନ ପରିବର୍ତ୍ତନର ଅଭିଜ୍ଞତା ଭାବେ ଯୋଗର ବିବର୍ତ୍ତନ ସମ୍ପର୍କରେ ଅନେକ ଅବଗତ ନାହାନ୍ତି, ଯାହାକି ମାନବ ସଭ୍ୟତାକୁ ପ୍ରଗତିଶୀଳ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା।

'ଯୋଗ' ଶବ୍ଦ ସଂସ୍କୃତ ଶବ୍ଦ 'ଯୁଜ'ରୁ ଆନୀତ ଯାହାର ଅର୍ଥ ହେଉଛି ଏକତ୍ର ବା ସମନ୍ୱିତ କରିବା। ଭାରତୀୟ ମୂଲ୍ୟବୋଧ ଓ ସଂସ୍କୃତିରେ ଯୋଗ ଆଧ୍ୟାତ୍ମିକତା ଓ ସୌନ୍ଦର୍ଯ୍ୟର ପ୍ରାମାଣିକତା ବହନ କରିଥାଏ। ଯୋଗର କେତେକ ପ୍ରକାର ଯଥା- ନିଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣ, ସାଧାରଣ ଧ୍ୟାନ ଓ କେତେକ ଶାରିରୀକ ଅଙ୍ଗଭଙ୍ଗୀ ସମଗ୍ର ବିଶ୍ୱରେ କରାଯାଉଛି। ସ୍ୱାସ୍ଥ୍ୟସମସ୍ୟାରୁ ମୁକ୍ତି ଏବଂ ମାନସିକ ସୁସ୍ଥତା ପାଇଁ ଏହା କରାଯାଉଛି। ମହାନ ଋଷି ପତଞ୍ଜଳିଙ୍କ ସଂଜ୍ଞାନୁସାରେ ଯୋଗ ହେଉଛି- ଯୋଗହ ଚିତ୍ତବୃତ୍ତି ନିରୋଧହ। ଏହାର ଅର୍ଥ ହେଲା- ଯୋଗ ହେଉଛି ମନର ନାନାବିଧ ପରିବର୍ତ୍ତନର ରୋଧକ।

ଯୋଗର ବାସ୍ତବ ତାରିଖ ଓ ଇତିହାସ ସମ୍ପର୍କରେ ଅନେକ ବିତର୍କ ହୋଇଆସିଛି। ତେବେ ଏନେଇ ଚାଲିଥିବା କଳ୍ପନାଜଳ୍ପନାଠାରୁ ଯୋଗର ପରମ୍ପରା ଅଧିକ ପ୍ରାଚୀନ। ଭାରତର ପ୍ରାଚୀନ ମହାକାବ୍ୟ ମହାଭାରତ ଓ ଭାଗବତ ଗୀତାରେ ଯୋଗ ସମ୍ପର୍କରେ ବ୍ୟାପକ ବର୍ଣ୍ଣନା ରହିଛି। ଗୀତାରେ ତିନି ପ୍ରକାର ଯୋଗର ବର୍ଣ୍ଣନା ରହିଛି। ତାହା ହେଲା କର୍ମଯୋଗ, ଭକ୍ତି ଯୋଗ ଓ ଜ୍ଞାନଯୋଗ। ଖ୍ରୀପୂ ୧୯୦୦ ଓ ଖ୍ରୀପୂ ୧୧୦୦ ମଧ୍ୟରେ ମାନବ ଜୀବନର ଅଙ୍ଗ ଭାବେ ଯୋଗ ରହିଆସିଥିଲା। ପତଞ୍ଜଳି ଯୋଗ ସୂତ୍ରରେ ଶାସ୍ତ୍ରୀୟ ଯୋଗକୁ ଆଠ ଭାଗରେ ବିଭକ୍ତ କରାଯାଇଛି। ତାହା ହେଲା ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି।

ଏହି ଯୋଗ ସୂତ୍ରାବଳୀଗୁଡ଼ିକରେ ରାଜଯୋଗ ବିଷୟରେ ଉଲ୍ଲେଖ ରହିଛି ଯେଉଁଥିରେ ଅଷ୍ଟାଙ୍ଗ ସୂତ୍ରକୁ ପ୍ରତିଫଳିତ କରୁଛି। ମହର୍ଷି କପିଳଙ୍କ ସଂଖ୍ୟା ଦର୍ଶନ ଉପରେ ଯୋଗର ଦାର୍ଶନିକ ମୂଲ୍ୟବୋଧ ପ୍ରତିଷ୍ଠିତ। ପତଞ୍ଜଳିଙ୍କ ଦ୍ୱିତୀୟ ସୂତ୍ରରେ ମନ ଉପରେ ଗୁରୁତ୍ୱ ଦିଆଯାଇଛି ଯେଉଁଥିରେ ଯୋଗର ସଂଜ୍ଞା ନିର୍ଣ୍ଣିତ ହୋଇଛି ଯେ- ଏହା ସମସ୍ତ ପ୍ରକାର ମାନସିକ ପରିବର୍ତ୍ତନର ଗତିରୋଧ କରିଥାଏ ଏବଂ ସମସ୍ତ ଅବାସ୍ତବ ଭାବନାକୁ ରୋକିଥାଏ। ଯୋଗ ସୂତ୍ରରେ ମନ ଉପରେ ଗୁରୁତ୍ୱ ଦେବା ବଦଳରେ ଯୋଗର ପରବର୍ତ୍ତୀ ଅବସ୍ଥାରେ ଜଟିଳ ଆସନ ବା ଶରୀର ଅଙ୍ଗଭଙ୍ଗୀ ଉପରେ ଗୁରୁତ୍ୱ ଦିଆଗଲା। ସମ୍ପ୍ରତି ଅନେକ ଶାରୀରିକ ଓ ମାନସିକ ବ୍ୟାୟାମ ଜରିଆରେ ସ୍ୱର୍ଗୀୟ ଜୀବନୀ ଶକ୍ତି ବା କୁଣ୍ଡଳିନୀକୁ ଉନ୍ନୀତ କରିବା ଲାଗି ଯୋଗକୁ ମାଧ୍ୟମ ଭାବେ ବ୍ୟବହାର କରାଯାଉଛି। ଭୌତିକ ସ୍ତରରେ ବିଭିନ୍ନ ଯୋଗ ସଂକ୍ରାନ୍ତ ଅଙ୍ଗଭଙ୍ଗୀ ବା ଆସନ କରାଯାଉଛି ଯାହାର ଉଦ୍ଦେଶ୍ୟ ହେଲା ଶରୀରକୁ ସୁସ୍ଥ ରଖିବା। ମାନସିକ ଯୋଗ ମଧ୍ୟରେ ରହିଛି ନିଶ୍ୱାସ ପ୍ରଶ୍ୱାସ ସଂକ୍ରାନ୍ତ ବ୍ୟାୟାମ ବା ପ୍ରାଣାୟାମ ଏବଂ ଧ୍ୟାନ ଯାହାକି ମନକୁ ଶୃଙ୍ଖଳିତ କରିବା ସହିତ ନିୟନ୍ତ୍ରଣ କରିଥାଏ।

ଉନ୍ନତ ଓ ଗୁଣବତ୍ତାଭିତ୍ତିକ ଜୀବନ ସକାଶେ ଯୋଗର ଲୋକପ୍ରିୟତା ସମଗ୍ର ବିଶ୍ୱରେ କୋଟି କୋଟି ଲୋକଙ୍କୁ ଆକର୍ଷିତ କରିପାରିଛି। ଭାରତ କ୍ଷେତ୍ରରେ ବ୍ୟାପକ ସଫଳତା ହାସଲ ଲାଭକରିଥିବା ଯୋଗ ଉପରେ ଅସଂଖ୍ୟ ଲୋକ ଭରସା କରିଛନ୍ତି। ବିଶ୍ୱରେ ଯେଉଁମାନେ ଯୋଗ ଶିକ୍ଷା କରିବା ସହ ଅଭ୍ୟାସ କରିବା ପାଇଁ ଇଚ୍ଛୁକ ସେମାନଙ୍କୁ ପ୍ରଶିକ୍ଷଣ ଦେବା ସହ ପଥପ୍ରଦର୍ଶକ ହେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ମଧ୍ୟରେ ଯୋଗର ମୌଳିକ ଆଭିମୁଖ୍ୟ ଓ ଜ୍ଞାନର ସଦୁପଯୋଗ ହେବା ଆବଶ୍ୟକ। ଯୋଗ ଶିକ୍ଷା ଦେବା ପାଇଁ ପ୍ରକୃତ ବାତାବରଣ ସୃଷ୍ଟି ହେବାର ଆବଶ୍ୟକତା ଥିବାବେଳେ ଯୋଗ ସମ୍ପର୍କରେ ବିଶଦ ଜ୍ଞାନ ହାସଲ କରିଥିବା ତଥା ଉପଯୁକ୍ତ ମାଗଦର୍ଶନକାରୀ

ପ୍ରଶିକ୍ଷଣ ଦେବା ଆବଶ୍ୟକ। ଫଳରେ ଯୋଗଶିକ୍ଷାକାରୀମାନେ ପ୍ରାଚୀନ ଭାରତୀୟ ଯୋଗ ଶାସ୍ତ୍ରର ପୂର୍ଣ୍ଣ ଉପଯୋଗ କରିପାରିବେ। ଏହି ଅବସ୍ଥା ସୃଷ୍ଟି କରିବା ଲାଗି ଅନେକ ପ୍ରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ତନ୍ମଧ୍ୟରୁ ଗୋଟିଏ ହେଉଛି- ଉପଯୁକ୍ତ ପାରଦର୍ଶିତାକୁ ଆକଳନ କରି ଯୋଗପ୍ରଶିକ୍ଷକମାନଙ୍କୁ ପ୍ରମାଣୀକୃତ କରିବା ଆବଶ୍ୟକ। ଯୋଗ କାହିଁକି ଓ କିପରି- ଏସମ୍ପର୍କରେ ବିଶଦ ଅଭିଜ୍ଞତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ହିଁ ଏଥିରେ ସାମିଲ କରାଯିବାର ଆବଶ୍ୟକତା ରହିଛି। ପ୍ରତିଯୋଗୀତାତ୍ମକ ଭାବେ ପ୍ରଶିକ୍ଷକମାନଙ୍କୁ ଚୟନ କରିବା ସକାଶେ ବିଶ୍ୱସ୍ତରୀୟ ଗ୍ରହଣୀୟତା ପ୍ରକ୍ରିୟାରେ ଆକଳନ ବିଧି ରହିବା ଉଚିତ। ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା ଅନୁସାରେ ଜଣେ ଯୋଗ ପ୍ରଶିକ୍ଷକଙ୍କୁ ଜଣେ ଇନଷ୍ଟ୍ରକ୍ଟର, ଶିକ୍ଷକ, ଗୁରୁ ବା ଆଚାର୍ଯ୍ୟ ଭାବେ ଶ୍ରେଣୀଭୁକ୍ତ କରିବା ଆବଶ୍ୟକ। ଆକଳନର ପ୍ରକ୍ରିୟା ଏପରି ହେବା ଉଚିତ ଯେ, ଇନଷ୍ଟ୍ରକ୍ଟରଙ୍କଠାରୁ ଆରମ୍ଭ କରି ଆଚାର୍ଯ୍ୟ ଯାଏ ପ୍ରଦର୍ଶନ ବଦଳରେ ଅଭିଜ୍ଞତାକୁ ଅଧିକ ଗୁରୁତ୍ୱ ଦିଆଯିବ ଉଚିତ। ଯୋଗ ଶିକ୍ଷା ପ୍ରଦାନ କରୁଥିବା ପ୍ରତିଷ୍ଠାନଗୁଡ଼ିକ ସକାଶେ ଏକ ସ୍ୱୀକୃତିଗତ ବ୍ୟବସ୍ଥା ସୃଷ୍ଟି କରିବା ଆବଶ୍ୟକ ଯଦ୍ଦ୍ୱାରା ଯୋଗ ପାରଦର୍ଶିତା ନେଇ ଡିଗ୍ରୀ, ଡିପ୍ଲୋମା ବା ଅନ୍ୟାନ୍ୟ ସାର୍ଟିଫିକେଟ ପ୍ରଦାନ କରାଯାଇପାରିବ। ଯୋଗ ଶିକ୍ଷା ପ୍ରଦାନ କରିବା କ୍ଷେତ୍ରରେ ମୌଳିକ ଜ୍ଞାନ ଓ ଦକ୍ଷତା ଭିତ୍ତିରେ ସମସ୍ତ ପ୍ରତିଷ୍ଠାନର ଯୋଗ୍ୟତା ସମାନ ନଥାଏ। ଜୀବନର ରୂପାନ୍ତରଣମୂଳକ ଅଭିଜ୍ଞତା ଭାବେ ଯୋଗର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ଏହାକୁ ବ୍ୟବସାୟିକ ରୂପ ଦିଆଗଲେ ପ୍ରାଚୀନ ଶାସ୍ତ୍ରରେ ଲିପିବଦ୍ଧ ଯୋଗର ମୌଳିକ ନୈତିକତା ନଷ୍ଟ ହେବାର ଆଶଙ୍କା ଥାଏ। ସଂଖ୍ୟାଧିକ ପ୍ରତିଷ୍ଠାନ ମଧ୍ୟରୁ ଉପଯୁକ୍ତ ପ୍ରତିଷ୍ଠାନଗୁଡ଼ିକୁ ଚିହ୍ନଟ କରି ସ୍ୱୀକୃତି ପ୍ରଦାନ କରିବାର ଆବଶ୍ୟକତା ରହିଛି।

ଚାରିଟି ବିଭିନ୍ନ ସ୍ତରରେ ଯୋଗ ବିଦ୍ୟାଳୟଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଯୋଗ ବିଦ୍ୟାଳୟ ପ୍ରମାଣୀକରଣ ଯୋଜନାରେ ବ୍ୟବସ୍ଥା ରହିଛି। ପ୍ରଥମ ସ୍ତର ହେଉଛି ମୌଳିକତା। ଯୋଗବୃତ୍ତିଜୀବୀଙ୍କ ଲାଗି ସ୍ୱେଚ୍ଛାକୃତ ପ୍ରମାଣୀକରଣ ଯୋଜନାରେ ଅତିକମରେ ପ୍ରଥମ ଦୁଇଟି ସ୍ତର ଯଥା ଇନଷ୍ଟ୍ରକ୍ଟର ଓ ଶିକ୍ଷକ ଲାଗି ଯୋଗ ଶିକ୍ଷା ପ୍ରଦାନ କରିବାର ସାମର୍ଥ୍ୟ ରହିଥିବ। ଦ୍ୱିତୀୟସ୍ତର ହେଉଛି ସ୍ଥିରତା। ଯୋଗ ବିଦ୍ୟାଳୟ ଯାହାକି ମୌଳିକତାର ଆବଶ୍ୟକତା ପୂରଣ କରୁଥିବେ ଏବଂ ଏହା ସହ ଯୋଗ ଆସୋସିଏସନର ସ୍ୱୀକୃତିପ୍ରାପ୍ତ ଶିକ୍ଷା/ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅତିକମରେ ୫୦ ପ୍ରତିଶତ ଯୋଗଶିକ୍ଷା ପ୍ରଦାନ କରିପାରୁଥିବେ। ଏହା ସହ ଆଇଏସଓ ୨୯୯୯୦: ୨୦୧୦ର ଆବଶ୍ୟକତା ପୂରଣ କରୁଥିବେ। ତୃତୀୟ ସ୍ତର ହେଉଛି ପରିପକ୍ୱତା। ଏହି ସ୍ତରରେ ସ୍ଥିରତାର ଆବଶ୍ୟକତା ପୂରଣ ହେଇଥିବା ସହ ସହଜରେ ଖାପ ଖାଉଥିବା ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ସାମର୍ଥ୍ୟ ରହିଥିବ। ସର୍ବୋଚ୍ଚ ସ୍ତର ହେଉଛି ଆଶ୍ରମ ସ୍ତର ଯାହାକି ପରିପକ୍ୱତାର ସ୍ତର ପୂରଣ କରୁଥିବ କିନ୍ତୁ ୨୦୦ ଘଂଟା ବା ଅଧିକ ସମୟର ଆଶ୍ରମଭିତ୍ତିକ ପାଠ୍ୟକ୍ରମ ସଂକ୍ରାନ୍ତ ଯୋଗଶିକ୍ଷା ପ୍ରଦାନ କରିପାରୁଥିବ। ପ୍ରତ୍ୟେକ ସ୍ତର ଲାଗି ଆବଶ୍ୟକତା ସ୍ୱାଧୀନ ଭାବେ ନିର୍ଦ୍ଧାରିତ ହେବା ଆବଶ୍ୟକ। ଏହି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟଗୁଡ଼ିକରୁ ପାସ୍ କରୁଥିବା ଛାତ୍ରଛାତ୍ରୀଙ୍କ କଲ୍ୟାଣ ସକାଶେ ଦିବସବ୍ୟାପୀ ତଥ୍ୟ ଏବଂ ଏକ ପ୍ରାକ୍ଟିକାଲ ଆକଳନ ବଦଳରେ ମୌଖିକ ଭାବେ ସାକ୍ଷାତକାର ନିଆଯାଇ ଯୋଗ ବୃତ୍ତିଜୀବୀ ପ୍ରମାଣୀକରଣ ପ୍ରଦାନ କରାଯିବ।

ଜଣେ ଯୋଗବୃତ୍ତିଜୀବୀଙ୍କ ପାରଦର୍ଶିତା ଆକଳନ ପ୍ରସଙ୍ଗ ହେଉଛି ଏକ ଆହ୍ୱାନ। ଜଣେ ଶିକ୍ଷକଙ୍କଠାରୁ ତାଙ୍କ ଛାତ୍ରଙ୍କ ନିକଟକୁ ସମ୍ପ୍ରସାରିତ ହୋଇଥିବା ଜ୍ଞାନର ଆକଳନ ଓ ମୂଲ୍ୟାୟନ ହୋଇପାରିବ କି ନାହିଁ ତାହା ଏକ ପ୍ରସଙ୍ଗ। ଅନ୍ୟ ଯେଉଁ ଏକ ପ୍ରସଙ୍ଗ ଆସିଥାଏ ତାହା ହେଉଛି- ଅନ୍ୟମାନଙ୍କ ଦ୍ୱାରା ଚିତ୍ତ ଓ ମନକୁ ଅନୁଧ୍ୟାନ, ଆକଳନ ବା ମାପ କରାଯାଇପାରିବ କି ନାହିଁ। ଅନ୍ୟମାନଙ୍କ ମନରେ ଘଟୁଥିବା ପରିବର୍ତ୍ତନଗୁଡ଼ିକୁ ଜଣେ କେହି ଅବଲୋକନ କରିପାରିବା ସମ୍ଭବ କି ନୁହେଁ?

ଯୋଗକୁ ଏକ ଅଭିଜ୍ଞତାମୂଳକ ବିଷୟ ଭାବେ ନିଆଯାଇଥିବାରୁ ଯୋଗ ବୃତ୍ତିଜୀବୀଙ୍କୁ ପ୍ରମାଣୀକୃତ କରିବା ଏକ ଦୁରୂହ ବ୍ୟାପାର। ଯୋଗରେ ଜ୍ଞାନ ଓ ଦକ୍ଷତାକୁ ପ୍ରମାଣୀକୃତ କରିବା କ୍ଷେତ୍ରରେ ଅନେକେ ଅନୁଭବ କରନ୍ତି ଯେ ଯୋଗ ହେଉଛି ଅଧିକରୁ ଅଧିକ ଅବଜେକ୍ଟିଭ ବିଷୟ। ତେବେ ଯୋଗର ମୂଳଭିତ୍ତି ହେଉଛି ବିଷୟବସ୍ତୁମୂଳକ, ଗଭୀର ଓ ବ୍ୟାଖ୍ୟାମୂଳକ। ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ବିଭିନ୍ନ ଯୋଗ ପ୍ରତିଷ୍ଠାନଗୁଡ଼ିକରୁ ଅନେକ ଆହ୍ୱାନ ଆସିଥାଏ। ଦେଶରେ ଓ ବିଶ୍ୱବ୍ୟାପୀ ଅନେକ ପ୍ରତିଷ୍ଠିତ ଯୋଗ ପ୍ରତିଷ୍ଠାନ ଏବଂ ଅନେକ କ୍ଷୁଦ୍ର ଯୋଗ ପ୍ରତିଷ୍ଠାନ ରହିଛି ଯେଉଁମାନେ ଯୋଗର ପ୍ରସାର କ୍ଷେତ୍ରରେ ସହାୟକ ହେବା ସହ ଯୋଗ ଶିକ୍ଷକ ସୃଷ୍ଟି କରିବାରେ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସକାଶେ ପାଠ୍ୟକ୍ରମ ପ୍ରଚଳନ କରିଥାନ୍ତି।

ବିଭିନ୍ନ ପ୍ରତିଷ୍ଠାନରେ ପ୍ରଦାନ କରାଯାଉଥିବା ପାଠ୍ୟକ୍ରମ ପରସ୍ପରଠାରୁ ଉଭୟ ସମୟ ଓ ବିଷୟବସ୍ତୁଗତ ଦୃଷ୍ଟିରୁ ଅଲଗା ହୋଇଥାଏ। ତେଣୁ ଏହି ଶିକ୍ଷକମାନଙ୍କର ଦକ୍ଷତା ଓ ଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ବିଶେଷଜ୍ଞତା ଓ ଉତ୍କୃଷ୍ଟତା ନେଇ ସ୍ତର ଭିନ୍ନଭିନ୍ନ ହୋଇଥାଏ। ସେହିପରି ବିଭିନ୍ନ ପ୍ରତିଷ୍ଠାନରେ ଭିନ୍ନ ଭିନ୍ନ ପ୍ରକାର

ଅଭ୍ୟାସ ଓ ଶିକ୍ଷାଗତ ପଦ୍ଧତି ରହିଥାଏ । ଏହି ଭିନ୍ନତା ଯୋଗ ଶିକ୍ଷାକୁ ଅଧିକ ଶାଣିତ କରିବ । ତେବେ ଯୋଗର ବାସ୍ତବ ରୂପ କଣ ଏବଂ ଉନ୍ନତ ଯୋଗ ଶିକ୍ଷା ସକାଶେ କଣ କଣ ଆବଶ୍ୟକତା ରହିଛି ତାହା ଶିକ୍ଷାନବୀଶମାନଙ୍କ ମଧ୍ୟରେ ସଂଶୟ ଉଦ୍ରେକ କରିବ ।

ଯେତେବେଳେ କୌଣସି ମତବାଦ ଜନପ୍ରିୟ ହୁଏ ଏହାକୁ ବହୁ ଲୋକ ଗ୍ରହଣ କରନ୍ତି ଏବଂ ସେମାନେ ନିଜ ନିଜ ଢଙ୍ଗରେ ତାହାକୁ ରୂପାୟନ କରିଥାନ୍ତି । ଏହା ଗୁରୁତ୍ୱହରାଏ ଯେତେବେଳେ ଶହଶହ ବର୍ଷ ଧରି ରହିଆସିଥିବା ମୌଳିକତାଠାରୁ ଶିକ୍ଷା ବ୍ୟବସ୍ଥା ନିଜକୁ ଦୂରେଇବାରେ ଲାଗେ । ଯୋଗ ମଧ୍ୟ ସ୍ୱାଭାବିକ ଭାବେ ଏହି ବିପଦର ଶିକାର ହୋଇଥାଏ ।

ବର୍ଷ ବର୍ଷ ଧରି ଦେଖାଯାଇଛି ଯେ, ଭାରତ ଓ ବିଦେଶରେ ଅନେକ ଯୋଗଗୁରୁ ସେମାନଙ୍କ ନିଜ ଇଚ୍ଛାନୁସାରେ ଯୋଗ ଶିକ୍ଷା ପ୍ରଦାନ କରିଆସିଛନ୍ତି ଯାହାକୁ ସେମାନଙ୍କ ଅନୁଗାମୀମାନେ ତୁରନ୍ତ ଗ୍ରହଣ କରିଛନ୍ତି । ଏହା ସ୍ୱର୍ଗୀୟ ଆନନ୍ଦ, ଶାନ୍ତି ଓ ସୁସ୍ଥ ବାତାବରଣ ମଧ୍ୟରେ ଚାଲିଥିବାଯାଏ ଅନୁଗାମୀମାନେ ଅନୁକରଣ କରିଥାନ୍ତି । ବେଳେବେଳେ ପ୍ରତିଷ୍ଠାତାଙ୍କ ଅଭିଜ୍ଞତା ଅନୁସାରେ ଯୋଗ ଶିକ୍ଷା ଅବଧାରିତ ହୋଇଥାଏ । ଫଳରେ ବିଭିନ୍ନ ଆଶ୍ରମ ଓ ପ୍ରତିଷ୍ଠାନରେ ଅଲଗା ଅଲଗା ବ୍ୟବସ୍ଥା ହୋଇଥାଏ । ଯୋଗକୁ ଅଧିକରୁ ଅଧିକ ବିଜ୍ଞାନସିଦ୍ଧ ତଥା ଅଧିକ ଏକକ ଓ ବସ୍ତୁଗତ କରିବା କ୍ଷେତ୍ରରେ ଯୋଗର ବିଷୟବସ୍ତୁ, ଅଭିଜ୍ଞତା ଓ ଏକକ ଦିଗକୁ ଗୁରୁତ୍ୱ ନଦେଇ ପ୍ରମାଣୀକରଣ ଯୋଜନା ବିପଜ୍ଜନକ ହେବ ନାହିଁ କି ? ଯୋଗକୁ ସାର୍ବଜନୀନ କରିବା କ୍ଷେତ୍ରରେ ରହିଥିବା ପ୍ରମୁଖ ଆହ୍ୱାନଗୁଡ଼ିକ ମଧ୍ୟରୁ ଏହି ପ୍ରସଙ୍ଗ ଅନେକ ଗୁରୁତ୍ୱ ବହନ କରେ । ଏହି ଆହ୍ୱାନଗୁଡ଼ିକର ମୁକାବିଲା ଲାଗି ଉପରୋକ୍ତ ଯୋଜନା ପ୍ରସ୍ତୁତିରେ କେତେକ ମୌଳିକତା ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ଦର୍ଶାଯାଇଛି ଯେ, ପ୍ରମାଣୀକରଣ ପ୍ରକ୍ରିୟା ଏପରି ହେବା ଆବଶ୍ୟକ ଯଦ୍ୱାରା ବିଭିନ୍ନ ଯୋଗ ବିଦ୍ୟାଳୟ ଓ ପ୍ରତିଷ୍ଠାନର ଗୁଣବତ୍ତା ଓ ଏକକତ୍ୱ ନଷ୍ଟ ହେବ ନାହିଁ । ଏହାକୁ ବିଜ୍ଞାନଭିତ୍ତିକ କରିବା ଦ୍ୱାରା ଯୋଗର ଆହ୍ୱାନକୁ ପରିବ୍ୟାପ୍ତ କରିବା ସହ ଏହାର ଦାର୍ଶନିକ, ପରୀକ୍ଷାଭିତ୍ତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଯେପରି ନଷ୍ଟ ନହୁଏ ତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଯୋଗକୁ ସାର୍ବଜନୀନ କରିବାର ପ୍ରଚେଷ୍ଟା କ୍ଷେତ୍ରରେ ଏହାର ବିଷୟବସ୍ତୁ ଓ ଅଭିଜ୍ଞତାକୁ ଜଳାଞ୍ଜଳି ଦେବା ଅନୁଚିତ ।

୨୧ ଜୁନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ଜାତିସଂଘ ଘୋଷଣା କରିବା ପରେ ଯୋଗର ଲୋକପ୍ରିୟତା ଅଧିକ ପରିବ୍ୟାପ୍ତ ହୋଇଛି । ଫଳରେ ଯୋଗ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଭାରତ ନିଜର ନେତୃତ୍ୱ ଜାହିର କରିପାରିଛି । ଯୋଗର ବାସ୍ତବ ମୂଲ୍ୟବୋଧ ଏବଂ ସ୍ୱଚ୍ଛ ଆଭିମୁଖ୍ୟର ସୁରକ୍ଷା ଏବଂ ଏହାକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଭାରତ ନିଜର ଗୁରୁ ଦାୟିତ୍ୱ ନିର୍ବାହ କରିଛି ।

୨୦୧୫ରେ ଆନ୍ତର୍ଜାତିକ ଯୋଗ ଦିବସ ଘୋଷଣା ଏବଂ ଯୋଗକୁ ସାର୍ବଜନୀନ କରିବା କ୍ଷେତ୍ରରେ ଆୟୁଷ ମନ୍ତ୍ରଣାଳୟ ବ୍ୟାପକ ପଦକ୍ଷେପ ନେଇଥିବାବେଳେ ଭାରତର ଗୁଣବତ୍ତା ପରିଷଦ ଗଠନ (କ୍ୟୁସିଆଇ) କରିଛି । ଶ୍ରେଷ୍ଠ ଆନ୍ତର୍ଜାତିକ ଯୋଗାଭ୍ୟାସ ଭିତ୍ତିରେ ଗୁଣବତ୍ତାଭିତ୍ତିକ ବ୍ୟବସ୍ଥା ତିଆରି କିରବାରେ ଏହି ପରିଷଦ ପ୍ରମୁଖ ଭୂମିକା ନେଇଛି । ଯୋଗ ବୃତ୍ତିଜୀବୀଙ୍କ ମୂଲ୍ୟାୟନ ଓ ପ୍ରମାଣୀକରଣ ସକାଶେ ଯୋଜନା ଏବଂ ଯୋଗପ୍ରତିଷ୍ଠାନ ଗୁଡ଼ିକର ପ୍ରମାଣୀକରଣ ଯୋଜନା ସକାଶେ ଏହି ପରିଷଦ ପ୍ରମୁଖ ଭୂମିକା ନିର୍ବାହ କରିବ ।

ସ୍ୱେଚ୍ଛାକୃତ ଯୋଗ ବୃତ୍ତିଜୀବୀ ପ୍ରମାଣୀକରଣ ଯୋଜନାର ଆଭିମୁଖ୍ୟ ହେଉଛି ଯୋଗ ବୃତ୍ତିଜୀବୀଙ୍କ ପାରଦର୍ଶିତା ବୃଦ୍ଧି କରିବା ଯେଉଁମାନେ ଇନଷ୍ଟ୍ରକ୍ଟର, ଶିକ୍ଷକଭାବେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି, ଏହା ଅଭ୍ୟାସ କରି ପରୋକ୍ଷ ଭାବେ ଯୋଗର ପ୍ରସାର କରୁଛନ୍ତି ଏବଂ ଆଇଏସଓ ୧୭୦୨୪:୨୦୧୨ ଆନ୍ତର୍ଜାତିକ ମାନ ଅନୁସାରେ ବିଭିନ୍ନ ନୀତିସ୍ରୋତ ଅନୁସରଣ କରି ନିରାକରଣମୂଳକ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ବିଭିନ୍ନ ସ୍ତରରେ ଯୋଗ ବୃତ୍ତିଜୀବୀଙ୍କ ପ୍ରମାଣୀକରଣ ସଂକ୍ରାନ୍ତ କ୍ୟୁସିଆଇର ଯୋଜନା ହେଉଛି ପ୍ରତିଷ୍ଠାନ ନିର୍ବିଶେଷରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଯୋଗ ପ୍ରଶିକ୍ଷଣ ହାସଲ କରିଥିବା ଯୋଗାଭ୍ୟାସକାରୀଙ୍କୁ ଦକ୍ଷତା ଓ ଜ୍ଞାନର ପରିମାପ କରିବା ଲାଗି ଏକ ଗ୍ରହଣୀୟ ନିୟମ ପ୍ରସ୍ତୁତ କରିବାର ଏକ ପ୍ରୟାସ ।

ସମସ୍ତ ପ୍ରମାଣୀକୃତ ଯୋଗ ବୃତ୍ତିଜୀବୀ ସ୍ତରରେ ଯୋଗର ମୌଳିକ ମୂଲ୍ୟବୋଧକୁ ଏହା ସ୍ୱୀକୃତି ଦେଇଥାଏ । ଦକ୍ଷତା ଓ ଜ୍ଞାନ କ୍ଷେତ୍ରରେ ଯୋଗ ବୃତ୍ତିଜୀବୀଙ୍କ ଗୁଣବତ୍ତା ପ୍ରସଙ୍ଗରେ ଏହି ପ୍ରମାଣୀକରଣ ଗ୍ୟାରେଂଟି ପ୍ରଦାନ କରିଥାଏ । ଏହା ସହ ପ୍ରମାଣୀକରଣର ପ୍ରସ୍ତାବିତ ସ୍ତର ଦକ୍ଷତା ଓ ଜ୍ଞାନର ମାପକ ଭାବେ ଯୋଗ ବୃତ୍ତିଜୀବୀଙ୍କ ମଧ୍ୟରେ ପିଢ଼ି ବ୍ୟବସ୍ଥା କାର୍ଯ୍ୟକାରୀ କରିଥାଏ ।

ଯୋଗ ପ୍ରତିଷ୍ଠାନଗୁଡ଼ିକର ପ୍ରମାଣୀକରଣ ଯୋଜନା ହେଉଛି ବିଭିନ୍ନ ମୌଳିକ ଆଭିମୁଖ୍ୟ ଯାହା ଉପରେ ଯୋଗ ପ୍ରଶିକ୍ଷଣ ନିର୍ଭରଶୀଳ ଥାଏ ଏବଂ ଯୋଗ ଶିକ୍ଷକଙ୍କ ସକାଶେ ମାନଦଣ୍ଡ ତିଆରି କରିବା । ଯୋଗ ଶିକ୍ଷକମାନେ କେଉଁ ପ୍ରତିଷ୍ଠାନରୁ ପ୍ରଶିକ୍ଷଣ ନେଇଛନ୍ତି ତାହା ବିଚାରକୁ ନିଆଯାଇନଥାଏ । ମାନବ ଶରୀର ଓ ମନ ଉପରେ ପ୍ରଭାବ ପକାଉଥିବା ଏଭଳି ଗୁରୁତ୍ୱପୂର୍ଣ୍ଣ ଯୋଗ ଅଭ୍ୟାସ ପାଇଁ ଆରମ୍ଭରୁ

ନିୟମାବଳୀଗୁଡ଼ିକୁ ତିଆରି କରାଯିବାର ଆବଶ୍ୟକତା ରହିଛି । କୌଣସି ବଜାରଶକ୍ତି ଉପରେ ଏହାକୁ ଛାଡ଼ିବା ଅନୁଚିତ । ଏହା କରାଗଲେ ଭାରତର ଯୋଗଶାସ୍ତ୍ରରେ ଲିପିବଦ୍ଧ ମୂଲ୍ୟବୋଧଗୁଡ଼ିକର ଗୁରୁତ୍ୱ ହ୍ରାସ ହେବାର ସମ୍ଭାବନା ଅଧିକ ହେବ । ଏହି ପ୍ରମାଣୀକରଣ ପ୍ରକ୍ରିୟା ଲାଗି ପାଠ୍ୟକ୍ରମ ପ୍ରସ୍ତୁତି କ୍ଷେତ୍ରରେ ଯୋଗର ବିଶୁଦ୍ଧତାକୁ ଅକ୍ଷୁଣ୍ଣ ରଖିବା ଆବଶ୍ୟକ । ଆନ୍ତର୍ଜାତିକ ଶ୍ରେଷ୍ଠ ମାପଦଣ୍ଡ ଉପରେ ଏହି ଯୋଜନା ରୂପାୟିତ ହେଉଥିବାବେଳେ ବିଶ୍ୱସ୍ତରୀୟ ମାନ ଓ ପ୍ରମାଣୀକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥାଏ ଯଦ୍ୱାରା ଆନ୍ତର୍ଜାତିକ ଭାବେ ଗ୍ରହଣୀୟ ପ୍ରମାଣୀକରଣକୁ ନିଶ୍ଚିତ କରିଥାଏ । ଫଳରେ ଯୋଗ କ୍ଷେତ୍ରରେ ଇଚ୍ଛୁକ କୌଣସି ବ୍ୟକ୍ତିଙ୍କୁ ସାମଗ୍ରିକ ପ୍ରଶିକ୍ଷଣ ଦେବା ତଥା ଏହି ଜ୍ଞାନ ଓ ପ୍ରଶିକ୍ଷଣ ହାସଲ କରିବାକୁ ଚାହୁଁଥିବା ଯୋଗ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଗୁରୁତ୍ୱ ଦିଆଯାଇଥାଏ । ଯେହେତୁ ପ୍ରତିଷ୍ଠାନର ପ୍ରତିଯୋଗିତାତ୍ମକ ଆଧାର ଉପରେ ଗୁରୁତ୍ୱ ଦିଆଯାଇଥାଏ ତେଣୁ ଏହା ଯୋଗର ବିଭିନ୍ନ ରୂପରେଖ, ବିକାଶ, ଶିକ୍ଷା ପ୍ରଦାନ ଶୈଳୀ, ଉପଯୁକ୍ତ ମୂଲ୍ୟାୟନ, ଦକ୍ଷତା ଓ ଜ୍ଞାନର ଆକଳନ ଦିଗରେ ସହାୟକ ହୋଇଥାଏ । ଏହି ଯୋଜନା ଏପରି ଭାବେ ପ୍ରସ୍ତୁତ ହୋଇଛି ଯେ, ନିଜର ପାରମ୍ପାରିକତା ରକ୍ଷା କରି ଏହା ବିଭିନ୍ନ ପ୍ରତିଷ୍ଠାନକୁ ଲକ୍ଷ୍ୟ ହାସଲ ଦିଗରେ ଅନୁପ୍ରେରଣା ଦେଇଥାଏ । ଏଥିରେ ପ୍ରଶିକ୍ଷଣର ପ୍ରଭାବ ଉପରେ ଗୁରୁତ୍ୱ ଦିଆଯାଏ ।

ଏହି ସବୁ ପଦକ୍ଷେପର ଆଭିମୁଖ୍ୟ ହେଉଛି ଯେ, ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ଏକ ଯୋଗ ବୃତ୍ତିଜୀବୀ ବା ଯୋଗ ପ୍ରତିଷ୍ଠାନ ଚୟନ କରିବାରେ ସହାୟକ ହେବା ଯାହାକି ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ଆବଶ୍ୟକତା ପୂରଣ କରୁଥିବ ଏବଂ ପ୍ରତିଯୋଗିତାତ୍ମକ ତଥା

**୨୦୧୫ରେ ଆନ୍ତର୍ଜାତିକ ଯୋଗ ଦିବସ ଘୋଷଣା ଏବଂ ଯୋଗକୁ ସାର୍ବଜନୀନ କରିବା କ୍ଷେତ୍ରରେ ଆୟୁଷ ମନ୍ତ୍ରଣାଳୟ ବ୍ୟାପକ ପଦକ୍ଷେପ ନେଇଥିବାବେଳେ ଭାରତର ଗୁଣବତ୍ତା ପରିଷଦ ଗଠନ (କ୍ୟୁସିଆଇ) କରିଛି । ଶ୍ରେଷ୍ଠ ଆନ୍ତର୍ଜାତିକ ଯୋଗାଭ୍ୟାସ ଭିତ୍ତିରେ ଗୁଣବତ୍ତାଭିତ୍ତିକ ବ୍ୟବସ୍ଥା ତିଆରି କିରବାରେ ଏହି ପରିଷଦ ପ୍ରମୁଖ ଭୂମିକା ନେଇଛି । ଯୋଗ ବୃତ୍ତିଜୀବୀଙ୍କ ମୂଲ୍ୟାୟନ ଓ ପ୍ରମାଣୀକରଣ ସକାଶେ ଯୋଜନା ଏବଂ ଯୋଗପ୍ରତିଷ୍ଠାନ ଗୁଡ଼ିକର ପ୍ରମାଣୀକରଣ ଯୋଜନା ସକାଶେ ଏହି ପରିଷଦ ପ୍ରମୁଖ ଭୂମିକା ନିର୍ବାହ କରିବ ।**

ନିଶ୍ଚିତ ହୋଇଥାଏ ।

ଏକ ମାନକଭିତ୍ତିରେ ଯୋଗ ପ୍ରତିଷ୍ଠାନଗୁଡ଼ିକର ପ୍ରମାଣୀକରଣ କରାଯାଇଥାଏ ଯାହାକି ପ୍ରତିଷ୍ଠାନରେ ଅବଧାରିତ ଫଳାଫଳ ଓ ପ୍ରଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥାଏ । ଶିକ୍ଷାସମ୍ବନ୍ଧୀୟ ସେବା ପ୍ରଦାନ ସକାଶେ ବିଭିନ୍ନ ଇଚ୍ଛାମୂଳକ ବ୍ୟବସ୍ଥା ଉପରେ ମଧ୍ୟ ସାମର୍ଥ୍ୟର ବିକାଶ ସଂକ୍ରାନ୍ତ ଆବଶ୍ୟକତା ପୂରଣ କରୁଥିବ । ତୃତୀୟ ପକ୍ଷ ଆକଳନ ସଂକ୍ରାନ୍ତ ବିଶ୍ୱସ୍ତରୀୟ ପ୍ରଣାଳୀ ବ୍ୟବହାର କରି ଯୋଗ ବୃତ୍ତିଜୀବୀ ଓ ଯୋଗ ପ୍ରତିଷ୍ଠାନଗୁଡ଼ିକର ପ୍ରମାଣୀକରଣ ଲାଗି କ୍ୟୁସିଆଇ ବିଭିନ୍ନ ଯୋଜନାର ପରିଚାଳନା କରିବ । ଯୋଗ ବୃତ୍ତିଜୀବୀ ଓ ଯୋଗ ପ୍ରତିଷ୍ଠାନ ଜରିଆରେ ବିଭିନ୍ନ ପ୍ରତିଯୋଗିତାମୂଳକ ଆବଶ୍ୟକତାର ସଂଜ୍ଞା ନିର୍ଦ୍ଧାରଣରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ । ବିଭିନ୍ନ ମାନକ, ବିକଶିତ ପ୍ରମାଣୀକରଣ ପ୍ରକ୍ରିୟା ଜରିଆରେ ଆକଳନ କରିବା ପରେ ପ୍ରତିଯୋଗିତା ସକାଶେ ଆବଶ୍ୟକତା ପୂରଣ ଏବଂ ମାନ୍ୟତା ପ୍ରଦାନ ମାଧ୍ୟମରେ ଆକଳନକାରୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାବଳୀ ନିର୍ଦ୍ଧାରିତ ହୋଇଥାଏ ।

ଏହି ଯୋଜନାକୁ ସଫଳ ରୂପ ଦେବା ଲାଗି କ୍ୟୁସିଆଇ ବିଭିନ୍ନ ସ୍ତରରୁ ବିଶେଷଜ୍ଞସ୍ତରୀୟ କମିଟି ନେଇଛି ଯେଉଁଥିରେ ସେମାନେ ପ୍ରତିନିଧିତ୍ୱ କରୁଛନ୍ତି । ଏହି କମିଟିଗୁଡ଼ିକରେ ରହିଛନ୍ତି ଯୋଗବିତ୍, ଯୋଗ ବିଦ୍ୟାଳୟ, ସଂଲଗ୍ନ ମନ୍ତ୍ରାଳୟ ଯଥା ଆୟୁଷ, ବାଣିଜ୍ୟ ମନ୍ତ୍ରାଳୟ, ଶିକ୍ଷା ପ୍ରତିଷ୍ଠାନ, ଖାଉଟି ସଂଗଠନ, ପ୍ରମାଣୀକରଣ ସଂସ୍ଥା ଇତ୍ୟାଦି । ଏକ୍ଷେତ୍ରରେ ମାର୍ଗ ପ୍ରଦର୍ଶନ ସକାଶେ ଏକ ପରାମର୍ଶଦାତା କମିଟି ରଖାଯାଇଛି । ଯୋଗ ବୃତ୍ତିଜୀବୀଙ୍କ ପ୍ରମାଣୀକରଣ ଯୋଜନା ପାଇଁ ରହିଛି କ୍ୟୁସିଆଇର ନିମ୍ନଲିଖିତ ବିଭାଗଗୁଡ଼ିକ :

୧. **ପ୍ରଶାସନ ଭିତ୍ତିକ**- ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ସଂଗଠନ ଓ କମିଟିର ଭିତ୍ତି, ବିଭିନ୍ନ କ୍ଷେତ୍ର, ଭୂମିକା ଓ ଦାୟିତ୍ୱବୋଧ

୨. **ପ୍ରମାଣୀକରଣ ସର୍ତ୍ତାବଳୀ**- ବିଶେଷଜ୍ଞଙ୍କୁ ନେଇଗଠିତ ବୈଷୟିକ କମିଟିର ମତାନୁସାରେ ପ୍ରମାଣୀକରଣର ମାନ ନିର୍ଦ୍ଧାରଣ ।

୩. **ପ୍ରମାଣୀକରଣ ପ୍ରକ୍ରିୟା**- ପ୍ରାଥମିକ ମୂଲ୍ୟାୟନ, ସତର୍କତାମୂଳକ ପଦକ୍ଷେପ, ମୂଲ୍ୟାୟନକାରୀଙ୍କ ଆବଶ୍ୟକତା ଇତ୍ୟାଦି ।

୪. **ପ୍ରମାଣୀକରଣ କର୍ତ୍ତୃପକ୍ଷଙ୍କ ଆବଶ୍ୟକତା:**

www.yogacertification.qci.org.in ଏକ ଉତ୍ସର୍ଗୀକୃତ ୱେବସାଇଟ ଏବଂ ଏଥିରେ ସମସ୍ତ ବିଷୟ ସନ୍ନିବେଶିତ ହୋଇଛି ।

କ୍ୟୁସିଆଇ ଯୋଜନା ପ୍ରତି ଭାରତ ସରକାର ସମସ୍ତ ପ୍ରକାର ସହାୟତା କରୁଛନ୍ତି

ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଏହାର ସଫଳ ରୂପାୟନ ଲାଗି ସରକାର ପଦକ୍ଷେପ ନେଉଛନ୍ତି । ସଫଳ ଯୋଗ ବୃତ୍ତିଜୀବୀଙ୍କୁ ପ୍ରଦାନ କରାଯାଉଥିବା ସାର୍ଟିଫିକେଟରେ ଆୟୁଷ ମନ୍ତ୍ରଣାଳୟର ସଙ୍କେତ ରହିଛି ଯାହାକି ବିଶ୍ୱସନୀୟତା ଓ ଗର୍ବବୋଧର ପରିପ୍ରକାଶ । ସରକାରୀ ଚାକିରୀ କ୍ଷେତ୍ରରେ ଯୋଗ ବୃତ୍ତିଜୀବୀଙ୍କୁ ଅଗ୍ରାଧିକାର ଦେବା ସକାଶେ ସରକାର ଚିନ୍ତା କରୁଛନ୍ତି । ଏହା ସହ କ୍ୟୁସିଆଇ ଯୋଗ ବୃତ୍ତିଜୀବୀ ପ୍ରମାଣୀକରଣ ଜରିଆରେ ବୃତ୍ତିଜୀବୀମାନେ ଯେପରି ପ୍ରତିଯୋଗିତାତ୍ମକ ହୋଇପାରିବେ ସେହି ପଦକ୍ଷେପ ନିଆଯାଉଛି । ସେହିପରି ଯୋଗ ଶିକ୍ଷକଙ୍କ ଚୟନ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ସିବିଏସଇ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନଗୁଡ଼ିକୁ ଅନୁରୋଧ କରାଯାଇଛି । ଭିସା ପ୍ରଦାନ କ୍ଷେତ୍ରରେ କୋହଳ ନୀତି ଅବଲମ୍ବନ କରିବା, ପ୍ରମାଣୀକରଣ କ୍ଷେତ୍ରରେ ଯୋଗ ବୃତ୍ତିଜୀବୀଙ୍କୁ ପ୍ରୋତ୍ସାହନ ଦେବା ଲାଗି ଭିସା ଫି କୋହଳ କରିବା ବା ଲାଗୁ ନ କରିବା ସକାଶେ ଗୃହ ବ୍ୟାପାର ମନ୍ତ୍ରଣାଳୟ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି । ସମସ୍ତ ପ୍ରକାର ଦରିଆପାରି ନିଯୁକ୍ତି କ୍ଷେତ୍ରରେ ଯୋଗ ଯୋଜନାର ଆବଶ୍ୟକତା ମୁତାବକ ପ୍ରାର୍ଥୀମାନେ ସମସ୍ତ ସର୍ତ୍ତାବଳୀ ପୂରଣ କରିବା ବାଧ୍ୟତାମୂଳକ କରିବା ଲାଗି ଭାରତୀୟ ସାଂସ୍କୃତିକ ସମ୍ପର୍କ ସକ୍ରାନ୍ତ ପରିଷଦ - ଆଇସିସିଆରକୁ ଅନୁରୋଧ କରାଯାଇଛି । ପ୍ରଥମ ପ୍ରଚେଷ୍ଟାରେ ହିଁ ପାସ କରିଥିବା ପ୍ରଥମ ୨୦୦୦ ପ୍ରାର୍ଥୀଙ୍କ ସକାଶେ କ୍ୟୁସିଆଇ ଜରିଆରେ ୧୦୦ ପ୍ରତିଶତ ଅର୍ଥ ଫେରସ୍ତ ବ୍ୟବସ୍ଥା ଘୋଷଣା କରିଛନ୍ତି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ।

ବିଶ୍ୱସ୍ତରରେ କାର୍ଯ୍ୟକାରୀ ହୋଇଛି ଯୋଗ ବୃତ୍ତିଜୀବୀ ଯୋଜନା ଯାହାକୁ ନେଇ କ୍ୟୁସିଆଇ ଗର୍ବିତ । ମୂଲ୍ୟାୟନ ପରିଚାଳନା ନେଇ କ୍ୟୁସିଆଇର ଏକ ଟିମ ଜାପାନ ଗସ୍ତ କରିଛନ୍ତି ଏବଂ ଏହି ଯୋଜନାରେ ୧୩ଜଣ ବୃତ୍ତିଜୀବୀଙ୍କୁ ପ୍ରମାଣୀକୃତ କରାଯାଇଛି ।

ସମୟ କ୍ରମେ, କ୍ୟୁସିଆଇ ଯୋଗ ଯୋଜନାରେ ପ୍ରମାଣୀକୃତ ହୋଇଥିଲେ ହିଁ ଯୋଗ ପାଠ୍ୟକ୍ରମ ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ, ଫର୍ମାଲ ଓ ନନଫର୍ମାଲ ଯୋଗପ୍ରତିଷ୍ଠାନ/ବିଦ୍ୟାଳୟ, ହେଲଥ ରିସର୍ଟ, ସ୍ପା ଓ ଯୋଗ ଷ୍ଟୁଡ଼ିଓ ବୃତ୍ତିଜୀବୀଙ୍କୁ ନିଯୁକ୍ତି ଦେଇ ପାରିବେ ବୋଲି ଲକ୍ଷ୍ୟ ରଖାଯାଇଛି ।

ଶ୍ରୀ ସିଂହ ହେଉଛନ୍ତି କ୍ୱାଲିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (QCI)ର ମହାସଚୀବ ଏବଂ ଶ୍ରୀ ପାଣ୍ଡେ ହେଉଛନ୍ତି ଏହି ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ।

●




# ଜୀବନଚର୍ଯ୍ୟା ଓ ଯୋଗ

ଡ. ଈଶ୍ୱର ଭି. ବାସଭାରଡ୍ଡି

**ଯୋଗ** ହେଉଛି ଏକ ଆଧ୍ୟାତ୍ମିକ ବିଷୟ । ସୂକ୍ଷ୍ମ ବୈଜ୍ଞାନିକ ଚିନ୍ତାଧାରା ଉପରେ ପର୍ଯ୍ୟବସିତ ଯୋଗ, ମନ ଓ ଶରୀର ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଅଭିପ୍ରେତ । ସୁସ୍ଥ ଜୀବନ ପାଇଁ ଏହା ଏକ କଳା ଆଉ ବିଜ୍ଞାନ ମଧ୍ୟ । ଯୋଗର ସାମଗ୍ରିକ ଦୃଷ୍ଟିଭଙ୍ଗୀ ଦ୍ୱାରା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମନ୍ୱୟ ଆସିଥାଏ । ବ୍ୟାଧି ନିରୋଧ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଜୀବନଚର୍ଯ୍ୟା ଜଡ଼ିତ ରୋଗ ନିୟନ୍ତ୍ରଣ ପାଇଁ ଏହା ବେଶ୍ ଉପଯୋଗୀ । ଆଜି ସମଗ୍ର ବିଶ୍ୱରେ ଯୋଗ ଆଦୃତି ଲାଭ କରିଛି । କେବଳ ଯେ ରୋଗ ନିୟନ୍ତ୍ରଣ ବା ନିରାକରଣ ପାଇଁ ଯୋଗ ଜନାଦୃତ ହୋଇଛି, ତା ନୁହେଁ । ବରଂ ବହୁପ୍ରକାର ମାନସିକ ଓ ଆବେଗିକ ସମସ୍ୟାରୁ ମଧ୍ୟ ମୁକ୍ତିର ପଥ ପ୍ରଦର୍ଶକ ଭାବେ ଯୋଗର ଖ୍ୟାତି ରହିଛି । ତେଣୁ, ସମଗ୍ର ବିଶ୍ୱରେ ଯୋଗକୁ ସୁସ୍ଥ ଜୀବନଚର୍ଯ୍ୟାର ଏକ ମାଧ୍ୟମ ଭାବେ ଗ୍ରହଣ କରାଯାଇଛି । ଯୋଗ ହେଉଛି ସଚେତନତା, ମାନସିକ ଭାରସାମ୍ୟ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏକ ପ୍ରାଚୀନ ସଂସ୍କୃତିର ଅଂଶବିଶେଷ । ତେଣୁ, ଏଭଳି ଏକ ବିଷୟର ବିଶ୍ୱ-ବ୍ୟାପୀ ପ୍ରଚାର ପ୍ରସାର ହେବା ଆବଶ୍ୟକ, ଯଦ୍ୱାରା, ପ୍ରତ୍ୟେକ ବିଶ୍ୱବାସୀ ଏହାର ସୁଫଳ ପାଇପାରିବେ । ତେବେ, ବିଡ଼ମ୍ବନାର ବିଷୟ ଯେ ଅନେକ ଭାବନ୍ତି ଯୋଗ ଅର୍ଥ କେବଳ କେତେକ ଆସନ ଓ ପ୍ରାଣାୟାମ । ଏହାଦ୍ୱାରା ଶରୀର ଓ ମନରେ ଫୁର୍ତ୍ତି ଆସେ । ପ୍ରକୃତରେ କିନ୍ତୁ ଯୋଗର ସାମଗ୍ରିକ ଆଭିମୁଖ୍ୟ ଦ୍ୱାରା, ମଣିଷ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିପାରିବ । ଯୋଗ, ଏପରି ଏକ ଈଶ୍ୱରୀୟ ଅବଦାନ, ଯଦ୍ୱାରା ମଣିଷ ସାଧାରଣରୁ ଅସାଧାରଣ ହେବାପାଇଁ ସମର୍ଥ ହୋଇପାରିବ ।

ଆତ୍ମ-ଅଭିବୃଦ୍ଧି ପାଇଁ କରାଯାଉ ଥିବା ସକଳ ପ୍ରକାରର ପ୍ରଚେଷ୍ଟା ହିଁ ଯୋଗ । ପୃଥକ୍ ପୃଥକ୍ ସମୟରେ ଭିନ୍ନ ଭିନ୍ନ ଦେଶରେ, ନିଜ ତଥା ନିଜ ପରିପାର୍ଶ୍ୱ ଉପରେ ନିୟନ୍ତ୍ରଣ ପାଇଁ ଏବଂ ଅଧିକ ଜ୍ଞାନ ଆହରଣ ପାଇଁ ମଣିଷ ନିଜକୁ ଶୃଙ୍ଖଳିତ କରିଆସିଛି । ଭାରତରେ ଏହା ଯୋଗଦ୍ୱାରା ସମ୍ଭବ ହୋଇଛି । ଯୋଗ ଦ୍ୱାରା ମଣିଷ ନିଜ ବ୍ୟକ୍ତିତ୍ୱ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପାଇପାରେ ଏବଂ ନିଜର ପ୍ରକୃତ ପରିଚୟ ପାଇପାରେ । ଯୋଗୀମାନେ ଯାହା ଆବିଷ୍କାର କରିଛନ୍ତି ବା ଯେଉଁ ସତ୍ୟକୁ ହୃଦୟଙ୍ଗମ କରିଛନ୍ତି, ତାହାର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି । ଜୀବନର ମୌଳିକ ପ୍ରସଙ୍ଗଗୁଡ଼ିକ ଉପରେ ଯୋଗୀମାନେ ଦୀର୍ଘସମୟ ଧରି ଚିନ୍ତା କରିଛନ୍ତି, ଜୀବନର ଉଦ୍ଦେଶ୍ୟ ଜାଣିବା ପାଇଁ, ଏବଂ ନିଜ ସନ୍ଦେହ ମୋଚନ ପାଇଁ । ଏହାର ଉତ୍ତର ମଧ୍ୟ ସେମାନେ ପାଇଛନ୍ତି । ଯୋଗ କଳା ଓ ବିଜ୍ଞାନ ଜରିଆରେ, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସହାନୁଭୂତି ସହିତ ଜୀବନ ଜିଇଁବାର ବିକଳ୍ପ ଆମ ପାଖରେ ରହିଛି ।

ସଭ୍ୟତାର ଆରମ୍ଭ ସହିତ ଯୋଗର ଉତ୍ପତ୍ତି ହୋଇଥିବା ବିଶ୍ୱାସ କରାଯାଏ । ମାନବ ଜାତିର ଉଭୟ ଜାଗତିକ ଓ



ଆଧ୍ୟାତ୍ମିକ ଉତ୍‌ଥାନ ପାଇଁ ଉଦ୍ଦିଷ୍ଟ ଯୋଗକୁ ସିନ୍ଧୁ ସଭ୍ୟତାର ଏକ ଅମର ସାଂସ୍କୃତିକ ଅବଦାନ ବୋଲି ସାଧାରଣରେ ବିବେଚନା କରାଯାଏ । ଯୋଗ ସମ୍ପର୍କିତ ବିଭିନ୍ନ ଦର୍ଶନ, ପ୍ରଥା ଓ ଗୁରୁ-ଶିଷ୍ୟ ପରମ୍ପରାରୁ ଜନ୍ମ ନେଇଛି ଯୋଗର ବିଭିନ୍ନ ପ୍ରକାର ଭେଦ । ସେଗୁଡ଼ିକ ମଧ୍ୟରେ ରହିଛି ଜ୍ଞାନ ଯୋଗ, ଭକ୍ତି ଯୋଗ, କର୍ମ ଯୋଗ, ଧ୍ୟାନ ଯୋଗ, ପାତାଞ୍ଜଳି ଯୋଗ, କୁଣ୍ଡଳିନୀ ଯୋଗ, ହଠ ଯୋଗ, ମନ୍ତ୍ର ଯୋଗ, ଲୟ ଯୋଗ, ରାଜ ଯୋଗ, ଜୈନ ଯୋଗ, ବୌଦ୍ଧ ଯୋଗ ଇତ୍ୟାଦି । ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିର ନିଜସ୍ୱ ନୀତିନିୟମ ରହିଛି । ଯୋଗର ଦେଶ ଭାରତରେ ଥିବା ବିଭିନ୍ନ ସାମାଜିକ ପରମ୍ପରା ଓ ସଂସ୍କାର ଗୁଡ଼ିକରେ ପ୍ରାକୃତିକ ଭାରସାମ୍ୟ ପ୍ରତି ସମ୍ମାନ, ଅନ୍ୟ ବିଚାରାଧାରା ପ୍ରତି ସହନଶୀଳତା ଓ ଅନ୍ୟ ସମସ୍ତ ସୃଷ୍ଟି ପ୍ରତି ସହାନୁଭୂତିର ଭାବ ସ୍ପଷ୍ଟ ଝଲସିଉଠେ । ଏକ ଅର୍ଥପୂର୍ଣ୍ଣ ଜୀବନ ପାଇଁ ଯେ କୌଣସି ପ୍ରକାରର ଯୋଗ ସାଧନା ଏକ ସର୍ବୋଷଧି ଭଳି । ସ୍ୱାସ୍ଥ୍ୟ ପ୍ରତି ଏହାର ସାମଗ୍ରିକ ଆଭିମୁଖ୍ୟ ଯୋଗୁଁ, ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଯୋଗ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଓ ଉପାଦେୟ । ପ୍ରାଚୀନ ସମୟରୁ ସଞ୍ଚିତ ହୋଇ ଆସିଥିବା ବିଶିଷ୍ଟ ଯୋଗଗୁରୁଙ୍କ ଯୋଗାଭ୍ୟାସ ଦ୍ୱାରା ବହୁ ବ୍ୟକ୍ତି ଉପକୃତ ହୋଇଛନ୍ତି । ବର୍ତ୍ତମାନ ସମଗ୍ର ପୃଥିବୀରେ ଅନେକ ଯୋଗକୁ ଜୀବନଚର୍ଯ୍ୟାର ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରି ନେଇଛନ୍ତି । ବହୁଳଭାବେ ବ୍ୟବହାର ହେଉଥିବା ଯୋଗ ସାଧନା ଗୁଡ଼ିକ ମଧ୍ୟରେ ରହିଛି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି, ବନ୍ଧ ଓ ମୁଦ୍ରା, ସତ୍-କର୍ମ, ଯୁକ୍ତାହାର, ଯୁକ୍ତକର୍ମ, ମନ୍ତ୍ରଜପ ଇତ୍ୟାଦି ।

ଆଧୁନିକ ଜୀବନଶୈଳୀ ଜନୀତ ଅନେକ ସ୍ୱାସ୍ଥ୍ୟଗତ ଆହ୍ୱାନ ରହିଛି । ସମଗ୍ର ବିଶ୍ୱରେ ବହୁ ବ୍ୟକ୍ତି ନାନା ପ୍ରକାର ରୋଗବ୍ୟାଧିରେ ପିଡୀତ । ଚାପଗ୍ରସ୍ତ ମନ, ଅସନ୍ତୁଳିତ ଖାଦ୍ୟ ଅଭ୍ୟାସ ଓ ବସିବା-ସାର ଜୀବନଚର୍ଯ୍ୟା ଯୋଗୁଁ ମଣିଷର ସ୍ୱାସ୍ଥ୍ୟରେ ଅବନତି ପରିଦୃଶ୍ୟ ହେଉଛି । ଏହାସହିତ ମଧୁମେହ, ଶ୍ୱାସରୋଗ, ହୃଦ୍‌ରୋଗ, କର୍କଟ ଆଦି ରୋଗର ପ୍ରାର୍ଦୁଭାବ ମଧ୍ୟ ବୃଦ୍ଧି ପାଉଛି ।



ଯୋଗ ଭିତରେ ଏହି ରୋଗ-ବ୍ୟାଧି ଗୁଡ଼ିକର ଉତ୍ତର ଖୋଜିବାର ପ୍ରୟାସ ଚାଲିଛି । ଆଧୁନିକ ଯୁଗର ଜୀବନଶୈଳୀ ସହ ବହୁ ଅଣ-ସଂକ୍ରାମକ ରୋଗ ଜଡ଼ିତ ହୋଇଥିବାରୁ ଏଗୁଡ଼ିକର ସମାଧାନ ପାଇଁ ଯୋଗ ସାଧନା ଅତ୍ୟନ୍ତ ଉପାଦେୟ । ଯୋଗ ଏହା ପ୍ରମାଣିତ କରିସାରିଛି ଯେ ବିଜ୍ଞାନ ଓ ଆଧ୍ୟାତ୍ମିକତା ପୃଥକ୍ ନୁହଁ । ବିଭିନ୍ନ ରୋଗ-ବ୍ୟାଧି, ବିଶେଷ ଭାବରେ ମାନସିକ ଚାପ ଓ ମନସ୍ତତ୍ତ୍ୱ ଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଯୋଗକୁ ନେଇ ବିଶ୍ୱବ୍ୟାପୀ ଅନେକ ପରୀକ୍ଷା ନିରୀକ୍ଷା ହୋଇଛି । ଏଗୁଡ଼ିକରୁ ପ୍ରମାଣ ମିଳିଛି ଯେ, ଶରୀରର ସ୍ୱୟଂକ୍ରୀୟ ସ୍ନାୟୁ ବ୍ୟବସ୍ଥା ଓ ଏଣ୍ଡୋକ୍ରିନ୍ ବ୍ୟବସ୍ଥା ଉପରେ ଯୋଗର ପ୍ରଭାବ ରହିଛି । ଏହାଦ୍ୱାରା ବାର୍ଦ୍ଧକ୍ୟ ଓ ମାନସିକ ଚାପ ଜନିତ ସମସ୍ୟାଗୁଡ଼ିକୁ ମଧ୍ୟ ପ୍ରତିହତ କରିବାର ପ୍ରମାଣ ରହିଛି । ମନ ଓ ଶରୀର ଉପରେ ଯୋଗର ଅନୁକୂଳ ପ୍ରଭାବ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ମଧୁମେହ, ହୃଦ୍‌ରୋଗ, ରକ୍ତଚାପ ଆଦି କ୍ଷେତ୍ରରେ ଯୋଗର ଉପାଦେୟତା ଅନସ୍ୱୀକାର୍ଯ୍ୟ ।

ତିନୋଟି ଦୃଷ୍ଟିରୁ, ଯୋଗର ଉପାଦେୟତା ଉପରେ ବିଚାର କରାଯାଇପାରେ । ଶାରିରୀକ ସ୍ତରରେ ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ସ୍ତରରେ ଚାପଶୂନ୍ୟତା, ଏକାଗ୍ରତା ଓ କାର୍ଯ୍ୟଦକ୍ଷତା ଏବଂ ଆତ୍ମିକ ସ୍ତରରେ ଶାନ୍ତି, ଆଶ୍ୱସ୍ତି ଓ ମୂଲ୍ୟବୋଧ ସହିତ ଯୋଗର ସକାରାତ୍ମକ ସମ୍ବନ୍ଧ ରହିଛି ।

ଯୋଗର ସ୍ୱାସ୍ଥ୍ୟଗତ ପ୍ରଭାବଗୁଡ଼ିକ ମଧ୍ୟରେ ରହିଛି - ଶାରିରୀକ ନମନୀୟତା, ଶକ୍ତ ମାଂସପେଶୀ, ଉନ୍ନତ ଶ୍ୱାସକ୍ରିୟା, ସନ୍ତୁଳିତ ହଜମ ପ୍ରକ୍ରିୟା, ଓଜନହ୍ରାସ, ଉନ୍ନତ ରକ୍ତ ସଂଚାଳନ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ହୃଦ୍‌ଶକ୍ତି ।

ସେହିଭଳି ଯୋଗର ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ପ୍ରଭାବ ଗୁଡ଼ିକ ଭିତରେ ରହିଛି:- ଆଶ୍ୱସ୍ତି, ଏକାଗ୍ରତା, ମାନସିକ ନିୟନ୍ତ୍ରଣ, ଆତ୍ମ-ସଂଯମ, ଉନ୍ନତ ସୃଜନଶୀଳତା, ଆତ୍ମ-ତୃପ୍ତି, ଆତ୍ମ-ସଚେତନତା, ସକାରାତ୍ମକ ଦୃଷ୍ଟିଭଙ୍ଗୀ, ଆତ୍ମ-ପ୍ରତ୍ୟୟ, ଇଚ୍ଛାଶକ୍ତି,

ଶରୀରର ଶକ୍ତି କେନ୍ଦ୍ର ଗୁଡ଼ିକର ସକ୍ରିୟତା, ଆତ୍ମିକ ସମନ୍ୱୟ ଓ ଅନ୍ୟମାନଙ୍କ ସହିତ ଏକ ସକାରାତ୍ମକ ସମ୍ପର୍କ ।

**ଉପସଂହାର** : ଭାରତରେ ଏକ ବିଶାଳ ଯୁବପିଢ଼ୀ ରହିଛି । ଏହା ପ୍ରଶଂସନୀୟ ଯେ ସେମାନେ ଏକ ସୁସ୍ଥ ଜୀବନଶୈଳୀ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଆଗ୍ରହୀ । ଏହି ଦୃଷ୍ଟିରୁ, ଏକ ଚାପମୁକ୍ତ ଜୀବନ ଓ ବ୍ୟକ୍ତିତ୍ୱ ପାଇଁ ସେମାନେ ଯୋଗକୁ ଆପଣେଇନେବା ଉଚିତ୍ । ନିକଟ ଅତୀତରେ ଯୋଗକୁ ପ୍ରୋତ୍ସାହନ ଦେବା ପାଇଁ, ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଆନ୍ତର୍ଜାତିକ ଯୋଗ ଦିବସର ସଫଳ ଏବଂ ସୁଦୃଶ୍ୟ ପରିଚାଳନା, ଭାରତର ଦାୟିତ୍ୱବୋଧକୁ ବୃଦ୍ଧି କରିଛି । ଏହାପରେ, ସମଗ୍ର ବିଶ୍ୱରେ ଯୋଗ ପ୍ରତି ସଚେତନତା ବୃଦ୍ଧି ପାଇବା ସହିତ, ଯୋଗ ଶିକ୍ଷକଙ୍କ ଚାହିଦା ବଢ଼ିଛି । ଯୋଗ ବୃତ୍ତିବିଜୀଙ୍କ ପ୍ରମାଣୀକରଣ ପାଇଁ ଆୟୁଷ (Ayush) ମନ୍ତ୍ରଣାଳୟ ତରଫରୁ ଭାରତୀୟ ଗୁଣବତ୍ତା ନିୟନ୍ତ୍ରଣ ସଂସ୍ଥା (QCI)କୁ ଅନୁରୋଧ କରାଯାଇଛି । ଏହି ମନ୍ତ୍ରଣାଳୟ ଦ୍ୱାରା ଦେଶର ବିଭିନ୍ନ ପ୍ରାନ୍ତରେ ସମନ୍ୱିତ ଡାକ୍ତରଖାନା ଖୋଲିବା ପାଇଁ ପ୍ରସ୍ତାବ ରହିଛି । ପୁଲିସ, ଅର୍ଦ୍ଧସାମରିକ ଓ ସାମରିକ ବିଭାଗର କର୍ମଚାରୀଙ୍କୁ ଯୋଗ ପ୍ରଶିକ୍ଷଣ ଦେବାପାଇଁ ଏହି ମନ୍ତ୍ରଣାଳୟ ପଦକ୍ଷେପ ନେଇଛି । କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଆନୁକୂଲ୍ୟରେ ଦିଲ୍ଲୀର ଗୃହକଲ୍ୟାଣ କେନ୍ଦ୍ର ଗୁଡ଼ିକରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଯୋଗ ଓ ପ୍ରାକୃତିକ ଚିକିତ୍ସା ପଦ୍ଧତି ସମ୍ପର୍କିତ ୬ଟି ଯୋଗ ଅନୁଷ୍ଠାନ ନିର୍ମାଣ କରିବାର ମଧ୍ୟ ପ୍ରସ୍ତାବ ରହିଛି । ସ୍ୱାସ୍ଥ୍ୟ ସେବାରେ ପ୍ରାଚୀନ ଚିକିତ୍ସା ପଦ୍ଧତି ସାମିଲ୍ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଗୁରୁତ୍ୱାରୋପ କରୁଛନ୍ତି । ଏଥିପାଇଁ ସଂଗଠନ ତରଫରୁ ନିୟମାବଳୀ ପ୍ରସ୍ତୁତ ହୋଇଛି । ସୂଚନାଯୋଗ୍ୟ ଯେ କେବଳ ପ୍ରମାଣ ଅଭାବରୁ ଯୋଗ ଭଳି ଏକ କାଳଜୟୀ ପରମ୍ପରାକୁ ଅଣଦେଖା କରାଯାଇନପାରେ । ତେଣୁ ଯୋଗର ବିକାଶ ଓ ପ୍ରକାଶ ପାଇଁ ନିତୀ ପ୍ରଣୟନ ଓ ପ୍ରୋତ୍ସାହନ ଆବଶ୍ୟକ । ଏହା ଅନସ୍ୱୀକାର୍ଯ୍ୟ ଯେ, ଶାନ୍ତିରେ ଥିବା ମଣିଷ ହିଁ ଶାନ୍ତିପୂର୍ଣ୍ଣ ପରିବାର ଗଢ଼ିପାରିବ । ଏଭଳି ସ୍ଥିତି ପାଇଁ ଯୋଗ ଏକ ବଳିଷ୍ଠ ମାଧ୍ୟମ । ବ୍ୟକ୍ତି, ପରିବାର, ସମାଜ ଓ ଦେଶ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ, ସମଗ୍ର ବିଶ୍ୱକୁ ଶାନ୍ତିମୟ କରିବାରେ ଯୋଗର ଯଥେଷ୍ଟ ସମ୍ଭାବନା ରହିଛି ।

ଲେଖକ ହେଉଛନ୍ତି କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଅଧିନସ୍ଥ ମୋରାର୍‌ଜୀ ଦେଶାଇ ଜାତୀୟ ଯୋଗ ଅନୁଷ୍ଠାନର ନିର୍ଦ୍ଦେଶକ ।

●●●

## ଜାତୀୟ ଖାଦ୍ୟ ସୁରକ୍ଷା ଆଇନ

ଜାତୀୟ ଖାଦ୍ୟ ସୁରକ୍ଷା ଆଇନକୁ ଏବେ ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅ□ଳ କାର୍ଯ୍ୟକାରୀ କରୁଛନ୍ତି । ଏହିସବୁ ରାଜ୍ୟର ମୋଟ ୭୨ କୋଟି ୪୫ ଲକ୍ଷ ହିତାଧିକାରୀ (୧୪.୮ କୋଟି ପରିବାର) ଖାଦ୍ୟ ସୁରକ୍ଷା ଆଇନର ସୁବିଧା ପାଉଛନ୍ତି । ମାର୍ଚ୍ଚ ୨୦୧୪ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଲାବେଳେ ମାତ୍ର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅ□ଳ ଏହାକୁ ଲାଗୁ କରିଥିଲେ । ତେବେ ଏପ୍ରିଲ ୨୦୧୬ ସୁଦ୍ଧା ଏହି ସଂଖ୍ୟା ୩୩କୁ ପହଂଚିଯାଇଛି । କେରଳ, ତାମିଲନାଡୁ ଏବଂ ନାଗାଲେଣ୍ଡ ଏବେ ଏହି ଆଇନ କାର୍ଯ୍ୟକାରୀ କରିବା ଲାଗି ଚୂଡ଼ାନ୍ତ ପ୍ରସ୍ତୁତି ଚଳାଇଛନ୍ତି । ଇତିମଧ୍ୟରେ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅ□ଳରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପାଇଁ ଆବଶ୍ୟକ ରେସନ୍ କାର୍ଡ଼ର ଶତ ପ୍ରତିଶତ ଡ଼ିଜିଟାଲକରଣ ସରିଛି । ୧୨ଟି ରାଜ୍ୟରେ ଖାଦ୍ୟାନ୍ନ ସପ୍ଲାଇ-ଚେନର କମ୍ପ୍ୟୁଟରୀକରଣ କରାଯାଇଥିବାବେଳେ ୨୫ଟି ରାଜ୍ୟରେ ଅନଲାଇନ୍ ଜରିଆରେ ଖାଦ୍ୟାନ୍ନ କୋଟା ବ□ନ କରାଯାଉଛି ।୩୫ଟି ରାଜ୍ୟ ହିତାଧିକାରୀମାନଙ୍କ ଆପ□ି ଅଭିଯୋଗ ଶୁଣିବା ଲାଗି ନିଃଶୁଳ୍କ ଟେଲିଫୋନ ନମ୍ବର ଆରମ୍ଭ କରିଥିବାବେଳେ ୩୦ଟି ରାଜ୍ୟରେ ଗଠନ କରାଯାଇଛି ରାଜ୍ୟ ଖାଦ୍ୟକମିଶନ । ସେହିପରି ୨୭ଟି ରାଜ୍ୟରେ ଆପ□ି ଅଭିଯୋଗ ସମାଧାନ ବ୍ୟବସ୍ଥା ଅନ୍-ଲାଇନ୍ ଜରିଆରେ କରାଯାଉଛି ।

# ଦକ୍ଷତା ବିକାଶ ଓ ବେସରକାରୀ କ୍ଷେତ୍ର

ପ୍ରମୋଦ ଭାସିନ୍

**ଉ**ଚ୍ଚକୋଟିର ପ୍ରତିଭା ସମ୍ପନ୍ନ ଗୋଷ୍ଠୀ ଓ ସ୍ୱଳ୍ପ ମଜୁରୀ ଖର୍ଚ୍ଚ ପାଇଁ ଭାରତ ବିଶେଷ ରୂପେ ଲାଭାନ୍ୱିତ ହେବା ସହିତ ନିଜର ବିଶ୍ୱସ୍ଥିତିକୁ ଜାହିର କରି ପ୍ରତିଯୋଗୀତାମୂଳକ ଭାବରେ ନିଜକୁ ଏକ ଜ୍ଞାନଭିତ୍ତିକ ସମାଜ ରୂପେ ପ୍ରତିଷ୍ଠିତ କରାଇପାରିଛି । ୨୦୩୦ ମସିହା ସୁଦ୍ଧା ଭାରତରେ ୧୦୦କୋଟି ଶ୍ରମଜୀବୀ ବସବାସ କରୁଥିବେ । ଭାରତର ସୁଦୃଢ ଭବିଷ୍ୟତ ଓ ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଶ୍ରମଜୀବୀମାନଙ୍କର ଶିକ୍ଷା ଓ ତାଲିମ ମହତ୍ତ୍ୱପୂର୍ଣ୍ଣ ଏବଂ ଅତ୍ୟାବଶ୍ୟକ । ଗୋଟିଏ ଦେଶ ଭାବରେ ଆମକୁ ବୁଝିବାକୁ ହେବ ଯେ ମାନବସମ୍ବଳ ପୁଂଜି ଆଜିର ଆବଶ୍ୟକତା ଏବଂ ତାକୁ ଦକ୍ଷତା ଓ ତାଲିମ ପ୍ରଦାନ କରି ଏକ ସେବା ପ୍ରଦାୟୀ ଅର୍ଥନୀତି ଭାବରେ ଭାରତର ସ୍ଥିତିକୁ ମଜବୁତ୍ କରିବାକୁ ପଡିବ । ଦକ୍ଷତା ବିକାଶ ଓ ତାଲିମ ଉପରେ ଜୋର ଦିଆଯିବା ସତ୍ତ୍ୱେ ଆଜି ଲୋକବଳର ଅଭାବ ପରିଲକ୍ଷିତ ହେଉଛି । ଏହି ଦୃଷ୍ଟିରୁ ଦେଖିଲେ ଦେଶର ସାମୁହିକ ପ୍ରଗତିରେ ମାନବ ସମ୍ବଳର ବିକାଶ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

୨୦୧୫ ମସିହା ସୁଦ୍ଧା ବିଶ୍ୱ ଶ୍ରମଶକ୍ତିରେ ଭାରତର ଯୋଗଦାନ ଶତକଡା ୩୫ ଭାଗ ରହିବ ବୋଲି ଆଶା କରାଯାଏ। ଏହା ଆମର ସବୁଠୁ ବଡ ଶକ୍ତି ଓ ବହୁମୂଲ୍ୟ ଆର୍ଥିକ ସଂପତ୍ତି ହେବ । ଆମକୁ ସେଥିପାଇଁ ଆମର ଅନ୍ତର୍ନିହିତ ଶକ୍ତିକୁ ଉପଯୋଗ କରି ଲକ୍ଷ୍ୟ ସାଧନ କରିବାକୁ ହେବ । ତଥାପି, ଏପରି ଏକ ବିଶାଳ ଜନସମୁଦାୟରୁ ଲାଭ ପାଇବାକୁ ହେଲେ ଆମକୁ ଦକ୍ଷତାର ବିକାଶ ପାଇଁ ଏକ ବ୍ୟାପକ ପଦକ୍ଷେପ ନେବାକୁ ହେବ । ଗତ ବର୍ଷ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୧୫୦୦ କୋଟିର ସୁଦକ୍ଷ ଭାରତ ଅଭିଯାନ ଆରମ୍ଭ କରାଯାଇଛି ଯାହା ୨୦୨୨ ମସିହା ସୁଦ୍ଧା ୪୦ କୋଟି ଲୋକଙ୍କୁ ବିଭିନ୍ନ ଦକ୍ଷତାର ତାଲିମ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି । ଏହି ପଦକ୍ଷେପ ଗୁଡିକ ମଧ୍ୟରେ ଜାତୀୟ ଦକ୍ଷତା ବିକାଶ ମିଶନ, ଦକ୍ଷତା ବିକାଶ ଓ ଉଦ୍ୟୋଗ ଉପକ୍ରମ, ଜାତୀୟ ଯୋଜନା ୨୦୧୫, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଦକ୍ଷତା ଋଣ ଯୋଜନା ଅନ୍ତର୍ଭୁକ୍ତ । ଯଦିଓ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି ତଥାପି ୨୦୨୨ ମସିହା ସୁଦ୍ଧା ୫୦କୋଟି ଲୋକଙ୍କୁ କିଭଳି ଭାବରେ ଦକ୍ଷ କରାଯିବ, ତାହା ଏବେ ମଧ୍ୟ ଅସ୍ପଷ୍ଟ ।

ଏକାଦଶ ପଂଚବର୍ଷୀୟ ଯୋଜନା ଆଗରୁ ଭାରତ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ନଦେବା ଦ୍ୱାରା ଦକ୍ଷତା କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ଗୋଟିଏ ପଟେ ଭାରତର ଦୃଢ ଅଭିବୃଦ୍ଧି ଦକ୍ଷ ଶ୍ରମଶକ୍ତିର ଚାହିଦା ୧୦ ଗୁଣ ବଢେଇ ଦେଇଥିବା ବେଳେ ଅନ୍ୟପଟେ ଦେଶର ସବୁ କ୍ଷେତ୍ରରେ ଦକ୍ଷ ଶ୍ରମଶକ୍ତିର ଅଭାବ ପରିଲକ୍ଷିତ ହୋଇଛି । ବର୍ତ୍ତମାନର ବିଷୟ ନିଯୁକ୍ତିର ଅଭାବ ନୁହେଁ, ବରଂ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ ପାଇଁ ନିଯୋଜନକ୍ଷମ ବ୍ୟକ୍ତି ଓ ଦକ୍ଷ ପ୍ରତିଭାର ଅଭାବ । ଭାରତର ନିଯୁକ୍ତି ବଜାରରେ ପ୍ରତିବର୍ଷ ପ୍ରବେଶ କରୁଥିବା ୩୦ ଲକ୍ଷ ସ୍ନାତକ ଡିଗ୍ରୀଧାରୀ ମାନଙ୍କ ମଧ୍ୟରେ ମାତ୍ର ପାଂଚ ଲକ୍ଷ ନିଯୋଜନ ପାଇଁ ଉପଯୁକ୍ତ । ଆଜି ସୂଚନା ବିଜ୍ଞାନ, ବି.ଏଫ.ଏସ.ଆଇ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି, ଖୁଚୁରା ବ୍ୟବସାୟ, ଓ ଦୀର୍ଘସ୍ଥାୟୀ ଖାଉଟି ସାମଗ୍ରୀ ଆଦି ବିଭିନ୍ନ କ୍ଷେତ୍ରରେ କାମ କରିପାରୁଥିବା ଲୋକଙ୍କ ଅତିଶୟ ଅଭାବ ପରିଲକ୍ଷିତ ହେଉଛି । ଅତି ନିକଟରେ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ପ୍ରତି ଦଶ ଜଣରେ ଜଣେ ବା ଜଣକରୁ ସାମାନ୍ୟ ଅଧିକ ବ୍ୟକ୍ତି କୌଣସି ଧନ୍ଦାମୂଳକ କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ହୋଇଥାନ୍ତି ।

ଏବର୍ଷ ଆରମ୍ଭରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ୨୦୧୧-୧୨ ମସିହା ପାଇଁ ଶିକ୍ଷା ଓ ଧନ୍ଦାମୂଳକ ତାଲିମ ଉପରେ ତଥ୍ୟ ପ୍ରଦାନ କରାଯାଇଛି। ଏହି ତଥ୍ୟ ଅନୁଯାୟୀ ୧୫ ବର୍ଷରୁ ୫୯ ବର୍ଷ ମଧ୍ୟରେ କେବଳ ଶତକଡା ୨.୨ଭାଗ ବ୍ୟକ୍ତି ବିଧିବଦ୍ଧ ଭାବେ ଧନ୍ଦାମୂଳକ ତାଲିମ ପାଇଥିବା ବେଳେ ୨.୬ ପ୍ରତିଶତ ବ୍ୟକ୍ତି ଅନୌପଚାରିକ ଧନ୍ଦାମୂଳକ ତାଲିମ ପାଇଛନ୍ତି। ଆହୁରି ମଧ୍ୟ ୨୦୧୧-୧୨ ମସିହାରେ ଶେଷଥର ପାଇଁ ଗୃହୀତ ତଥ୍ୟ ଅନୁସାରେ ୨୦୦୪-୦୫ ମସିହାରେ ଧନ୍ଦାମୂଳକ ତାଲିମ ପ୍ରାପ୍ତଙ୍କର ବୃଦ୍ଧିର ହାର ଅତି ନଗଣ୍ୟ କହିଲେ ଚଳେ । ୨୦୦୯ ମସିହାରେ ଉପା ସରକାରଙ୍କ ଦ୍ୱାରା ଘୋଷିତ ଜାତୀୟ ଦକ୍ଷତା ଯୋଜନା ଓ ତା'ପୂର୍ବରୁ ଘୋଷିତ ଜାତୀୟ ଦକ୍ଷତା ବିକାଶ ସମନ୍ୱୟ ପରିଷଦ କାର୍ଯ୍ୟକ୍ଷମ ହେବା ସତ୍ତ୍ୱେ,

ତାଲିମପ୍ରାପ୍ତ ମାନଙ୍କର ନଗଣ୍ୟ ଅଭିବୃଦ୍ଧି ହାର ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ । ୧୫ ରୁ ୫୯ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ବ୍ୟକ୍ତିମାନଙ୍କର ସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱରେ ଦ୍ୱିତୀୟ । ଏହି କାରଣରୁ ଏକ ବିଶାଳ ଜନସମୁଦାୟକୁ ବିଭିନ୍ନ ତାଲିମଦେଇ ଦେଶର ପ୍ରଗତିରେ ସେମାନଙ୍କୁ ନିୟୋଜିତ କରିବା ଏକ ନିହାତି ଅପରିହାର୍ଯ୍ୟ ବିଷୟ ।

ବର୍ତ୍ତମାନର ଧନ୍ଦାମୂଳକ ଶିକ୍ଷା କରିବାର କ୍ଷମତା ରଖିଛି । କିନ୍ତୁ ବେସରକାରୀ କ୍ଷେତ୍ର କିଛି ଶିଳ୍ପ ସ୍ଥାପନ କରିବା ବ୍ୟତୀତ ଶ୍ରମଶକ୍ତିର ଦକ୍ଷତା ବିକାଶ ଦିଗରେ ବିଶେଷ କିଛି ପଦକ୍ଷେପ ନେଇନାହିଁ । ବିଶ୍ୱର ଯେଉଁ ଯେଉଁ ଦେଶରେ ଧନ୍ଦାମୂଳକ ଦକ୍ଷତାକୁ ପ୍ରାଧାନ୍ୟ ଦିଆଯାଏ, ସେଠି ଦକ୍ଷତା ବିକାଶରେ ଶିଳ୍ପ ସମୂହର ସାମୁହିକ ଯୋଗଦାନ ଲକ୍ଷ୍ୟ କରାଯାଏ।

**୨୦୧୫ ମସିହା ସୁଦ୍ଧା ବିଶ୍ୱ ଶ୍ରମଶକ୍ତିରେ ଭାରତର ଯୋଗଦାନ ଶତକଡା ୩୫ ଭାଗ ରହିବ ବୋଲି ଆଶା କରାଯାଏ। ଏହା ଆମର ସବୁଠୁ ବଡ ଶକ୍ତି ଓ ବହୁମୂଲ୍ୟ ଆର୍ଥିକ ସଂପତ୍ତି ହେବ । ଆମକୁ ସେଥିପାଇଁ ଆମର ଅନ୍ତର୍ନିହିତ ଶକ୍ତିକୁ ଉପଯୋଗ କରି ଲକ୍ଷ୍ୟ ସାଧନ କରିବାକୁ ହେବ । ଗତ ବର୍ଷ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୧୫୦୦ କୋଟିର ସୁଦକ୍ଷ ଭାରତ ଅଭିଯାନ ଆରମ୍ଭ କରାଯାଇଛି ଯାହା ୨୦୨୨ ମସିହା ସୁଦ୍ଧା ୪୦ କୋଟି ଲୋକଙ୍କୁ ବିଭିନ୍ନ ଦକ୍ଷତାର ତାଲିମ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଗୁଡିକ ମଧ୍ୟରେ ଜାତୀୟ ଦକ୍ଷତା ବିକାଶ ମିଶନ, ଦକ୍ଷତା ବିକାଶ ଓ ଉଦ୍ୟୋଗ ଉପକ୍ରମ, ଜାତୀୟ ଯୋଜନା ୨୦୧୫, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଦକ୍ଷତା ରଣ ଯୋଜନା ଅନ୍ତର୍ଭୁକ୍ତ। ଯଦିଓ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି ତଥାପି ୨୦୨୨ ମସିହା ସୁଦ୍ଧା ୫୦କୋଟି ଲୋକଙ୍କୁ କିଭଳି ଭାବରେ ଦକ୍ଷ କରାଯିବ, ତାହା ଏବେ ମଧ୍ୟ ଅସ୍ପଷ୍ଟ**

ବ୍ୟବସ୍ଥା ଯୋଗାଣକାରୀ ପଦ୍ଧତିରୁ ଜନକଲ୍ୟାଣକାରୀ ଚାହିଦା ପଦ୍ଧତିକୁ ପରିବର୍ତ୍ତିତ ହେଉଛି । ଅନେକ ପ୍ରକାର ଉଚ୍ଚାଭିଳାଷୀ ଦକ୍ଷତା ବିକାଶ ଯୋଜନା ଦ୍ୱାରା ବେସରକାରୀ କ୍ଷେତ୍ର ଭାରତର ଜୈବ ସମାଜ ଓ ଏହାର ପରିବେଶକୁ ସୁଦକ୍ଷ କରାଇବାରେଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ପ୍ରମୁଖ ନିଯୁକ୍ତିଦାତା ଓ ନିଯୁକ୍ତି ସୃଷ୍ଟିକର୍ତ୍ତା ଭାବରେ ଭାରତର ବେସରକାରୀ କ୍ଷେତ୍ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗୁଡିକର ମାନ ଓ ଗୁଣକୁ ପ୍ରଭାବିତ କରିପାରିବା ଭଳି ସାମର୍ଥ୍ୟ ରଖିବା ସଙ୍ଗେ ସଙ୍ଗେ ସେଗୁଡିକୁ ଔପଚାରିକ ଓ ଅନୌପଚାରିକ କ୍ଷେତ୍ରରେ ରୋଜଗାର ତଥା ନିଯୁକ୍ତି ସହ ଏକତ୍ରିତ

ବେସରକାରୀ କ୍ଷେତ୍ର, ଦକ୍ଷଶ୍ରମଶକ୍ତିର ଖାଉଟି ଭାବରେ ଅଥବା ଉତ୍ତମ ଜ୍ଞାନକୁ ଲାଭବିହୀନ ନୀତିରେ ସୁଗମ କରାଇବାରେ କିମ୍ବା ଲାଭଯୁକ୍ତ ଶିକ୍ଷା ପ୍ରଦାନ କରିବା ଭଳି ବିଭିନ୍ନ ଭୂମିକା ତୁଲାଇଥାଏ । ଖାଉଟି ହିସାବରେ ବେସରକାରୀ କ୍ଷେତ୍ର ଶ୍ରମଶକ୍ତିକୁ ଉଚିତ୍ ତାଲିମ ପ୍ରଦାନ କରିବା ପରେ ସେଗୁଡିକୁ ଉପଯୋଗ କରି ଲାଭାନ୍ୱିତ ହୋଇପାରିବ । ପୁଣି ବିନାଲାଭଯୁକ୍ତ ସାହାଯ୍ୟକର୍ତ୍ତା ଭାବରେ ସମାଜର ବିଭିନ୍ନ କ୍ଷେତ୍ରରେ ପାଣ୍ଠି ବିନିଯୋଗ ତଥା ନିବେଶ କରିପାରିବ । ଏହା ସହିତ ଲାଭହାସଲକାରୀ ସଂସ୍ଥା ହିସାବରେ ଏହି କ୍ଷେତ୍ର ମୂଲ୍ୟ ବିନିମୟରେ ସ୍କୁଲ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ଆଦି ପ୍ରତିଷ୍ଠା କରି ଶିକ୍ଷା ପ୍ରଦାନ କରିପାରିବ ।

ବେସରକାରୀ କ୍ଷେତ୍ର ବିଭିନ୍ନ ଉପାୟରେ ଦକ୍ଷତାର ଦୃଶ୍ୟପଟରେ ପରିବର୍ତ୍ତନ ଆଣିପାରିବ । ସେଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା ।

**ଶିଳ୍ପ ଚାହିଦାର ପୂର୍ବାଭାଷ**

ଏହି କ୍ଷେତ୍ରରେ ବେସରକାରୀ କ୍ଷେତ୍ର ଶିଳ୍ପ ସମୂହର ଚାହିଦାକୁ ଆଖି ଆଗରେ ରଖି ଉନ୍ନତମାନର ଶ୍ରମଶକ୍ତି ପ୍ରଦାନ କରିପାରିବ । ଯେହେତୁ ଏହି କ୍ଷେତ୍ର ବେତନଯୁକ୍ତ, ଚୁକ୍ତିଭିତ୍ତିକ ତଥା ମଜୁରୀ ଭିତ୍ତିକ ବିଭିନ୍ନ କାମଧନ୍ଦାର ସୁଯୋଗ ସୃଷ୍ଟି କରିଥାଏ, ସେଥିପାଇଁ ଏହି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଗୁଡିକ ଶିଳ୍ପ ଗୁଡିକର ଚାହିଦାର ପୂର୍ବାଭାଷ କରି ସୁଦକ୍ଷ, ତାଲିମପ୍ରାପ୍ତ ଓ ନିୟୋଜନକ୍ଷମ ଶ୍ରମଶକ୍ତିକୁ ନିଜ ପାଖରେ ମହଜୁଦ କରି ରଖିଥାନ୍ତି । ତାଲିମ ପ୍ରଦାନକାରୀ ସଂସ୍ଥାମାନେ ଘରୋଇ କ୍ଷେତ୍ରରୁ ସବିଶେଷ ତଥ୍ୟ ଯଥା କାର୍ଯ୍ୟଭୂମିକା, ମଜୁରୀ ସ୍ଥାନ ଓ ପରିମାଣ ସଂଗ୍ରହ କରି ଶିଳ୍ପ ଚାହିଦା ମେଣ୍ଟେଇ ଥାନ୍ତି ।

**ଶିଳ୍ପର ଗୁଣାବଳୀ ଓ ମାନବିନ୍ଦୁ ନିର୍ଦ୍ଧାରଣ**

ବେସରକାରୀ କ୍ଷେତ୍ର ଜାତୀୟ ବୃତ୍ତି ମାନଦଣ୍ଡ ମାଧ୍ୟମରେ ପ୍ରଚଳିତ କର୍ମ ଗୁଡିକରେ ଦକ୍ଷତାର ଅଭାବକୁ ଚିହ୍ନଟ କରି ସେମାନଙ୍କ ମାନବୃଦ୍ଧି ତଥା ନୂତନ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରେଇପାରିବ ।

**ତାଲିମ ପ୍ରଦାନକାରୀ ସଂସ୍ଥାମାନଙ୍କ ସହ ବିଶେଷ ଉଦ୍ଦେଶ୍ୟ ସାଧନ ନିମିତ୍ତ ଭାଗୀଦାରୀ**

ବିଭିନ୍ନ ଘରୋଇ କମ୍ପାନୀମାନଙ୍କର ତାଲିମକୁ ଡିଜାଇନ ଓ ବିକଶିତ କରିବାରେ ନିଜସ୍ୱ ସମ୍ବଳ ନଥାଏ । ଏହି ଦୃଷ୍ଟିରୁ ସେମାନେ ଆବଶ୍ୟକ କରୁଥିବା ପ୍ରତିଭାକୁ ହାସଲ କରିବା ପାଇଁ ତାଲିମ ପ୍ରଦାନକାରୀ ସଂସ୍ଥାମାନଙ୍କ ସହ ସଂଯୋଗ ସ୍ଥାପନ କରିବା ବିଧେୟ ।

**କର୍ମ ସଂସ୍ଥାନ ସମୟରେ ତାଲିମର**

**ସୁଗମତା**

ବେସରକାରୀ କ୍ଷେତ୍ର ବହୁସଂଖ୍ୟକ ପ୍ରଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟ ସମୟରେ ତାଲିମ ପ୍ରଦାନ କରିବା ଉଚିତ୍ କାରଣ କୌଣସି ଦକ୍ଷତାରେ ଉଚ୍ଚତର ଜ୍ଞାନ ଆହରଣ ପାଇଁ ଶିଳ୍ପ ସମ୍ବନ୍ଧୀୟ ଅଭିଜ୍ଞତା ଓ କାର୍ଯ୍ୟ କରୁଥିବା ସମୟରେ ତାଲିମର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ପରିଲକ୍ଷିତ ହେଉଛି ।

**ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସି.ଏସ.ଆର ପାଣ୍ଠିର ବିନିଯୋଗ**

ବେସରକାରୀ କ୍ଷେତ୍ର ଧନ୍ଧାମୂଳକ ଶିକ୍ଷା ଓ ତାଲିମ ପ୍ରଦାନ କରିବା ପାଇଁ ଆର୍ଥିକ ଦୃଷ୍ଟିରୁ ସକ୍ଷମ । ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ କମ୍ପାନୀମାନେ ଧାର୍ଯ୍ୟ ହୋଇଥିବା ସି.ଏସ.ଆର ପାଣ୍ଠିର ଶତକଡା ଦୁଇ ଭାଗ ବିନିଯୋଗ କରିପାରିବେ ।

**ତାଲିମ ପାଇଁ ଅର୍ଥବିନିଯୋଗ**

ବ୍ୟବସାୟୀକ ସଂଘ ସମୂହ ତାଲିମ ପ୍ରଦାନକାରୀ ସଂସ୍ଥା ଗୁଡିକ ସହିତ ମିଶି ତାଲିମ ସଂକ୍ରାନ୍ତୀୟ ଭି⃞ଭୂମି, ଜ୍ଞାନ କୌଶଳ ଆଦି କ୍ଷେତ୍ରରେ ପୁଂଜିନିବେଶ କରିବା ସହ ତାଲିମ ପ୍ରଦାନ କରିବା ପ୍ରକ୍ରିୟାକୁ ଆହୁରି ବଳିଷ୍ଠ କରିପାରିବେ । ଏହା ସହିତ ପ୍ରୟୋଗଶାଳା ଓ ଯାନ୍ତ୍ରିକ ତାଲିମ ପ୍ରଦାନ ପାଇଁ ସେମାନେ ଅର୍ଥ ବିନିଯୋଗ କରିପାରିବେ ଯାହା ସାଧାରଣତଃ ତାଲିମ ପ୍ରଦାନକାରୀ ସଂସ୍ଥାମାନଙ୍କ ପାଇଁ ବ୍ୟୟବହୁଳ ହୋଇଥାଏ । ତାଲିମ ପ୍ରଦାନକାରୀ ସଂସ୍ଥା, ଶିଳ୍ପ ତାଲିମ କେନ୍ଦ୍ର ଓ ସରକାରୀ ସଂସ୍ଥା ଗୁଡିକ ସହ ବିଶେଷ ସହଭାଗୀତା ସୃଷ୍ଟିକରି ବେସରକାରୀ କ୍ଷେତ୍ର ଯେକୌଣସି ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସଫଳତାକୁ ପ୍ରଭାବିତ କରିପାରିବ ।

ମାନବ ସମ୍ବଳର ଶକ୍ତିକୁ ଆଧାର କରି ଏକ ସେବା ପ୍ରଦାନକାରୀ ଅର୍ଥନୀତି ଭାବରେ ନିଜକୁ ପ୍ରତିଷ୍ଠିତ କରାଇବାକୁ ହେଲେ ଆମକୁ ଶ୍ରମଶକ୍ତିର ତାଲିମ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ହେବ। ଶିକ୍ଷା ଓ ଦକ୍ଷତା ଶିକ୍ଷାର୍ଥୀର ନିୟୋଜନ କ୍ଷମତାବୃଦ୍ଧି କରିବାରେ ସହାୟକ ହେବ । ଆହରଣ କରାଯାଇଥିବା ଜ୍ଞାନ ମାଧ୍ୟମରେ ଶ୍ରମିକମାନେ ଜାତୀୟ ସ୍ତରରେ ଉତ୍ପାଦନ କ୍ଷମତା ବୃଦ୍ଧି କରି ଭାରତକୁ ସଶକ୍ତ କରିପାରିବେ । ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ, ନୀତି ପରିବ⃞ନ ଓ ଉନ୍ନତ ଅର୍ଥ ବିତରଣ ବ୍ୟବସ୍ଥା ଦ୍ୱାରା ଭାରତ ନିଶ୍ଚିତରୂପେ ଏକ ଜ୍ଞାନ ପୀଠରେ ରୂପାନ୍ତରୀତ ହୋଇପାରିବ । ସରକାରଙ୍କ ଏହି ସବୁ କାର୍ଯ୍ୟକ୍ରମରେ ବେସରକାରୀ କ୍ଷେତ୍ର ଓ ବ୍ୟାବସାୟୀକ ସଂଘ ସମୂହର ସକାରାତ୍ମକ ଯୋଗଦାନ ଅପରିହାର୍ଯ୍ୟ । ଆମ ପାଖରେ ଥିବା ବିଶାଳ ଶ୍ରମଶକ୍ତିର ପୁଂଜିକୁ ଆମେ ସେତେବେଳେ ଶକ୍ତିଶାଳୀ କରିପାରିବା ଯେତେବେଳେ ସରକାର ଓ ବେସରକାରୀ କ୍ଷେତ୍ର ମଧ୍ୟରେ ଭାଗୀଦାରୀ ସୃଷ୍ଟି ହେବ । ଆମକୁ ସୁଦୂରପଥ ଅତିକ୍ରମ କରିବାକୁ ଅଛି, ସେଥିପାଇଁ ମିଳିମିଶି କାମ କଲେ ଆମେ ନିଶ୍ଚୟ ସଫଳ ଓ ସଶକ୍ତ ହୋଇପାରିବା ।

**ଲେଖକ ହେଉଛନ୍ତି ଜେନ୍‌ପ୍ୟାକ୍ଟ ସଂସ୍ଥାର ଅଧ୍ୟକ୍ଷ ।**

●

## ଇଣ୍ଡିଆନ୍ ଅଏଲ୍-ଏଲ୍‌ଭି ପ୍ରସାଦ ସେଣ୍ଟର୍ ଫର୍ ରୁରାଲ୍ ଆଇ

ଗତ ମଇ ୧୯ ତାରିଖ ଦିନ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇଣ୍ଡିଆନ୍ ଅଏଲ୍‌ର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଇଣ୍ଡିଆନ୍ ଅଏଲ୍-ଏଲ୍‌ଭି ପ୍ରସାଦ ସେଣ୍ଟର୍ ଫର୍ ରୁରାଲ୍ ଆଇର ଉଦ୍‌ଘାଟନ କରିଛନ୍ତି । ଓଡ଼ିଶାର ଗ୍ରାମାଞ୍ଚଳର ଲୋକମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ଚକ୍ଷୁ ରୋଗର ଚିକିତ୍ସା କରିବା, ଗ୍ରାମାଞ୍ଚଳରେ ସୃଷ୍ଟି ହୋଇଥିବା ଦୃଷ୍ଟିହୀନ ସମସ୍ୟାକୁ ସମାଧାନ କରିବା ପାଇଁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ଏହି କେନ୍ଦ୍ରର ଉଦ୍ଦେଶ୍ୟ ବୋଲି ଉଦ୍‌ଘାଟନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

# ଦେଶର ସାମଗ୍ରିକ ବିକାଶ ଓ ବିଦେଶରେ ବୃହତ୍ତର ଭୂମିକା ପାଇଁ କୁଟନିତୀ

ଆଚଲ ମାଲ୍‌ହୋତ୍ରା

**୨୦୧୪** ମେ ମାସରେ ନୂଆ ସରକାର ଦାୟୀତ୍ୱ ଗ୍ରହଣ କରିବା ଠିକ୍ ପରେ ପରେ କେତୋଟି ଦୀର୍ଘ ମିଆଦୀ ପଦକ୍ଷେପ ଘୋଷଣା କରିଛନ୍ତି । ଏଗୁଡିକ ମଧ୍ୟରେ ମେକ୍ ଇନ୍ ଇଣ୍ଡିଆ, କୁଶଳ ଭାରତ, ସ୍ମାର୍ଟ ସହର, ଭିତ୍ତିଭୂମି ବିକାଶ, ଡିଜିଟାଲ ଇଣ୍ଡିଆ, ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଭୁକ୍ତ । କିନ୍ତୁ ଏହି କାର୍ଯ୍ୟକ୍ରମଗୁଡିକୁ ବାସ୍ତବରେ ସଫଳ କରାଇବାକୁ ହେଲେ ଆମକୁ ବହୁଳ ଭାବରେ ବିଦେଶୀ ସହଭାଗୀତା, ପ୍ରତ୍ୟକ୍ଷ୍ୟ ବିଦେଶୀ ପୁଂଜିନିବେଶ, ଆର୍ଥିକ ସହାୟତା ତଥା ବୈଷୟିକ ଜ୍ଞାନ କୌଶଳର ହସ୍ତାନ୍ତରିକରଣ ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି ଭାରତୀୟ କୂଟନୀତିରେ ମଧ୍ୟ ଆବଶ୍ୟକୀୟ ପରିର୍ବନ ଅତିକମ୍ ସମୟରେ ଘଟିସାରିଚ୍ଛି । ନୂଆ ବୈଦେଶିକ ନୀତି ଅଧିକ କାର୍ଯ୍ୟକ୍ଷମଶୀଳ ଓ ପ୍ରଗତି କୈନ୍ଦ୍ରିକ ହେବା ସଙ୍ଗେ ସଙ୍ଗେ ରାଜନୈତିକ, ଅର୍ଥନୈତିକ ଓ କୂଟନୀତିର ଏକ ଅପୂର୍ବ ସମ୍ମିଶ୍ରଣ ହୋଇପାରିଚ୍ଛି । ଦେଶରେ ସାମୂହିକ ବିକାଶ ପାଇଁ ଏକ ଅନୂକୂଳ ତଥା ଉପଯୁକ୍ତ ବାହ୍ୟପରିବେଶ ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରାଯାଉଚ୍ଛି । ଘରୋଇ କାର୍ଯ୍ୟସୂଚୀକୁ ଅଗ୍ରାଧିକାର ଦେଇ ପଦକ୍ଷେପ ଗୁଡିକ ସହ ସମନ୍ୱିତ କରାଇବା ଏପରି ଉଦ୍ୟମର ବୈଶିଷ୍ଟ୍ୟ । ଏତତ୍ ବ୍ୟତୀତ ପଡୋଶୀମାନଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତ୍ୱର ବାତାବରଣ ସୃଷ୍ଟିକରି ପାରସ୍ପରିକ ସହଯୋଗ ମାଧ୍ୟମରେ ଭାରତର ଭୂମିକାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ଉପରୋକ୍ତ ପଦକ୍ଷେପ ଗୁଡିକର ଲକ୍ଷ୍ୟ । ରାଜନୈତିକ ଓ ଆର୍ଥିକ ସ୍ତରରେ ଭାରତର କୂଟନୈତିକ ପଦକ୍ଷେପ ଆନ୍ତର୍ଜାତୀୟ ସହଭାଗୀତାକୁ ନିୟୋଜିତ କରି ତା'ର ସୁଦୂରପ୍ରସାରୀ ଲକ୍ଷ୍ୟ ପୂର୍ତ୍ତି ଦିଗରେ ଦେଶ କିଛି ସଫଳତା ହାସଲ କରିଛି । ଏହି ପରିପ୍ରେକ୍ଷୀରେ ଭାରତର ଆଶାନୁରୂପକ ସଫଳତା ଯାହାକି କେବଳ ସାଙ୍କେତିକ ଭାବରେ ନିମ୍ନୋକ୍ତ ତଥ୍ୟାବଳୀ ମାଧ୍ୟମରେ ପ୍ରଦାନ କରାଗଲା ।

ଦେଶ ଭିତରେ ସାମୁହିକ ସଫଳତା ନିମିତ୍ତ□ କୂଟନୀତି ଗତ ବର୍ଷ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀଙ୍କ ଦୁବାଇ ଗ୍ରସ୍ତ ସମୟରେ ଭାରତ- ୟୁଏଇ ଭିତ୍ତିଭୂମି ନିବେଶ ପାଣ୍ଠିର ଉଦଘୋଷଣା କରାଯାଇଥିଲା ଯାହା ଭାରତରେ ଅତ୍ୟାଧୁନିକ ଭିତ୍ତିଭୂମିର ଦ୍ରୁତ ବିକାଶ ପାଇଁ ୭୫୦୦ କୋଟି ଡଲାର ଖର୍ଚ୍ଚ କରିବା ପାଇଁ ଲକ୍ଷ୍ୟ ରଖିଛି । ସେହିପରି ଭାରତର ଜାତୀୟ ଭିତ୍ତଭୂମି ନିବେଶ ପାଣ୍ଠି ଅଧିନରେ ଭାରତ ଓ ବ୍ରିଟେନ ଏକ ମିଳିତ ପାଣ୍ଠି ଗଠନ କରିଛନ୍ତି । ବିଶେଷ କରି ଭାରତୀୟ ରେଳ ଓ ସଡକ ଏହି ପ୍ରକାର ବିଦେଶୀ ସହଯୋଗ ଦ୍ୱାରା ଲାଭାନ୍ୱିତ ହେବେ । ଭାରତର ଉତ୍ତର ପୂର୍ବାଂଚଳରେ ସଡକ ଯୋଗଯୋଗ ବ୍ୟବସ୍ଥା ପାଇଁ ଜାପାନ ଋଣ ଉପଲବ୍ଧ କରାଇବା ପାଇଁ ପ୍ରସ୍ତୁତ ଅଛି । ସେହିପରି ମୁମ୍ବାଇ- ଅହମଦାବାଦ ମଧ୍ୟରେ ଯାତ୍ରା ସମୟକୁ ସାତ ଘଣ୍ଟାରୁ ଦୁଇ ଘଣ୍ଟାକୁ ହ୍ରାସ କରିବା ନିମିତ୍ତ□ ଉଚ୍ଚଗତି ସମ୍ପନ୍ନ ବୁଲେଟ ଟ୍ରେନ୍ ନିର୍ମାଣ ପାଇଁ ଭାରତ ଓ ଜାପାନ ରାଜି ହୋଇଛନ୍ତି । ଏହା ସହିତ ଜାପାନ ଭାରତରେ ଚେନ୍ନାଇ-ଅହମଦାବାଦ ମେଟ୍ରୋ ପ୍ରକଳ୍ପ ପାଇଁ ଦଶ ହଜାର କୋଟି ୟେନ୍ ମୁଦ୍ରାର ଓ.ଡି.ଏ ଋଣ ଉପଲବ୍ଧ କରାଇବ । ଦ୍ୱିତୀୟ ପର୍ଯ୍ୟାୟର ବାଙ୍ଗାଲୁରୁ କୋଚି (୨) ଓ ନାଗପୁରରେ ମେଟ୍ରୋପ୍ରକଳ୍ପ ପାଇଁ ଫ୍ରାନ୍ସ ଆର୍ଥିକ ସହାୟତା ପ୍ରଦାନ କରିବ । ବାଙ୍ଗାଲୁରୁ ଓ ନାଗପୁର ମେଟ୍ରୋ ପ୍ରକଳ୍ପ ପାଇଁ ଜର୍ମାନୀ ପଚାଶ କୋଟି ୟୁରୋ ଋଣ ପ୍ରଦାନ କରିବ । ବିଭିନ୍ନ ପ୍ରକଳ୍ପ ମଧ୍ୟରେ ଚେନ୍ନାଇ- ବେଙ୍ଗାଲୁରୁ- ମହିଶୂର କ୍ଷେତ୍ରରେ ରେଳଗତି ବୃଦ୍ଧି ପାଇଁ ଭାରତ ଓ ଚୀନ ସହଯୋଗ ବୃଦ୍ଧି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଫ୍ରାନ୍ସର ଆଲଷ୍ଟମ୍ କମ୍ପାନୀ ତିନି ଶହ କୋଡିଏ କୋଟି ୟୁରୋ ନିବେଶ କରି ବିହାରର ମାଧେପୁରା ଠାରେ ଏକ ବୈଦ୍ୟୁତିକ ରେଳ ଇଂଜିନ କାରଖାନା ନିର୍ମାଣ କରିବାର ଯୋଜନା ରଖିଛି । ଲଣ୍ଡନରେ ପ୍ରଥମ ଥର ପାଇଁ ରୁପି ଡୋମିନେଟେଡ ବଣ୍ଡର ପ୍ରଚଳନ କରାଯାଇଛି ଯାହାକି ଭାରତରେ ରେଳ ଭିତ୍ତିଭୂମି ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବ ।

**ମେକ୍ ଇନ୍ ଇଣ୍ଡିଆ** : ବିଦେଶରେ ଭାରତର ବଳିଷ୍ଠ ପ୍ରଚାର ଯୋଗୁଁ ଏହି ଅଭିଯାନକୁ ସନ୍ତୋଷଜନକ ସଫଳତା ମିଳିଛି । ଉଦାହରଣସ୍ୱରୂପ ରୁଷିଆ ଭାରତ ସହ ମିଶି କେ.ଏ-୨୨୬ ହେଲିକପ୍ଟର ନିର୍ମାଣ କରିବା ପାଇଁ ରାଜି ହୋଇଛି । ଏହା ସହିତ ମେକ୍ ଇନ୍ ଇଣ୍ଡିଆ ଅଧିନରେ ଭାରତରେ କ୍ରମାଗତ ଭାବରେ ଆଣବିକ ଶକ୍ତିକେନ୍ଦ୍ର ଗୁଡିକୁ ପ୍ରତିଷ୍ଠା କରିବା ପାଇଁ ରୁଷିଆ ତା'ର ସହମତି ପ୍ରକାଶ କରିଛି। ରୁଷିଆର ରସ୍ୱଏଟମ୍ କମ୍ପାନୀ ଓ ଭାରତର ଆଣବିକ ଶକ୍ତି ବିଭାଗ ଏହି ପ୍ରକାର ନିର୍ମାଣର

ସ୍ଥାନୀୟକରଣ ପାଇଁ ଏକ କାର୍ଯ୍ୟସୂଚୀ ଚୂଡାନ୍ତ କରିଛନ୍ତି । ଏଲ.ଏଣ୍ଡ.ଟି କମ୍ପାନୀ ଓ ଫ୍ରାନ୍ସର ଏରିଭା କମ୍ପାନୀ ଜଇତପୁର ଆଣବିକ ଶକ୍ତିପ୍ରକଳ୍ପର ସ୍ୱଦେଶୀକରଣ ଓ ବୈଷୟିକ ଜ୍ଞାନ କୌଶଳର ହସ୍ତାନ୍ତରିକରଣକୁ ତ୍ୱରାନ୍ୱିତ କରିବାପାଇଁ ସହମତି ପ୍ରକାଶ କରିଛନ୍ତି । ଏ.ଆର. ଇସ୍ କମ୍ପାନୀ ଓ ଭାରତର ଟାଟା କମ୍ପାନୀ ମିଳିତ ସହଯୋଗରେ ଭାରତରେ ସି ୨୯୫ ହେଲିକପ୍ଟର ନିର୍ମାଣ କରିବା ପାଇଁ ଯୋଜନା କରିଛନ୍ତି । ସେହିପରି ଏଆର୍ ବସ କମ୍ପାନୀ ଓ ଭାରତର ମହିନ୍ଦ୍ରା କମ୍ପାନୀ ଭାରତରେ ହେଲିକପ୍ଟର ନିର୍ମାଣ କରିବାପାଇଁ ପ୍ରାରମ୍ଭିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବୋଇଂ କମ୍ପାନୀ ଏ.ଏଚ.୬୪ ଆପାଚି ହେଲିକପ୍ଟରର ଢାଂଚା ତିଆରି କରିବ । ମେକ୍ ଇନ ଇଣ୍ଡିଆ ଅଧିନରେ ବାର ଶହ କୋଟି ଡଲାର ଭାରତ-ଜାପାନ ବିଶେଷ ସହଯୋଗ ପାଣ୍ଠି ଗଠିତ ହୋଇଯାଇଛି । ମାରୁତି କମ୍ପାନୀ ଜାପାନକୁ କାର ରପ୍ତାନୀ କରିବା ପାଇଁ ଭାରତରେ କାର ନିର୍ମାଣ କରିବ ।

**ବିଦେଶୀ ପୁଂଜିନିବେଶ** ବିଦେଶରେ କୂଟନୈତିକ ପ୍ରଚାର ପ୍ରସାର ଫଳସ୍ୱରୂପ ୨୦୧୫ ମସିହାରେ ଭାରତରେ ପ୍ରତ୍ୟକ୍ଷ ପୁଂଜିନିବେଶ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ତୁଳନାରେ ଶତକଡା ଚାଳିଶ ଭାଗ ଅଧିକ। ଏହି ପୁଂଜିନିବେଶ ଭାରତର ଉଚ୍ଚାଭିଳାଷୀ ଯୋଜନାଗୁଡିକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ସହାୟକ ହେବ । ଭାରତ ଓ ଚିନ୍ କମ୍ପାନୀ ମାନଙ୍କ ମଧ୍ୟରେ ସ୍ୱାକ୍ଷରିତ ରାଜିନାମା ଗୁଡିକର ମୂଲ୍ୟ ୨୨୦୦ କୋଟି ଡଲାର ହେବ । ଭାରତ ଓ ବ୍ରିଟେନର ଘରୋଇ କମ୍ପାନୀମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାର ମୂଲ୍ୟ ୯୨୦ କୋଟି ପାଉଣ୍ଡ ହେବ, ଯେଉଁଥିରେ ବ୍ରିଟିଶ କମ୍ପାନୀ ଭୋଡାଫୋନ ୧୦୩ କୋଟି ପାଉଣ୍ଡ ପୁଂଜିନିବେଶ କରିବ । ଭାରତରେ ଭିତ୍ତଭୂମି ସଂକ୍ରାନ୍ତୀୟ ଯୋଜନା ଓ ସ୍ମାର୍ଟ ସହର ନିର୍ମାଣ ପାଇଁ ଜାପାନ ଆଗାମୀ ପାଂଚବର୍ଷ ମଧ୍ୟରେ ୩୫୦୦ କୋଟି ଡଲାର ଆର୍ଥିକ ସହାୟତା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ଦକ୍ଷିଣ କୋରିଆ ମଧ୍ୟ ୧୦୦୦ କୋଟି ଡଲାର ପୁଂଜିନିବେଶର ପ୍ରତିଶ୍ରୁତି ଦେଇଛି , ଯେଉଁଥିରେ ୧୦୦ କୋଟି ଡଲାରର ଆର୍ଥିକ ବିକାଶ ନିଗମ ପାଣ୍ଠି ଓ ପ୍ରମୁଖ କ୍ଷେତ୍ର ଯେପରି ରେଳ, ଶକ୍ତି ଉତ୍ପାଦନ ତଥା ବିତରଣ ପାଇଁ ୯୦୦ କୋଟି ଟଙ୍କାର ରପ୍ତାନୀ ମୂଲ୍ୟ ଅନ୍ତର୍ଭୁକ୍ତ । ଜର୍ମାନୀର ବୃହତ୍ ସ୍ୱୟଂଚାଳିତ ଯାନ୍ତ୍ରିକ କମ୍ପାନୀ ବୋସ ଭାରତରେ ତିନୋଟି ନୂତନ କାରଖାନା ନିର୍ମାଣ ପାଇଁ ୧୦୦୦୦ କୋଟି ପାଉଣ୍ଡର ପୁଂଜିନିବେଶ କରିବାପାଇଁ ଘୋଷଣା କରିଛି ।

**ସ୍ମାର୍ଟ ସହର**

ଭାରତରେ ସ୍ମାର୍ଟ ସହର ଗୁଡିକୁ ବିକାଶ କରିବାପାଇଁ ଅନେକ ବିଦେଶୀ ସହଯୋଗୀ ସହାୟତାର ହାତ ବଢେଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା, ବିଶାଖାପଟନମ୍, ଅହମଦାବାଦ ଓ ଆଲ୍ଲାହାବାଦ ଆଦି ସହରକୁ ବିକଶିତ କରିବାର ଦାୟିତ୍ୱ ନେଇଥିବା ବେଳେ ଫ୍ରାନ୍ସ ସ୍ମାର୍ଟ ସିଟି ପ୍ରକଳ୍ପ ପାଇଁ ୨୦୦ କୋଟି ୟୁରୋରୁ ଅଧିକ ମୁଦ୍ରା ବିନିଯୋଗ କରିବ ଯେଉଁଥିରେ ବିଶେଷ କରି ଚଣ୍ଡିଗଡ, ନାଗପୁର ଓ ପୁଡୁଚେରୀ ଲାଭବାନ ହେବେ ।

**ଡିଜିଟାଲ ଇଣ୍ଡିଆ ଓ କୁଶଳ ଭାରତ**

ମାଇକ୍ରୋସଫ୍ଟ ଓ ଗୁଗୁଲ ପରି ବୃହଦାକାର ବହୁରାଷ୍ଟ୍ରୀୟ କମ୍ପାନୀ ଡିଜିଟାଲ ଇଣ୍ଡିଆର କାର୍ଯ୍ୟାନ୍ୱୟନ ପାଇଁ ପର୍ଯ୍ୟାପ୍ତ ସାହାଯ୍ୟ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆମେରିକା, ଜର୍ମାନୀ, ଇଂଲଣ୍ଡ, କାନାଡା, ଜାପାନ, ସିଙ୍ଗାପୁର ଓ ମାଲୟସିଆ ଆଦି ଅଗ୍ରଣୀ ଦେଶ ଭାରତର ସ୍କିଲ୍ ଇଣ୍ଡିଆ କାର୍ଯ୍ୟରେ ସହଯୋଗ କରିବାପାଇଁ ରାଜି ହୋଇଛନ୍ତି ।

**ଶୁଦ୍ଧ ଗଙ୍ଗା**

ଜାପାନ ଓ ଜର୍ମାନୀ ଗଙ୍ଗା ନଦୀର ପୁନରୁଦ୍ଧାର ଓ ନବଜୀବନ ପ୍ରାପ୍ତି ପାଇଁ ଆର୍ଥିକ ସହାୟତା ଓ ଜ୍ଞାନ କୌଶଳର ପ୍ରସ୍ତାବ ଦେଇଛନ୍ତି।

**ଶକ୍ତି ସୁରକ୍ଷା**

ଏହି କ୍ଷେତ୍ରରେ ଭାରତର କୂଟନୈତିକ ପଦକ୍ଷେପ ଗୁଡିକ ମୁଖ୍ୟତଃ ଶୁଦ୍ଧ ଶକ୍ତି ପାଇଁ ସହଭାଗୀତା ଲାଭ କରିବା ନିମିତ୍ତ ଉଦ୍ଦିଷ୍ଟ । ଏହି ପରିପ୍ରେକ୍ଷୀରେ ଗତବର୍ଷ ପ୍ୟାରିସ ଜଳବାୟୁ ପରିବର୍ତ୍ତନ ସମାବେଶ ଭଳି ଭାରତ ନେତୃତ୍ୱରେ ଶହେରୁ ଉର୍ଦ୍ଧ୍ୱ ଦେଶଙ୍କୁ ନେଇ ତିଆରି ହୋଇଥିବା ଆନ୍ତର୍ଜାତିକ ସୌର ସହଯୋଗୀ ଦଳର ଶୁଭାରମ୍ଭ ଏକ ଉଲ୍ଲେଖନୀୟ ଘଟଣା। ଦିଲ୍ଲୀର ଗୁଡ଼ଗାଓଁଠାରେ ଏହାର ସଚିବାଳୟ ପାଇଁ ଜମି ଯୋଗାଇ ଦେବା ସଙ୍ଗେ ସଙ୍ଗେ, ଭିତ୍ତିଭୂମି ପାଇଁ ତିରିଶ କୋଟି ଡଲାର ସହାୟତା ରାଶି ଦେବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ । ବେସାମରିକ ଆଣବିକ ସହଯୋଗର ରାଜିନାମା ଗୁଡିକ ସ୍ୱାକ୍ଷରିତ ହେବା ପରେ ଭାରତର ଶକ୍ତି କ୍ଷେତ୍ରରେ ଆଣବିକ କେନ୍ଦ୍ର ସ୍ଥାପନ ଓ ବିଦେଶରୁ ୟୁରାନିୟମ ଆଣି ଅଧିକ ସବୁଜଶକ୍ତି ଉତ୍ପାଦନ ଆଦି ଯୋଜନାଗୁଡିକୁ ଉଲ୍ଲେଖନୀୟ ସଫଳତା ମିଳିଛି।

**ବିଶ୍ୱସ୍ତରୀୟ ଭୂମିକା**

ପି-୫ ବ୍ୟତୀତ, ଭାରତର କୂଟନୈତିକ ପ୍ରୟାସ ଦକ୍ଷିଣଏସିଆ, ଦକ୍ଷିଣ-ପୂର୍ବ ଏସିଆ, କେନ୍ଦ୍ର ଏସିଆ, ପଶ୍ଚିମ ଏସିଆ ଓ ଏସିଆ ପ୍ରଶାନ୍ତ ମହାସାଗରୀୟ ଆଦି ପ୍ରମୁଖ ଅଂଚଳ ପର୍ଯ୍ୟନ୍ତ ପହଂଚିପାରିଛି । ଭାରତ ମିଳିତ ଜାତି ସଂଘର ବିଚାରବିମର୍ଷରେ ଯୋଗଦାନ କରିବାପୂର୍ବକ, ଆସିଆନ, ଇଏଏସ, ନାମ, ବ୍ରିକ୍ସ ଓ ସ୍କୋ ଆଦି ଆଂଚଳିକ ସଂଗଠନ ଗୁଡିକୁ ନିୟୋଜିତ କରିପାରିଛି।

ପ୍ରଧାନମନ୍ତ୍ରୀ ଦାୟିତ୍ୱଗ୍ରହଣ କରିବା ଆଗରୁ 'ପ୍ରଥମେ ପଡୋଶୀ' ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତକ ପଦକ୍ଷେପ ଥିଲା । ୨୦୧୪ ମେ ମାସରେ ପ୍ରଧାନ ମନ୍ତ୍ରୀ

ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ସାର୍କ ରାଷ୍ଟ୍ରମୁଖ୍ୟମାନଙ୍କର ଉପସ୍ଥିତି ଏକ ବଳିଷ୍ଠ ସୁଯୋଗ ପ୍ରଦାନ କରିଥିଲା ଏବଂ ଏହି ନୂତନ ରାଜନୈତିକ ବ୍ୟବସ୍ଥା ମାଧ୍ୟମରେ ଭାରତ ତାର ପଡୋଶୀମାନଙ୍କ ପ୍ରତି ରହିଥିବା ସଂପର୍କରେ ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ସଂଯୋଗ ସ୍ଥାପନ କରିବାରେ ମଧ୍ୟ ଏହା ସହାୟତା କରିଥିଲା । ଏହି ସଂଯୋଗକୁ ପରିପୁଷ୍ଟ କରିବାପାଇଁ ପରବର୍ତ୍ତୀ ସମୟରେ ଆଂଚଳିକ ଓ ଆନ୍ତର୍ଜାତୀକ ସମ୍ମିଳନୀ ଭଳି ପରିଦର୍ଶନ କିମ୍ବା ସାକ୍ଷାତ ବିନିମୟର ମାଧ୍ୟମକୁ ଉପଯୋଗ କରାଯାଇଥିଲା ।

ବିଶେଷକରି ପାକିସ୍ଥାନ ସହିତ ବାର୍ତ୍ତାବିନିମୟର ଅବରୋଧକୁ ହଟାଇବାରେ ଓ ବାର୍ତ୍ତାଳାପକୁ ପୁନର୍ବାର ଆରମ୍ଭ କରିବାରେ ଏହା ସହାୟକ ହୋଇଥିଲା । ମୋଟାମୋଟି ଭାବରେ ଭାରତର "ପ୍ରଥମେ ପଡୋଶୀ" ପଦକ୍ଷେପର ପରିଣତି ନିହାତି ସନ୍ତୋଷଜନକ ବୋଲି କୁହାଯାଇପାରେ । ଭୁଟାନ ଓ ବାଂଲାଦେଶ ସହିତ ଆମର ସଂପର୍କ ସନ୍ତୁଳିତ ଓ ପ୍ରଗତିଶୀଳ। ସୀମା ଚିହ୍ନଟ ରାଜିନାମାର ଅନୁମୋଦନ ଦ୍ୱାରା ଭାରତ ଓ ବାଂଲାଦେଶ ମଧ୍ୟରେ ୬୦୯୬ କି.ମି. ସୀମାର ସ୍ଥାୟୀ ସମାଧାନ ହେବା ସଙ୍ଗେ ସଙ୍ଗେ ସୀମା ପରିଚାଳନା ଅନ୍ତର୍ଭୁକ୍ତ ବେଆଇନ ଦେଶାନ୍ତର ଗମନ, ମାନବ ଚୋରା ଚାଲାଣ ଓ ଅନ୍ୟାନ୍ୟ ଚୋରା କାରବାରକୁ ରୋକା ଯାଇପାରିଛି । ରାଜ୍ୟହରା ହୋଇ ୧୬୧ଟି ଭୂଖଣ୍ଡରେ ବସବାସ କରୁଥିବା ପଚାଶ ହଜାର ବ୍ୟକ୍ତି ଆଇନ ଅନୁମୋଦିତ ପରିଚୟ ଲାଭ କରିଚ୍ଛନ୍ତି । ନେପାଳ ଓ ଆମ ଭିତରେ ଥିବା ଅବିଶ୍ୱାସ ହ୍ରାସ ପାଇଚ୍ଛି । ଶ୍ରୀଲଙ୍କା ଓ ମାଲଡିଭସ୍ ସହିତ ଆମର ସଂପର୍କ ପୂର୍ବସ୍ଥିତି ଭଳି ହୋଇପାରିଚ୍ଛି । ଆଫଗାନିସ୍ଥାନ ସହ ଆମର ସୁଯୋଗ ସୃଷ୍ଟିକାରୀ ସହଭାଗୀତା ପୁନର୍ଜିବୀତ ହୋଇଚ୍ଛି । କିନ୍ତୁ ଏହା ନିଶ୍ଚିତ ରୂପେ ଏକ ପରିତାପର ବିଷୟ ଯେ ଭାରତର ଉଦାରଶୀଳତା ଓ ନମନୀୟତା ସତ୍ତ୍ୱେ ଭାରତ ଓ ପାକିସ୍ତାନ ମଧ୍ୟରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନାହିଁ । ତଥାପି ଏହା ଆମ ପାଇଁ ଏକ ସାନ୍ତ୍ୱନା ଯେ ଭବିଷ୍ୟତରେ ପାକିସ୍ଥାନ ସହ ସଂପର୍କ ସୁଧାରିବାର ସମସ୍ତ ରାସ୍ତା ଏବେ ବନ୍ଦ ହୋଇନାହିଁ ।

**ପି-୫ :-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା, ଚୀନ, ରୁଷିଆ, ଇଂଲଣ୍ଡ ଓ ଫ୍ରାନ୍ସ ଯାତ୍ରା ସମସ୍ତ ପି-୫ ଦେଶମାନଙ୍କ ସହ ସଂପର୍କକୁ ପୁନର୍ଜିବୀତ କରି ବହୁବିଧ ସହଯୋଗ ତ୍ୱରାନ୍ୱିତ କରିବାର ବାଟ ଫିଟେଇଥିଲା । ବିଶେଷକରି ୨୦୧୫ ଡିସେମ୍ବର ମାସରେ ପ୍ରଧାନ ମନ୍ତ୍ରୀଙ୍କ ରୁଷିଆ ଗସ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ଏହି ସମୟରେ ଆଶଙ୍କା କରାଯାଉଥିଲା ଯେ ଭାରତ ତା'ର ଚିରକାଳର ବନ୍ଧୁ ରୁଷିଆ ଠାରୁ ଦୂରେଇଯାଇ ଆମେରିକା ନେତୃତ୍ୱାଧୀନ ପଶ୍ଚିମ ଦେଶ ମାନଙ୍କ ସହ ସହଯୋଗର ହାତ ବଢେଇବ। ପ୍ରଧାନ ମନ୍ତ୍ରୀଙ୍କ ଗ୍ରସ୍ତ ରୁଷିଆର ଉଦବେଗକୁ ଦୂର କରିବା ସହିତ ପାରସ୍ପାରିକ ସହଯୋଗ ଓ ବିଶ୍ୱାସକୁ ପୁନଃସ୍ଥାପିତ କରିଥିଲା ଏବଂ ଉଭୟ ଦେଶ ଏକ ବହୁ ଧ୍ରୁବୀୟ ବିଶ୍ୱରେ କାର୍ଯ୍ୟ କଲା ବେଳେ ନିଜ ନିଜର ବାଧ୍ୟତାକୁ ବୁଝିପାରିଥିଲେ ।

୧୯୯୦ ମସିହାରେ 'ପୂର୍ବକୁ ଦେଖ' ନୀତି ଉଚ୍ଚସ୍ତରକୁ ଉନ୍ନୀତ ହୋଇ 'ପୂର୍ବପାଇଁ କାର୍ଯ୍ୟକର' ନୀତିରେ ପରିଣତ ହେଲା । ଏହା ଆସିଆନ୍ ରାଷ୍ଟ୍ରମାନଙ୍କ ପ୍ରତି ଭାରତର ନୂତନ ଆର୍ଥିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କଲା । ଏହା ସହିତ ଭାରତ ଆସିଆନ୍ ବିଜ୍ଞାନ ଓ ବୈଷୟିକ ଉନ୍ନୟନ ପାଣ୍ଠିରେ ନିଜର ସହଯୋଗ ରାଶିକୁ ୧୦ ଲକ୍ଷ ଡଲାରରୁ ୫୦ ଲକ୍ଷ ଡଲାରକୁ ବୃଦ୍ଧି କଲା । ଭାରତର କୂଟନୈତିକ ପଦକ୍ଷେପ ଦ୍ୱାରା ଶ୍ରୀଲଙ୍କା, ମାଲଡିଭସ, ମରିସସ ଓ ସିସେଲସ୍ ପରି ଦ୍ୱୀପ ରାଷ୍ଟ୍ରଗୁଡ଼ିକୁ ପ୍ରାଧାନ୍ୟ ଦିଆଗଲା କାରଣ ସାମୁଦ୍ରିକ ସୁରକ୍ଷା ଓ ଅର୍ଥନୀତି ଦୃଷ୍ଟିରୁ ଏହି ରାଷ୍ଟ୍ର ମାନଙ୍କର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଗଲା । ଏହାକୁ ଚୀନର ଷ୍ଟ୍ରିଙ୍ଗ ଅଫ୍ ପର୍ଲ୍ କୁ ପ୍ରତିହତ କରିବାର ଏକ ବିଶେଷ ସୁଯୋଗ ବୋଲି ମନେ କରାଗଲା।

ଉପସାଗରୀୟ ଅଂଚଳ, ପଶ୍ଚିମ ଏସିଆ ଓ ମଧ୍ୟପୂର୍ବ ଦେଶଗୁଡ଼ିକ ଭାରତ ପାଇଁ ଶକ୍ତି ସୁରକ୍ଷା ଦୃଷ୍ଟିରୁ ଓ ସେଠାରେ ବସବାସ କରୁଥିବା ଭାରତୀୟମାନଙ୍କର ଆତଙ୍କବାଦ ସଂଗଠନ ଆଇଏସଆଇଏସ ଠାରୁ ସୁରକ୍ଷା ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ଏହି ସବୁ ବିଷୟ ୨୦୧୫ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀଙ୍କର ୟୁ.ଏ.ଇ. ଗସ୍ତ ସମୟରେ ତଥା ଏବର୍ଷ ଏପ୍ରିଲ ମାସରେ ସାଉଦିଆରବ ଗସ୍ତ କାଳରେ ଆଲୋଚିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ୟୁଏଇ ଓ ସାଉଦିଆରବ ଗସ୍ତ ଦ୍ୱିପାକ୍ଷିକ ସଂପର୍କକୁ ଆହୁରି ଦୃଢୀଭୂତ କଲା। ପ୍ରତିରକ୍ଷା ତଥା ଆତଙ୍କବାଦ ନିବାରଣ ଓ ସୁରକ୍ଷା କ୍ଷେତ୍ରରେ ସହଯୋଗ, ଭାରତ ମହାସାଗରୀୟ ଓ ଉପସାଗରୀୟ ଅଂଚଳରେ ସାମୁଦ୍ରିକ ସୁରକ୍ଷା ଏବଂ ଏହା ସହିତ ଆତଙ୍କବାଦୀ ମାନଙ୍କ ଦ୍ୱାରା ସାଇବର ସ୍ପେସ୍ ର ଅପବ୍ୟବହାରକୁ ପ୍ରତିହତ କରିବା ନିମିତ୍ତ ସାଇବର ସୁରକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱାରୋପ କରାଯାଇଥିଲା । ଏହା ବ୍ୟତୀତ, ଆତଙ୍କବାଦ ସମ୍ବନ୍ଧୀତ ଗୁଇନ୍ଦା ତଥ୍ୟ, ଆର୍ଥିକ ହେରଫେର କାର୍ଯ୍ୟକଳାପ ଓ ଆତଙ୍କବାଦୀମାନଙ୍କୁ ଆର୍ଥିକ ସହାୟତା ସଂପର୍କିତ ତଥ୍ୟର ଆଦାନ ପ୍ରଦାନ ଉପରେ ମଧ୍ୟ ସହମତି ପ୍ରକାଶ ପାଇଥିଲା ।

୨୦୧୫ ଅକ୍ଟୋବର ମାସରେ ନୂଆଦିଲ୍ଲୀ ଠାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ବିଚାରବିମର୍ଷ ବୈଠକରେ ଭାରତ ଓ ଆଫ୍ରିକାର ୪୧ଜଣ ରାଜ୍ୟ ଓ ରାଷ୍ଟ୍ର ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ଅତୀତର ରୋମନ୍ଥନ ଓ ପ୍ରାଚୀନ ସଂପର୍କକୁ ଉଜ୍ଜୀବୀତ କରି ଭାରତ ଓ ଆଫ୍ରିକା ମଧ୍ୟରେ ଥିବା ସଂପର୍କରେ ଆଗାମୀ ଦିନ ଗୁଡ଼ିକରେ ଏକ

ସକ୍ରୀୟ ପରିବର୍ତ୍ତନ ଆଣିବା ପାଇଁ ଏହି ବିଚାର ପୀଠ ଏକ ସର୍ବୋତ୍କୃଷ୍ଟ ସୁଯୋଗ ସୃଷ୍ଟି କରିଥିଲା । ଦିଲ୍ଲୀ ଘୋଷଣା ପତ୍ର ୨୦୧୫ରେ ଭାରତ ଓ ଆଫ୍ରିକା ମଧ୍ୟରେ ବିକାଶର ସହଯୋଗକୁ ଗୁରୁତ୍ୱାରୋପ କରାଗଲା । ଭାରତ ଆଫ୍ରିକାକୁ ଆଗାମୀ ପାଂଚ ବର୍ଷ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ହଜାରେ କୋଟି ଡଲାର, ଷାଠିଏ କୋଟିର ଅନୁଦାନ ସହାୟତା ଓ ପଚାଶ ହଜାର ମେଧାବୃତ୍ତି ଦେବାକୁ ଘୋଷଣା କଲା । ଏହି ପଦକ୍ଷେପଗୁଡିକ ଆଫ୍ରିକାରେ ଭାରତର ଉପସ୍ଥିତିକୁ ଜାହିର କରି ସଦିଚ୍ଛା ଲାଭ କରିବା ସଙ୍ଗେ ସଙ୍ଗେ ଆଫ୍ରିକାରେ ଚୀନର କ୍ରମବର୍ଦ୍ଧିଷ୍ଣୁ ଉପସ୍ଥିତିକୁ ପ୍ରତିହତ କରିପାରିବ ।

ମିଳିତ ଜାତିସଙ୍ଘ, ଜି-୨୦, ଆସିଆନ, ଇଏସ, ନାମ୍, ବ୍ରିକ୍ସ ଓ ସ୍କୋ ଆଦି ବହୁପକ୍ଷୀୟ ସଂଗଠନ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ହେବା ଦ୍ୱାରା ଭାରତର ଆନ୍ତର୍ଜାତୀକ ପ୍ରତିଷ୍ଠା ବୃଦ୍ଧି ପାଇଛି । ଦେଶ ଦେଶ ଭିତରେ ସଂପ୍ରସାରିତ ଆତଙ୍କବାଦ, ବିଶ୍ୱ ଶାସନ ଢାଂଚାରେ ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନ, ସତ୍ତ୍ୱ ଉଲ୍ଲଘଂନ, ସାଇବର ସୁରକ୍ଷା ତଥା ବିଶ୍ୱ ବାଣିଜ୍ୟ ସଂପର୍କୀତ ଆଲୋଚନା ଆଦି ବିଷୟବସ୍ତୁ ଗୁଡିକ ଭାରତର ନିରନ୍ତର ପ୍ରଚାରଫଳରେ ନୂତନ ଆନ୍ତର୍ଜାତୀୟ ମୂଲ୍ୟାୟନ ଲାଭ କରିଛି । ସାଂଘାଇ ନିଗମ ଅନୁଷ୍ଠାନରେ ଭାରତ ପର୍ଯ୍ୟବେକ୍ଷକ ସ୍ତରରୁ ଉନ୍ନିତ ହୋଇ ପୂର୍ଣ୍ଣକାଳୀନ ସଦସ୍ୟତା ଲାଭ କରିଛି । ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଏକ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିବାରୁ ଭାରତର ଏପେକ୍ ସଦସ୍ୟତା ନେଇ ସକାରାତ୍ମକ ମତ ପ୍ରକାଶ ପାଇଛି । ବିଶ୍ୱ ଆଣବିକ ରପ୍ତାନୀ କଟକଣା (ଏମ.ଟି.ସି.ଆର), ଆଣବିକ ଯୋଗାଣକାରୀ ଦଳ (ଏନ.ଏସ.ଜି) ଅଷ୍ଟ୍ରେଲିଆ ଗ୍ରୁପ ଓ ୱାସେନର ଆରେଂଜମେଣ୍ଟରେ ଭାରତର ସଦସ୍ୟତାକୁ ନେଇ ଏବେ ଦୃଢ ସହମତି ପ୍ରକାଶ ପାଇଛି । ଏହା ସହିତ, ମିଳିତ ଜାତି ସଂଘର ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ନେଇ ସହମତି ବୃଦ୍ଧି ପାଇଛି । ଆନ୍ତର୍ଜାତୀୟ ଆତଙ୍କବାଦ ଉପରେ ଭାରତ ଦ୍ୱାରା ପ୍ରବର୍ତ୍ତିତ ବିସ୍ତୃତ ଚୁକ୍ତିରେ ୟୁ.ଏନ.ଜି.ଏ ର ବ୍ୟବହାରକୁ ନେଇ ଭାରତ ପ୍ରତି ସମର୍ଥନ ବୃଦ୍ଧି ପାଉଛି । ସିଓପି-୨୧ ଅନ୍ତିମ ଦଲିଲରେ ଭାରତର ଯୋଗଦାନକୁ ବିଶ୍ୱବ୍ୟାପି ପ୍ରଶଂସା କରାଯାଇଛି। ଜଳବାୟୁ ସଂକ୍ରାନ୍ତୀୟ ନ୍ୟାୟ ଧାରଣାକୁ ବଜାୟ ରଖି ଏହି ଅନ୍ତିମ ଦଲିଲରେ ଭାରତର ଜଳବାୟୁ ପାଇଁ ଅର୍ଥ ଯୋଗାଣ, ବୈଷୟିକ ଜ୍ଞାନ ହସ୍ତାନ୍ତର ଓ ଦାୟୀତ୍ୱବୋଧ ଆଦି ପ୍ରସ୍ତାବକୁ ସମ୍ମିଳିତ କରାଯାଇଛି । ଗତ ବର୍ଷ ଜୁଲାଇ ମାସରେ ରୁଷିଆର ଉଫା ସହରଠାରେ ଅନୁଷ୍ଠିତ ସପ୍ତମ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତାବିତ ଦଶ-ସୁତ୍ରୀ କାର୍ଯ୍ୟକ୍ରମରେ ବାଣିଜ୍ୟ ମେଳା, କ୍ରୀଡା, ଚଳଚ୍ଚିତ୍ର ଉତ୍ସବ, କୃଷି ଆଦି କ୍ଷେତ୍ରରେ ଆଂଚଳିକ ସହଯୋଗ ସଂକ୍ରାନ୍ତୀୟ ପ୍ରସ୍ତାବ ଗୁଡିକ ସାମିଲ କରାଯାଇଛି । ସପ୍ତମ ବ୍ରିକ୍ସ ସମ୍ମିଳନୀରେ ଭାରତ ଦ୍ୱାରା ପ୍ରସ୍ତାବିତ ନୂଆ ଉନ୍ନୟନ ବ୍ୟାଙ୍କ ପାଇଁ ୧୦୦୦୦ କୋଟି ଡଲାର ଓ ୧୦୦୦୦୦ କୋଟି ଡଲାରର ମୁଦ୍ରା ଭଣ୍ଡାର ଆଦି ଯୋଜନାକୁ ଚୁଡାନ୍ତ ରୁପ ଦିଆଯାଇଛି ।

ସଂକ୍ଷେପରେ କହିବାକୁ ଗଲେ ଗତ ୨୨ ମାସରେ ନିଆଯାଇଥିବା ଅନେକ ସକାରାତ୍ମକ ଓ ବାସ୍ତବଧର୍ମୀ କୂଟନୈତିକ ପଦକ୍ଷେପ ଦେଶ ପାଇଁ କେତୋଟି ମହତ୍ତ୍ୱପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ କରିବାରେ ପ୍ରୋତ୍ସାହନ ପ୍ରଦାନ କରିଛି । ବିଶ୍ୱ ଦରବାରରେ ଏହା ଭାରତର ପ୍ରତିଷ୍ଠାକୁ ଜାହିର କରିବା ସଙ୍ଗେସଙ୍ଗେ ବିଶ୍ୱସ୍ତରରେ ତା'ର ପ୍ରମୁଖ ଭୂମିକା ଓ ବିଶ୍ୱବ୍ୟାପାରରେ ସକାରାତ୍ମକ ଯୋଗଦାନକୁ ପ୍ରମାଣିତ କରିଛି।

ଆଚଲ ମାଲ୍‌ହୋତ୍ରା ଆର୍ମେନିଆ ଓ ଜିଓର୍ଜିଆରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି ।

●

## ପାରାଦୀପରେ ବୃହତ ଶୀତଳଭଣ୍ଡାର ନିର୍ମାଣ ପାଇଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୋଜନା

କଟକ ଜିଲ୍ଲାର ବିଦ୍ୟାଧରପୁରଠାରେ ଜାତୀୟ ଧାନ ଗବେଷଣା କେନ୍ଦ୍ର ପରିସରରେ ଗତ ମଇ ୯ ତାରିଖ ଦିନ ଆୟୋଜିତ ଅକ୍ଷୟ ତୃତୀୟା ଦିବସ ସମାରୋହ ଏବଂ ଚାଷୀ ମେଳାରେ ଯୋଗ ଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ରାଜ୍ୟର ଚାଷୀମାନଙ୍କ ଅବସ୍ଥା ସୁଧାରିବାକୁ ପଡିବ । ଚାଷୀମାନେ ଅନେକ କୃଷିଜାତ ସାମଗ୍ରୀ ଅମଳ କରୁଥିଲେ ମଧ୍ୟ ତାକୁ ଠିକ୍ ଭାବେ ସାଇତି ରଖିବା ଲାଗି ଆବଶ୍ୟକ ସଂଖ୍ୟକ ଶୀତଳ ଭଣ୍ଡାର ନାହିଁ । ରାଜ୍ୟରେ ୧୦୮ଟି ଶୀତଳଭଣ୍ଡାର ମଧ୍ୟରୁ ୨୭ଟି କାର୍ଯ୍ୟକ୍ଷମ ଅଛି । ସେଥିମଧ୍ୟରୁ ସରକାରୀ ଉଦ୍ୟୋଗରେ ମାତ୍ର ୫ଟି ଶୀତଳଭଣ୍ଡାର ରହିଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଏହି ସମସ୍ୟାକୁ ଦେଖି ସେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧିନରେ ଥିବା ରାଷ୍ଟ୍ରାୟତ ସଂସ୍ଥା ବାମେର ଆଣ୍ଡ ଲରୀକୁ ଏକ ସର୍ଭେ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡା ପାରାଦୀପଠାରେ ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ଏକ ବୃହତ ଶୀତଳଭଣ୍ଡାର ନିର୍ମାଣ ଲାଗି ଯୋଜନା କରାଯାଇଛି । ଏହା ଚାଷୀଙ୍କ କୃଷିଜାତ ସାମଗ୍ରୀକୁ ସଂରକ୍ଷଣ କରିବା ସହ ସେସବୁର ରପ୍ତାନୀ କରାଯାଇପାରିବ ।

# ଭାରତରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା

ଦିଶା ନୱାନି

ଭାରତୀୟ ଶିକ୍ଷା ବ୍ୟବସ୍ଥା ଏବେ ଏକ ବିଚିତ୍ର ସ୍ଥିତିରେ ଅଛି । ଗୋଟିଏ ପଟରେ ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ କର୍ମନିଯୁକ୍ତି ପାଇଁ ବିଦେଶକୁ ଯାଇ ସେଠାରେ ଖୁବ୍ ଭଲ ପ୍ରଦର୍ଶନ କରୁଛନ୍ତି; ଅନ୍ୟ ପକ୍ଷରେ ମେଧାବୀଙ୍କ ମଧ୍ୟରେ ବ୍ୟାପକ ତାରତମ୍ୟ ପରିଲକ୍ଷିତ ହେଉଛି । ଅଧିକାଂଶ ସ୍କୁଲ ଛାତ୍ରଛାତ୍ରୀ ମୌଳିକ ସାକ୍ଷରତା ଓ ସଂଖ୍ୟା ଗଣନା କୌଶଳ ହାସଲ କରିପାରୁନାହାନ୍ତି । ଏଥିରୁ ସେମାନଙ୍କର ପାଠପଢ଼ାର ସ୍ଥିତି ସହଜେ ଅନୁମେୟ । କେବଳ ପଢ଼ାବହିରୁ କିଛି ଯନ୍ତ୍ରବତ୍ ମୁଖସ୍ଥ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆଜିକାଲି ଶିକ୍ଷାର ମୌଳିକ ଲକ୍ଷ୍ୟ ହୋଇଯାଇଛି । ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ କେବଳ ପିଲାଙ୍କୁ ଜ୍ଞାନ ବିଷୟକ ଧାରଣା ବା ଅବଗତି ଉପରେ ଗୁରୁତ୍ୱ ଦିଆଯାଉଛି । ସେଥିରେ ପୁଣି ମନେ ରଖିବା ଉପରେ ଅଗ୍ରାଧିକାର ପ୍ରଦାନ କରାଯାଉଛି । ଏହା ଫଳରେ ବିଦ୍ୟାର୍ଥୀର ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ସାଧିତ ହେଉନାହିଁ । ପିଲାଙ୍କୁ ଯଥାର୍ଥ, ଗୁଣାତ୍ମକ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଦାନ ପାଇଁ ବିଭିନ୍ନ ଶିକ୍ଷାନୀତି, କାର୍ଯ୍ୟକ୍ରମରେ ଗୁରୁତ୍ୱ ପ୍ରଦାନ କରାଯାଉଥିବା ବେଳେ ଶିକ୍ଷାବିତ୍, ବିଶେଷଜ୍ଞ ଓ ଶିକ୍ଷାଚିନ୍ତକମାନେ ନିରନ୍ତର ଏ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବମାନ ଦେଇଆସୁଛନ୍ତି । ମାତ୍ର ତାହା ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଭାରତୀୟ ପିଲାଙ୍କୁ ପ୍ରଦାନ କରାଯାଉଥିବା ଶିକ୍ଷାର ଦୁଇଟି ପ୍ରମୁଖ ଦୁର୍ବଳତା ରହିଛି । ପ୍ରଥମଟି ହେଲା ସ୍କୁଲ ବ୍ୟବସ୍ଥାରେ ତ୍ରୁଟି ଓ ଅନ୍ୟଟି ହେଲା ପିଲାଙ୍କୁ ସେମାନଙ୍କ ସାମାଜିକ ଅବସ୍ଥିତି ଭିତ୍ତିରେ ଦିଆଯାଉଥିବା ଭିନ୍ନ ଭିନ୍ନ ପ୍ରକାରର ଶିକ୍ଷା ।

ଆମ ସାମାଜିକ ବ୍ୟବସ୍ଥା ଅସମତା ଓ ବିବିଧତାରେ ପରିପୂର୍ଣ୍ଣ । ଏହା ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଆଞ୍ଚଳିକତା ଭିତ୍ତିରେ ବିଭାଜିତ । ଏହି ବିବିଧ ସୋପାନୀକୃତ ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କର ପରିଚୟ ଭିନ୍ନ ଭିନ୍ନ । ଅତଏବ ପିଲାମାନେ ନିଜର ସାମାଜିକ ଅବସ୍ଥିତି ଓ ସ୍ଥିତି ଅନୁସାରେ ନିଜକୁ ସୁହାଉଥିବା ସ୍କୁଲକୁ ଯାଆନ୍ତି । ଅନ୍ୟ ଅର୍ଥରେ କହିଲେ ପିଲାଙ୍କ ସାମାଜିକ ସ୍ଥିତି ଓ ସ୍କୁଲ ମଧ୍ୟରେ ଏକ ସମ୍ପର୍କ ରହିଛି । ସାମାଜିକ-ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍କୁଲରେ ଅତ୍ୟାଧୁନିକ ସୁବିଧାସୁଯୋଗ, ପାଠ୍ୟୋପକରଣ, ପର୍ଯ୍ୟାପ୍ତ ମୌଳିକ ସୁବିଧାସୁଯୋଗ, ସୁଦକ୍ଷ ତଥା ଯୋଗ୍ୟ ଶିକ୍ଷକ, କର୍ମଚାରୀ ଅଛନ୍ତି । ସମାନ୍ତରାଳ ଭାବେ ଅନ୍ୟ ସ୍କୁଲ ରହିଛି ଯାହା ପିଲାଙ୍କୁ ଉପଯୁକ୍ତ ଭାବେ ଶିକ୍ଷା ଦେବାରେ ସର୍ବନିମ୍ନ ସୁବିଧା ସୁଯୋଗ ହରାଇ ସଂଗ୍ରାମରତ । ଏସବୁ ସ୍କୁଲରେ ଦକ୍ଷତାହୀନ ଶିକ୍ଷକ, ବିନା ମୌଳିକ ସୁବିଧା ସୁଯୋଗରେ ଅନିୟମିତ, ଅମନଯୋଗୀ ପିଲାଙ୍କୁ କେବଳ ନାମକୁ ମାତ୍ର ପାଠ ପଢ଼ାଇଥାନ୍ତି । ଆମ ଦେଶର ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଏକ ସ୍ତରୀକୃତ ଶିକ୍ଷାବ୍ୟବସ୍ଥା ପ୍ରଚଳିତ । ଏହା କେବଳ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ସୀମିତ ନୁହେଁ, ଅଣ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହି ସ୍ତରୀକୃତ ବ୍ୟବସ୍ଥା ପ୍ରବେଶ କରିଛି ।

ଆମ ଶିକ୍ଷା ବ୍ୟବସ୍ଥାର ତ୍ରୁଟି ବିଚ୍ୟୁତି ନେଇ ସମାଲୋଚନାର ଅନ୍ତ ନାହିଁ । ଏଭଳି କିଛି ସମାଲୋଚନା ଆବଶ୍ୟକ ଗବେଷଣା ଓ ଅନୁଧ୍ୟାନ ଆଧାରରେ କରାଯାଉଥିବା ବେଳେ ଆଉ କିଛି ପିଲାଙ୍କ ପରୀକ୍ଷା ଫଳାଫଳକୁ ବିଚାରକୁ ନେଇ କରାଯାଉଛି । ଏ ନେଇ ମଧ୍ୟ ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଏକାଧିକ ସର୍ବେକ୍ଷଣ କରାଯାଇ ଅନେକ ତଥ୍ୟ ମିଳିଛି ଯାହା ଆମ ଶିକ୍ଷା ବ୍ୟବସ୍ଥାର ଦୁର୍ବଳ ଦିଗକୁ ପଦାରେ ପକାଇଛି । ମାନ, ସମତା ଓ ସାମାଜିକ ନ୍ୟାୟ ପ୍ରସଙ୍ଗ ପରସ୍ପର ସହ ସମ୍ପର୍କିତ । ସମତା ଓ ସାମାଜିକ ନ୍ୟାୟକୁ ବଜାୟ ରଖି ଶିକ୍ଷାର ମାନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ଏକ ସୀମିତ ପରିସରରେ ଅଳ୍ପ କିଛି ପିଲାଙ୍କୁ ଉତ୍ତମମାନର ଶିକ୍ଷା ପ୍ରଦାନ କରାଗଲେ ତାହା ବୃହତ୍ତର ଲକ୍ଷ୍ୟ ପୂରଣରେ ବିଫଳ ହୋଇଥାଏ । ଶିକ୍ଷା ସହିତ ସମ୍ପୃକ୍ତ 'ମାନ' ଶବ୍ଦଟିର ଅର୍ଥ ବ୍ୟାପକ । ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକଙ୍କଠାରୁ ଆରମ୍ଭ କରି ଶିକ୍ଷାୟତନ, ପାଠ୍ୟକ୍ରମ ଓ ଅନ୍ୟାନ୍ୟ ଅନେକ କଥା ଅନ୍ତର୍ଭୁକ୍ତ । ଏହା ସାର୍ବଜନୀନ ହେବା ଆବଶ୍ୟକ ଯେଉଁଠି ସମସ୍ତେ ଏଥିରେ ମର୍ଯ୍ୟାଦାର ସହ ଅନ୍ତର୍ଭୁକ୍ତ ହୋଇପାରିବେ ଓ ଏଥିରେ କୌଣସି ଭେଦଭାବ ରହିବ ନାହିଁ ।

ଭାରତ ଭଳି ଏକ ଦେଶରେ ସମସ୍ତଙ୍କୁ ସମାନ ଭାବେ ଉତ୍ତମମାନର ଶିକ୍ଷା ଯୋଗାଇଦେବାର ମୌଳିକ ଦାୟିତ୍ୱ ବେସରକାରୀ କ୍ଷେତ୍ର ନୁହେଁ, ବରଂ ସରକାରଙ୍କ ଉପରେ ନ୍ୟସ୍ତ । ବେସରକାରୀ କ୍ଷେତ୍ରରେ ଏଥିପାଇଁ ଯେଉଁ ଉଦ୍ୟମ ହେଉଛି

ତାହା ଲାଭ ଉଠାଇବାକୁ ଉଦ୍ଦିଷ୍ଟ । ୧୯୯୦ ଦଶକରେ ଦେଶରେ ଯେଉଁ ନବ୍ୟ ଉଦାରବାଦୀ ନୀତି ଆରମ୍ଭ କରାଯାଇ ଢାଞ୍ଚାଗତ ସମାୟନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା, ମନେ ହେଉଛି, ତାହା ଶିକ୍ଷା କ୍ଷେତ୍ରକୁ ମଧ୍ୟ ଯଥା ଶୀଘ୍ର ଆଚ୍ଛାଦିତ କରିଦେଲା । ଏହାର ସୁଯୋଗ ନେଇ ଅନେକ ସ୍ୱଳ୍ପ ପୁଞ୍ଜିବାଲା ବ୍ୟକ୍ତିବିଶେଷ ଘରୋଇ ଉଦ୍ୟମରେ ଶିକ୍ଷାକ୍ଷେତ୍ରରେ ପ୍ରବେଶ କରି ସ୍କୁଲ କଲେଜ ଖୋଲି ବ୍ୟବସାୟ ଆରମ୍ଭ କଲେ । ଯେଉଁମାନେ ସରକାରୀ ସ୍କୁଲରେ ମାଗଣରେ ପାଠ ପଢୁଥିଲେ ଏହି ଘରୋଇ ସ୍କୁଲମାନେ ସେମାନଙ୍କୁ ଉତ୍କୃଷ୍ଟମାନର ଶିକ୍ଷା ପ୍ରଦାନର ମୋହ ଦେଖାଇ ନିଜ ସ୍କୁଲକୁ ଆଣି ସେମାନଙ୍କଠାରୁ ପଇସା ଆଦାୟ କଲେ । ସମ୍ପୃକ୍ତ ସ୍କୁଲର ଫଳାଫଳ ଏବଂ ପିଲାଙ୍କ ପାଠପଢ଼ାର ମାନ ଦେଖିବା ପରେ ସମ୍ପୃକ୍ତ ଅଭିଭାବକ ହତୋତ୍ସାହିତ ହେବା ସାର ହେଲା ।

**ଶିକ୍ଷା ଅଧିକାର ଆଇନ ୨୦୦୯ :**

ଏହି ପରିପ୍ରେକ୍ଷୀରେ ୨୦୦୯ରେ ପ୍ରଣିତ ଶିକ୍ଷା ଅଧିକାର ଆଇନ ପ୍ରଣିଧାନ ଯୋଗ୍ୟ । ଏହି ଉଲ୍ଲେଖନୀୟ ଆଇନଗତ ପଦକ୍ଷେପ ବଳରେ ପିଲାମାନଙ୍କ ପାଇଁ ସରକାର ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାକୁ ମୌଳିକ ଅଧିକାରଭୁକ୍ତ କରିଛନ୍ତି । ତଦନୁସାରେ ୬ ରୁ ୧୪ବର୍ଷ ବୟସର ସବୁ ପିଲା ମାଗଣାରେ ପ୍ରାଥମିକ ଶିକ୍ଷା ପାଇବାକୁ ହକ୍‌ଦାର । ଏହି ଆଇନ ଅନୁସାରେ କେତେ ପିଲାଙ୍କ ପାଇଁ କେତେ ଶିକ୍ଷକ ଦରକାର, ଶିକ୍ଷା ଭିତ୍ତିଭୂମି ନିର୍ମାଣ, ନିର୍ବାଚନ ଓ ଜନଗଣନା ଭଳି କାର୍ଯ୍ୟ ବ୍ୟତୀତ ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତ କରିବା, ଶିକ୍ଷକଙ୍କ ପାଠପଢ଼ାଇବାର ସମୟ ନିର୍ଦ୍ଧାରଣ, ପିଲାମାନଙ୍କୁ ଶାରୀରିକ ଓ ମାନସିକ ଦଣ୍ଡ ପ୍ରଦାନ ନ'କରିବା, ସ୍କୁଲର କାର୍ଯ୍ୟ ଦିବସ ନିର୍ଦ୍ଧାରଣ, ଶିକ୍ଷାଦାନର ମାନ, ପାଠ୍ୟକ୍ରମ, ଶିକ୍ଷାୟତନର ପରିବେଶ ଆଦି ସମ୍ପର୍କରେ ନିର୍ଦ୍ଧାରିତ ହୋଇଛି । ଏହାଛଡ଼ା ପିଲାଙ୍କ ମନୋନୟନ ପରୀକ୍ଷା, ନାମଲେଖା ଚାନ୍ଦା, ଘରୋଇ ଟ୍ୟୁସନ ଆଦି ମଧ୍ୟ ଏହି ଆଇନଦ୍ୱାରା ନିଷିଦ୍ଧ ବିବେଚିତ । ଏହି ଆଇନର ବିଭିନ୍ନ ବ୍ୟବସ୍ଥା ବେଶ ଉତ୍ତମ ହୋଇଥିଲେ ହେଁ ଏହାର ସଫଳ ରୂପାୟନ ଏବଂ ଏଦିଗରେ କର୍ତ୍ତୃପକ୍ଷଙ୍କ ନିଷ୍ଠା ବିଶେଷ ଗୁରୁତ୍ୱ ବହନ କରେ । ଉଲ୍ଲେଖିତ ବ୍ୟବସ୍ଥା ବ୍ୟତୀତ ଆଇନରେ ମଧ୍ୟ ଏକ ଯଥାର୍ଥ, ଯୁଗ ଉପଯୋଗୀ ପାଠ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି । ଏଥିରେ ଶିକ୍ଷକ-ଛାତ୍ର ସମ୍ପର୍କ ଏବଂ ନିର୍ଭୟରେ ପିଲାଙ୍କ ପାଠପଢ଼ା ପରିବେଶ ଗୁରୁତ୍ୱ ପାଇଛି । ନିକଟ ଅତୀତରେ ଆମର ସମସ୍ତ ଶିକ୍ଷା ସଂକ୍ରାନ୍ତ ଜାତୀୟ ନୀତି ଏବଂ ୨୦୦୫ରେ ପ୍ରଣିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (କରିକୁଲମ ଫ୍ରେମ୍ ୱାର୍କ)ରେ ଆମ ଶିକ୍ଷାୟତନ, ଶିକ୍ଷା ବ୍ୟବସ୍ଥା ପିଲାଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିପାରୁ ନଥିବା କଥା ଉଲ୍ଲେଖ ରହିଛି । ଏଥିରେ ସ୍ପଷ୍ଟ କରିଦିଆଯାଇଛି ଯେ ଶିକ୍ଷାର ମାନ ପ୍ରସଙ୍ଗକୁ ସ୍କୁଲରେ ପିଲାଙ୍କ ଶୈକ୍ଷିକ ଅଭିଜ୍ଞତା ସହ ସଂଯୁକ୍ତ କରିବା ସହ ପିଲାଙ୍କ ଜ୍ଞାନ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଦ୍ୟାଳୟରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଓ ପ୍ରୟାସକୁ ବିଚାରକୁ ନେବାକୁ ପଡ଼ିବ ।

**ସାଂପ୍ରତିକ ସରକାରୀ ଯୋଜନା :**

ସରକାରୀ ସହାୟତାରେ ପରିଚାଳିତ ପ୍ରତିଷ୍ଠାନ ସମୂହର ତ୍ରୁଟି ବିଚ୍ୟୁତି ପାଇଁ ସରକାର ସର୍ବଦା ସମାଲୋଚିତ ହୋଇଥାନ୍ତି । ଶିକ୍ଷାଭଳି ସାମାଜିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ସରକାର ମୁଖ୍ୟତଃ ଦାୟୀ ରହୁଥିବାରୁ ଆମ ସାଧାରଣ ଶିକ୍ଷା ବ୍ୟବସ୍ଥାକୁ ସମୃଦ୍ଧ କରିବାକୁ ସରକାର ଗ୍ରହଣ କରୁଥିବା ପ୍ରୟାସ ସମୂହର ବିଭିନ୍ନ ଦିଗ ପରୀକ୍ଷା ନିରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ । ସରକାର ପ୍ରାଥମିକଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ନାନା ପଦକ୍ଷେପ ଗ୍ରହଣ କରୁଛନ୍ତି । ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଦୃଷ୍ଟିରୁ ବାଧିତ ବର୍ଗର ପିଲାମାନଙ୍କ ଶିକ୍ଷା ପାଇଁ ମଧ୍ୟ କେତେକ ପଦକ୍ଷେପ ନିଆଯାଇଛି । ଏସବୁ ଯୋଜନା ପୂର୍ଣ୍ଣାଙ୍ଗ ଏବଂ ଏହାର ଲକ୍ଷ୍ୟ ମହତ୍ । ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ସେଥିମଧ୍ୟରୁ ଅନ୍ୟତମ । ଯେଉଁ ସ୍କୁଲ କମିଟି ଏ କ୍ଷେତ୍ରରେ ଶତପ୍ରତିଶତ ସଫଳତା ଲାଭ କରିବେ ସେମାନଙ୍କ ପାଇଁ ସରକାର ପୁରସ୍କାର ବ୍ୟବସ୍ଥା କରିଛନ୍ତି । ସେହିଭଳି 'ଉଡ଼ାଣ' କାର୍ଯ୍ୟକ୍ରମରେ ପ୍ରତିକୂଳ ପରିସ୍ଥିତିରେ ଥିବା ଛାତ୍ରୀ ଏବଂ ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି । ଏହି ବର୍ଗର ଛାତ୍ରୀଙ୍କ ଗଣିତ ଓ ବିଜ୍ଞାନ ଦକ୍ଷତା ବଢ଼ାଇ ସେମାନଙ୍କୁ ବୃତ୍ତିଗତ ଶିକ୍ଷା ପାଇଁ ଉପଯୁକ୍ତ କରିବା ଏହାର ଲକ୍ଷ୍ୟ । ଉତ୍ତର-ପୂର୍ବାଂଚଳର ଭୌଗୋଳିକ ପ୍ରତିକୂଳତାକୁ ବିଚାରକୁ ନେଇ ସେଠାକାର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ପିଲାଙ୍କ ପାଠପଢ଼ାକୁ ସହଜ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଉଛି । ସ୍ୱୟଂମ (ୱେବ ଜରିଆରେ ଶିକ୍ଷାଦାନ) କାର୍ଯ୍ୟକ୍ରମରେ ପିଲାଙ୍କୁ ଶିକ୍ଷାଦାନର ବ୍ୟବସ୍ଥା ହୋଇଛି । ଆଇଆଇଟି, ଆଇଆଇଏମ୍, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସରମାନେ ମାଗଣାରେ ଅନ୍‌ଲାଇନ୍ ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କୁ ପାଠପଢ଼ାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ସେହିଭଳି ଇ-ଲାଇବ୍ରେରୀ ମାଧ୍ୟମରେ ଶିକ୍ଷା ପୋର୍ଟାଲ ଖୋଲାଯାଇ ଜ୍ଞାନ ବିତରଣ ବ୍ୟବସ୍ଥାକୁ ଗଣତାନ୍ତ୍ରିକ ଓ ସାର୍ବଜନୀନ କରିବାକୁ ଉଦ୍ୟମ ହେଉଛି । ଏହାଦ୍ୱାରା ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନରେ ପାଠ୍ୟକ୍ରମ ଓ ଶିକ୍ଷାଦାନ ଅନ୍‌ଲାଇନରେ ଆଗ୍ରହୀ ବ୍ୟକ୍ତିବିଶେଷ ପାଇପାରିବେ । ଭାରତ ସରକାର ଯୋଗାଇଦେଉଥିବା ବିଭିନ୍ନ ଛାତ୍ରବୃତ୍ତି ପାଇଁ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଜାତୀୟ ବୃତ୍ତି ପୋର୍ଟାଲ ଖୋଲାଯାଇଛି । ଏହା ମାଧ୍ୟମରେ ଅନ୍‌ଲାଇନ୍‌ରେ ଯୋଗ୍ୟ ଛାତ୍ରଛାତ୍ରୀ ଆବେଦନ କରିବା ସହ ବୃତ୍ତି ସଂକ୍ରାନ୍ତ ଯାବତୀୟ ତଥ୍ୟ ହାସଲ

କରିପାରିବେ। ଅନ୍‌ଲାଇନ୍‌ରେ ମଧ୍ୟ ବୃତ୍ତି ଟଙ୍କା ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ଯିବ। ସ୍କୁଲ ଶିକ୍ଷା କ୍ଷେତ୍ରରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ବାର୍ଷିକ ଜାତୀୟ ମୂଲ୍ୟାୟନ ସର୍ଭେ (ନାସ୍)ର ପରିକଳ୍ପନା କରୁଛି। ଏନ୍‌ସିଇଆରଟି ଜରିଆରେ ଏହା କରାଯିବ। ବିଭିନ୍ନ ସ୍କୁଲ ଶିକ୍ଷାର ତଥ୍ୟାବଳୀକୁ ଏକ କରି ଗୋଟିଏ ବ୍ୟୟ ପୋର୍ଟାଲ ପ୍ରସ୍ତୁତ କରିବାକୁ ଯୋଜନା ହେଉଛି। ଆହୁରି ମଧ୍ୟ ଶିକ୍ଷକ ତାଲିମ ପ୍ରତିଷ୍ଠାନ ସମୂହର ଏକ ତଥ୍ୟାବଳୀ ସମ୍ବଳିତ ପୋର୍ଟାଲ ପ୍ରସ୍ତୁତ କରିବାକୁ ବିଚାର କରାଯାଉଛି। ଏସବୁ ପୋର୍ଟାଲ ଶିକ୍ଷାର ବିକାଶ ଏବଂ ଶିକ୍ଷକ ତାଲିମ ପ୍ରତିଷ୍ଠାନରେ ଗ୍ରେଡ୍ ନିର୍ଦ୍ଧାରଣ କ୍ଷେତ୍ରରେ ନିହାତି ଆବଶ୍ୟକ। ଆହୁରି ମଧ୍ୟ ଦେଶର ପ୍ରାୟ ୨୦କୋଟି ଛାତ୍ରଛାତ୍ରୀଙ୍କ ପାଠପଢ଼ାର ସ୍ଥିତି ସମ୍ପର୍କରେ ନଜର ରଖିବା ପାଇଁ ଏକ ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଗୋଟିଏ ଶ୍ରେଣୀରୁ ତା' ଉପର ଶ୍ରେଣୀକୁ ପିଲାଙ୍କ ଗମନ ଏବଂ ସେମାନଙ୍କ ପ୍ରଗତି ତଥା ପାଠଛାଡୁଥିବା ପିଲାଙ୍କ ସଂପର୍କରେ ଅନେକ ତଥ୍ୟ ଜାଣି ହେବ।

**ଜାତୀୟ ପାଠ୍ୟକ୍ରମ ଢା□ା-୨୦୦୫ର ଲକ୍ଷ୍ୟ :** ସ୍କୁଲ ଶିକ୍ଷାର ବାସ୍ତବତାକୁ ବିଚାରକୁ ନେଇ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ସ୍କୁଲ ଶିକ୍ଷାକୁ ବାହାରର ଗତିଶୀଳ, ଉନ୍ନତ ଦୁନିଆ ସହ ଯୋଡ଼ିବାକୁ ପ୍ରୟାସୀ। ସେଥିପାଇଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ (ଆରଏଏ) ଆରମ୍ଭ କରାଯାଇଛି। ପିଲାଙ୍କ ମଧ୍ୟରେ ଅନୁସନ୍ଧିତ୍ସୁ ଭାବନା ଉଦ୍ରେକ ସହ ସେମାନଙ୍କୁ ସୃଜନ ଧର୍ମୀ କରାଇବା ଏବଂ ପ୍ରଯୁକ୍ତି ବିଦ୍ୟା, ବିଜ୍ଞାନ ଓ ଗଣିତ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଏନ୍‌ସିଇଆରଟିର ଇ-ପାଠଶାଳା ଏ କ୍ଷେତ୍ରରେ ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ସବୁ ସ୍କୁଲକୁ ଉନ୍ନତମାନର ଶୈକ୍ଷିକ ଓ ପଠନ ସମ୍ବଳ ଯୋଗାଣ ସହଜ ହୋଇପାରିବ।

ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ଭାରତ ସରକାର ନାନାବିଧ ଯୋଜନା ଆରମ୍ଭ କରିଛନ୍ତି। ତେବେ ଏସବୁ ଯୋଜନା ଆମ ସ୍କୁଲ କଲେଜ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଆବଶ୍ୟକ ସମ୍ବଳ ଓ ଉଦ୍ଦେଶ୍ୟକୁ ଯେପରି ପରାହତ ନ'କରେ ସେଥିପ୍ରତି ସଜାଗ ରହିବାକୁ ପଡ଼ିବ। ଏସବୁ ଯୋଜନାକୁ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ କ୍ଷେତ୍ରରେ ଅତିରିକ୍ତ ପ୍ରୟାସ ଭାବେ ଧରାଯିବା ଉଚିତ। ଉଦାହରଣ ସ୍ୱରୂପ ବିଭିନ୍ନ ସର୍ଭେ ଓ ମୂଲ୍ୟାୟନରୁ ଜଣାପଡୁଛି ଯେ ଆମ ସ୍କୁଲ ପିଲାଙ୍କ ପାଠପଢ଼ା ଓ ଶିକ୍ଷା ଗ୍ରହଣ ଭଲ ନୁହେଁ। ବିଶେଷତଃ ସରକାରୀ ସ୍କୁଲ କ୍ଷେତ୍ରରେ ଏହା ଅଧିକ ନୈରାଶ୍ୟଜନକ। ତେବେ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ନ'ଦେଇ ତାହାର ସମାଧାନ ଦିଗରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପିଲାମାନେ କାହିଁକି ଭଲ ପଢୁନାହାନ୍ତି ତା' ଉପରେ ଧ୍ୟାନ କେନ୍ଦ୍ରୀତ ହେଲେ ସମସ୍ୟାର ସମାଧାନ ହୋଇପାରିବ। ଆହୁରି ମଧ୍ୟ ପିଲାଙ୍କୁ କେବଳ ପଢ଼ିଲେଖି ପାରିବା ଓ ସାଧାରଣ ଗଣିତ କରିପାରିବାର ସାମର୍ଥ୍ୟ ଦେବା ଅପେକ୍ଷା ସ୍କୁଲରେ ସେମାନଙ୍କୁ ଯଥାର୍ଥ ଓ ବାସ୍ତବ ଶିକ୍ଷା ଦିଆଯିବା ଉଚିତ ଯଦ୍ୱାରା ପିଲାଏ ଯୁଗର ଆହ୍ୱାନକୁ ମୁକାବିଲା କରିବାରେ ସଫଳ ହେବେ। ଏହାକୁ ଦୃଷ୍ଟିରେ ରଖି ସରକାର ଶିକ୍ଷା ଅଧିକାର ଆଇନର ଧାରାରେ କେତେକ ପରିବର୍ତ୍ତନ ଆଣିବାକୁ ବିଚାର କରୁଛନ୍ତି। ତଦନୁସାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ 'ଫେଲ୍' ବ୍ୟବସ୍ଥାକୁ ଉଠାଇଦେବାକୁ ବିଚାର କରାଯାଉଛି। ଗୋଟିଏ ପିଲା ବିଭିନ୍ନ କାରଣରୁ ପରୀକ୍ଷାରେ ବିଫଳ ହୋଇଥାଏ। ସେହି କାରଣଗୁଡ଼ିକର ନିରାକରଣ ନ'କରି ପିଲାଙ୍କୁ ଅଯଥାରେ ଫେଲ୍ କରାଇ ଗୋଟିଏ ଶ୍ରେଣୀରେ ଏକାଧିକ ବର୍ଷ ରଖି ଦଣ୍ଡିତ କରିବା ଏକ ଚିନ୍ତାଜନକ ବିଷୟ ନିଶ୍ଚୟ। ସେହିଭଳି ପିଲାଙ୍କ ପାଠପଢ଼ା ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ ପିଲାଙ୍କ ବିଫଳତା ପାଇଁ ଦାୟୀ କରିବାର ବିଚାର ମଧ୍ୟ ଚାଲିଛି। ତେବେ ଶିକ୍ଷକମାନଙ୍କୁ ଏଥିପାଇଁ ଦାୟୀ କରିବା ପୂର୍ବରୁ ଶିକ୍ଷାଦାନ କ୍ଷେତ୍ରରେ ଥିବା ଜଟିଳତା ଓ ପ୍ରତିକୂଳସ୍ଥିତି ଆଦିର ସମାଧାନ ହେବା ଜରୁରୀ। ଆହୁରି ମଧ୍ୟ ଭାରତ ଭଳି ବିବିଧ ସାଂସ୍କୃତିକ -ସାମାଜିକ ପରିବେଶରେ ପିଲାଙ୍କ ପାଠପଢ଼ା ପାଇଁ କେବଳ ଶିକ୍ଷକଙ୍କ ଉପରେ ନିର୍ଭର ନ'କରି ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯିବା ଉଚିତ। ଟାବ୍‌ଲେଟ୍, ସ୍ମାର୍ଟ ଫୋନ୍ ଆଦିକୁ ପ୍ରାଥମିକସ୍ତରରେ ଶିକ୍ଷକଙ୍କ ପରିବର୍ତ୍ତେ ପାଠପଢ଼ାଇବା କାର୍ଯ୍ୟରେ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି। ଯେଉଁ ପିଲାମାନେ ମାଷ୍ଟ୍ରଙ୍କ ହାତ ଧରି ପାଠପଢ଼ିବାକୁ ବେଶୀ ନିର୍ଭର କରନ୍ତି ଭବିଷ୍ୟତରେ ସେମାନେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଯେଉଁସବୁ ନୂଆ ଯୋଜନା ଶିକ୍ଷା କ୍ଷେତ୍ରରେ ଆରମ୍ଭ ହୋଇଛି ବା ପରିକଳ୍ପନା କରାଯାଉଛି ତାହାର ଯଥାର୍ଥତା ରହିଛି। ତେବେ ଏହାର ପ୍ରବର୍ତ୍ତନ ବେଳେ ସମତା, ମାନ ଓ ସାମାଜିକ ନ୍ୟାୟ ଯେପରି ବଜାୟ ରହେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ। ସେହିଭଳି ପିଲାଙ୍କ ଫେଲ୍ ବ୍ୟବସ୍ଥା ଉଠାଇଦେବାକୁ ଯେଉଁ ବିଚାର ଚାଲିଛି ତାହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଅଧିକ ବିଚାରବିମର୍ଶ ଲୋଡ଼ା। ନିହାତି ଆବଶ୍ୟକ ହେଲେ ୩ ରୁ ୬ବର୍ଷ ଓ ୧୪ ରୁ ୧୮ବର୍ଷ ବର୍ଗର ପିଲାମାନଙ୍କ କ୍ଷେତ୍ରରେ ଏହି ସଂସ୍କାରକୁ କାର୍ଯ୍ୟକାରୀ କରାଯାଇପାରେ।

ଦିଶା ନୱାନି ହେଉଛନ୍ତି ମୁମ୍ବାଇସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ସୋସିଆଲ ସାଇନ୍ସ ଅର୍ନ୍ତଗତ ଶିକ୍ଷା କ୍ରେର ମୁଖ୍ୟ।

●


# ନବ ଭାରତର ରୂପରେଖ : ଷ୍ଟାର୍ଟଅପ୍ ଇଣ୍ଡିଆ

ଅଭୟ ଦ୍ୱିବେଦୀ

**ଯୁ**ବଶକ୍ତିକୁ ସାଲ୍ୟୁଟ୍ । କିଛି ମାସ ତଳର କଥା । ବନ୍ଧୁ ଅବିନାଶଙ୍କ ଠାରୁ ହ୍ୱାଟ୍ସଆପ୍‌ରେ ସନ୍ଦେଶ ପାଇଲି - କାଲି ରାତିରେ ଆମ ଘରେ ସାଙ୍ଗରେ ଖାଇବା । ଏ ଅନୁରୋଧ ମିଶା ଆଦେଶକୁ ଏଡାଇବା ସମ୍ଭବ ନ ଥିଲା । ପର ଦିନ ସେଠାରେ ଅବିନାଶଙ୍କ ପୁଅ ସଂପର୍କରେ ଗୋଟିଏ ଖୁସି ଖବର ଶୁଣିଲି । ସେ ଏନ୍‌ଆଇଟି ରାଉରକେଲାରେ ପଢୁଛି । କିନ୍ତୁ ୟୁରୋପର ଏକ ନାମାଜାଦା ବିଶ୍ୱବିଦ୍ୟାଳୟରେ ଏକ୍ସଚେଞ୍ଜ ପ୍ରୋଗ୍ରାମ ସ୍କଲାରସିପ୍‌ରେ ଗୋଟିଏ ବର୍ଷ ପାଇଁ ପଢ଼ିବାକୁ ଯାଉଛି । ପୁଅକୁ କୁଣ୍ଢେଇ ପକେଇ ଅଭିନନ୍ଦନ ଜଣାଇଲାବେଳେ ମୁରବୀ ଢ଼ଙ୍ଗରେ କହିଲି- 'ତୁମେମାନେ ଆମ ଦେଶର ଗର୍ବ । ସବୁବେଳେ କଠିନ ପରିଶ୍ରମ କରିବ । ଜୀବନରେ କଠିନ ପରିଶ୍ରମର ବିକଳ୍ପ ନାହିଁ' ମୋ କଥା ଶୁଣି ସେ ହସି ହସି କହିଲା - 'ଅଙ୍କଲ, ମୁଁ ଆପଣଙ୍କୁ ଆମ ଭିତରୁ ଜଣେ ବୋଲି ଧରି ନେଇଥିଲି । କିନ୍ତୁ ଆପଣ ତ ସେହି ପୁରୁଣାକାଳିଆ ଭାଷା କହୁଛନ୍ତି ।' ଛୁଆଟା ପାଖରୁ ଏପରି କଥା ଶୁଣି ଚମକି ପଡି ତାକୁ ଚାହିଁ ରହିଲି। ସେ ସେହିଭଳି ହସି ହସି କହିଲା - ଅଙ୍କଲ୍ ! ଆପଣ ପଢ଼ିଲା ବେଳେ କିଛି ତଥ୍ୟ ସଂଗ୍ରହ ପାଇଁ ଦିନ ଦିନ ଧରି ଲାଇବ୍ରେରୀରେ ବସି ବହି ହନ୍ତାଲୁ ଥିଲେ। ଆମେ ସେହି ତଥ୍ୟ ଗୋଟିଏ ମୁହୂ□ରେ କମ୍ପ୍ୟୁଟରରୁ ପାଇଯାଉଛୁ । ଆଗରୁ ଆପଣମାନେ ବ୍ୟାଙ୍କରେ ଲମ୍ବା ଲାଇନରେ ଠିଆ ହୋଇ ଟଙ୍କା ରଖୁଥିଲେ ଏବଂ ଉଠଉଥିଲେ । ଏବେ ଏଇ କିଛି ବର୍ଷ ପୂର୍ବେ ଏଟିଏମ୍ କାର୍ଡଟି ମିଳିଗଲା ପରେ ଆପଣମାନେ ଧରିନେଲେ , ସତରେ ଯେମିତି ବ୍ୟାଙ୍କିଙ୍କ୍‌ର ସବୁ ସୁବିଧା ଆପଣଙ୍କ ହାତ ପାଆନ୍ତାରେ । କିନ୍ତୁ ଆମେ ଏବେ ଇ-ବ୍ୟାଙ୍କିଙ୍କ୍, ୱାଲେଟ୍ ମନି ଓ ଡିଜିଟାଲ ମୁଦ୍ରାରେ କାରବାର କରୁଛୁ । ଆପଣମାନେ ଯାହା କରୁଥିଲେ ତାହା କଠିନ ପରିଶ୍ରମ (hard work) , କିନ୍ତୁ ଆମେ ସେହି କାମକୁ smart ଫୋନ୍ ସାହାଯ୍ୟରେ ସହଜରେ କରିପାରୁଛୁ , ତାହା ହେଉଛି - smart work । ଏ କଥା ଶୁଣିବା ପରେ ମୁଁ ବେଶ୍ କିଛି ସମୟ ଅନେଇ ରହି ମନେ ମନେ ତାକୁ ସାଲ୍ୟୁଟ ଜଣେଇଲି । ଏ ହେଉଛି ଯୁବ-ଭାରତର ପରିଚୟ । ଏହିମାନଙ୍କ ଉଦ୍ଦେଶ୍ୟରେ ସ୍ୱାମୀ ବିବେକାନନ୍ଦ ଆହ୍ୱାନ ଦେଇଥିଲେ - ଉ□ିଷ୍ଠ, ଜାଗ୍ରତ । ଏହିମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୫ ମସିହା ସ୍ୱାଧୀନତା ଦିବସ ଉଦ୍‌ବୋଧନରେ ତିନି ଥର ଦୋହରାଇଥିଲେ - Start up India: Stand up India । ଅର୍ଥାତ୍, ଆମ ଦେଶର ଯୁବ ଶକ୍ତି ବ□ିମାନ ଅଭିନବ ଚିନ୍ତା ଓ ନୂତନ ଶୈଳୀରେ କାର୍ଯ୍ୟରତ । ହେ ଭାରତବାସୀ ଦଣ୍ଡାୟମାନ ହୋଇ ସେମାନଙ୍କୁ ସ୍ୱାଗତ କର । ଏହି ଯୁବ ଗୋଷ୍ଠୀର ଶକ୍ତି ଆକଳନ ସହଜ ନୁହେଁ । ୨୦୧୫ ମସିହା ଅଗଷ୍ଟ ୨୨ ତାରିଖରେ ବେଙ୍ଗଲୁରର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍‌ରେ ଦିନିକିଆ କାର୍ଯ୍ୟକ୍ରମ ଥିଲା - INNOFEST । ଏଥିରେ ନୂଆ ଯୁଗର (Start up) କଂପାନୀମାନଙ୍କ ସହିତ ଶିଳ୍ପଜଗତର ବେଶ୍ ପରିଚିତ ନାମ ନନ୍ଦନ ନିଲେକାନି, ମୋହନଦାସ ପାଏ, କିରଣ ମଜୁମଦାର ସ, ସିଡ୍‌ବିର ଅଧ୍ୟକ୍ଷ କ୍ଷତ୍ରପତି ଶିବାଜୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ । ଉତ୍ସବର ପ୍ରଥମ ଆଲୋଚନାଚକ୍ରର ପ୍ରସଙ୍ଗ ଥିଲା - ବଡ କଂପାନୀଙ୍କୁ ସାମନା କରିବା ସହିତ ସେମାନଙ୍କ ବ୍ୟବସାୟ ବିପର୍ଯ୍ୟସ୍ତ କରିବାର କଳା ଓ କୌଶଳ (How do you take on big giants and disrupt their industry) । ଏହି ଅଧିବେଶନରେ ଶ୍ରୋତାମଣ୍ଡଳୀର ପ୍ରଥମ ଧାଡିରେ ବସିଥିଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ । ବ୍ୟାଙ୍କିଙ୍କ୍ ଜଗତରେ 'ପେମେ□ସ୍ ବ୍ୟାଙ୍କ'ର ଉପସ୍ଥିତି (୨୦୧୫ ଅଗଷ୍ଟ ୧୯ ତାରିଖରେ ରିଜର୍ଭ ବ୍ୟାଙ୍କ୍ ୧୮ଟି ସଂସ୍ଥାକୁ 'ପେମେ□ସ୍ ବ୍ୟାଙ୍କ' ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ ଭାରତୀୟ ପୋଷ୍ଟ ଅନ୍ୟତମ ।) ସହିତ ଡିଜିଟାଲ ମୁଦ୍ରାର ପ୍ରସାର ଏବଂ ମୋବାଇଲ ୱାଲେଟ୍‌ର ଆଦର ଯେକୌଣସି ବ୍ୟାଙ୍କର ସ୍ଥିତିକୁ ଦୋହଲାଇ ଦେବା ନିମନ୍ତେ ଯଥେଷ୍ଟ । ଆହୁରି ଗୁରୁତ୍ୱପୂର୍ଣ୍ଣ ହେଉଛି - ଅଗଷ୍ଟ ୨୭ ତାରିଖରେ ପ୍ରକାଶିତ ବାର୍ଷିକ ରିପୋର୍ଟରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ରିପୋର୍ଟରେ ଇ-ବ୍ୟାଙ୍କିଙ୍କ୍ ସଂପର୍କରେ ଚା□ଲ୍ୟକର ତଥ୍ୟ ପ୍ରକାଶ ପାଇଛି । ଏଥିରେ ଉଲ୍ଲେଖ ଅଛି- '୨୦୧୪-୧୫ ଆର୍ଥିକ ବର୍ଷରେ ଇ-ବ୍ୟାଙ୍କିଙ୍କ୍ ସମୁଦାୟ ବ୍ୟାଙ୍କିଙ୍କ୍‌ର ୭୫% ସ୍ଥାନ ଦଖଲ କରିଛି । ୨୦୧୩ - ୧୪ରେ ଏହାର ହାର ଥିଲା ୬୦% । NEFT (National Electronic

Fund Transfer) ମାଧ୍ୟମରେ ୯୨.୮ କୋଟି କାରବାର ହୋଇଛି, ଯାହାର ପରିମାଣ ୬୦ ଲକ୍ଷ କୋଟି ଟଙ୍କା । ଗତ ବର୍ଷ ୬୬ କୋଟି କାରବାରର ପରିମାଣ ଥିଲା ୪୪ ଲକ୍ଷ କୋଟି ଟଙ୍କା । ପ୍ରଥମ ଥର ପାଇଁ ରିଜର୍ଭ ବ୍ୟାଙ୍କ ବାର୍ଷିକ ରିପୋର୍ଟରେ ମୋବାଇଲ ବ୍ୟାଙ୍କିଙ୍ଗ୍ ସଂପର୍କରେ ଉଲ୍ଲେଖ ଅଛି । ୨୦୧୫ ଜୁନ୍ ମାସ ସୁଦ୍ଧା ୧ କୋଟି କାରବାରର ପରିମାଣ ହେଉଛି ୧ ଲକ୍ଷ କୋଟି ଟଙ୍କା । କିନ୍ତୁ ଆଗାମୀ ବର୍ଷରେ ଏହି ହାର ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି ।' INNOFEST ଆଲୋଚନାରେ ଏନ୍-କ୍ଷେଜ୍, ନୋଭୋପେ, ହାପ୍‌ପେ, ଭୋଟ୪କ୍ୟାସ୍ (Vote4Cash), ପ୍ରୋବ୍‌ଇକ୍ୟୁଟି ଆଦି Start up କଂପାନୀମାନେ ଅଂଶଗ୍ରହଣ କରିଥିଲେ । ଅଧିବେଶନ ପରେ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ମୁଗ୍ଧ ଚକିତ ଚି□ରେ ମତ ରଖିଥିଲେ – 'ଏ ଯୁବ ପିଢ଼ି ଯେଉଁ ସମସ୍ୟାର ସମାଧାନ ଉପରେ ଆଲୋକପାତ କରୁଛନ୍ତି , ସେଭଳି ସମସ୍ୟା ଅଛି ବୋଲି ମୁଁ ଏପର୍ଯ୍ୟନ୍ତ ଅବଗତ ନ ଥିଲି । ନିଜର ସୁଦୃଢ଼ ସ୍ଥିତି ନିମନ୍ତେ ସେମାନଙ୍କର ସାହାଯ୍ୟ ଅପରିହାର୍ଯ୍ୟ ।' ବ୍ୟାଙ୍କରେ ନୂତନ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ସେ କିଛି Start up କଂପାନୀ ସହିତ ଆଲୋଚନା କରିଥିଲେ । ଫଳରେ ଷ୍ଟେଟ ବ୍ୟାଙ୍କ୍ ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏ ହେଉଛି ଯୁବ ପିଢ଼ିର ଶକ୍ତି । ଆମେ ଆଉ ସେମାନଙ୍କୁ ଅଣଦେଖା କରିପାରିବା ନାହିଁ ।

**ଅତୀତରେ ଷ୍ଟାର୍ଟଅପ୍ :** ଅନେକ ସମୟରେ ମନେ ହୁଏ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍‌ବୋଧନ ପୂର୍ବରୁ ଆମ ଯୁବଶକ୍ତି ସତେ ଯେମିତି ଷ୍ଟାର୍ଟଅପ୍ ସଂପର୍କରେ ସଚେତନ ନ ଥିଲେ । କେତେକାଂଶରେ ଏହା ସତ । କିନ୍ତୁ ପ୍ରଶ୍ନ ଆସେ – କାହିଁକି ? ଏ ପ୍ରଶ୍ନ ସରଳ ମନେ ହେଉଥିଲେ ହେଁ ଉ□ର




ଖୋଜିବା ପାଇଁ ଆମକୁ ବିଭିନ୍ନ କ୍ଷେତ୍ର ଅନୁଧ୍ୟାନ କରିବାକୁ ପଡିବ – ଯଥା : ପ୍ରଯୁକ୍ତି ବିଦ୍ୟାର ବିକାଶ, ସୁଦୃଢ଼ ଭି□ଭୂମି, ସରକାରୀ ପ୍ରୋତ୍ସାହନ ଏବଂ ସର୍ବୋପରି ଶିକ୍ଷିତ ମଧ୍ୟବି□ବର୍ଗର ମାନସିକତା। ଆମେ ପ୍ରଥମେ ଶେଷ ଆଡୁ ଆସିବା । ସ୍ୱାଧୀନତାପ୍ରାପ୍ତି ପରଠାରୁ ପ୍ରାୟ ଚାରି ଦଶନ୍ଧି ବ୍ୟାପୀ ମୋଧାବୀ ଏବଂ ଶିକ୍ଷିତଙ୍କର ପ୍ରଥମ ପସନ୍ଦ ଥିଲା ସରକାରୀ ଚାକିରି । ଉଚ୍ଚ ଶିକ୍ଷିତ ବ୍ୟକ୍ତି ଶିଳ୍ପ ଏବଂ ବ୍ୟବସାୟ ପ୍ରତି ଆକୃଷ୍ଟ ହେଉ ନ ଥିଲେ । ଏହାର ପ୍ରଥମ କାରଣ ଥିଲା ସରକାରୀ ଲଗାମ । ସେ ସମୟରେ ଲାଇସେନସ୍ ଓ ପରମିଟ୍‌ର ରାଜୁତି ଥିଲା । ବିନା ସରକାରୀ ଅନୁମୋଦନରେ ପତ୍ରଟିଏ ହଲୁ ନ ଥିଲା । ଅନେକ ଶିକ୍ଷିତ ବ୍ୟକ୍ତି ଶିଳ୍ପ କ୍ଷେତ୍ରକୁ ପ୍ରବେଶ କରି ହତୋତ୍ସାହ ହୋଇ ପୁନଶ୍ଚ ଚାକିରିରେ ଯୋଗ ଦେଇଥିଲେ । ନବେ ଦଶକରେ କିଛି ଶିକ୍ଷିତ ବ୍ୟକ୍ତି ପ୍ରଯୁକ୍ତି ବିଦ୍ୟାକୁ ଆଧାର କରି ବ୍ୟବସାୟ ଆରମ୍ଭ କଲେ । ସେମାନଙ୍କ ମଧ୍ୟରୁ ଆମ ଦେଶର ତିନିଜଣଙ୍କର ଦୃଷ୍ଟାନ୍ତ ନେବା – ନାରାୟଣ ମୂ□ , ବିଭିଆର୍ ମୋହନ ରେଡି ଏବଂ ସତ୍ୟମ୍ ରାମଲିଙ୍ଗ ରାଜୁ । ନାରାୟଣ ମୂ□ ଆଇଆଇଟି କାନପୁରରୁ ଏମ୍.ଟେକ୍ ପରେ କିଛି ବର୍ଷ ଚାକିରି କରି ୩୫ ବର୍ଷ ବୟସରେ ୧୯୮୧ ମସିହାରେ ଇନ୍‌ଫୋସିସ୍ ପ୍ରତିଷ୍ଠା କଲେ । ବିଭିଆର୍ ମୋହନ ରେଡି ଆଇଆଇଟି କାନପୁର ଏବଂ ଆମେରିକାର ମିସିଗାନ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ପରେ କିଛି ବର୍ଷ ଚାକିରି କରି ୪୧ ବର୍ଷ ବୟସରେ ୧୯୯୧ ମସିହାରେ ଇନ୍‌ଫୋଟେକ୍ (ବ□ମାନ ନାମ Cyient) ଏବଂ ସତ୍ୟମ୍ ରାଜୁ ଆମେରିକାର ଓ୍ୟାହିଓ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରି ୧୯୮୭ ମସିହାରେ ୩୭ ବର୍ଷ ବୟସରେ ହାଇଦ୍ରାବାଦରେ ସତ୍ୟମ କଂପ୍ୟୁଟର ପ୍ରତିଷ୍ଠା କଲେ । ପରେ ଅବଶ୍ୟ ଆର୍ଥିକ ଅନିୟମିତତାରେ ଯୋଡି ହୋଇ ଜେଲ ଗଲେ। କିନ୍ତୁ ସେ ସମୟରେ ସତ୍ୟମ କଂପ୍ୟୁଟର ଅତ୍ୟନ୍ତ ସମ୍ମାନଜନକ କଂପାନୀ ଭାବେ ପରିଚିତ ଥିଲା । ଏମାନଙ୍କର ପ୍ରେରଣା ଥିଲେ ଆମେରିକାର ଷ୍ଟିଭ୍ ଜବସ୍ ଏବଂ ବିଲ୍ ଗେଟସ୍ । ଷ୍ଟିଭ୍ ଜବସ୍ ୧୯୭୨ ମସିହାରେ କଲେଜରେ ଆଡମିଶନ୍ ନେବାର କେଇଟା ମାସ ପରେ ପାଠ ପଢ଼ା ଛାଡି ବୌଦ୍ଧ ଧର୍ମ ଅନୁଶୀଳନ ନିମନ୍ତେ ଭାରତ ଆସିଲେ । କିନ୍ତୁ ଫେରିଯାଇ ୧୯୭୭ ମସିହାରେ ପ୍ରତିଷ୍ଠା କଲେ ଆପଲ୍ କଂପାନୀ, ଯାହା ସାରା ବିଶ୍ୱରେ ଚହଳ ସୃଷ୍ଟି କଲା । ତାହାର ଏକ ବର୍ଷ ପୂର୍ବେ ୧୯୭୫ ମସିହାରେ ବିଲ୍ ଗେଟସ୍ ପାଠପଢ଼ା ଛାଡି ମାଇକ୍ରୋସଫ୍ଟ ପ୍ରତିଷ୍ଠା କରିଥିଲେ । ଆପଲ୍ ଓ

ମାଇକ୍ରୋସଫ୍ଟର ସଫଳତା , ଯୁବ ଗୋଷ୍ଠୀ ନିମନ୍ତେ ପ୍ରେରଣାରେ ରୂପାନ୍ତରିତ ହୋଇଗଲା। ଏହି ସମସ୍ତ କଂପାନୀ ସାରା ବିଶ୍ୱକୁ ପ୍ରଯୁକ୍ତି ବିଦ୍ୟାର ଉତ୍ପାଦନ ଯୋଗାଇଲା । ୧୯୯୧ ମସିହାରେ ଆର୍ଥିକ ସଂସ୍କାର ସହିତ ଜଗତୀକରଣ ପ୍ରକ୍ରିୟାର ସୂତ୍ରପାତ ହେବା ପରେ ଆମ ଦେଶ ପ୍ରଯୁକ୍ତି ବିଦ୍ୟାରେ ଅଗ୍ରଣୀ ସ୍ଥାନ ଅଧିକାର କଲା । ନାରାୟଣ ମୂ□ି ଏବଂ ତାଙ୍କ ସମସାମୟିକମାନେ ସାମାନ୍ୟତମ ପୁଞ୍ଜିନିବେଶରେ ପ୍ରଥମ ବଂଶଧର ଭାବେ ବ୍ୟବସାୟରେ ପ୍ରବେଶ କରି ନାମ, ଯଶ ଏବଂ ପ୍ରଭୂତ ଅର୍ଥର ଅଧିକାରୀ ହେଲେ । ସବୁଠାରୁ ମଜା କଥା - ଏହି ବ୍ୟବସାୟ ସରକାରୀ ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ ଥିଲା । ପାରଂପରିକ ବ୍ୟବସାୟର କେନ୍ଦ୍ର ଥିଲା - ଅର୍ଥ । କିନ୍ତୁ ଏହି ନୂତନ ବ୍ୟବସାୟର ପୁଞ୍ଜି ରହିଲା - ପ୍ରଯୁକ୍ତି ବିଦ୍ୟା ଭି□ିକ ଜ୍ଞାନକୌଶଳ। ବ□ମାନ ଏହା ସରକାରୀ ପ୍ରୋତ୍ସାହନରେ ଗତି ଓ ଦ୍ୟୁତି ଅର୍ଜନ କରିଛି। ପ୍ରଯୁକ୍ତି ବିଦ୍ୟାର ଭି□ିଭୂମି ହେଉଛି ଇ□ରନେଟ୍ । ୧୯୯୧ ମସିହାରେ ମାତ୍ର ୬ଟି ରାଷ୍ଟ୍ରର ୧% ବ୍ୟକ୍ତି ଇ□ରନେଟ୍ ବ୍ୟବହାର କରୁଥଲେ । ସେଥିରେ ଭାରତର ସ୍ଥାନ ନ ଥିଲା । ୨୦୧୦ ମସିହାରେ ଆମ ଦେଶର ମାତ୍ର ୮% ବ୍ୟକ୍ତି ଇ□ରନେଟ୍ ବ୍ୟବହାର କରୁଥିବାବେଳେ ଆମେରିକାର ହାର ଥିଲା ୭୯% ଏବଂ ଚୀନ ୩୪% । ୨୦୧୫ ମସିହାରେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ ଇ□ରନେଟ୍ ବ୍ୟବହାର କରୁଥିବା ରାଷ୍ଟ୍ର (୪୦ କୋଟିରୁ ଊର୍ଦ୍ଧ୍ୱ) ଏବଂ ସହରା□ଳର ୯୪% ବ୍ୟକ୍ତି ମୋବାଇଲ ମାଧ୍ୟମରେ ଇ□ରନେଟ୍ ବ୍ୟବହାର କରୁଛନ୍ତି। ତେଣୁ ଏହି ପା□ ବର୍ଷ ମଧ୍ୟରେ ଦେଶରେ ପ୍ରଯୁକ୍ତି ବିଦ୍ୟା ଏବଂ ଭି□ିଭୂମିର ବିକାଶ ଯୋଗୁ ଷ୍ଟାର୍ଟଅପ୍ ସଂଖ୍ୟା ବୃଦ୍ଧି ପାଇଛି। କିନ୍ତୁ ସରକାରୀ ପ୍ରେତ୍ସାହନ ଅଭାବରୁ ଆଶାନୁରୂପ ହୋଇନାହିଁ । ସେଥି ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ମସିହା ଜାନୁୟାରୀ ମାସରେ ଷ୍ଟାର୍ଟଅପ୍ ନୀତି ପ୍ରଣୟନ କରିଛନ୍ତି ।

**୨୦୧୬ ଷ୍ଟାର୍ଟଅପ୍ ଆକ୍ସନ୍ ପ୍ଲାନ୍:** 'ଆଗରୁ ଯେ ବିଜ୍ଞାନ ଭବନ କେବେ ଭରପୂର ହୋଇ ନ ଥିଲା ତାହା ନୁହେଁ । କିନ୍ତୁ ଆଜି ଅଫୁରନ୍ତ ଯୁବ ଶକ୍ତିର ପ୍ରାଣ ପ୍ରାଚୁର୍ଯ୍ୟରେ ବିଜ୍ଞାନ ଭବନ ଗୁଞ୍ଜରିତ, ଯାହାର ପ୍ରତିଧ୍ୱନି ସାରା ଦେଶରେ ଅନୁରଣିତ ହେଉଛି । ଏମାନଙ୍କ ମଧ୍ୟରେ ଏପରି ଯୁବକ ମହଜୁଦ ଅଛନ୍ତି ଯେଉଁମାନେ ଯେକୌଣସି ବଡ ହୋଟେଲ ଚେନ୍ ଠାରୁ ଅଧିକ ହୋଟେଲ ସହିତ ସଂପୃକ୍ତ ଏବଂ ବଡ ଟ୍ରାନ୍ସପୋର୍ଟ କଂପାନୀ ଠାରୁ ବହୁ ଅଧିକ ଗାଡି ନିୟନ୍ତ୍ରଣ କରୁଛନ୍ତି । ଏହା ହେଉଛି ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ସେମାନଙ୍କ ବୁଦ୍ଧିର କମାଲ । ଏହିମାନଙ୍କ ଉପରେ ଦେଶର ଭବିଷ୍ୟତ ସମୃଦ୍ଧି ନିର୍ଭରଶୀଳ । OYO Rooms ର ପ୍ରତିଷ୍ଠାତା ରିତେଶଙ୍କ ବକ୍ତବ୍ୟ ଶୁଣିବାବେଳେ ଚିନ୍ତା କରୁଥିଲି, ବହୁ ବର୍ଷ ପୂର୍ବେ ଚା ବିକାଳୀ ନରେନ୍ଦ୍ର ମୋଦି ମୁଣ୍ଡରେ ହୋଟେଲ୍ ଚେନ୍ କଥା ପଶିଲା ନାହିଁ କାହିଁକି ? ମୁଁ ଏହି ଯୁବଶକ୍ତିକୁ ପ୍ରଣାମ କରୁଛି ।' ଏହିଭଳି ଭାବାବେଗରେ ପରିପୁଷ୍ଟ ଶବ୍ଦାବଳୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁୟାରୀ ୧୬ ତାରିଖରେ 'ଷ୍ଟାଟ୍ଅପ୍ ଇଣ୍ଡିଆ ଆକ୍ସନ ପ୍ଲାନ୍' ଉପସ୍ଥାପନା କରିଛନ୍ତି । ଗତ ବର୍ଷ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଉଦ୍‌ବୋଧନ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଆମ ଦେଶର ଯୁବଶକ୍ତିକୁ ଯେଉଁ 'ଷ୍ଟାର୍ଟଅପ୍ ଇଣ୍ଡିଆ'ର ସ୍ୱପ୍ନ ଦେଖାଇଥିଲେ, ତାହା ଆଜି ସରକାରୀସ୍ତରରେ ଅନୁମୋଦନ ହାସଲ କରିଛି।' ଯେଉଁ ବନ୍ଧୁମାନେ ପ୍ରଧାନମନ୍ତ୍ରୀଙ୍କର ଏହି ବକ୍ତବ୍ୟ ଶୁଣିଥିବେ, ସେମାନେ ନିଶ୍ଚିତ ଭାବେ ପ୍ରଯୁକ୍ତି ବିଦ୍ୟା ସମନ୍ୱିତ ଅଭିନବ ଭାରତର ରୂପରେଖ ଆକଳନ କରିପାରିଥିବେ । ୨୦୧୬ ଆକ୍ସନ ପ୍ଲାନରେ ଷ୍ଟାର୍ଟଅପର ସଫଳତା ନିମନ୍ତେ ୧୯ଟି ସରଳ ମାର୍ଗ ରହିଛି । ୧) ପରିବେଶ ଓ ଶ୍ରମିକ ଆଇନ ଉଲ୍ଲଂଘନ କରିନାହାନ୍ତି ବୋଲି ଜଣେ ଉଦ୍ୟୋଗୀ ପ୍ରଥମ ତିନି ବର୍ଷ ନିଜ ଦସ୍ତଖତରେ ପ୍ରମାଣପତ୍ର ଦେଇ ପାରିବେ । ୨) ସରାକରଙ୍କର ବିଭିନ୍ନ ସହାୟତା ପାଇବା ନିମନ୍ତେ କେବଳ ଗୋଟିଏ ବିଭାଗ ସହିତ ଯୋଗାଯୋଗ ଯଥେଷ୍ଟ ହେବ (Single Window Facility)। ୩) ପଞ୍ଜିକରଣ ସମେତ ବିଭିନ୍ନ ସରକାରୀ କାର୍ଯ୍ୟ ମୋବାଇଲ୍ ଆପସ୍ ମାଧ୍ୟମରେ ହୋଇପାରିବ। ୪) ସରକାରଙ୍କ ତରଫରୁ ପ୍ୟାଟେ□ ସୁରକ୍ଷା ନିମନ୍ତେ ଅଗ୍ରାଧିକାର ଦିଆଯିବ । ୫) ସରକାରୀ ଟେଣ୍ଡରରେ ଷ୍ଟାର୍ଟଅପ୍ ନିମନ୍ତେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯିବ । ୬) କେହି ଉଦ୍ୟୋଗୀ କୌଣସି କାରଣରୁ ଷ୍ଟାର୍ଟଅପ୍ ବନ୍ଦ କରିବାକୁ ଚାହିଁଲେ , ସରଳ ପ୍ରକ୍ରିୟାରେ ମାତ୍ର ତିନି ମାସ ମଧ୍ୟରେ ତାହା ସଂପନ୍ନ ହେବ । ୭) ପ୍ରତି ବର୍ଷ ୨୫୦୦ କୋଟି ଆଧାରରେ ଆଗାମୀ ଚାରି ବର୍ଷ ମଧ୍ୟରେ ସରକାର ଏଥି ନିମନ୍ତେ ୧୦,୦୦୦ କୋଟି ଟଙ୍କା ବରାଦ କରିବେ । ୮) ଷ୍ଟାର୍ଟଅପ୍ର ସଫଳ ପରୀକ୍ଷା ନିମନ୍ତେ ପ୍ରତି ବର୍ଷ ୫୦୦ କୋଟି ଆଧାରରେ ଆଗାମୀ ଚାରି ବର୍ଷ ୨୦୦୦ କୋଟି ଟଙ୍କା ବରାଦ ରହିବ । ୯) ପୁଞ୍ଜିନିବେଶକାରୀ ନିର୍ଦ୍ଦିଷ୍ଟ ସମୟ ସୀମାରେ କ୍ୟାପିଟାଲ ଗେନ୍ ଟ୍ୟାକ୍ସ ପ୍ରଦାନରୁ ବ□ିତ ରହିବେ । ୧୦) ପ୍ରଥମ ତିନି ବର୍ଷ ନିମନ୍ତେ ଷ୍ଟାର୍ଟଅପଗୁଡିକ ଲାଭ ଉପରେ ଇନ୍‌କମ୍ ଟ୍ୟାକସ୍ ପ୍ରଦାନରୁ ବ□ିତ ରହିବେ । ୧୧) ପୁଞ୍ଜିନିବେଶକାରୀଙ୍କୁ ଟ୍ୟାକ୍ସ ପ୍ରଦାନରୁ ରିହାତି ମିଳିବ । (୧୨) ପ୍ରତି ବର୍ଷ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଷ୍ଟାର୍ଟଅପ୍ ମହୋତ୍ସବ ପାଳନ କରାଯିବ ।୧୩) ଅଭିନବ ଚିନ୍ତାକୁ ପ୍ରେତ୍ସାହନ ଦେବା ନିମନ୍ତେ , ଦେଶର ବିଭିନ୍ନ ସ୍ଥାନରେ Atal Innovation Mission(AIM) ଏବଂ Self Employment & Tal-ent Utilisation(SETU)




ମାଧ୍ୟମରେ INNOVATION HUB ପ୍ରତିଷ୍ଠା କରାଯିବ। ୧୪) ସରକାରୀ-ଘରୋଇ ଉଦ୍ୟୋଗରେ ଦେଶରେ ୭୦ଟି ପ୍ରଶିକ୍ଷଣ କେନ୍ଦ୍ର (Incubator) ପ୍ରତିଷ୍ଠା କରାଯିବ । ୧୫) ଦେଶରେ ୩୧ଟି ଷ୍ଟାର୍ଟଅପ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ । ୧୬) ଆଇଆଇଟି ମାଡ୍ରାସ ଆଧାରରେ ଦେଶରେ ୭ଟି ଗବେଷଣା ପାର୍କ ପ୍ରତିଷ୍ଠା କରାଯିବ । ୧୭) ବାଇଓ ଟେକ୍ନୋଲୋଜି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଦେଶରେ ୭ଟି ନୂତନ ବାଇଓ କ୍ଲଷ୍ଟର ଓ ୫୦ଟି ବାଇଓ ଇନ୍‌କ୍ୟୁବେଟର ପ୍ରତିଷ୍ଠା କରାଯିବ । ୧୮) ଛାତ୍ରସମାଜରେ ଅଭିନବ ଚିନ୍ତା (INNOVATION)କୁ ପ୍ରୋତ୍ସାହନ ଦେବା ନିମନ୍ତେ ଦେଶର ୨୦ ଜଣ ଛାତ୍ର/ଛାତ୍ରୀଙ୍କୁ National Initiative for Developing & Harnessing Innovations (NIDHI) ସ୍କିମ୍ ମାଧ୍ୟମରେ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ୧୯) କଡା ପ୍ରତିଦ୍ୱନ୍ଦିତା ମାଧ୍ୟମରେ ଯୋଗ୍ୟ ପ୍ରଶିକ୍ଷଣ କେନ୍ଦ୍ର ମନୋନୟନ କରି ପ୍ରତି କେନ୍ଦ୍ରକୁ ଷ୍ଟାର୍ଟଅପ୍‌ମାନଙ୍କୁ ଉପଯୁକ୍ତ ତାଲିମ ଦେବା ନିମନ୍ତେ ୧୦ କୋଟି ଟଙ୍କା ପ୍ରଦାନ କରାଯିବ । ଆମ ଦେଶରେ ଷ୍ଟାର୍ଟଅପର କାର୍ଯ୍ୟପନ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ISPIRT (Indian Software Product Industry Round Table) ସଂସ୍ଥା ସରକାରଙ୍କୁ ୩୪ଟି ପ୍ରସ୍ତାବ ପ୍ରଦାନ କରିଥିଲେ । ଏଗୁଡିକ ମଧ୍ୟରେ ପ୍ରମୁଖ ହେଲା - ଆମ ଦେଶରେ କାର୍ଯ୍ୟକରୁଥିବା ପ୍ରଥମ ୨୦୦ଟି ଷ୍ଟାର୍ଟଅପ୍ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ରହିବା ନିମନ୍ତେ ଆମେରିକା ଓ ସିଙ୍ଗାପୁରରେ ରେଜିଷ୍ଟ୍ରେସନ କରିଛନ୍ତି । ଆମ ଦେଶର ବ୍ୟବସ୍ଥା ଏତେ ଜଟିଳ , ଉଦ୍ୟୋଗ ଆରମ୍ଭ ହେବା ପୂର୍ବରୁ ଜଣେ ବ୍ୟକ୍ତି ନିଶ୍ଚିତ ଭାବେ ଥକି ପଡିବ । ସେହିଭଳି ଆମ ଦେଶରେ 'ସିଡ୍ କାପିଟାଲ'ର ବିଶେଷ ଅଭାବ ସହିତ ଟ୍ୟାକ୍ସ ବ୍ୟବସ୍ଥା ଏବଂ ବନ୍ଦ କରିବାର ପ୍ରକ୍ରିୟା ଅତି ଜଟିଳ । ଏହି ଆକ୍ସନ ପ୍ଲାନ୍‌ରେ ଏଗୁଡିକ ମଧ୍ୟରୁ ମାତ୍ର ୮ଟିର ସମାଧାନ ସ୍ପଷ୍ଟ ରହିଛି । ଅନ୍ୟ ସମସ୍ୟାଗୁଡିକ ଉପରେ ସରକାର ଧ୍ୟାନ ଦେଇ ନାହାନ୍ତି । କିନ୍ତୁ ୨୦୧୬ ଆକ୍ସନ ପ୍ଲାନ୍ - ଷ୍ଟାର୍ଟଅପ୍ ସମସ୍ୟା ସମାଧାନ ନିମନ୍ତେ ଅନ୍ତିମ ଶବ୍ଦ ନୁହେଁ । ଅନ୍ତତଃ ସମସ୍ତେ ଏହି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ନିଷ୍ଠା ଏବଂ ଆନ୍ତରିକତା ଅନୁଭବ କରିଥିବେ । ତେଣୁ ଆଗାମୀ ବର୍ଷରେ ଆମେ ଏ ସଂପର୍କରେ ଆହୁରି ନୂତନ ଆଲୋକ ଦେଖିପାରିବା ।

**ବଜେଟରେ ଷ୍ଟାର୍ଟଅପ୍ ରିହାତି :** ପ୍ରଧାନମନ୍ତ୍ରୀଙ୍କ ଷ୍ଟାର୍ଟଅପ୍ କାର୍ଯ୍ୟପନ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଚଳିତ ବର୍ଷ ବଜେଟରେ ରିହାତି ସହିତ ଅନେକ ସୁବିଧା ସୁଯୋଗ ଘୋଷଣା କରାଯାଇଛି। ସେଗୁଡିକ ହେଲା -୧) ସଂପୂର୍ଣ୍ଣ ଆୟକର ଟ୍ୟାକ୍ସ ରିହାତି - ୨୦୧୬ ଏପ୍ରିଲରୁ ୨୦୧୯ମାର୍ଚ୍ଚ ମଧ୍ୟରେ ପଂଜୀକୃତ ହୋଇଥିବା ଷ୍ଟାର୍ଟଅପ୍ କଂପାନୀଙ୍କୁ ଲାଭ ଉପରେ ତିନି ବର୍ଷ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଆୟକର ଟ୍ୟାକ୍ସ ରିହାତି ମିଳିବ । କିନ୍ତୁ minimum alternate tax(MAT) ଲାଗୁ ହେବ । ୨) କ୍ୟାପିଟାଲ ଗେନ୍ ରିହାତି - ଯେଉଁ ଆଞ୍ଜେଲ ଇନ୍‌ଭେଷ୍ଟରମାନେ ଷ୍ଟାର୍ଟଅପ୍ Fund of Funds ରେ ପୁଞ୍ଜି ବିନିଯୋଗ କରିଛନ୍ତି, ସେମାନଙ୍କୁ କ୍ୟାପିଟାଲ ଗେନ୍ ଟ୍ୟାକ୍ସ ରିହାତି ମିଳିବ । ୩) ଷ୍ଟାର୍ଟଅପ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ପ୍ରଥମ ତିନି ବର୍ଷ ଇପିଏଫ ବାବଦ ଅର୍ଥ (ଦରମାର ୮.୩୩%) ସରକାର ଭରଣା କରିବେ । ୪) ଅନୁସୂଚିତ ଜାତି / ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ସରକାର ୫୦୦ କୋଟି ସ୍ୱତନ୍ତ୍ର ଅର୍ଥ ବରାଦ କରିଛନ୍ତି । ୫) କଂପାନୀ ନିୟମରେ ପରିବ□ନ ଆଣି ଗୋଟିଏ ଦିନରେ କଂପାନୀର ପଞ୍ଜିକରଣ ନିମନ୍ତେ ବ୍ୟବସ୍ଥା କରାଯିବ । ୬) ୨୨୦୦ କଲେଜ, ୩୦୦ ବିଦ୍ୟାଳୟ ଏବଂ ୫୦୦ ସରକାରୀ ଅନୁଷ୍ଠାନରେ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଛାତ୍ର/ଛାତ୍ରୀଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ । ୭) ୫ କୋଟି ଟଙ୍କାରୁ କମ୍ ବ୍ୟବସାୟ କରୁଥିବା କ୍ଷୁଦ୍ର ସଂସ୍ଥାମାନଙ୍କ ନିମନ୍ତେ କର୍ପୋରେଟ ଟ୍ୟାକ୍ସ ୨୯% କୁ କମାଇ ଦିଆଯାଇଛି । ୮) ସାରା ଦେଶରେ ୧୫୦୦ Skill Development Centre ପ୍ରତିଷ୍ଠା କରିବା ନିମନ୍ତେ ୧୭୦୦କୋଟି ଟଙ୍କା ବରାଦ କରାଯାଇଛି। କିନ୍ତୁ ଚଳିତ ବଜେଟରେ ସରକାର ଗୋଟିଏ ଗୁରୁତର ଦିଗ ପ୍ରତି ଧ୍ୟାନ ଦେଇ ନାହାନ୍ତି ।

ଯଦି କେହି ବ୍ୟକ୍ତି ବ୍ୟବସାୟରେ ସଫଳତା ନ ପାଆନ୍ତି, ସେ ଓହରି ଯିବାକୁ ଚାହିଁଲେ ସେ ପ୍ରକ୍ରିୟା ମଧ୍ୟ ସରଳ ରହିବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ମୋଦି ଜାନୁୟାରୀ ମାସରେ ଏ ସଂପର୍କରେ ସୁଚନା ଦେଇଥିଲେ ମଧ୍ୟ , ବଜେଟରେ ସେ ସଂପର୍କରେ ଉଲ୍ଲେଖ ନାହିଁ । ପଞ୍ଜିକରଣ ନିମନ୍ତେ ଯେମିତି ସରଳୀକରଣ ପ୍ରକ୍ରିୟାର ଆବଶ୍ୟକତା ରହିଛି, ଓହରିଯିବା ନିମନ୍ତେ ସେହିଭଳି ସୁବିଧା ପ୍ରଦାନ କରିବା ଉଚିତ ।

**ଷ୍ଟାର୍ଟଅପ୍‌ରେ ସଫଳ ଓଡିଆ:** ଆମେ ଗୋଟିଏ ଷ୍ଟାର୍ଟଅପ୍‌ର ଦୃଷ୍ଟାନ୍ତ ନେବା - OYO(On your Own) Rooms । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ସନ୍ ପ୍ଲାନ୍ ଉପସ୍ଥାପନା ସମୟରେ ଯେଉଁ କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କ ନାମ ଉଚ୍ଚାରଣ କରିଥିଲେ, ସେମାନଙ୍କ ମଧ୍ୟରେ ଅନ୍ୟତମ OYO(On your Own) Rooms ର ପ୍ରତିଷ୍ଠାତା ରୀତେଶ ଅଗ୍ରୱାଲ । ସେ ହେଉଛନ୍ତି ଓଡିଶାର ବିଷମ କଟକର ଅଧିବାସୀ । ରାୟଗଡା ସାକ୍ରେଡ ହାର୍ଟ ହାଇସ୍କୁଲରେ ପାଠ ପଢ଼ିଥିଲେ । ୨୩ ବର୍ଷ ବୟସ୍କ ରୀତେଶଙ୍କର ଶିକ୍ଷାଗତ ଯୋଗ୍ୟତା ମାତ୍ର +୨ । କିନ୍ତୁ ୮ ବର୍ଷ ବୟସରୁ ସେ କଂପ୍ୟୁଟର ପ୍ରୋଗ୍ରାମିଂରେ ଥିଲେ ପାରଙ୍ଗମ । ପିଲାଟି ବେଳୁ ବିଭିନ୍ନ ସ୍ଥାନ ଭ୍ରମଣ କରିବା ସଉକ ଥିଲା । ସେହି ସମୟରେ ତାଙ୍କର ଅନୁଭବ ହେଲା - ହୋଟେଲଗୁଡିକ ଯଥେଷ୍ଟ ମୂଲ୍ୟ ନେଉଥିଲେ ମଧ୍ୟ ସେବାର ମାନ ଅତି ନିମ୍ନ । ଫଳରେ ଦେଶ ଭିତରେ ଭ୍ରମଣ କରୁଥିବା ପ୍ରାୟ ୪୦ କୋଟି ବ୍ୟକ୍ତି ଉପଯୁକ୍ତ ସେବା ପାଇ ପାରୁ ନାହାନ୍ତି । ତେଣୁ ହୋଟେଲଗୁଡିକୁ ନିୟନ୍ତ୍ରିତ ଏବଂ ଶୃଙ୍ଖଳିତ କରିବା ପାଇଁ ୨୦୧୨ ମସିହାରେ ମାତ୍ର ୧୯ ବର୍ଷ ବୟସରେ ଅନ୍‌ଲାଇନ ହୋଟେଲ ସେବା ବ୍ୟବସାୟ ଆରମ୍ଭ କଲେ । ସେଥିନିମନ୍ତେ ମଧ୍ୟବିତ୍ତବର୍ଗ ଗ୍ରାହକଙ୍କ ରୁଚି ଓ ଆବଶ୍ୟକତା ଅନୁଯାୟୀ ସର୍ବନିମ୍ନ ତିରିଶଟି ସେବା ପ୍ରଦାନ ନିମନ୍ତେ ମାନଦଣ୍ଡ ନିରୂପଣ କଲେ । ଯଥା: ମାଗଣା ୱାଇଫାଇ, ସକାଳ ଜଳଖିଆ, ସଫା ବିଛଣା,ଫ୍ଲାଟ୍ ସ୍କିନ୍ ଟିଭି, କର୍ମଚାରୀଙ୍କ ଉତ୍ତମ ଆଚରଣ ଇତ୍ୟାଦି । ଏହି ସର୍ତ୍ତ ପୂରଣ ନିମନ୍ତେ ବହୁ ହୋଟେଲ ରାଜି ହୋଇ OYO ବ୍ରାଣ୍ଡ ସହିତ ଯୋଡି ହୋଇଗଲେ । ରୁମ୍ ଭଡା ୯୯୯ରୁ ୪୦୦୦ଟଙ୍କା ଧାର୍ଯ୍ୟ କରାଗଲା । ଗ୍ରାହକମାନଙ୍କ ପାଇଁ ମୋବାଇଲ ଆପସ୍ ମାଧ୍ୟମରେ ହୋଟେଲ ବୁକିଂ ସହଜ ହୋଇଗଲା ଏବଂ ସେମାନେ ମୂଲ୍ୟ ଅନୁସାରେ ନିର୍ଦ୍ଧାରିତମାନର ସେବା ପାଇବା ନିମନ୍ତେ ଆଶ୍ୱସ୍ତ ରହିଲେ । ୨୦୧୩ ମସିହାରେ ଅନ୍ତର୍ଜାତୀୟ Thiel Fellowship ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହେବା ପରେ ରୀତେଶଙ୍କ ଜୀବନର ମୋଡ ବଦଳିଗଲା । ୨୦ ବର୍ଷରୁ କମ୍ ଯେଉଁ ଯୁବକମାନେ ଅଧାରୁ ପାଠ ପଢ଼ା ଛାଡି ପ୍ରଯୁକ୍ତି ବିଦ୍ୟା ସହାୟତାରେ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି କି□ତ ସଫଳତାର ସ୍ୱାଦ ଚାଖିଛନ୍ତି, ସେହିଭଳି ୨୦ ଜଣଙ୍କୁ ପ୍ରତିବର୍ଷ Thiel Foundation ତରଫରୁ ଅନ୍ତର୍ଜାତୀୟସ୍ତରରେ ବିବେଚନା କରାଯାଇ ଦୁଇ ବର୍ଷ ନିମନ୍ତେ ୧ ଲକ୍ଷ ଡଲାର ରାଶି ପ୍ରଦାନ କରାଯାଏ ଏବଂ ସେହି ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦିଆଯାଏ । ରୀତେଶ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସମ୍ମାନର ଅଧିକାରୀ ଏବଂ ଜାପାନର ସଫ୍ଟବ୍ୟାଙ୍କ ସମେତ ଆହୁରି ଅନେକ ଭେ□ର କ୍ୟାପିଟାଲ OYO Roomsରେ ଏକ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ କରିଛନ୍ତି । ବ୍ୟାବସାୟିକ ପରିଭାଷାରେ OYO Rooms ଏକ ସଫଳ ଉଦ୍ୟୋଗ ।

**ଯୁବ ପିଢ଼ିର ସ୍ୱପ୍ନ ଓ ସଫଳତା:** ବର୍ତ୍ତମାନ ଯୁବ ପିଢ଼ିର ଆଦର୍ଶ ଆଉ ନାରାୟଣ ମୂର୍ତ୍ତି କିମ୍ବା ଷ୍ଟିଭ୍ ଜବ୍ସ ନୁହନ୍ତି । ଏମାନଙ୍କର ଆଇକନ୍ ହେଉଛନ୍ତି ଫ୍ଲିପ୍‌କାର୍ଟ୍‌ର ପ୍ରତିଷ୍ଠାତା ସଚିନ ବନ୍‌ସଲ, ଓଲା କ୍ୟାବ୍‌ସର ଭବିଶ ଅଗ୍ରୱାଲ ଏବଂ ସେହିଭଳି ଅନ୍ୟମାନେ । ବର୍ତ୍ତମାନ ଶିକ୍ଷିତ ଗୋଷ୍ଠୀର ପ୍ରାୟ ସମସ୍ତେ (୭୦ ବର୍ଷ ଊର୍ଦ୍ଧ୍ୱଙ୍କୁ ଆମେ ଏ ପରିପ୍ରେକ୍ଷୀରେ ଗଣିବା ନାହିଁ) ଫ୍ଲିପ୍‌କାର୍ଟ୍ ନାମ ସହିତ ପରିଚିତ । ଚପଲ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଇଲୋକ୍‌ଟ୍ରନିକ୍ସ ସରଂଜାମ ଅନ୍ ଲାଇନ୍‌ରେ କିଣିବା ପାଇଁ ଏହା ହେଉଛି ଗ୍ରାହକଙ୍କର ପ୍ରଥମ ପସନ୍ଦ । ୨୦୦୭ ମସିହାରେ ମାତ୍ର ୨୬ ବର୍ଷ ବୟସରେ ସଚିନ ବନ୍‌ସଲ ଏହି ଇ-କମର୍ସ କଂପାନୀ ଆରମ୍ଭ କରିଥିଲେ । ସେତେବେଳକୁ ତାଙ୍କର ବ୍ୟକ୍ତିଗତ ପୁଞ୍ଜି ଥିଲା ଆମାଜନ୍ କଂପାନୀରେ ଦୁଇ ବର୍ଷର ଅଭିଜ୍ଞତା । ମାତ୍ର ଚାରି ଲକ୍ଷ ଟଙ୍କାରେ ୱେବ୍‌ସାଇଟ ପ୍ରସ୍ତୁତ କରି ସେ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ୨୦୧୫ ମସିହା ମଇ ମାସରେ ଏହାର ମୂଲ୍ୟ ହେଉଛି ୧.୧୫ ବିଲିୟନ ଡଲାର (୭୬୪୦ କୋଟି ଟଙ୍କା) । ଫ୍ଲିପ୍‌କାର୍ଟ ଠାରୁ ଶକ୍ତ ଧକ୍କା ପାଇଛନ୍ତି ଅନେକ ନାମୀ ଦାମୀ ଷ୍ଟୋର୍ , ବିଶେଷକରି ଫ୍ୟୁଚର ଗ୍ରୁପ ମାଲିକ କିଶୋର ବିୟାନୀଙ୍କ ବିଗ୍ ବଜାର । ଗତ ବର୍ଷ ଜୁନ୍ ମାସରେ କିଶୋର ବିୟାନୀ ଗୋଟିଏ ବିଜନେସ୍ କନଫେରେନ୍ସ ଆୟୋଜନ କରିଥିଲେ - ପୁନର୍ଜନ୍ମ (REBORN) । ଯୁବ ପିଢ଼ିକୁ ଆକୃଷ୍ଟ କରିବା ଲକ୍ଷ୍ୟରେ ନିଜ ବ୍ୟବସାୟିକ ଢ଼ାଞ୍ଚାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ସେ ଏଥିରେ ସୂଚନା ଦେଇଥିଲେ । ଏହି ପିଢ଼ି ବର୍ତ୍ତମାନ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଗମନାଗମନ, କୃଷି ଆଦି ବିଭିନ୍ନ କ୍ଷେତ୍ରରେ ନିଜର ସ୍ଥିତି ଜାହିର କରିସାରିଛନ୍ତି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏବେ ଆମ ଦେଶରେ ପ୍ରାୟ ୩୦୦ Start up ସେବା ପ୍ରଦାନ କରୁଛନ୍ତି । ଏମାନେ ରୋଗୀକୁ ସିଧା ଡାକ୍ତରଙ୍କ ସହିତ ଯୋଗାଯୋଗ କରାଇବାରେ ସାହାଯ୍ୟ କରିଥାନ୍ତି । ଏହି କ୍ଷେତ୍ରରେ ଅଗ୍ରଣୀ ସଂସ୍ଥା ହେଉଛି ପ୍ରାକ୍ଟୋ (Practo) । ସେହିଭଳି ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ Start up ହେଉଛି

Meritnation , Toppr.com, Simplilearn. ଏବଂ ଆହୁରି ଅନେକ। ୨୦୧୦ ମସିହାରେ କୃଷ୍ଣ କୁମାର Simplilearn ସଂସ୍ଥା ଆରମ୍ଭ କରିଥିଲେ। ୨୦୧୫ ମସିହା ମାର୍ଚ୍ଚ ସୁଦ୍ଧା ଏହି ସଂସ୍ଥା ବିଶ୍ୱର ୧୫୦ଟି ଦେଶର ପ୍ରାୟ ୪,୦୦,୦୦୦ ବ୍ୟକ୍ତିଙ୍କୁ ୨୫୦ଟି କୋର୍ସରେ ତାଲିମ ଦେଇ ସାରିଛି । ଗମନାଗମନ କ୍ଷେତ୍ରରେ ପ୍ରମୁଖ ନାମ ହେଉଛି TransitPedia ବ□ମାନଏହା କେବଳ ଦିଲ୍ଲୀ, ମୁମ୍ବାଇ ଏବଂ ପୁନାରେ କାର୍ଯ୍ୟ କରୁଛି । TransitPedia Apps ସାହାଯ୍ୟରେ ଜଣେ ବ୍ୟକ୍ତି ଗୋଟିଏ ସହରର ଲୋକାଲ ଟ୍ରେନ୍, ବସ୍ ଏବଂ ଅଟୋ ସେବା ସଂପର୍କରେ ସଂପୂର୍ଣ ତଥ୍ୟ ପାଇ ପାରିବ। ୨୦୧୪ ଡିସେମ୍ବରରେ ଆରମ୍ଭ ହୋଇଥିବା ଏହି ସଂସ୍ଥା ଖୁବ୍ ଆଦୃତ ହୋଇଛି । ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ - ବିଶ୍ୱର ପ୍ରଥମ ୯୫୦ଟି Startup କଂପାନୀ ମଧ୍ୟରୁ ଆମ ଦେଶର ସଂଖ୍ୟା ହେଉଛି ୧୦୦ । ଟିମ୍ ଇଣ୍ଡସ୍ ଏହିଭଳି ଏକ ସମ୍ମାନଜନକ ଷ୍ଟାର୍ଟଅପ୍ ଯାହା ୨୦୧୭ ମସିହା ଡିସେମ୍ବର ୩୧ ତାରିଖ ସୁଦ୍ଧା ଚନ୍ଦ୍ରକୁ ରୋବୋ ପଠାଇବା ପାଇଁ ପ୍ରସ୍ତୁତ ହେଉଛି । ୨୦୦୭ ମସିହାରେ X Prize Foundation ତରଫରୁ ଗୁଗୁଲ ପ୍ରାୟୋଜିତ Google Lunar X Prizର ପ୍ରତିଯୋଗିତା ଘୋଷଣା କରାଗଲା। ଘୋଷଣାଟି ହେଲା - ଯେଉଁ ଘରୋଇ କଂପାନୀ ବିନା ସରକାରୀ ସହାୟତାରେ ଚନ୍ଦ୍ରକୁ ରୋବୋ ପଠାଇବ ଏବଂ ତାହା ୫୦୦ ମିଟର ଭ୍ରମଣ କରି ଚନ୍ଦ୍ରପୃଷ୍ଠରୁ ଫଟୋ ଉ□ୋଳନ କରିପାରିବ, ସେହି କଂପାନୀକୁ ୨୦ ମିଲିୟନ ଡଲାର ପୁରସ୍କାର ଅର୍ଥ ପ୍ରଦାନ କରାଯିବ । ବିଶ୍ୱର ପା□ଟି ସଂସ୍ଥା ଏଥିରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେଥିମଧ୍ୟରୁ ଅନ୍ୟତମ ହେଉଛି ଭାରତର ଟିମ୍ ଇଣ୍ଡସ୍ । ଉ□ମ ମାନର ସେବା ଯୋଗାଉଥିବା ଷ୍ଟାର୍ଟ ଅପ୍‌ର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଥାଏ । ଗୋଟିଏ ଷ୍ଟାର୍ଟଅପ୍ ବିଲିୟନ ଡଲାର ମୂଲ୍ୟାୟନ ଅତିକ୍ରମ କରିଗଲେ 'ୟୁନିକର୍ଣ୍ଣ (Unicorn) କ୍ଲବର ସଦସ୍ୟ' ପାଲଟି ଯାଏ । ବିଶ୍ୱର ସମୁଦାୟ ୧୪୩ଟି ମଧ୍ୟରୁ ଆମ ଦେଶର ଆଠଟି ଏବଂ ଆମେରିକାର ୮୪ଟି ଷ୍ଟାର୍ଟ ଅପ୍ , ୟୁନିକର୍ଣ୍ଣ କ୍ଲବର ସଦସ୍ୟ । ଆମେରିକାରେ ପ୍ରତି ବର୍ଷ ଆଠଟି ୟୁନିକର୍ଣ୍ଣ ସୃଷ୍ଟି ହେଉଥିବାବେଳେ ଆମ ଦେଶର ହାର ଗୋଟିଏ । ଏହି କ୍ଲବରେ ଆମ ଦେଶର ସଦ୍ୟତମ ସଦସ୍ୟ ହେଉଛି - ଓଲା କାବସ୍।

**ଲକ୍ଷ୍ୟ ୧୦୦୦୦:** ୧୯୮୮ ମସିହାରେ ଆମ ଦେଶର ଆଇ.ଟି ଏବଂ ବିପିଓ କଂପାନୀ ଗୋଟିଏ ସଂଘ ପ୍ରତିଷ୍ଠା କଲେ National Association of Software and Services Companies (NASSOM) । ଏହା ବ□ମାନ ବିଶ୍ୱର ଗୋଟିଏ ବୃହତ୍ ସଂସ୍ଥାରେ ପରିଣତ ହୋଇଛି ।୨୦୨୩ ମସିହା ସୁଦ୍ଧା ଦେଶରେ ୧୦,୦୦୦ Start up କଂପାନୀ ପ୍ରତିଷ୍ଠା ନିମନ୍ତେ ଏହି ସଂସ୍ଥା ୨୦୧୩ ମସିହାରେ ଗୋଟିଏ ଅଭିନବ ପ୍ରୋଜେକ୍ଟ ଆରମ୍ଭ କଲା । ଆର୍ଥିକ ସହାୟତା ସହିତ ଅନ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ଏହାର ଲକ୍ଷ୍ୟ ରହିଲା। ଫଳ ସ୍ୱରୂପ ଆଜି ଦେଶର ଯୁବ ପିଢ଼ି ଅଭିନବ ଚିନ୍ତା ନେଇ ଆଗେଇ ଆସିଛନ୍ତି । ଏମାନଙ୍କ ନିମନ୍ତେ ଅର୍ଥ ପ୍ରତିବନ୍ଧକ ସାଜି ନାହିଁ । ବହୁ ଭେ□ର କ୍ୟାପିଟାଲ କଂପାନୀ ଅର୍ଥ ଯୋଗାଇ ଦେଇଛନ୍ତି । ଶିଳ୍ପ ଜଗତର ବହୁ ଜଣାଶୁଣା ନାମ ଏହି Startup ରେ ପୁଞ୍ଜିନିବେଶ କରୁଛନ୍ତି । ରତନ ଟାଟା ୧୨ଟି ସଂସ୍ଥା ସହିତ ଆର୍ଥିକ କ୍ଷେତ୍ରରେ ସଂପୃକ୍ତ ଅଛନ୍ତି । ୨୦୧୦-୧୫ ମସିହା ମଧ୍ୟରେ ବିଭିନ୍ନ ଘରୋଇ ସଂସ୍ଥା ଆମ ଦେଶର ଷ୍ଟାର୍ଟଅପ୍‌ରେ ସମୁଦାୟ ୧୯ ବିଲିୟନ ଡଲାର ପୁଞ୍ଜି ନିବେଶ କରିଥିବାବେଳେ କେବଳ ୨୦୧୫ ମସିହାରେ ଏହି ପରିମାଣ ହେଉଛି ୯ ବିଲିୟନ ଡଲାର (ପ୍ରାୟ ୬୧,୦୦୦ କୋଟି ଟଙ୍କା) । ମୋଦି ସରକାର ଆଗାମୀ ଚାରି ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ସକାଶେ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଘୋଷଣା କରିଛନ୍ତି । ଆମ ଦେଶରେ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କ ହାରାହାରି ବୟସ ହେଉଛି ୨୮ ବର୍ଷ , ଯେଉଁ ବୟସରେ ସାରା ସଂସାରକୁ ନିଜ ମୁଠିରେ ରଖିବାର ସ୍ୱପ୍ନ ଦେଖିହୁଏ । ଭାରତରେ ଷ୍ଟାର୍ଟଅପ୍ ସଂଖ୍ୟା ସମଗ୍ର ବିଶ୍ୱରେ ତୃତୀୟ - ୪୨୦୦ । କିନ୍ତୁ ଆମେରିକାରେ ଏହି ସଂଖ୍ୟା ୪୮,୦୦୦ରୁ ଅଧିକ । ଆମେ ସିନା ଷ୍ଟାର୍ଟଅପ୍ ସଂଖ୍ୟାରେ ବିଶ୍ୱରେ ତୃତୀୟ, କିନ୍ତୁ କାର୍ଯ୍ୟ ସଂସ୍କୃତିରେ ଆମର ସ୍ଥାନ ୧୪୨ତମ ଏବଂ ଦୁର୍ନୀତିର ମହାମାରୀରେ ସବୁଠାରୁ ଆକ୍ରାନ୍ତ ଆଜିର ଯୁବ ପିଢ଼ିର ପ୍ରାଥମିକ ଆବଶ୍ୟକତା ହେଉଛି ଦୁର୍ନୀତିମୁକ୍ତ ସୁସ୍ଥ ପରିବେଶ, ଚବିଶ ଘ□ା ବିଜୁଳି ଶକ୍ତି, ନିରବଚ୍ଛିନ୍ନ ବ୍ରୋଡବ୍ୟାଣ୍ଡ ସେବା, ପ୍ରତିଟି ଗାଁକୁ ସବୁଦିନିଆ ରାସ୍ତା ଏବଂ ସମାଗ୍ରୀକ ଭାବେ ସୁଦୃଢ଼ ଭି□ଭୂମି । ଯୁବ ଶକ୍ତିର ଏହି ମାନସିକତାକୁ ଅନୁଧ୍ୟାନ କରି ୨୦୧୬ Action Plan ଘୋଷଣା କଲାବେଳେ ପ୍ରଧାନମନ୍ତ୍ରୀ ହସି ହସି କହିଥିଲେ - 'ବିଗତ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱକାଳ ସରକାରୀ ନିୟନ୍ତ୍ରଣରେ ଦେଶ କେତେ ପ୍ରଗତି କରିଛି ଆମେ ସମସ୍ତେ ଅନୁଭବ କରିଛନ୍ତି । ଏବେ ଆମେ ତାଙ୍କୁ ଭି□ଭୂମି ଯୋଗାଇଦେବା। ସେମାନେ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ରହି ପ୍ରଯୁକ୍ତି ବିଦ୍ୟା ସହାୟତାରେ ଦେଶକୁ ଅଭିନବ ଭାରତରେ ରୂପାନ୍ତରିତ କରିଦେବେ।' ତାହା ହିଁ ସତ୍ୟ, ତାହା ହିଁ ବାସ୍ତବ ।

ଲେଖକ ହେଉଛନ୍ତି ଏକ ପାକ୍ଷିକ ପତ୍ରିକାର ସଂପାଦକ ତଥା ଲେଖକ ଓ ସ୍ତମ୍ଭକାର।

# ସାମଗ୍ରିକ ବିକାଶର ଏକ ସମର୍ପିତ ଯୋଜନା: 'ଉଜ୍ଜ୍ୱଳା'

ଅନୁପମ ପ୍ରହରାଜ

**ଦା**ରିଦ୍ର୍ୟ ସୀମାରେଖା ତଳେ ଥିବା ଭାରତୀୟ ପରିବାର ପାଇଁ କେନ୍ଦ୍ର ସରକାରଙ୍କର ଏକ ଅନନ୍ୟ କାର୍ଯ୍ୟକ୍ରମ ହେଉଛି 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା'। ବିଶେଷକରି ଗରିବ ମହିଳାଙ୍କ ପରିବାରକୁ ମାଗଣାରେ ତରଳୀକୃତ ରନ୍ଧନ ଗ୍ୟାସ୍ ଯୋଗାଇବା ଏହି ଯୋଜନାର ଲକ୍ଷ୍ୟ। ତେବେ ଏହାର ଉଦ୍ଦେଶ୍ୟ ଅତ୍ୟନ୍ତ ଦୂରଦୃଷ୍ଟିସଂପନ୍ନ। ଭାରତ ହେଉଛି ଏକ ଗ୍ରାମ୍ୟବହୁଳ ଦେଶ। ଆଜି ବି ଅନେକ ଗ୍ରାମରେ ବିଜୁଳି କଥା ଛାଡ଼ନ୍ତୁ ପାନୀୟ ଜଳ ଉପଲବ୍ଧ ନୁହେଁ। ହସ୍ପିଟାଲଟିଏ ଆଖପାଖ ଦଶକୋଶ ମଧ୍ୟରେ ମିଳିବା ମଧ୍ୟ କଷ୍ଟକର। ଯଦି ବି ମିଳେ, ସେଠାରେ ଡାକ୍ତର କିମ୍ବା ଆବଶ୍ୟକ କର୍ମଚାରୀ ଏବଂ ଔଷଧାଦି ମିଳିବା ମଧ୍ୟ ସହଜ ହୁଏନି। ଗ୍ରାମାଞ୍ଚଳର ଅଧିକାଂଶ ମହିଳା ରୋଷେଇ ଲାଗି ପାରମ୍ପରିକ ଭାବେ ଶୁଖିଲା କାଠ, ଗୋବରରୁ ପ୍ରସ୍ତୁତ ଘସି, କୁଟାକାଠି ଆଦି ଜାଳେଣି ବ୍ୟବହାର କରିଆସୁଛନ୍ତି। ସହରାଞ୍ଚଳରେ ଏହି ସ୍ଥିତି ଅପେକ୍ଷାକୃତ କମ୍ ହେଲେ ମଧ୍ୟ ବସ୍ତିଅଞ୍ଚଳର ବାସିନ୍ଦା ଘସି ଓ କୋଇଲାକୁ ଜାଳେଣି ରୂପେ ରୋଷେଇ ଲାଗି ବ୍ୟବହାର କରିଥାନ୍ତି। ଏହି ସବୁ କଠିନ ଜାଳେଣି ସଂପୂର୍ଣ୍ଣ ଦହନ ନହେବା ଯୋଗୁଁ ପ୍ରବଳ ଧୂଆଁ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହେବା ସହିତ ବ୍ୟାପକ ପରିମାଣର ଧୂଆଁ ବାହାରି ପରିବେଶକୁ ପ୍ରଦୂଷିତ କରିଥାଏ। ଉପକୂଳବର୍ତ୍ତୀ ଗ୍ରାମାଞ୍ଚଳର ଅନୁସୂଚିତ ଜାତି ହୁଅନ୍ତୁ କିମ୍ବା ପାର୍ବତ୍ୟାଞ୍ଚଳର ଗିରିଜନ; ସେମାନଙ୍କ ଲାଗି ଏହି କଠିନ ଜାଳେଣି ସହଜ ଉପଲବ୍ଧ ହୋଇଥାଏ। ଏଲପିଜି ରନ୍ଧନ ଗ୍ୟାସ ସେଠାକାର ଅଞ୍ଚଳରେ କିଛିଟା ଉପଲବ୍ଧ ହେଉଥିଲେ କିମ୍ବା ଏହାକୁ ବ୍ୟବହାର କରିବାକୁ ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ଦୂରବସ୍ଥା କାରଣରୁ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରିବାକୁ ସେମାନେ ସମର୍ଥ ହୋଇନଥାନ୍ତି। ଫଳରେ କଠିନ ଜାଳେଣି ପୋଡିବା ଦ୍ୱାରା ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଥାଏ। ଶ୍ୱାସନଳୀ ସଂକ୍ରମଣ, ଆଜ୍ମା, କର୍କଟ, ହୃଦ୍‌ଘାତ ତଥା ଅନ୍ୟାନ୍ୟ ବିଷାକ୍ତ ଧୂଆଁଜନିତ ରୋଗ ସେମାନଙ୍କୁ ଆକ୍ରାନ୍ତ କରିଥାଏ। ଏହାର ପ୍ରତିକାର କରିବା ଓ ଗରିବ ତଥା ବିପିଏଲ ପରିବାରକୁ ସୁସ୍ଥ, ନିରୋଗ ରଖିବା ସହିତ ସେମାନଙ୍କ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଛନ୍ତି। ଏହାଦ୍ୱାରା ଗରିବଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଘଟାଇବା, ସ୍ୱାସ୍ଥ୍ୟଗତ ସମସ୍ୟାର ନିରାକରଣ କରି ତତ୍‌ଜନିତ ଚିକିତ୍ସାଗତ ଖର୍ଚ୍ଚକୁ ରୋକିବା ଏବଂ ସର୍ବୋପରି ବାୟୁମଣ୍ଡଳ ଓ ପରିବେଶକୁ ସୁରକ୍ଷା ରଖି ଜଳବାୟୁ ପରିବର୍ତ୍ତନ ଦିଗରେ ସକାରାତ୍ମକ କାର୍ଯ୍ୟ କରିବା ହିଁ ଏହି ଯୋଜନାର ମହତ ଉଦ୍ଦେଶ୍ୟ।

ଆମ ରାଜ୍ୟ ଓଡ଼ିଶାରେ ଏହି ଯୋଜନାର ସଫଳ ରୂପାୟନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଆଦିବାସୀବହୁଳ, ଗରିବ ରାଜ୍ୟ ଭାବେ ଓଡ଼ିଶାର ସ୍ଥିତିକୁ ଆଖିଆଗରେ ରଖି ଏହି ଯୋଜନାକୁ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଠାରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଏଭଳି କୌଣସି ବିପିଏଲ ପରିବାର ରହିବନି ଯାହାପାଖରେ ଉଜ୍ଜ୍ୱଳା ଯୋଜନାର ସଫଳତା ନପହଞ୍ଚିବ; ଏହି ଲକ୍ଷ୍ୟ ତୈଳ ମନ୍ତ୍ରଣାଳୟ ପକ୍ଷରୁ ରଖାଯାଇଛି। ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ଗରିବ ମୁଣ୍ଡ ଗଣନା ଅନୁପାତ (ଏଚସିଆର)ର ହିସାବ କହୁଛି ବିହାର ପରେ ଓଡ଼ିଶା ହେଉଛି ଦ୍ୱିତୀୟ ଗରିବ ରାଜ୍ୟ। ଓଡ଼ିଶାର ମୋଟ ଜନସଂଖ୍ୟାର ୩୨.୬ ପ୍ରତିଶତ ହେଉଛନ୍ତି ଗରିବ। ଦେଶରେ ୨୯ ରାଜ୍ୟ ଓ ୭ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ଓଡ଼ିଶା ଏବଂ ମଧ୍ୟପ୍ରଦେଶର ଗ୍ରାମାଞ୍ଚଳରେ ହିଁ ରହିଛନ୍ତି ସର୍ବାଧିକ ଦରିଦ୍ର୍ୟ ଶ୍ରେଣୀର ଲୋକ। ଓଡ଼ିଶାର ଗ୍ରାମାଞ୍ଚଳରେ ବିପିଏଲ ପରିବାର ୩୫.୭ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ଏହି ସଂଖ୍ୟା ୧୭.୩ ପ୍ରତିଶତ। ଜାତୀୟ ସ୍ତରରେ ଦାରିଦ୍ର୍ୟ ହାର (ଏଚସିଆର) ୨୧.୯ ପ୍ରତିଶତ ଥିବାବେଳେ ଓଡ଼ିଶା, ବିହାର, ଆସାମ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଏହି ଗରିବୀ ହାର ସର୍ବଭାରତୀୟ ସ୍ତରଠାରୁ ବହୁ ଉପରେ ରହିଛି। ଏହି ଦୃଷ୍ଟିରୁ କେନ୍ଦ୍ର ସରକାର ଏସବୁ ରାଜ୍ୟମାନଙ୍କ ସହିତ ମିଶି ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳ ଓଡ଼ିଶା ଅଧିବାସୀଙ୍କ ମାସିକ ମୁଣ୍ଡପିଛା ହାର ହିଁ ସୂଚାଉଛି ରାଜ୍ୟର ଆର୍ଥିକ ଦୂରବସ୍ଥା। ଅବଶ୍ୟ ଗତ ଦଶନ୍ଧିରେ ଏଥିରେ କିଛିଟା ପରିବର୍ତ୍ତନ ଘଟିଛି। ଗ୍ରାମାଞ୍ଚଳ ଓଡ଼ିଶାର ମାସିକ ମୁଣ୍ଡପିଛା

ଖର୍ଚ୍ଚ (ଏମପିସିଇ) ଅନ୍ୟ ସମସ୍ତ ରାଜ୍ୟଠାରୁ ପଛରେ । ମାସିକ ୧,୦୦୩ (ଏକହଜାର ତିନି) ଟଙ୍କା ମୁଣ୍ଡପିଛା ଗ୍ରାମୀଣ ଓଡ଼ିଶାର ଲୋକଟିଏ ଖର୍ଚ୍ଚ କରିବାର ସାମର୍ଥ୍ୟ ରଖେ । ଏଥିରୁ ୫୭.୨ ପ୍ରତିଶତ (ଅର୍ଥାତ୍ ୫୭୦ ଟଙ୍କା ) କେବଳ ତା'ର ଖାଦ୍ୟ ବାବଦରେ ମାସିକ ବ୍ୟୟ କରିଥାଏ । ସହରାଞ୍ଚଳ ଓଡ଼ିଶାର ବ୍ୟକ୍ତିଟିର ମୁଣ୍ଡପିଛା ମାସିକ ଆର୍ଥିକ ବ୍ୟୟ ଗ୍ରାମାଞ୍ଚଳ ଅପେକ୍ଷା କିଛିଟା ବେଶୀ ହେଲେ ମଧ୍ୟ ଉତ୍ସାହପ୍ରଦ ନୁହେଁ । ଏଠି ବ୍ୟକ୍ତିଟିର ମୁଣ୍ଡପିଛା ମାସିକ ଖର୍ଚ୍ଚ ୧,୯୪୧ ଟଙ୍କା । ଏଥିରୁ ୪୫.୪ ପ୍ରତିଶତ (ପାଖାପାଖି ୯୦୦ ଟଙ୍କା) ଖାଇବାରେ ଖର୍ଚ୍ଚ କରେ । ବିହାର, ୟୁପି, ମଧ୍ୟପ୍ରଦେଶରେ ଏହି ସ୍ଥିତି ଓଡ଼ିଶାଠାରୁ ମଧ୍ୟ ତଳେ ଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ପ୍ରକାଶ ।

ସେହିଭଳି ମାନବ ବିକାଶ ସୂଚକାଙ୍କ (ଏଚଡିଆଇ)ରେ ମଧ୍ୟପ୍ରଦେଶ (୫୬), ଆସାମ (୫୫)ଠାରୁ ଓଡ଼ିଶା ସାମାନ୍ୟ ଉନ୍ନତ ସ୍ଥିତି(୫୩ତମ ସ୍ଥାନ)ରେ ରହିଛି । ଏଠି ମାତୃ ଓ ଶିଶୁମୃତ୍ୟୁହାର କିଛିଟା କମିଥିବାବେଳେ ଜାତୀୟ ହାର କିନ୍ତୁ ୪୨ । ଜାତୀୟ ମୃତ୍ୟୁହାର ୭ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୮.୫ ପ୍ରତିଶତ ରହିବା ନିଶ୍ଚିତ ରୂପେ ଚିନ୍ତାଜନକ ।

ସାମାଜିକ-ଆର୍ଥିକ ସୂଚକାଙ୍କ (ଏଚଡିଆଇ) ଅନୁଯାୟୀ, ଓଡ଼ିଶାରେ ଗ୍ରାମାଞ୍ଚଳରେ ବେକାରୀ ସଂଖ୍ୟା ଅଧିକ । ରାଜ୍ୟର ଗ୍ରାମାଞ୍ଚଳରେ ଏଠି ପ୍ରତି ଏକ ହଜାରରେ ୨୨ ଜଣ ବେକାର ଥିବାବେଳେ ସହରାଞ୍ଚଳରେ ଏହା ୩୫ ରହିଛି । ତେବେ ବେକାରୀ ତାଲିକାରେ କେରଳ ଆଗରେ ଓ ଏହା ପଛକୁ ଆସାମ, ବିହାର, ପଶ୍ଚିମବଙ୍ଗ, ହରିୟାଣା ଏବଂ ଓଡ଼ିଶା ରହିଛି । ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆମ ରାଜ୍ୟରେ ( ୧୫ରୁ ୫୯ ବର୍ଷ ବୟସ୍କା) ମହିଳା ଶ୍ରମଶକ୍ତି ଉପଯୋଗ ହାର (ଏଲଏଫପିଆର) ଜାତୀୟସ୍ତରର ହାରଠୁ ମଧ୍ୟ ତଳେ । ବିଶେଷକରି ସ୍ୱାବଲମ୍ବୀ ହେବା, ଉତ୍ତମ ତଥା କୁଶଳୀ ଶ୍ରମଶକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟରେ ବାଣିଜ୍ୟିକ କାର୍ଯ୍ୟାଳୟ ଓ ବ୍ୟାଙ୍କ ସଂଖ୍ୟା ମଧ୍ୟ କମ୍ । ଓଡ଼ିଶାରେ ୩,୭୮୨ଟି ବାଣିଜ୍ୟିକ ବ୍ୟାଙ୍କ ଥିବାବେଳେ ଅନ୍ୟ "ବିମାରୁ" (BIMARU) ରାଜ୍ୟ ଗୁଡିକରେ କିନ୍ତୁ ଏହି ସଂଖ୍ୟା ୫ ହଜାରରୁ ଅଧିକ ରହିଛି ।

ଅନ୍ୟପକ୍ଷରେ ଓଡ଼ିଶାର ଜନସଂଖ୍ୟା ସ୍ଥିତିକୁ ଦେଖିଲେ ରାଜ୍ୟରେ ମୋଟ ଜନସଂଖ୍ୟାର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ରହନ୍ତି । ୨୦୧୧ ଜନଗଣନା ତଥ୍ୟ ଆଧାରରେ ରାଜ୍ୟରେ ମୋଟ ଜନସଂଖ୍ୟା ୪ କୋଟି ୧୯ ଲକ୍ଷ ୭୫ ହଜାର ଥିବାବେଳେ ସେଥିରୁ ଅନୁସୂଚିତ ଜନଜାତିର ୯୫ ଲକ୍ଷ ୯୧ ହଜାର ଓ ଅନୁସୁଚିତ ଜାତିର ୭୧ ଲକ୍ଷ ୮୯ ହଜାର । ଜନଜାତି ବର୍ଗ ୨୨.୮୫ ପ୍ରତିଶତ ଥିବାବେଳେ ତଫସିଲଭୁକ୍ତ ଜାତିର ୧୭.୧୩ ପ୍ରତିଶତ ଲୋକ ଓଡ଼ିଶାରେ ଅଛନ୍ତି । ଏହି ଦୁର୍ବଳବର୍ଗଙ୍କ ବିକାଶ ତଥା ସର୍ବାଙ୍ଗୀନ ଉନ୍ନତି ଲାଗି ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ଉଜ୍ଜ୍ୱଳା ଭଳି ଏକାଧିକ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି । ଏସ୍‌ସି, ଏସ୍‌ଟି ସମେତ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ)ର ସମସ୍ୟା ସମାଧାନ ଓ ଅଭାବ ଅସୁବିଧା ପୂରଣ ଲାଗି ଯୋଜନା ଓ ପୁର୍ନନିର୍ମାଣ ବିଭାଗ ୧୯୪୭-୪୮ରୁ ଖୋଲାଯାଇ କାର୍ଯ୍ୟ କରିଆସୁଛି । ବିଶେଷକରି ଉପାନ୍ତ ତଥା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, କେନ୍ଦୁଝର ଆଦି ଜିଲାର ଗ୍ରାମାଞ୍ଚଳର ଲୋକଙ୍କ ସ୍ଥିତି ଅତ୍ୟନ୍ତ ଦୁର୍ବଳ । ୧୯୫୦ରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେବାପରଠାରୁ ଗ୍ରାମୀଣ କଲ୍ୟାଣ ବିଭାଗର ନାମ ବଦଳି ଏହା ଗିରିଜନ ଓ ଗ୍ରାମୀଣ କଲ୍ୟାଣ ବିଭାଗ ଓ ବର୍ତ୍ତମାନ ସ୍ୱରୂପରେ ଏହା କଲ୍ୟାଣ ବିଭାଗ ଅଧିନରେ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗ ରୂପେ ଗ୍ରାମାଞ୍ଚଳ ଓଡ଼ିଶାରେ ବିକାଶମୂଳକ କାର୍ଯ୍ୟ ତଥା ଯୋଜନା ଉପରେ ଗୁରୁତ୍ୱ ଦେଇଆସୁଛି ।

ସ୍ୱାସ୍ଥ୍ୟ ହିଁ ସମ୍ପଦ । ପୂର୍ଣ୍ଣତଃ ଜୀବନ ଧାରଣ ପାଇଁ ଏହାର ଭୂମିକା କ'ଣ ତାହା ସଭିଙ୍କୁ ଜଣା । ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରି, ଏକ ନିରୋଗ ଜୀବନ ଦାନ ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ ଆରମ୍ଭ କରି ସର୍ବଭାରତୀୟ ସ୍ତରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକରି ଚାଲୁଛି । ଏଥିପାଇଁ ବିଶ୍ୱ ବ୍ୟାଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଜନତାଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବାକୁ ବାର୍ଷିକ କୋଟି କୋଟି ଟଙ୍କା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜରିଆରେ ଖର୍ଚ୍ଚ କରୁଛନ୍ତି । ସରାକାରୀ ଚାକିରିଆ, ଘରୋଇ ଉଦ୍ୟୋଗରେ କାର୍ଯ୍ୟରତ ଓ ବ୍ୟବସାୟୀ ପରିବାରଙ୍କ ଆୟ ଅଧିକ ଥିବାରୁ ସେମାନେ ଏଥିପ୍ରତି ଯଥେଷ୍ଟ ସଚେତନତା ଅବଲମ୍ବନ କରିଥାନ୍ତି । ମୋଟ ଜନସଂଖ୍ୟାର ୧୧ ପ୍ରତିଶତଙ୍କ ମାସିକ ଆୟ ୨୦ ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ୪୦ ପ୍ରତିଶତ ଲୋକଙ୍କ ମାସିକ ଆୟ ୫ ହଜାରରୁ କମ୍ । ୩୧ ପ୍ରତିଶତ ବ୍ୟବସାୟୀ ଥିବାବେଳେ ୪୧ ପ୍ରତିଶତ କୃଷିକାର୍ଯ୍ୟରେ ନିର୍ଭରଶୀଳ ଥାଆନ୍ତି । ତେବେ ମୋଟା ଅର୍ଥ ଦେଇ ସ୍ୱାସ୍ଥ୍ୟବୀମା କରିଥିବା ଲୋକଙ୍କ ସଂଖ୍ୟା ୧୦ ପ୍ରତିଶତରୁ କମ୍ । ୩୫ ପ୍ରତିଶତ ଲୋକଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା କାର୍ଡ ଥିବା ବେଳେ ୬୫ ପ୍ରତିଶତ ଲୋକ ଏହି ସରକାରୀ ସୁବିଧାରୁ ଅଦ୍ୟାବଧି ବଞ୍ଚିତ । ସବୁଠୁ ବିଡ଼ମ୍ବନା ହେଉଛି କାର୍ଡଥିବା ୩୫ ପ୍ରତିଶତ ଲୋକଙ୍କ ମଧ୍ୟରୁ ମାତ୍ର ୭ ପ୍ରତିଶତ ପରିବାର ସ୍ୱାସ୍ଥ୍ୟ ସୁବିଧା ପାଉଥିବାବେଳେ ଅବଶିଷ୍ଟ ୯୩ ପ୍ରତିଶତ ଏହାର ବ୍ୟବହାରିକ ସୁବିଧା ସମ୍ପର୍କରେ ଜାଣନ୍ତି ନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ବଲିଆରୁ ଆରମ୍ଭ କରିଛନ୍ତି କ୍ରାନ୍ତିକାରୀ 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା'। 'ଗରିବଙ୍କ ଲାଗି ସମର୍ପିତ ସରକାର' ସ୍ଲୋଗାନ ସାକାର ଲାଗି ରାଷ୍ଟ୍ରର ଦ୍ରାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ) ଥିବା ପରିବାରଙ୍କୁ ମାଗଣାରେ ରୋଷେଇ ଗ୍ୟାସ ଯୋଗାଇବା ଏହି ଯୋଜନାର ଉଦ୍ଦେଶ୍ୟ। ତିନି ବର୍ଷରେ ପାଞ୍ଚକୋଟି ବିପିଏଲ୍ ପରିବାରକୁ ମିଳିବ ଏହି ରୋଷେଇ ଗ୍ୟାସ୍ ସଂଯୋଗ। ଯୋଜନାଟି ଏଇଥିଲାଗି କ୍ରାନ୍ତିକାରୀ ଯେ, ସ୍ୱଚ୍ଛଳ ପରିବାରଙ୍କୁ ମିଳୁଛି ଗ୍ୟାସ ସବ୍‌ସିଡି। ସେମାନେ ସ୍ୱେଚ୍ଛାକୃତ ଭାବେ ଯେଭଳି ଗ୍ୟାସ୍ ସବ୍‌ସିଡ଼ି ଅର୍ଥ ଛାଡନ୍ତି ସେଥିଲାଗି ଆରମ୍ଭ ହୋଇଛି "ଗିଭ୍ ଇଟ୍ ଅପ୍" ଅଭିଯାନ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଆହ୍ୱାନକ୍ରମେ ୨୭ ମାର୍ଚ୍ଚ ୨୦୧୫ରୁ ଆରମ୍ଭ ହୋଇଥିବା 'ପହଲ' ଯୋଜନାରେ ଅଦ୍ୟାବଧି ଏକ କୋଟି ଗ୍ୟାସ୍ ସଂଯୋଗକାରୀ ସାମିଲ ହେଲେଣି। ଦୈନିକ ସ୍ୱେଚ୍ଛାକୃତ ଭାବେ ଗ୍ୟାସ ସବ୍‌ସିଡି ଛାଡ଼ିବା ଲୋକଙ୍କ ସଂଖ୍ୟା ଅଭୂତପୂର୍ବ ଭାବେ ବଢ଼ିବାରେ ଲାଗିଛି। ସ୍ୱଚ୍ଛଳ ପରିବାର ସବ୍‌ସିଡି ଛାଡ଼ିବା ଓ ଏହି ଧନରାଶିକୁ ଗରିବ ପରିବାରକୁ ଏକ ଭିନ୍ନ ଢଙ୍ଗରେ ପହଞ୍ଚାଇବାର ଉଦ୍ୟମ ହେଉଛି 'ଉଜ୍ଜ୍ୱଳା'। ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ, ଗରିବ ବିପିଏଲ୍ ପରିବାରକୁ ସୁସ୍ଥ, ନିରୋଗ ତଥା ସୁରକ୍ଷିତ ରଖିବା ଏବଂ ସେମାନଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଆଣିବା ପାଇଁ ତୈଳ ମନ୍ତ୍ରଣାଳୟର ଏହି ଯୋଜନାକୁ ସବୁ ମହଲରୁ ସ୍ୱାଗତ ଓ ସ୍ୱୀକୃତି ମିଳିଛି। ୧୯୫୫ରୁ ସରକାର ସବ୍‌ସିଡି ଜରିଆରେ ରୋଷେଇ ଗ୍ୟାସ ସଂଯୋଗ ଦେଉଛନ୍ତି। ୬୦ ବର୍ଷରେ ସଂଯୋଗକାରୀଙ୍କ ସଂଖ୍ୟା ମାତ୍ର ୧୩ କୋଟି ଥିବାବେଳେ ଦୁଇବର୍ଷର ମୋଦି ସରକାରଙ୍କ ସମୟରେ ଏହା ୩ କୋଟି ବଢି ୧୬ କୋଟିରେ ପହଞ୍ଚିଛି। ଏହା ଉଭୟ ପେଟ୍ରୋଲିୟମ ମନ୍ତ୍ରାଳୟ ଓ ଏହାର ଯୁବମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲାଗି କିଛି କମ୍ ସଫଳତା ନୁହେଁ। ଗ୍ୟାସ ସଂଯୋଗକୁ ସହଜ ଓ ସରଳ କରିବା ସହିତ ସବ୍‌ସିଡି ଛାଡ଼ିବା ଅଭିଯାନ ଯେଭଳି ଚାଲିଛି ତାହା 'ଉଜ୍ଜ୍ୱଳା ଯୋଜନା'କୁ ଅନୁରୂପ ସଫଳ ଓ ସାର୍ଥକ କରିବ ବୋଲି ଆଶା। କେନ୍ଦ୍ର ସରକାରଙ୍କ ରାଜକୋଷରୁ ବର୍ଷକୁ ଗ୍ୟାସ ସବ୍‌ସିଡି ବାବଦରେ ୪୦,୦୦୦ କୋଟି ଟଙ୍କା ଯାଉଛି। ଏହି ସବ୍‌ସିଡିକୁ ଭିନ୍ନ ଢ଼ଙ୍ଗରେ ସ୍ୱଚ୍ଛଳବର୍ଗଙ୍କଠାରୁ ଆଣି ଗରିବ ପରିବାରକୁ ଗ୍ୟାସ ସଂଯୋଗ ଯୋଗାଇବା 'ଉଜ୍ଜ୍ୱଳା'ର ଲକ୍ଷ୍ୟ। ଏହାଦ୍ୱାରା ଗରିବ ପରିବାରର ରୋଷେଇ ଏକ ଧୂମ୍ରମୁକ୍ତ ପରିବେଶରେ ହେବ ଏବଂ ସେହି ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ପାରିବ।

ମଦ୍ୟପାନ ଜନିତ ଲୋକଙ୍କ ସଂଖ୍ୟା ୪୪ ପ୍ରତିଶତ ଥିବାବେଳେ ଧୂମପାନ ତଥା ଅନ୍ୟାନ୍ୟ ଧୂଆଁ ଜନିତ ରୋଗାକ୍ରାନ୍ତଙ୍କ ସଂଖ୍ୟା ୬୬ ପ୍ରତିଶତ ରହିଛି। ମାଲେରିଆରେ ୧୦%, ଜ୍ୱର ୩୭%, କାମଳ ୫%, ଦୁର୍ଘଟଣା ୭%, ଥଣ୍ଡା-କଫ ୧୧%, ମଧୁମେହ ୫%, ଟାଇଫଏଡ଼ ୩%, ହୃଦ ସମସ୍ୟା ୨%, ଅନ୍ୟାନ୍ୟ ୧୦% ଓ ରୋଗ ନଥିବା ଲୋକଙ୍କ ସଂଖ୍ୟା ୧୦ ପ୍ରତିଶତ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଧୂଆଁ ଜନିତ ବିଭିନ୍ନ ରୋଗରେ ପ୍ରାୟ ୩୩% ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥାନ୍ତି। ସେଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ସର୍ବାଧିକ। ସ୍ୱାସ୍ଥ୍ୟ ସମସ୍ୟା ନେଇ ପ୍ରତି ପରିବାରର ବଜେଟ୍‌ରୁ ଯେଉଁ ଅର୍ଥ ବିନିଯୋଗ ହୋଇଥାଏ ସେଥିମଧ୍ୟରୁ ୮୦ଭାଗ ଲୋକ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଇଥିବାରୁ ସେମାନଙ୍କୁ ଡାକ୍ତରୀ ଫିସ୍ ଦେବାକୁ ପଡ଼ିନଥାଏ। ୧୨ ପ୍ରତିଶତଙ୍କୁ (୫୦୦ ଟଙ୍କା), ୪% (୫୦୦ ରୁ ୧୦୦୦), ୪% (୧୦୦୦ ରୁ ୫୦୦୦ ଟଙ୍କା) ପର୍ଯ୍ୟନ୍ତ ଡାକ୍ତରୀ ଫିସ୍ ଦେବାକୁ ପଡିଥାଏ। ସେହିଭଳି ଔଷଧ ବାବଦରେ ୧୯% ସରକାରୀ ମାଗଣା ଔଷଧ ପାଉଥିବା ବେଳେ ୨୬% ୫୦୦ ଟଙ୍କା ପର୍ଯ୍ୟନ୍ତ, ୯ ପ୍ରତିଶତ ୧,୦୦୦ ପର୍ଯ୍ୟନ୍ତ ଓ ୨୦ ପ୍ରତିଶତ ୫,୦୦୦ ପର୍ଯ୍ୟନ୍ତ ଏବଂ ୨୬ ପ୍ରତିଶତ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥାନ୍ତି। ଖଟିଆ ଖର୍ଚ୍ଚ ବାବଦରେ ୯୧ ପ୍ରତିଶତ ଟଙ୍କାଟିଏ ଅର୍ଥ ବିନିଯୋଗ କରୁ ନଥିବାବେଳେ ୬% (୫୦୦ ଟଙ୍କା), ୨% (୧୦୦୦ ଟଙ୍କା), ୧% (୫୦୦୦ ଟଙ୍କା) ବ୍ୟୟ କରିଥାନ୍ତି। ଡାକ୍ତରଖାନାକୁ ପହଞ୍ଚିବାଲାଗି ୪୯ ପ୍ରତିଶତ ପରିବାର ୧୦୮ ଓ ଅନ୍ୟାନ୍ୟ ମାଗଣା ଆମ୍ବୁଲାନ୍ସ ସେବା ଉପଲବ୍ଧ କରୁଥିବା ବେଳେ ୩୫ ପ୍ରତିଶତ ୫୦୦ ଟଙ୍କା, ୧୦% ୧୦୦୦ ଟଙ୍କା ଓ ୮% ୫୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥାନ୍ତି। ମାଗଣା ଡାକ୍ତରୀ ସେବାଠାରୁ ଔଷଧ, ଖଟିଆ, ରହିବା, ଖାଇବା ଓ ଯାତାୟତ ବାବଦ ପ୍ରଭୂତ ଅର୍ଥ ଏକ ସଂଖ୍ୟାଧିକ ଜନତାଙ୍କ ପାଇଁ ସରକାରଙ୍କୁ ହିଁ ବହନ କରିବାକୁ ପଡ଼ିଥାଏ। ସରକାରୀ ମାଗଣା ଚିକିତ୍ସା ସତ୍ତ୍ୱେ ଗ୍ରାମାଞ୍ଚଳର ଗରିବ ପରିବାରକୁ ତା' ଉପାର୍ଜିତ ଅର୍ଥର ୨୦%ରୁ ଊର୍ଦ୍ଧ୍ୱ ଚିକିତ୍ସା ବାବଦରେ ଖର୍ଚ୍ଚ କରିବାକୁ ପଡ଼ିଥାଏ। ରୋଗହେଲେ ପରିବାରକୁ ପ୍ରତି ଶହେଟଙ୍କା ଖର୍ଚ୍ଚ ଉପରେ ୨ ଟଙ୍କା ଲେଖାଏଁ ଉଭୟ ବୀମା ସହାୟତା ଓ ନିଯୁକ୍ତିଦାତାଙ୍କ ଠାରୁ ଆର୍ଥିକ ସହାୟତା ମିଳୁଥିବାବେଳେ ୧୦୦ ଟଙ୍କା ପାଇଁ ନିଜ ପକେଟରୁ ୬୪ ଟଙ୍କା, ଜମିବାଡ଼ି ବା ଜିନିଷ ବିକି ୧୨ ଟଙ୍କା ଏବଂ ୨୦ ଟଙ୍କା ଅନ୍ୟ ସୂତ୍ରରୁ ଧାର-କରଜ କରିବାକୁ ପଡ଼ିଥାଏ। ସରକାରୀ ସ୍ୱାସ୍ଥ୍ୟ ସେବା ବାବଦରେ ଯଦି ଆମେ କେବଳ କୋରାପୁଟ ଜିଲାର ଖର୍ଚ୍ଚ ହିସାବକୁ ଧରିବା ତେବେ କେନ୍ଦ୍ର ସରକାରଙ୍କ ତଥ୍ୟ ଆଧାରରେ ଏହି ଜିଲାକୁ ଏନ୍‌ଆର୍‌ଏଚ୍‌ଏମ୍ ବାବଦରେ ୨୬୮୦.୬୩ ଲକ୍ଷ ଟଙ୍କା ୨୦୧୨-୧୩ ଆର୍ଥିକ ବର୍ଷରେ

ଦିଆଯାଇଛି । ଯଦି ଲୋକଙ୍କୁ ରୋଗପ୍ରତି ସଚେତନ କରାଯାଇ ପାରନ୍ତା ଏବଂ ସର୍ବାଧିକ ପ୍ରଦୂଷଣଯୁକ୍ତ ସଂକ୍ରମଣକୁ ରୋକି ହୁଅନ୍ତା ତେବେ ଏହି ପ୍ରଭୂତ ଅର୍ଥ ଜିଲାର ସାମଗ୍ରିକ ବିକାଶ ଲାଗି ଖର୍ଚ୍ଚ ହୋଇପାରନ୍ତା । ଗ୍ରାମାଞ୍ଚଳ ଭାରତର ୭୦ପ୍ରତିଶତ ଲୋକ ଏବେ ବି ପାରମ୍ପରିକ ଶକ୍ତି ଯଥା- କାଠ, କୋଇଲା, ଗୋବର ଘଷି, କୁଟା-କାଠି ଆଦି କଠିନ ଜାଳେଣି ଜାଳି ରୋଷେଇ କରିଥାନ୍ତି । ଏହାଦ୍ୱାରା ଘର ଭିତର କେବଳ ଧୂଆଁମୟ ହୋଇ ନ ଥାଏ; ବାହ୍ୟ ପରିବେଶରେ ବାୟୁ ପ୍ରଦୂଷଣ ମଧ୍ୟ ସୃଷ୍ଟି କରିଥାଏ । ବିଶ୍ୱ ଜଳବାୟୁ ପରିବର୍ତ୍ତନ, ସବୁଜ ଘର ପ୍ରଭାବ, ପାଣିପାଗ ପରିବର୍ତ୍ତନ ଏହାର ଗୋଟିଏ ଗୋଟିଏ କାରଣ ନିଶ୍ଚୟ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ସୂଚନା ଅନୁଯାୟୀ ବିଶ୍ୱରେ କଠିନ ଜାଳେଣିଜନିତ ପ୍ରଦୂଷଣରୁ ବର୍ଷକୁ ୪ କୋଟି ୩୦ ଲକ୍ଷ ଲୋକଙ୍କ ଅକାଳ ମୃତ୍ୟୁ ଘଟୁଛି । ସେଥିରୁ ଆମ ଦେଶରେ ୮ ଲକ୍ଷ ଲୋକ ଏଥିଯୋଗୁଁ ନିମୋନିଆ, ଆଜମା, ଶ୍ୱାସଗତ ବେମାରୀ ଏବଂ ହୃଦ୍‌ଘାତରେ ମରୁଛନ୍ତି । ବିଶେଷକରି ଗ୍ରାମାଞ୍ଚଳରେ ୫ବର୍ଷରୁ କମ୍ ବୟସର ପିଲାଙ୍କ ୫୦ ପ୍ରତିଶତ ନିମୋନିଆ ମୃତ୍ୟୁର କାରଣ କାଠଚୂଲା ବୋଲି ହୁ' ରିପୋର୍ଟରୁ ପ୍ରକାଶ । ମିଳିଥିବା ତଥ୍ୟ ଅନୁସାରେ; କଠିନ ଜାଳେଣି ସମ୍ପୂର୍ଣ୍ଣ ଦହନ ହେଉନଥିବାରୁ ଏଥିରୁ ପ୍ରବଳ ମାତ୍ରାରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ଉପାଦାନ ସୃଷ୍ଟି ହୋଇଥାଏ । ଯାହାକି ପରିବାର ସଦସ୍ୟଙ୍କ ଶ୍ୱାସନଳୀକୁ ଅବରୋଧ କରିଥାଏ । ଏଥିଯୋଗୁଁ ଆଜ୍‌ମା, ନିମୋନିଆ, ବ୍ରୋଙ୍କାଇଟିସ୍ ଭଳି ହୃଦ୍‌ବକ୍ଷ ଓ କର୍କଟ ରୋଗ ସୃଷ୍ଟି କରିଥାଏ । ନିମୋନିଆରେ ୧୨ ପ୍ରତିଶତ, ହୃଦ୍‌ଘାତରେ ୩୪%, କ୍ରୋନିକ୍ ବ୍ୟାଧିରେ ୨୨% ଏବଂ ଫୁସ୍‌ଫୁସୀୟ କର୍କଟରେ ୬ ପ୍ରତିଶତ ମୃତ୍ୟୁ ଘଟୁଥିବା ରିପୋର୍ଟରୁ ପ୍ରକାଶ ।

ଶରୀର ଅଛି ଅର୍ଥ ରୋଗ ତ ରହିଛି । ତେବେ ଆବଶ୍ୟକ ସ୍ୱାସ୍ଥ୍ୟ ସଚେତନତା ଏବଂ ଏଥିପ୍ରତି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇପାରିଲେ ଏହି ସଂଖ୍ୟା ହ୍ରାସ କରାଯାଇପାରିବ । ଉଜ୍ଜ୍ୱଳା ଏଭଳି ଏକ ଯୋଜନା ଯେଉଁଠି ଗରିବ ପରିବାରର ମହିଳା ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ଅନେକ ବେମାରୀରୁ ସୁରକ୍ଷା ଦେବାର ଏକ ରାସ୍ତା ପ୍ରସ୍ତୁତ କରିପାରିବ ବୋଲି ଆଶା କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁସାରେ ଘରର ବାୟୁ ପ୍ରଦୂଷଣ ଯୋଗୁଁ ୪୦ ଲକ୍ଷ ଅପମୃତ୍ୟୁ ଘଟୁଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ରହୁଛନ୍ତି । କଠିନ ତଥା ବର୍ଜ୍ୟ ଜାଳେଣୀ ଦହନ ଦ୍ୱାରା ସୃଷ୍ଟି ହେଉଥିବା କଳା ଓ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ବିଷାକ୍ତ ଗ୍ୟାସରୁ ଏଭଳି ମୃତ୍ୟୁ ଘଟୁଥିବା ଜଣାପଡ଼ିଛି । କାଠ ଜାଳିବାଦ୍ୱାରା କେବଳ ପରିବେଶ ପ୍ରଦୂଷିତ ହୁଏନି ବରଂ ଏହାଦ୍ୱାରା ଜଙ୍ଗଲ ଧ୍ୱଂସ ପାଇ ଆମ ପରିବେଶୀୟ ସଂନ୍ତୁଳନ ବିଗିଡ଼ିଥାଏ । ସବୁଜ ଘର ପ୍ରଭାବ ସହ ତାପାମାତ୍ରା ବୃଦ୍ଧି ଓ ବର୍ଷା ପରିମାଣ ହ୍ରାସ ପାଇଥାଏ । ତେଣୁ ତରଳୀକୃତ ପେଟ୍ରୋଲିୟମ ଇନ୍ଧନ (ଏଲପିଜି) ଦ୍ୱାରା ଏସବୁ ସମସ୍ୟାକୁ ଅନେକାଂଶରେ ରୋକାଯାଇ ପାରିବ ।

ଏଲପିଜି ଭଳି ତରଳ ଗ୍ୟାସ ଇନ୍ଧନ ଜଳିବା ଦ୍ୱାରା କେବଳ ଘର ନୁହେଁ; ବାହାରର ବାୟୁମଣ୍ଡଳ ମଧ୍ୟ ପ୍ରଦୂଷଣମୁକ୍ତ ରହିଥାଏ । ଯାହାଦ୍ୱାରା ଗ୍ରାମାଞ୍ଚଳ ଭାରତର ଏକ ବୃହତ୍ ଅଂଶ ସୁସ୍ଥ ତଥା ନିରୋଗ ରହିବା ସମ୍ଭବ । ଏହାକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ ମନ୍ତ୍ରାଳୟର ଏହି 'ଉଜ୍ଜ୍ୱଳା ଯୋଜନା'କୁ ମହତ୍ୱାକାଂକ୍ଷୀ ତଥା ଦୂରଦୃଷ୍ଟି ସମ୍ପନ୍ନ କୁହାଯାଇପାରିବ । ଗ୍ରାମୀଣ ଗରିବ ପରିବାରର କେବଳ ସ୍ୱାସ୍ଥ୍ୟ ନୁହେଁ ଅର୍ଥନୈତିକ ସମୃଦ୍ଧି କ୍ଷେତ୍ରରେ 'ଉଜ୍ଜ୍ୱଳା' ଏକ ଯୁଗାନ୍ତକାରୀ ପଦକ୍ଷେପଟିଏ କହିଲେ ଅତ୍ୟୁକ୍ତି ହେବନାହିଁ । ଗୋଟିଏ ବ୍ୟକ୍ତିର ରୋଷେଇ ପାଇଁ ଜଳୁଥିବା କଠିନ ଜାଳେଣିଜନିତ ପ୍ରଦୂଷଣ ଧୂଆଁ ୪୦୦ ସିଗାରେଟ୍ ଟାଣିବା ଧୂଆଁଠାରୁ ଅଧିକ କ୍ଷତିକାରକ ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି । ଏଥିରୁ ଅନୁମିତ ଗାଁ ଗହଳିର ମା'-ମାଉସୀମାନେ ତାଙ୍କ ଜୀବନକାଳ ଭିତରେ ରୋଷେଇଘରୁ କି ପ୍ରକାର ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । 'ଉଜ୍ଜ୍ୱଳା ଯୋଜନା'ର ଆର୍ଥିକ ବିନ୍ଦୁଟି ହେଉଛି ଏହା ଉଭୟ ପରିବେଶ ଓ ବ୍ୟକ୍ତିକୁ ସୁସ୍ଥ ରଖିବା ସହ ସେମାନଙ୍କ ଅଯଥା ଔଷଧ ତଥା ଚିକିତ୍ସା ଖର୍ଚ୍ଚକୁ ବଞ୍ଚାଇଥାଏ । କଠିନ ଜାଳେଣି ଦହନ ଦ୍ୱାରା ସୃଷ୍ଟ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ବାରମ୍ବାର ଡାକ୍ତରଖାନା ଦୌଡ଼ା, ଔଷଧ ଓ ଅନ୍ୟାନ୍ୟ ବାବଦ ଅର୍ଥଶ୍ରାଦ୍ଧ କରିବାକୁ ପଡ଼ିଥାଏ । ଗରିବ ପରିବାରର କୌଣସି ସଦସ୍ୟ ରୋଗାକ୍ରାନ୍ତ ହେଲେ ସେମାନଙ୍କ ଚିକିତ୍ସା କେତେ ଯେ କଷ୍ଟକର ଓ ବ୍ୟୟସାପେକ୍ଷ ତାହା ଅନୁଭବୀ ଜାଣେ । ପରିବାରକୁ ଘର, ବିଲ, ବାଡ଼ି ପର୍ଯ୍ୟନ୍ତ ବନ୍ଧକ ରଖିବା କିମ୍ବା ବିକିବାକୁ ପଡ଼ିଥାଏ । ସେ ଦୃଷ୍ଟିରୁ ଏହି ସାମାନ୍ୟ ତଥା ସହଜ ବ୍ୟବସ୍ଥାଟିକୁ ଆପଣେଇବା ଦ୍ୱାରା କେବଳ ଅଯଥା ଖର୍ଚ୍ଚ ନୁହେଁ; ବରଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇପାରେ । ଗ୍ରାମାଞ୍ଚଳ ମହିଳାଙ୍କ ଅସୁସ୍ଥତା, ଅକାଳ ବାର୍ଦ୍ଧକ୍ୟ ପଛରେ ଯେ, ଜାଳେଣି ଜନିତ ପ୍ରଦୂଷଣ ସର୍ବାଗ୍ରେ ରହିଛି ତାହା ଅନେକ ବୁଝିବାକୁ ଏବେବି ଅସମର୍ଥ । ଦେଶର ୧୨୧ କୋଟିରୁ ଉର୍ଦ୍ଧ୍ୱ ଜନତାଙ୍କ ମଧ୍ୟରୁ ଏଲପିଜି ଗ୍ୟାସ ଗ୍ରାହକଙ୍କ ସଂଖ୍ୟା କେବଳ ୧୬ କୋଟି । ସ୍ୱେଚ୍ଛାକୃତ ସବସିଡି ଛାଡ଼ିଥିବା ବ୍ୟକ୍ତିଙ୍କ ଅର୍ଥକୁ ନେଇ ୩ବର୍ଷରେ ୫ କୋଟି ବିପିଏଲ୍ ପରିବାରକୁ 'ଉଜ୍ଜ୍ୱଳା ଯୋଜନା'ରେ ସାମିଲ କରିବା ଏକ ଜଟିଳ ଲକ୍ଷ୍ୟ ହୋଇପାରେ; ମାତ୍ର ଜନତାଙ୍କ ଭାଗିଦାରୀ ଓ ସରକାରଙ୍କ ଆନ୍ତରିକତା ରହିଲେ ଏହା ଅସମ୍ଭବ ନୁହେଁ । 'ପହଲ୍'ର 'ଗିଭ୍ ଇଟ୍ ଅପ୍' କ୍ଷେତ୍ରରେ ମୋଦି ସରକାର ଏହା ପ୍ରମାଣିତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅନୁରୋଧକୁ ଦେଶବାସୀ ଯେଉଁଭଳି ସ୍ୱାଗତ

କରି 'ପହଲ'ରେ ସାମିଲ ହୋଇଛନ୍ତି, 'ଉଜ୍ଜ୍ୱଳା' ଅନୁରୂପ ସଫଳତା ଆଣିବ ବୋଲି ଆଶାବାଦୀ। ସ୍ୱାଧୀନତାର ୬୦ ବର୍ଷ ପରେ ମଧ୍ୟ ଦେଶର ୧୮ ହଜାର ଗାଁରେ ଏବେବି ବିଜୁଳି ଅପହଞ୍ଚ। ଅଗଷ୍ଟ ୧୫ ଲାଲ୍‌କିଲ୍ଲା ପ୍ରାଚୀରରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ଲକ୍ଷ୍ୟ ପଥରେ ଆଗଉଛି। ହରିୟାଣାରୁ 'ବେଟୀ ବଚାଓ, ବେଟୀ ପଢ଼ାଓ' ଅଭିଯାନ ଆରମ୍ଭ କରିଥିଲେ ଶ୍ରୀ ମୋଦି। ହରିୟାଣା ହେଉଛି ଏଭଳି ଏକ ରାଜ୍ୟ ଯେଉଁଠି ପୁରୁଷ ଅନୁସାରେ ମହିଳାଙ୍କ ଲିଙ୍ଗ ଅନୁପାତ ସବୁଠାରୁ କମ୍। କନ୍ୟା ଭ୍ରୂଣହତ୍ୟାକୁ ରୋକିବା ଓ ମହିଳାଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାକୁ ଦେବାଲକ୍ଷ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନର ଶୁଭାରମ୍ଭ ଲାଗି ହରିୟାଣା ବଛାଯାଇଥିଲା। ଏବେ 'ଉଜ୍ଜ୍ୱଳା' ପାଇଁ ଉତ୍ତରପ୍ରଦେଶର ବଲିଆ ଚୟନର ଅନୁରୂପ ପରିସଂଖ୍ୟାନ ଭିତ୍ତିକ ପୃଷ୍ଠଭୂମି ରହିଛି। ଜନସଂଖ୍ୟା ଓ ଭୌଗୋଳିକ ଦୃଷ୍ଟିରୁ ଉତ୍ତରପ୍ରଦେଶ ବୃହତ୍ ରାଜ୍ୟ। ଏଠାରେ ସର୍ବାଧିକ ଏଲପିଜି ସଂଯୋଗକାରୀ (୨.୦୯ ଲକ୍ଷ) ପରିବାର ଅଛନ୍ତି। ଗିଭ୍ ଇଟ୍ ଅପ୍ ଯୋଜନାରେ ମଧ୍ୟ ସର୍ବାଧିକ ସଂଯୋଗକାରୀ ସାମିଲ ରହିଛନ୍ତି। ଗରିବଙ୍କ ସଂଖ୍ୟା ମଧ୍ୟ ଅନ୍ୟରାଜ୍ୟ ଅପେକ୍ଷା ଅଧିକ ରହିଛି। ତେଣୁ ଉତ୍ତରପ୍ରଦେଶକୁ ଯୋଜନାର ଶୁଭାରମ୍ଭ ଲାଗି ବଛାଗଲା। ତେବେ ୟୁପିର ଅନ୍ୟ ଅଞ୍ଚଳ ଅପେକ୍ଷା ବଲିଆରୁ ଆରମ୍ଭ କରିବା ପଛର କାରଣ ହେଉଛି ଏଠାରେ ସବୁଠୁ ଅଧିକ ବିପିଏଲ ପରିବାର ଓ ଅଳ୍ପସଂଖ୍ୟକ ଏଲପିଜି ଗ୍ରାହକ ରହିଛନ୍ତି। ପ୍ରତି ୧୦୦ ପରିବାରରୁ ସଂଯୋଗ ନେଇଛନ୍ତି ମାତ୍ର ୮। ତେଣୁ ପୂର୍ବଭାରତର ଏହି ସ୍ଥାନରୁ ବିକାଶକୁ ତ୍ୱରାନ୍ୱିତ କରିବା ହେଉଛି ସରକାରଙ୍କ ମହତ୍ ଉଦ୍ଦେଶ୍ୟ। ବିଶେଷକରି ରୋଷେଇ ଘରୁ ସ୍ୱାସ୍ଥ୍ୟ ଓ ସୁରକ୍ଷାର ସଚେତନତା ସୃଷ୍ଟିକରି ଭାରତର କୋଣ ଅନୁକୋଣରେ ଏହାକୁ ପହଞ୍ଚାଇବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ଏକଦା ପେଟ୍ରୋଲିୟମ୍‌କୁ ଧନୀକଙ୍କ ସମ୍ପତ୍ତି କୁହାଯାଉଥିଲା। ମାତ୍ର ଏବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ସହଯୋଗୀଙ୍କ ଉଦ୍ୟମରେ ଏହା ଗରିବଙ୍କ ସାମଗ୍ରୀ ପାଲଟିଛି। ପରିବାର ବର୍ଗ ସୁସ୍ଥ ତଥା ସୁରକ୍ଷିତ ରହିଲେ ଏକ ସମୃଦ୍ଧ ରାଜ୍ୟ ତଥା ରାଷ୍ଟ୍ର ଗଠନ କେବଳ ସମ୍ଭବ ହେବନି ବରଂ ଆଗାମୀ ପିଢ଼ି ପାଇଁ ଜୀବନ୍ତ ଗ୍ରହ ପୃଥିବୀର ଜଳବାୟୁ ସୁରକ୍ଷିତ ତଥା ଜୀବନ ଉପଯୋଗୀ ରହିପାରିବ। ଉଜ୍ଜ୍ୱଳା ଯୋଜନା ଏ ଦିଗରେ ଏକ ପ୍ରାରମ୍ଭିକ ସୁଦୂରପ୍ରସାରୀ ପ୍ରୟାସଟିଏ ନିଶ୍ଚୟ।

ଲେଖକ ଓଡ଼ିଶାର ଏକ ପ୍ରମୁଖ ଦୈନିକ ଖବର କାଗଜରେ ସହ-ସଂପାଦକ ଭାବେ କାର୍ଯ୍ୟରତ।

●

## ଓଡ଼ିଶାରେ ପ୍ରତିଷ୍ଠା ହେବ ଜୈବ ସୁରକ୍ଷା ପ୍ରୟୋଗଶାଳା

ଦେଶରେ ଫସଲର ସ୍ଥିତି ଓ କ୍ଷତି ଆକଳନ କରିବା ପାଇଁ କେନ୍ଦ୍ର ସରକାର ଡ୍ରୋନ ଭଳି ଆଧୁନିକ ଟେକ୍ନୋଲୋଜି ବ୍ୟବହାର ଲାଗି ଯୋଜନା କରିଛନ୍ତି । ଗତ ମଇ ୯ ତାରିଖ ଦିନ କଟକ ନିକଟସ୍ଥ ଜାତୀୟ ଧାନ ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଅକ୍ଷୟ ତୃତୀୟା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାଧାମୋହନ ସିଂ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ସରକାର ଓଡ଼ିଶାରେ ଏକ ଜୈବ ସୁରକ୍ଷା ପ୍ରୟୋଗଶାଳା ପ୍ରତିଷ୍ଠା କରିବେ । ଏଥିଲାଗି ୧୩ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରୟୋଗଶାଳାର ଗବେଷଣାଲବ୍ଧ ଜ୍ଞାନ ପୂର୍ବ ଭାରତ ଏବଂ ସାରା ଦେଶର ଚାଷୀଙ୍କ କଲ୍ୟାଣରେ ଲାଗିବ। ଏହାପରେ ଆୟୋଜିତ ଚାଷୀ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଏବେ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଦେଶରେ ପ୍ରାୟ ୫୬% ଜମିକୁ ଜଳସେଚନର ସୁବିଧା ନାହିଁ । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କୃଷି ସଂଚାଇ ଯୋଜନା ଜରିଆରେ ସେଚ ବ୍ୟବସ୍ଥାର ସଂପ୍ରସାରଣ ଲାଗି ପଦକ୍ଷେପ ନେଉଛନ୍ତି । ବୁନ୍ଦା ଜଳସେଚନ ତଥା ସ୍ପ୍ରିଙ୍କଲର ସିଂଚନ ଯନ୍ତ୍ର ସାହାଯ୍ୟରେ ଉପଲବ୍ଧ ଜଳସଂପଦର ସଦ୍‌ବିନିଯୋଗ କରିବାକୁ ପଦକ୍ଷେପ ନେଉଛନ୍ତି । କୃଷି ମନ୍ତ୍ରୀ ଶ୍ରୀ ସିଂ କହିଥିଲେ ଯେ ଏବେ ଅନେକ ରାଜ୍ୟରେ ମାଟି ପ୍ରଦୂଷିତ ହେବାକୁ ଲାଗିଲାଣି । ମାଟି ମାର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେବାକୁ ପଡିବ । ଏହି ପ୍ରୟାସର ଅଂଶସ୍ୱରୂପ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ କରାଯାଇଛି । ତେବେ ରାଜ୍ୟ ସରକାରମାନେ ଏଦିଗରେ ସକ୍ରିୟ ସହଯୋଗ କଲେ ଚାଷୀମାନଙ୍କୁ ନିଜ ନିଜ ଜମିର ସ୍ୱାସ୍ଥ୍ୟ କାର୍ଡ ଶୀଘ୍ର ମିଳିପାରିବ । ଜୈବ କୃଷିର ପ୍ରସାର ଉପରେ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଗୁରୁତ୍ୱ ଦେଉଥିବା ସୂଚନା ଦେଇ କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ ଯେ ୧୦,୦୦୦ କୃଷି କ୍ଲଷ୍ଟର ପ୍ରତିଷ୍ଠା କରିବା ଲାଗି ଲକ୍ଷ୍ୟ ଥିବାସ୍ଥଳେ ଏ ପର୍ଯ୍ୟନ୍ତ ୭୦୦୦ କ୍ଲଷ୍ଟର ପ୍ରତିଷ୍ଠା ହେଲାଣି । ଚାଷୀମାନଙ୍କୁ ସେମାନଙ୍କ କୃଷି ସାମଗ୍ରୀର ଉଚିତ୍ ମୂଲ୍ୟ ଦେବାଲାଗି ଦେଶରେ ପ୍ରଥମଥର ପାଇଁ ଜାତୀୟ କୃଷି ବଜାର-ଇନାମ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ବର୍ତ୍ତମାନ ୧୨ଟି ରାଜ୍ୟ ଏଥିରେ ସାମିଲ ହେଲେଣି ଏବଂ ସେମାନଙ୍କ ବିଧି ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ ଆଣିଲେଣି । ଆଉ ଦୁଇ ବର୍ଷ ମଧ୍ୟରେ ଦେଶର ୫୮୫ ମଣ୍ଡିକୁ ଏହି ଜାତୀୟ କୃଷି ବଜାର ବ୍ୟବସ୍ଥା ନେଟୱାର୍କ ମଧ୍ୟକୁ ଅଣାଯିବ । ଚାଷୀମାନେ ଘରେ ବସି ପ୍ରତ୍ୟେକ ଦିନ ବଜାର ମୂଲ୍ୟସୂଚୀ ଜାଣିପାରିବେ ଏବଂ ସେହି ଅନୁସାରେ ନିଜର କୃଷିଜାତ ସମାଗ୍ରୀ ବିକ୍ରି କରି ଅଧିକ ମୂଲ୍ୟ ପାଇବେ ।

# ସନ ଓ ଅଧିକ କୃଷି ଉତ୍ପାଦନ

ଡ଼କ୍ଟର ଜଗଦିଶ ଚନ୍ଦ୍ର ପାଲ ଓ
ଡକ୍ଟର ବଳରାମ ପାଣିଗ୍ରାହୀ

ଅଧିକ କୃଷି ଉତ୍ପାଦନ ପାଇଁ ଜଳସେଚନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ ସ୍ୱାଧୀନ ହେଲାପରେ ବହୁତ ଗୁଡ଼ିଏ ଜଳସେଚନ ପ୍ରକଳ୍ପ ତିଆରି ହୋଇଛି ।ଭାରତ ସରକାରଙ୍କ ୧୦ମ ପଞ୍ଚବାର୍ଷିକ ଯୋଜନା ଅନୁସାରେ ଜଳସେଚନ ପ୍ରକଳ୍ପ ପାଇଁ ବିଗତ ୫୦ ବର୍ଷ ମଧ୍ୟରେ ଭାରତ ସରକାର ୨,୫୬,୯୭୨ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି । ଏଥିମଧ୍ୟରୁ ୧,୫୫,୩୩୪ କୋଟି ଟଙ୍କା ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଛି । ଦେଶରେ ଅନେକ ଗୁଡ଼ିଏ ବହୁମୁଖୀ ଜଳସେଚନ ପ୍ରକଳ୍ପ ମଧ୍ୟ କାମ କରୁଛି । ଏହି ଜଳସେଚନ ପ୍ରକଳ୍ପ ଯୋଗୁଁ ଆମର ଖାଦ୍ୟ ଶସ୍ୟ ଉତ୍ପାଦନ ଯଥେଷ୍ଟ ବଢ଼ିଛି ଓ ବର୍ଷକୁ ଆମେ ୨ରୁ ୩ଟି ଫସଲ ଜଳସେଚନ ଅଞ୍ଚଳରୁ ପାଇପାରୁଛେ । ସମୁଦାୟ ଖାଦ୍ୟଶସ୍ୟ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ଆମର ୩୦ ପ୍ରତିଶତ ଉପଲବ୍ଧ ଜଳସେଚିତ ଅଞ୍ଚଳରୁ ପାଇପାରୁଛୁ ।

ଜଳସେଚନ ଯୋଗୁଁ ଆମେ ଆଜି କେତେଗୁଡ଼ିଏ ସମସ୍ୟାର ସମ୍ମୁଖୀନ ହୋଇଛୁ। ଚାଷଜମିରେ ଅନବରତ ଜଳସେଚନ ଓ ମାତ୍ରାଧିକ ଜଳର ବ୍ୟବହାର ଯୋଗୁଁ ବହୁତ ଗୁଡ଼ିଏ ସମସ୍ୟା ଉପୁଜିଛି । ଏହା ଫଳରେ ବହୁତ ଗୁଡ଼ିଏ ଜଳସେଚିତ ଅଞ୍ଚଳରେ ଜଳ ନିଷ୍କାସନର ସମସ୍ୟା ଦେଖାଦେଇଛି, ଭୂତଳ ଜଳସ୍ତର ଉପରକୁ ଉଠି ମାଟି ପାଖକୁ ଓ ସ୍ଥାନ ବିଶେଷରେ ମାଟି ଉପରକୁ ଉଠି ଆସି ଜମିରେ ଦଲ୍‌ଦଲି ଅବସ୍ଥା ସୃଷ୍ଟି କରିଛି । ଉତ୍ତର ପ୍ରଦେଶ, ରାଜସ୍ଥାନ, ଗୁଜୁରାଟ, ହରିଆନା, ଏମିତିକି ଓଡ଼ିଶାର ଅଧିକାଂଶ ଜଳସେଚିତ ଜମି ଜଳମଗ୍ନ ହେଲାଣି । ଫଳରେ ଏଠାରେ ଜମିର ଲବଣାଂଶ ବୃଦ୍ଧିପାଇ ମାଟିର ସ୍ୱାସ୍ଥ୍ୟ ଖରାପ ହୋଇଯିବା ସହିତ, ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଏମିତି ଅବସ୍ଥା ଲାଗିରହିଲେ ଓ ଆମେ ଜଳ ନିଷ୍କାସନ ପାଇଁ ଚେଷ୍ଟା ନକଲେ, ବହୁତ ଜଳସେଚିତ ମୂଲ୍ୟବାନ ଜମିରେ ଦୁବଘାସଟିଏ ମଧ୍ୟ ଜଅଁଳିବ ନାହିଁ ।

ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ୨୦୦୩ ମସିହାରେ ଦେଶର ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଅଧିନସ୍ଥ ସମୁଦାୟ ୮୮.୯୯୫ ନିୟୁତ ହେକ୍ଟର ଜମିରୁ ୧.୭୧୯ ନିୟୁତ ହେକ୍‌ଟର ଜମି (୧.୯୩%) ଜଳମଗ୍ନ ହୋଇଯାଇଛି । ସେହିପରି ୮୮.୯୯୫ ନିୟୁତ ହେକ୍ଟର ଜଳସେଚିତ ଜମିରୁ ୧.୦୩୪ ନିୟୁତ ହେକ୍ଟର ଜମି (୧.୧୬ %) ଲବଣାକ୍ତ ହୋଇଯାଇଛି । ଆଉ ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ବୃହତ ଓ ମଧ୍ୟମ ଜଳସେଚିତ ପ୍ରକଳ୍ପରେ ୦.୧୪ ପ୍ରତିଶତ ଜମିରେ ବର୍ଷାଋତୁ ପୂର୍ବରୁ ଭୂତଳ ଜଳ ଉଠି ଆସି ମାଟିତଳୁ ମାତ୍ର ୧ ମିଟର ଗଭୀରରେ ରହିଛି, ଯାହାକି ଶସ୍ୟ ଉତ୍ପାଦନ ପାଇଁ ଅତ୍ୟନ୍ତ ସଙ୍କଟପୂର୍ଣ୍ଣ । ତେବେ ବର୍ଷାଋତୁ ପରେ ଏହା ୦.୧୪ ପ୍ରତିଶତ ରୁ ବଢ଼ି ୧.୯୫ ପ୍ରତିଶତରେ ପହଞ୍ଚିଛି ।ସେହିପରି ବର୍ଷାଋତୁ ପୂର୍ବରୁ ୨.୭୫ ପ୍ରତିଶତ ଜମିର ଭୂତଳ ଜଳସ୍ତର ମାଟିତଳୁ ୧ରୁ ୨ ମିଟର ଗଭୀରରେ ରହିଛି ଓ ଠିକ୍ ବର୍ଷା ଋତୁ ପରେ ଏହା ୧୨.୩୫ ପ୍ରତିଶତକୁ ବୃଦ୍ଧି ପାଇଛି ।

ନିମ୍ନଲିଖିତ କାରଣ ଗୁଡ଼ିକ ଯୋଗୁଁ ଅଧିକାଂଶ ଜମି ଜଳମଗ୍ନ ହେବା ସହିତ ଲବଣାକ୍ତ ହୋଇଯାଉଛି ।

ଜମିରେ ଅତ୍ୟଧିକ ଜଳସେଚନ, ଚାଷ ଜମିରେ ତ୍ରୁଟିପୂର୍ଣ୍ଣ ଜଳପରିଚାଳନା, କେନାଲ ଜଳସେଚିତ ଅଞ୍ଚଳରେ ଅତ୍ୟଧିକ ଧାନ ଫସଲ ଚାଷ ,ଖରିଫ ଋତୁ ପରେ ଜମିରେ ଧାନ ପରେ ପୁଣି ଧାନ ଚାଷ, ଧାନ କ୍ଷେତରେ ସବୁବେଳେ ଅଧିକ ଠିଆପାଣି ଜମାଇ ରଖିବ, କରନାଳୀ ବ୍ୟବହାର ନକରି କ୍ଷେତରୁ କ୍ଷେତ ମାଧ୍ୟମରେ ଧାନ ଜମିରେ ଜଳସେଚନ କରିବା,ସେଚପାଳୀ ବା ୱାରାବନ୍ଦୀ ପଦ୍ଧତିରେ ଜଳସେଚନ ନକରି ସବୁଦିନ ଜମିରେ ପାଣି ମଡ଼ାଇବା,ବୁନ୍ଦା ଓ ସିଞ୍ଚନ ଜଳସେଚନ ପ୍ରଣାଳୀରେ ଜଳସେଚନ ନକରି ପ୍ଳାବନ ପ୍ରଣାଳୀରେ କ୍ଷେତରେ ଜଳସେଚନ କରିବ, ପକ୍କାନାଳୀ ବଦଳରେ ମାଟି ନାଳୀରେ ଜଳସେଚନ କରିବା, ନାଳୀରେ ଅନାବନା ଘାସ ରହିଥିଲେ, ଏହାକୁ ସଫା ନକରି ଜଳସେଚନ ନାଳୀରୂପେ ବ୍ୟବହାର କରିବା, ଭଙ୍ଗା ନାଳୀକୁ ମରାମତି ନକରି ଏଥିରେ ପାଣି ବହନ କରିବା, ଜମିକୁ ଠିକ୍‌ରୂପେ ସମତଳ ନକରିବା ଓ ଜଳସେଚିତ ଜମିର ଆକାର ବଡ଼ କରିବା ।

କୃଷିକ୍ଷେତ୍ରରେ ଜଳସେଚନର ଭୂମିକା ଯେମିତି ଗୁରୁତ୍ୱପୂର୍ଣ୍ଣ, ଜଳ ନିଷ୍କାସନର ଭୂମିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଚାଷ

ଜମିରେ ଆବଶ୍ୟକ ପରିମାଣରେ ଜଳ ରଖି ବଳକା ଜଳକୁ ବାହାର କରିଦେବା ହେଉଛି ଜଳ ନିଷ୍କାସନ । ଜମିରୁ ବଳକା ଜଳ ନିଷ୍କାସନ ନହୋଇପାରିଲେ ନିମ୍ନୋକ୍ତ ଅସୁବିଧା ହୋଇଥାଏ :- ମାଟି ଭିତରକୁ ବାୟୁ ଚଳାଚଳ ଠିକ୍‌ରୂପେ ହୋଇପାରେ ନାହିଁ , ମଞ୍ଜି ବୁଣିବା ଲାଗି ଜମି ଠିକ୍ ସମୟରେ ପ୍ରସ୍ତୁତି କରିହୁଏ ନାହିଁ ଓ ଚାଷ କାମ କରିବା କଷ୍ଟକର ହୋଇପଡ଼େ, ଫସଲରେ ଠିକ୍ ସମୟରେ ଅନ୍ତଃଚାଷ କରିହୁଏ ନାହିଁ । ଫସଲରେ ବିଭିନ୍ନ ଘାସ ଓ ଜଳଜ ଜାତୀୟ ଉଦ୍ଭିଦ ମାଡ଼ିଯାଏ । ଫଳରେ ଫସଲର ବୃଦ୍ଧି ଓ ଅମଳ ଧାରଣ କମିଯାଏ, ଭୂପୃଷ୍ଠ ଉପରକୁ ଲବଣାଂଶ ଉଠି ଆସି ମାଟି ଲବଣାକ୍ତ ହୋଇଯାଏ , ଜମିରେ ଘାସ ଗୁଡ଼ିକ ବୃଦ୍ଧି ଘଟି ଫସଲକୁ ରୋଗାକ୍ରାନ୍ତ କରିଦିଅନ୍ତି , ଫସଲର ଚେର ବୃଦ୍ଧି ବାଧାପ୍ରାପ୍ତ ହୁଏ । ମାଟିରେ ଥିବା ଖାଦ୍ୟ ଉତ୍ପାଦନକୁ ଗଛ ବ୍ୟବହାର କରିପାରେ ନାହିଁ, ଅଧିକାଂଶ ଜମିରେ ଧାନ ଛଡ଼ା ଅଣଧାନ ଫସଲ କରିବା ଅସମ୍ଭବ ହୋଇପଡ଼େ । ଏଣୁ ଭୂମି ଉପର ହେଉ ବା ଭୂମି ତଳ ହେଉ, ଅତ୍ୟଧିକ ଜଳର ନିଷ୍କାସନ ନିହାତି ଦରକାର ।

**ଜଳ ନିଷ୍କାସନ ପଦ୍ଧତି :** ଜଳ ନିଷ୍କାସନ ଉଭୟ ପ୍ରାକୃତିକ ଓ କୃତ୍ରିମ ଉପାୟରେ କରାଯାଇଥାଏ । ବର୍ଷା ହେଲେ ବା ଜଳ ସେଚନ ଯୋଗୁଁ ଜମିରେ ଜଳସେଚନକଲେ, ଏହି ଜଳର କିଛି ଅଂଶ ମାଟି ଭିତରକୁ ପ୍ରବେଶ କରିଥାଏ । କାଳକ୍ରମେ ଏହି ଜଳ ଫସଲର ଚେରକୁ ଓଦା କରିଥାଏ । ଜଳର ପରିମାଣ ଅଧିକ ହେଲେ, ଗଛର ଚେର ତଳୁ ପାଣି ମାଟିର ନିମ୍ନସ୍ତରକୁ ମାଧ୍ୟାକର୍ଷଣ ଶକ୍ତି ହେତୁ ଝରିଯାଏ ଓ କାଳକ୍ରମେ ଏହା ଭୂତଳ ଜଳରେ ମିଶିଯାଏ । ସେହିପରି ମାଟି ଉପରେ ଜମିଥିବା ଉପଦୃତ ଜଳ ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଜମିର ଉପର ମୁଣ୍ଡରୁ ତଳମୁଣ୍ଡକୁ ଗଡ଼ିଯାଏ । ଏହି ପ୍ରକାରର ଜଳ ନିଷ୍କାସନକୁ ପ୍ରାକୃତିକ ଜଳ ନିଷ୍କାସନ କୁହାଯାଏ ।

ତେବେ ଯେଉଁ ଯାଗାରେ ଏ ସବୁର ସୁବିଧା ନଥାଏ ବା ଯେଉଁଠି ଭୂମିତଳେ ଟାଣ ମାଟିର ସ୍ତର ଥାଏ, ସେଠାରେ ପ୍ରାକୃତିକ ଉପାୟରେ ଜଳ ନିଷ୍କାସନ ସମ୍ଭବ ହୋଇନଥାଏ । ସେଠାରେ କୃତ୍ରିମ ଉପାୟରେ ଜଳ ନିଷ୍କାସନ କରିବାକୁ ହୁଏ । କୃଷି କ୍ଷେତ୍ରରୁ ଜଳ ନିଷ୍କାସନ ପାଇଁ କେତେ ଗୁଡ଼ିଏ ଉପାୟ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

**ଭୂପୃଷ୍ଠ ଜଳନିଷ୍କାସନ ନାଳୀ:** ଏହି ପ୍ରଣାଳୀରେ ଜମିରେ କିଛି ବ୍ୟବଧାନରେ ସମ ଗଭୀରରେ କେତେଗୁଡ଼ିଏ ସମାନ୍ତରାଳ ନାଳ ଖୋଳାଯାଇଥାଏ । ଜମିରୁ ଉଦ୍‌ବୃତ ଜଳକୁ ଏହି ଛୋଟ ଛୋଟ ସମାନ୍ତରାଳ ନାଳୀ ମାନଙ୍କରେ ସଂଗୃହୀତ କରାଯାଇ ଏହି ଜଳକୁ ଏକ ପାର୍ଶ୍ୱନାଳୀରେ ନିଆଯାଏ । ପାର୍ଶ୍ୱନାଳୀରୁ ଜଳ ଉପମୁଖ୍ୟନାଳକୁ ନିଷ୍କାସିତ ହୁଏ ଓ ଉପମୁଖ୍ୟନାଳରୁ ଜଳ ମୁଖ୍ୟ ନାଳୀକୁ ନିଷ୍କାସିତ ହୁଏ । ମୁଖ୍ୟନାଳୀରୁ ଜଳ ନଦୀ ଓ ଅନ୍ୟ ପ୍ରାକୃତିକ ପ୍ରବାହକୁ ପ୍ରବାହିତ ହୁଏ । ଚାଷ ଜମିର ଆକାର ଓ ପ୍ରକାର ଭେଦରେ ନାଳୀ ଗୁଡ଼ିକ କଟାଯାଇଥାଏ । ପାର୍ଶ୍ୱନାଳ ଜମି ପତ୍ତନରୁ ସାମାନ୍ୟ ନିମ୍ନରେ ଏବଂ ଉପମୁଖ୍ୟ ନାଳ ପାର୍ଶ୍ୱନାଳଠାରୁ ନିମ୍ନ ପତ୍ତନରେ ଥାଏ । ଜମିର ଗଡାଣିଆ ପରିମାଣକୁ ନେଇ ଗଡାଣିର ବିପରିତ ଦିଗରେ ଆଡ଼ି ବନ୍ଧ ମଧ୍ୟ ଦିଆଯାଇପାରିବ । ଏହି ଆଡ଼ିବନ୍ଧ ଜମି ଉପରୁ ବହି ଆସୁଥିବା ଜଳର ବେଗକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜମିର ମୃତ୍ତିକା ସଂରକ୍ଷଣରେ ସାହାଯ୍ୟ କରିଥାଏ । ଆଡ଼ିବନ୍ଧର ଉପରି ଭାଗରେ ଜମା ହୋଇଥିବା ପାଣିକୁ ନାଳୀ (ଘାସ ନାଳୀ ବା ପକ୍କା ନାଳୀ) ମାଧ୍ୟମରେ ନିଷ୍କାସନ କରାଯାଏ । ଜମିରୁ ଶୀଘ୍ର ଜଳ ନିଷ୍କାସନ ଲାଗି ଜମିକୁ ଠିକ୍ ରୂପେ ସମତଳ କରି ଓ ଏହାପରେ ଏଥିରେ ସାମାନ୍ୟ ଢାଲୁ ରଖିବା ଉଚିତ୍ । ଜମିରେ ଢିପ, ଉଚ୍ଚା, ନିଚ୍ଚା ଇତ୍ୟାଦି ଥିଲେ ଏହାକୁ ପ୍ରଥମେ ସମତଳ କରିବା ଦରକାର । ଜମିର ଅତ୍ୟଧିକ ଖାଲୁଆ ଅଂଶରେ ଓ ଦଲଦଲି ଜମିରେ ପୋଖରୀ ଖୋଳି, ନିଷ୍କାସିତ ଜଳକୁ ଏଥିରେ ସଂଗୃହୀତ କରାଯାଇପାରିବ ଓ ଏହି ସଂଗୃହୀତ ଜଳକୁ ମଧ୍ୟ ଫସଲରେ ଜଳସେଚନ ରୂପେ ବ୍ୟବହାର କରିହେବ । ପୋଖରୀ ପାଣିରେ ମଧ୍ୟ ମାଛ ଚାଷ, ବତକ ଚାଷ ଓ ମୁକ୍ତା ଚାଷ ଇତ୍ୟାଦି କରିହେବ ।.

**ଭୂତଳ ଜଳ ନିଷ୍କାସନ ନାଳୀ:** ଜଳସେଚନ ସମୟରେ ଏବଂ କେନାଲ ଓ ବନ୍ଧ ଆଦିରୁ ଜଳ ଝରି ଏବଂ ବର୍ଷା ହେବା ସମୟରେ କିଛି ପାଣି ମାଟି ଭିତରକୁ ପ୍ରବେଶ କରି ଭୂତଳ ଜଳରେ ମିଶିଥାଏ ଓ କ୍ରମେ କ୍ରମେ ଏହା ଭୂତଳ ଜଳସ୍ତର ବୃଦ୍ଧି କରାଇଥାଏ । ଏହି ବର୍ଦ୍ଧିତ ଭୂତଳ ଜଳକୁ ଭୂମି ତଳେ ମାଟି ନଳ ବସାଇ ନିଷ୍କାସନ କରାଯାଇପାରିବ । ମାଟି ଉପରେ ନାଳୀ ଖୋଳିଲେ କିଛି ଚାଷ ଜମି ନଷ୍ଟହୁଏ ଓ ଯାଆସ କରିବାରେ ଅସୁବିଧା ହୁଏ । ଭୂମି ତଳେ ନଳା ବସାଇଲେ, ସେହି ଜମିରେ ଚାଷ ବାସ କରିବାରେ ଅସୁବିଧା ନଥାଏ । ଏହାଛଡ଼ା ସେହି ଜମିରେ ଯିବା ଆସିବା କରିବା ଓ ଅନ୍ୟାନ୍ୟ କାମ କରିବାରେ ଅସୁବିଧା ହୁଏ ନାହିଁ । ମାଟିତଳେ ବସାଯାଇଥିବା ନଳା ଗୁଡ଼ିକରେ ପାଣି ଯାଇ ମୁଖ୍ୟନଳା ବା ବଡ଼ ନଳାରେ ପଡ଼େ । ଜମିର ଅଧିକା ପାଣି ଏହି ନାଳ ବାଟେ ଝରି ଝରି ଯାଏ । ଗହୀରିଆ ଖୋଲା ନାଳୀ ମଧ୍ୟ ଏହି ଭୂତଳ ଜଳର ନିଷ୍କାସନରେ ସାହାଯ୍ୟକରେ । ଅବଶ୍ୟ ମାଟି ତଳେ ନଳା ବସାଇବା ପାଇଁ ଅଧିକ ଖର୍ଚ୍ଚ ଦରକାର ହୁଏ । ତେବେ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣାରେ ଏହି ନଳା କମ୍ ଖର୍ଚ୍ଚ ଦରକାର କରେ ।

ଜମିରେ ମୃତ୍ତିକା ସ୍ତର ଅତି ଗଭୀର ହୋଇଥିଲେ ଏବଂ ଜୈବିକ ପଦାର୍ଥ ବେଶୀ ଥିଲେ ମୋଲ ନାଳ (Mole drain) ଭଲ କାମ କରେ । ମୁନିଆ ଲଙ୍ଗଳ ଦ୍ୱାରା ଟ୍ରାକ୍ଟର ସାହାଯ୍ୟରେ ଏହି ନାଳ ତିଆରୀ କରାଯାଏ । ନାଳର ଚଉଡ଼ା ପ୍ରାୟ ୧୫ରୁ ୨୦ ସେ.ମି.

ଓ ଗଭୀରତା ୭୫ ସେ.ମି. ପର୍ଯ୍ୟନ୍ତ ହୋଇଥାଏ । ଏହି ନାଳ ଗୁଡ଼ିକ ଚାଷ ବାସ ସମୟରେ ଅଧିକାଂଶ ସମୟ ବନ୍ଦ ହୋଇଯାଏ, ଫଳରେ ପୁଣି ଏହି ନାଳକୁ ଖୋଳିବାକୁ ପଡ଼ିଥାଏ । ଏହି ନାଳ ବାଲିଆ ଓ ଦୋରସାଭଳି ଫସଫସିଆ ମାଟି ପାଇଁ ଭଲନୁହେଁ । କାଦୁଅ ମାଟି ଓ କୃଷ୍ଣକାର୍ପାସ ମାଟିରେ ଏହା ଭଲ କାମଦିଏ ।

**ପମ୍ପ ଦ୍ୱାରା ଜଳ ନିଷ୍କାସନ:** ଜମି ଗଡ଼ାଣୀ ଥିଲେ ଗଡ଼ାଣୀ ଦିଗରେ ପାଣି ବହିଯାଏ । ଫଳରେ ଏହି ଜମି ତଥା ଢିପ ଜମିରୁ ଜଳ ନିଷ୍କାସନ କରିବା ସହଜ । ତେବେ ଖାଲୁଆ ଜମିରୁ ଜଳ ନିଷ୍କାସନ କରିବା କଷ୍ଟକର । ଏହି ସ୍ଥାନରୁ ଜଳ ନିଷ୍କାସନ କରିବା ପାଇଁ ପମ୍ପର ସାହାଯ୍ୟ ନିଆଯାଏ । ଖାଲୁଆ ଜମି ସବୁବେଳେ ଜଳ ପୂର୍ଣଥାଏ ଓ ଏହି ଜମିରୁ ଜଳ ଅନ୍ୟ ଆଡ଼କୁ ଆପେ ଆପେ ବହିଯାଇ ପାରେ ନାହିଁ । ନିଷ୍କାସନ ପାଇଁ ଅନ୍ୟାନ୍ୟ ଉପାୟ ସମ୍ଭବ ନଥିଲେ ବା ଲାଭପ୍ରଦ ନଥିଲେ, ଖାଲୁଆ ଜମିରେ କୂପ ଖନନ କରି ଏହି କୂପରୁ ପମ୍ପ ମାଧ୍ୟମରେ ଜଳ ନିଷ୍କାସନ କରାଯାଏ । ଜଳ ନିଷ୍କାସନ ନିମନ୍ତେ ଏକ ମୁଖ୍ୟ ନିଷ୍କାସନ ପଥ ନିହାତି ଦରକାର । ଯେଉଁଠାରେ ମୁଖ୍ୟ ନାଳୀ ଗୁଡ଼ିକ ଜଳ ନିଷ୍କାସନ କରନ୍ତି , ସେଠାରେ ଯେମିତ ଅଧିକ ମୃତ୍ତିକା କ୍ଷୟ ନହୁଏ ଏବଂ ପାଣି ସୁରୁଖୁରୁରେ ମୁଖ୍ୟ ନିଷ୍କାସନ ପଥରେ ଚାଲି ଯାଇପାରିବ, ସେଥିପାଇଁ ଦୃଷ୍ଟି ଦେବା ଉଚିତ୍ । ମୁଖ୍ୟ ନିଷ୍କାସନ ପଥରୁ ଅଦରକାରୀ ଦ୍ରବ୍ୟ ଯଥା: ଅନାବନା ଘାସ, ମାଟି, କାଦୁଅ ଓ ପଲିଥିନ୍ ଇତ୍ୟାଦି ସଫା କରିଦେବା ଦରକାର । ଜଳ ନିଷ୍କାସନ ପାଇଁ ନିଷ୍କାସନ ନାଳୀ ତିଆରି କଲାବେଳେ କିଛି ଚାଷ ଜମି ନଷ୍ଟ ହୁଏ ଓ ଚାଷୀ ମାନଙ୍କୁ ନିଷ୍କାସନ ନାଳୀର ତିଆରି ତଥା ରକ୍ଷଣା ବେକ୍ଷଣ ପାଇଁ କିଛି ଖର୍ଚ୍ଚ କରିବାକୁ ପଡ଼େ, ତେବେ ଜଳ ନିଷ୍କାସନ ଦ୍ୱାରା ସେମାନଙ୍କ ଜମିରୁ ଉତ୍ପାଦିକା ଶକ୍ତି ବୃଦ୍ଧିପାଏ ଓ ମାଟିର ସ୍ୱାସ୍ଥ୍ୟ ଠିକ୍ ରହେ । ବୈଜ୍ଞାନିକ ମାନେ ପରୀକ୍ଷା କରି ଦେଖିଛନ୍ତି ଯେ, ଉପଯୁକ୍ତ ଜଳ ନିଷ୍କାସନ ଦ୍ୱାରା ୪୦ ରୁ ୫୦ ପ୍ରତିଶତ ଅଧିକ ଫସଲ ଉତ୍ପାଦନ ହୋଇପାରିବ । ଯେଉଁ ଜମିରୁ କେବଳ ଧାନ ଛାଡ଼ି ଅନ୍ୟ ଫସଲ କରି ନହେଉଛି, ସେଠାରେ ଜଳ ନିଷ୍କାସନ ଠିକ୍ ରୂପେ କଲେ ଧାନ ସହ, ଅଣଧାନ ଫସଲ ମଧ୍ୟ କରିହେବ । ଏଣୁ ଏବେ ସମୟ ଅଛି, ଆମେ ଜଳସେଚନ ସହିତ ଜଳ ନିଷ୍କାସନକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର ।

କୃଷି ଯାନ୍ତ୍ରୀକ ଓ ବୈଷୟିକ ମହାବିଦ୍ୟାଳୟ,
ଓ.ୟୁ.ଏ.ଟି, ଭୁବନେଶ୍ୱର, ଓଡ଼ିଶା ।

●



# ଆପଣ ଜାଣନ୍ତି କି ?

**୨୧** ଜୁନ୍‌କୁ ମିଳିତ ଜାତିସଂଘ, ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଛି । ଭାରତ ଦ୍ୱାରା କରାଯାଇଥିବା ଏ ସଂପର୍କିତ ଚିଠା ପ୍ରସ୍ତାବକୁ ୧୭୫ଟି ଦେଶ ସମର୍ଥନ କରିଥିଲେ, ଯାହା ଏକ ରେକର୍ଡ । ଜାତିସଂଘର ୬୯ ତମ ସାଧାରଣ ଅଧିବେଶନରେ ଭାରତର ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ଏହି ପ୍ରସ୍ତାବ ଆଗତ କରି କହିଥିଲେ :- "ଆମ ପ୍ରାଚୀନ ପରମ୍ପରାର ଏକ ଅବଦାନ ହେଉଛି ଯୋଗ । ଯୋଗର ସାମଗ୍ରିକ ପ୍ରକ୍ରିୟା ଦ୍ୱାରା ଶରୀର ଓ ମନ ଚିନ୍ତା ଓ କାର୍ଯ୍ୟ ମଧ୍ୟରେ ଏକତା ସ୍ଥାପିତ ହୁଏ, ଯଦ୍ୱାରା, ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପଡ଼େ । ଯୋଗ କେବଳ କେତେକ ବ୍ୟାୟାମ ମଧ୍ୟରେ ସୀମିତ ନୁହେଁ । ବରଂ ନିଜ ସହିତ, ବିଶ୍ୱ ସହିତ ଏବଂ ପ୍ରକୃତି ସହିତ ଐକ୍ୟ ଭାବନା ସୃଷ୍ଟି କରିବା ପାଇଁ ଏହା ଏକ ମାର୍ଗ ।

ଯୋଗ ହେଉଛି ଏକ ପ୍ରାଚୀନ ଭାରତୀୟ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ପ୍ରକ୍ରିୟା । ସଂସ୍କୃତ ମୂଳ ଶବ୍ଦରୁ ଆନୀତ ଯୋଗର ଅର୍ଥ ହେଉଛି ଯୁକ୍ତ କରିବା, ଅର୍ଥାତ୍ ଶରୀର ଓ ମନ ଭିତରେ ସଂଯୋଗ ସ୍ଥାପନ କରିବା । ଆନ୍ତର୍ଜାତିକ ଯୋଗ ଦିବସର ତାତ୍ପର୍ଯ୍ୟ ହେଉଛି, ସମଗ୍ର ବିଶ୍ୱରେ ଯୋଗର ସୁଫଳ ପ୍ରତି ସଚେତନତା ସୃଷ୍ଟି କରିବା । ୨୦୧୫ ମସିହାରେ ୟେମେନ୍‌କୁ ଛାଡ଼ି ୧୯୩ଟି ଦେଶ ଏହି ଦିବସ ପାଳନ କରିଥିଲେ । ଏଥିରେ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଭାରତରେ ମଧ୍ୟ ଏହି ଦିବସକୁ ଆଗ୍ରହ ସହକାରେ ଜନସାଧାରଣ ପାଳନ କରିଥିଲେ । ସେହି ଥର ଦୁଇଟି ଗିନିଜ୍ ବୁକ୍ ବିଶ୍ୱ ରେକର୍ଡ ମଧ୍ୟ ସ୍ଥାପନ କରାଯାଇପାରିଥିଲା । ଗୋଟିଏ ହେଉଛି ୩୫୯୮୫ ଜଣ ବ୍ୟକ୍ତିଙ୍କ ପାଇଁ ସର୍ବବୃହତ୍ ଯୋଗ ପ୍ରଶିକ୍ଷଣ ଶିବିର ଓ ଅନ୍ୟଟି ହେଉଛି କୌଣସି ଗୋଟିଏ ଯୋଗ ପ୍ରଶିକ୍ଷଣ ଶିବିରରେ ସର୍ବାଧିକ (୮୪)ଟି ଦେଶର ନାଗରିକଙ୍କ ଅଂଶ ଗ୍ରହଣ ।

ଯୋଗ ପ୍ରତିକ ବା ଲୋଗୋରେ ଯୋଡ଼ହସ୍ତ ମୁଦ୍ରା ହେଉଛି ସଂଯୋଗ ସୂଚକ ଯାହା ବ୍ୟକ୍ତି ସଚେତନତା ଓ ବୈଶ୍ୱିକ ସଚେତନତା ଏକାକାର ହୋଇଯିବାର ସଂକେତ । ଏହା ମଧ୍ୟ ମନ ଓ ଶରୀର ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ସମନ୍ୱୟର ସଂକେତ । ଧୂସର ପତ୍ର ହେଉଛି ପୃଥିବୀର ସଂକେତ, ସବୁଜପତ୍ର ପ୍ରକୃତି, ନୀଳ ହେଉଛି ଜଳ, ଆଲୋକ ହେଉଛି ଅଗ୍ନି ଏବଂ ସୂର୍ଯ୍ୟ ହେଉଛି ଶକ୍ତି ଓ ଅଭିଳାଷର ପ୍ରତୀକ । ଏହି ସଂକେତ ତଳେ ଲେଖା ହୋଇଛି ସମନ୍ୱୟ ଓ ଶାନ୍ତି ପାଇଁ ଯୋଗ ।

## ଯୋଗଶିକ୍ଷା ପ୍ରଦାନ କରୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟ

**ଉ**ଚ୍ଚଶିକ୍ଷା କ୍ଷେତ୍ରରେ କରାଯାଇଥିବା ସର୍ବଭାରତୀୟ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ଦେଶର ୨୫ଟି ବିଶ୍ୱବିଦ୍ୟାଳୟ ଓ ୧୮ଟି ମହାବିଦ୍ୟାଳୟରେ ଯୋଗ ଶିକ୍ଷା ପ୍ରଦାନ କରାଯାଉଛି । ଏଗୁଡ଼ିକ ମଧ୍ୟରୁ ଅହମ୍ମଦାବାଦସ୍ଥିତ ଲୋକୁଲିଶ ଯୋଗ ବିଶ୍ୱବିଦ୍ୟାଳୟ ଓ ବାଙ୍ଗାଲୋରସ୍ଥିତ ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ (ଡିମଡ୍ ବିଶ୍ୱବିଦ୍ୟାଳୟ) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ସୂଚୀଭୁକ୍ତ ଅଟନ୍ତି । ଯୋଗ ଶିକ୍ଷାକୁ ନେଇ ସରକାର ଏକ କମିଟି ଗଢ଼ିଛନ୍ତି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଯୋଗଶିକ୍ଷା ପ୍ରଦାନ ପାଇଁ ଶିକ୍ଷକଙ୍କ ଯୋଗ୍ୟତା ନିର୍ଦ୍ଧାରଣ ସମେତ ଅନ୍ୟାନ୍ୟ ସଂପର୍କିତ ବିଷୟରେ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ଏହି କମିଟିକୁ କୁହାଯାଇଛି । ଏହି କମିଟି ଦ୍ୱାରା ଦିଆଯାଇଥିବା କେତେକ ପ୍ରସ୍ତାବ ହେଉଛି- ଏନ୍.ଇ.ଟି ପାଠ୍ୟକ୍ରମ ପାଇଁ ଏକ ଉପକମିଟି ଗଠନ, ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିମ୍ନଲିଖିତ ପାଠ୍ୟକ୍ରମ ପ୍ରଚଳନ । (୧)୬-୧୨ ମାସ ସମୟାବଧିର ଯୋଗ ସଂପର୍କିତ ସାର୍ଟିଫିକେଟ୍ କୋର୍ସ, (୨)୩-୬ ବର୍ଷ ସମୟାବଧିର ଯୋଗ ବିଜ୍ଞାନ ସ୍ନାତକ ପାଠ୍ୟକ୍ରମ, (୩)୧-୨ ବର୍ଷ ସମୟାବଧିର ଯୋଗ ସଂପର୍କିତ ସ୍ନାତକୋତ୍ତର ଡିପ୍ଲୋମା, (୪)୧-୨ ବର୍ଷ ସମୟାବଧିର ଯୋଗ ଚିକିତ୍ସା ସ୍ନାତକୋତ୍ତର ଡିପ୍ଲୋମା, (୫)୨-୪ ବର୍ଷ ସମୟାବଧିର ଯୋଗବିଜ୍ଞାନ ସ୍ନାତକୋତ୍ତର ପାଠ୍ୟକ୍ରମ, (୬)୩-୫ ବର୍ଷ ସମୟାବଧିର ଯୋଗ ଉପରେ ପି.ଏଚ୍.ଡି. ଓ (୭)୪-୬ ବର୍ଷ ମଧ୍ୟରେ ଇଣ୍ଟିଗ୍ରେଟେଡ୍ ଯୋଗରେ ପି.ଏଚ୍.ଡି. ପାଠ୍ୟକ୍ରମ ।

**YOJANA (Odia) : Monthly** **June 2016** **RNI No. 57203/93**

**ISSN 0971-8346** Total Number of Pages (56) **₹ 22.00**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

**ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ**

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

**"ଯୋଜନା"ର ଗ୍ରାହକ ଦେୟ**

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

**ଗ୍ରାହକ ଦେୟ ପଠାଇବା ଠିକଣା :**

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at: J K Offset Printers (P) Ltd, B-278, Okhla Phase -1, New Delhi -110020
Editor : Dr Girish Chandra Dash